# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୫ Vol. 22 No-55 26 MAY 2024 MONDAY BHUBANESWAR

ସୋମବାର, ୨୬ ମଇ ୨୦୨୫ ପୃଷ୍ଠା-୧୨ ପୃଷ୍ଠା-୮ ମୂଲ୍ୟ: ୭.୦୦


# ଏନ୍‌ଡିଏ ମୁଖ୍ୟମନ୍ତ୍ରୀଙ୍କ କନ୍‌କ୍ଲେଭ୍‌ରେ ୨ଟି ପ୍ରସ୍ତାବ ପାରିତ

# ସେନାର ବୀରତ୍ୱକୁ ତାରିଫ୍




## ଯୋଗଦେଲେ ୨୦ ମୁଖ୍ୟମନ୍ତ୍ରୀ,୧୮ ଉପମୁଖ୍ୟମନ୍ତ୍ରୀ

## ପ୍ରସ୍ତାବ ପାରିତ ନେଇ ସୂଚନା ଦେଲେ ଜେ.ପି.ନଡ୍ଡା

## ଜାତିଭିତ୍ତିକ ଗଣନାକୁ ନେଇ ବୈଠକରେ ସହମତି

ନୂଆଦିଲ୍ଲୀ, ୨୫।୫: ରବିବାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏନଡିଏର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ୧୮ଜଣ ଉପମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ଏଥିପୂର୍ବରୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୀତି ଆୟୋଗ ବୈଠକରେ ଦେଶର ପ୍ରାୟ ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକ କରିଥିଲେ। ତେବେ ଏନଡିଏ ମୁଖ୍ୟମନ୍ତ୍ରୀଙ୍କ କନକ୍ଲେଭରେ ଅପରେସନ ସିନ୍ଦୂର ଏବଂ ଜାତି ଗଣନାକୁ ନେଇ ଦୁଇଟି ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ସଶସ୍ତ୍ରବାହିନୀର ସାହସିକତା ଏବଂ ପ୍ରଧାନମନ୍ତ୍ରୀ • ପୃଷ୍ଠା ୫ ଦେଖନ୍ତୁ

## ଲକ୍ଷ୍ମଣରେଖା ଭିତରେ ରହି ମନ୍ତବ୍ୟ ଦିଅ: ମୋଦୀ

ନୂଆଦିଲ୍ଲୀ, ୨୫।୫: ଅପରେସନ ସିନ୍ଦୂର ଉପରେ ଅନାବଶ୍ୟକ ବୟାନ ଦେଇ ଭାଜପାର ଭାବମୂର୍ତ୍ତି ନଷ୍ଟ କରୁଥିବା ନେତାମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଗିଦ କରିଛନ୍ତି। ସେ କହିଛନ୍ତି, ନେତାମାନେ ସେମାନଙ୍କ ବୟାନକୁ ନିୟନ୍ତ୍ରଣ କରିବା ଉଚିତ ଏବଂ ଅନାବଶ୍ୟକ ବୟାନଠାରୁ ଦୂରେଇ ରହିବା ଜରୁରି। ଏନଡିଏ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, କୌଣସି ସ୍ଥାନରେ କୌଣସି ବୟାନରୁ ଦୂରେଇ ରହିବା ଉଚିତ୍। ଏହାଫଳରେ ଦଳର ଭାବମୂର୍ତ୍ତି ଠିକ୍ ରହିବ ଓ ବିରୋଧୀ ସମାଲୋଚନା କରିବା ପାଇଁ ରାସ୍ତା ପାଇବେ ନାହିଁ ବୋଲି ମୋଦୀ କହିଥିଲେ। ସେ କହିଥିଲେ, ସମ୍ପ୍ରତି ମଧ୍ୟପ୍ରଦେଶ ଏବଂ ହରିଆଣାର ବିଜେପି ନେତାମାନେ ବୟାନ ଦେଇ ଦଳକୁ ବଦନାମ କରିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ମୋଦୀ କହିବା ସହ ଏଥିରୁ କ୍ଷାନ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ।


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf Among Indian Universities Ranked by NIRF, Govt. of India
A++ Grade Accredited by NAAC
Tier 1 NBA Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 World University Rankings
IET ACCREDITED PROGRAMME The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.



A Residential School with Difference
ଭିନ୍ନ ଏକ ଅନୁଷ୍ଠାନ - ଭିନ୍ନ ଏକ ପ୍ରତିବଦ୍ଧତା
KIIT HIGHER SECONDARY SCHOOL
(Recognised by Government of Odisha and Affiliated to C.H.S.E., Odisha)

KIITHSS No.1 SCHOOL OF ODISHA

ADMISSION OPEN
for XI & XII Class (+2 Science)

COURSE OFFERED
2 yr. full time + 2 Science programme
2 yr. Classroom Course (JEE/NEET)
1 yr. Achiever Batch (NEET) (Free Education for all)

HURRY UP! BOOKING GOING ON

APPEARED - 237
1st Div. - 218 (92%)
Result - 100%
90% above - 8
Highest mark - 566
500 above - 49

Great mind Germinates in Great environment

CHSE RESULTS 2025
SASMITA(94.33%) SUKRU(93.5%) SATYAJYOTI(92%) SRUTIPRANGYA(91.33%) SHRADHANJAN(90.67%) ANSHUMAN(90.5%)
KOUSIK(90.5%) SAMBIT(90.17%) AYUSHMAN(89.83%) SURYASNATA(89.83%) SUBHAM(89.67%) JASASMINI(89.17%)
MANY MORE STUDENTS GETTING MORE THAN 500 MARKS

JEE (MAIN)
KSHETRA(95.647) SUKRU(92.789) JAGANNATH(88.681) ASHIS (IIT) SHAKTI (IIT) IPSITA(NIT)

NEET
ABHIPSIT(CTC) ANINDYA(MKCG) JEET(SJMC)Puri SNEHA(MKCG)
Getting many more in IIT, NEET & NIT

Admission Helpline 24x7
9090091591
06746607062

ADD-ON FACILITIES
- Cent percent Result since inception
- Permanent Campus having 1.5 lakhs sq.ft of building
- Permanent 36 No. of Faculties
- Permanent clean, hygienic and spacious separate in-campus Ladies & Boys Hostel
- Well equipped Laboratories
- Air Conditioned Classroom, Computer Lab & Reading Room
- Value based Education
- 24x7 Proctorial Support
- "HARD TALK" for Personality development
- GD/JAM/SOS for Better Speaking Ability
- Well-Stocked Library
- Salubrious Study Atmosphere

Visit us at : Kiit Science College, Campus-8, KIIT, Patia, BBSR-24, www.kiitsciencecollege.org



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ମହକୁମାର ଅନତି ଦୂରରେ ଥିବା ସଦର ବ୍ଲକର କେମ୍ପସଡା ଗ୍ରାମରେ ନିୟମିତ ବିଦ୍ୟୁତ କାଟ୍‌ରେ ଲୋକେ ଅତିଷ୍ଠ ହୋଇପଡିଛନ୍ତି । କେଉଁ କାରଣରୁ ନିୟମିତ ବିଦ୍ୟୁତ କାଟ ହେଉଛି ତାହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ରହିଥିବାବେଳେ ଏହି ଅଘୋଷିତ ବିଦ୍ୟୁତକାଟ୍ କାରଣରୁ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଗତ ସାତଦିନ ହେବ ଅପରାହ୍ନ ୪ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଇନ କଟୁଥିବା ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି । ଏପରି ସଂଧ୍ୟାରୁ ସକାଳ ପର୍ଯ୍ୟନ୍ତ ଲାଇନ କଟିବାକୁ ନେଇ ବିଦ୍ୟୁତ୍ ବିଭାଗ ସହିତ ଯୋଗାଯୋଗ କରିବାରୁ କେଉଁ ଜାଗାରେ ତ୍ରୁଟି ରହିଛି ତାହା ମିଳୁ ନ ଥିବା କଥା ସେମାନେ ପ୍ରକାଶ କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଏହାସହିତ କେମ୍ପସଡା ଗ୍ରାମର ରାସ୍ତା ଅବସ୍ଥା କହିଲେ ନ ସରେ । ଏହି ରାସ୍ତା ଦେଇ ପାଞ୍ଚଟି ଗ୍ରାମ ପଂଚାୟତର ଜନସାଧାରଣ ଯାତାୟତ କରୁଥିବାବେଳେ ଏହି ରାସ୍ତା ଦେଇ ଅନେକ ଲୋକ ଧରଣୀଧର ମେଡିକାଲ କଲେଜ, ଧରଣୀଧର ବିଶ୍ୱବିଦ୍ୟାଳୟ ଓ କେନ୍ଦୁଝର ସହରକୁ ଯାଇଥାନ୍ତି । ରାସ୍ତା ତିଆରି ପାଇଁ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ତାହାର ସୁଫଳ ମିଳିନାହିଁ । କେମ୍ପସଡା ଗ୍ରାମର ରାସ୍ତା ଓ ବିଦ୍ୟୁତ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଧିବାସୀ ଅନୁରୋଧ କରିଛନ୍ତି ।

# ସହରରେ ପାନୀୟଜଳର ସମସ୍ୟା ଉଦ୍‌ବେଗଜନକ

## ଜନସଂଖ୍ୟା ବଢୁଛି, ଜଳଯୋଗାଣ ପ୍ରକଳ୍ପ ଆକାର ବଢୁନି - ଗ୍ରାଉଣ୍ଡ ୱାଟର ରିଚାର୍ଜ ସହ ପ୍ରବାହିତ ଜଳର ସଂରକ୍ଷଣ ଲୋଡ଼ା

କେନ୍ଦୁଝର(ଭାସ୍କର ନ୍ୟୁଜ୍): କ୍ରମବର୍ଦ୍ଧିଷ୍ଣୁ କେନ୍ଦୁଝର ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ପାନୀୟ ଜଳର ସମସ୍ୟାକୁ ନେଇ ଲୋକଙ୍କ ସମସ୍ୟା ବଢିବାରେ ଲାଗିଛି । ଅବସ୍ଥା ଏପରି ରହିଲେ ଆଗାମୀ କିଛିବର୍ଷ ମଧ୍ୟରେ ସହରବାସୀ ପିଇବାକୁ ପାଣି ଟୋପାଏ ପାଇବେ ନାହିଁ ବୋଲି ଏବେଠାରୁ ସତର୍କବାଣୀ ସୃଷ୍ଟି ହୋଇଛି । ସରକାର ଏଥିପ୍ରତି ଏବେଠାରୁ ସତର୍କଦୃଷ୍ଟି ନଦେଲେ କେନ୍ଦୁଝରବାସୀଙ୍କର ଜଳକଷ୍ଟ ଅସହ୍ୟ ହେବାକୁ ଅସ୍ୱୀକାର କରାଯାଇନପାରେ । ତଥ୍ୟରୁ ଜଣାପଡିଛି ଯେ, କେନ୍ଦୁଝର ସହରର ଜନସଂଖ୍ୟା ସଂପ୍ରତି ଏକଲକ୍ଷରୁ ଅଧିକ ହୋଇଥିବାବେଳେ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟନେଇ କୋଡିଏ ହଜାରରୁ ଅଧିକ ଲୋକ କେନ୍ଦୁଝର ସହରକୁ ଆସୁଥିବାବେଳେ ପିଇବା ପାଣି ନେଇ ଗତ କିଛିବର୍ଷ ହେବ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି । କେନ୍ଦୁଝର ସହର ପାଇଁ ଜଳଯୋଗାଣ ଦାୟିତ୍ୱରେ ଥିବା ୱାଟକୋର ସାଧାରଣ ପରିଚାଳକ ଇଂ. ନାରଦ ଚନ୍ଦ୍ର ରଥ ପ୍ରକାଶ କରିଛନ୍ତି ଯେ, ଦୈନିକ ୨୦ ନିୟୁତ ଲିଟର ପାଣି ଆବଶ୍ୟକ ହେଉଥିବାବେଳେ ସାନମାଛକାନ୍ଦଣା ଜଳଉତ୍ସରୁ ଦୈନିକ ୫ ନିୟୁତ ଟନ୍ ଆସୁଥିବାବେଳେ କାନଝାରୀ ଅବବାହିକାରୁ ୧୦ ନିୟୁତ ଟନ ଜଳ ଆସୁଛି । ଯାହାକି ଖରାଦିନେ ଲୋକଙ୍କ ଚାହିଦାକୁ



ମେଂଟାଇ ପାରୁନାହିଁ । ସାନମାଛକାନ୍ଦଣାରୁ ଜଳ ଜୁଡିଆ ଟାଙ୍କିକୁ ଆସିଥିବାବେଳେ ସେଠାରେ ଏହା ବିଶୋଧିତ ହୋଇ ସହରବାସୀଙ୍କୁ ପାଇପ ଯୋଗେ ଯୋଗାଇ ଦିଆଯାଇଥାଏ । ତେବେ ଗତ ଷାଠିଏ ବର୍ଷ ତଳେ କେନ୍ଦୁଝର ସହରରେ ବସବାସ କରୁଥିବା ମାତ୍ର ପନ୍ଦରହଜାର ଲୋକଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ଏହି ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା ମାତ୍ର ଏବେ ଏହାର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବାବେଳେ ପ୍ରକଳ୍ପର ଆକାରରେ କୌଣସି ପରିବର୍ତ୍ତନ ହୋଇନାହିଁ । ତେବେ ମୁଖ୍ୟ ଚିନ୍ତାର ବିଷୟ ଯେ, ସାନମାଛକାନ୍ଦଣା ନଦୀରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ଜଳ ବ୍ୟବହାର କରାଯାଉଥିବା ସହ ଏହାର ମଧ୍ୟଭାଗକୁ କିଛି ବର୍ଷ ତଳେ ଖୋଳା ଯାଇଥିଲେ ମଧ୍ୟ ପ୍ରଚଣ୍ଡ ଖରାରେ ଏହା ଶୁଖିଯିବା ଅବସ୍ଥାକୁ ଆସିଯାଇଛି । ଗତ ଦଶବର୍ଷ ତଳେ କେନ୍ଦୁଝର ସହର ପାଇଁ ରାଜ୍ୟ ନଗରଉନ୍ନୟନ ବିଭାଗ ଜଳଯୋଗାଣ ବାବଦରେ ୩୨ କୋଟି ଟଙ୍କାର ଅନୁଦାନରେ କାନଝାରୀରୁ ପାଣି ଆଣିବା ପ୍ରକଳ୍ପ ଶେଷ ହୋଇଥିଲେ ମଧ୍ୟ ଆଗାମୀ ଦିନରେ ତୁରୁମୁଙ୍ଗାସ୍ଥିତ ବୈତରଣୀ ଅବବାହିକାରୁ ଜଳ ନ ଆସିଲେ ପରିସ୍ଥିତିରେ ସୁଧାର ଆସିବ ନାହିଁ । ତେବେ ସାନମାଛକାନ୍ଦଣା ନଦୀକୁ ପୁଣି ଆଉଥରେ ଖୋଳାଯାଇ ଅଧିକ ଜଳ ରହିବାର ବ୍ୟବସ୍ଥା କରାଯିବା ସହିତ ଜୁଡିଆଠାରେ ଅବସ୍ଥିତ କେବଳ ଗୋଟିଏ ଜଳ ବିଶୋଧନାଗାର ପ୍ରକଳ୍ପକୁ ବାଦ ଦେଇ ଆଉ ଗୋଟିଏ ପ୍ରକଳ୍ପ ସିଦ୍ଧମଠ ଉପରିଭାଗ ଗୋବରା ପାହାଡରେ କରାଗଲେ ଏହା ପୌରପାଳିକାର ୧ ନମ୍ବରରୁ ୭ନମ୍ବର ପର୍ଯ୍ୟନ୍ତ ୩୦ ହଜାର ଜନସାଧାରଣଙ୍କୁ ଜଳ ଯୋଗାଇ ପାରନ୍ତା । କେବଳ ସେତିକି ନୁହେଁ କେନ୍ଦୁଝର ସହରର ବାସ୍ତବ ଜଳ ଯୋଗାଣ ପାଇଁ କେବଳ ସାନମାଛକାନ୍ଦଣା ନଦୀ ଉପରେ ନିର୍ଭର ନକରି ତୁରୁମୁଙ୍ଗାସ୍ଥିତ ବୈତରଣୀ ନଦୀରେ ଜଳ ଯୋଗାଣ ଓ ବିଶୋଧନାଗାର ପ୍ରତିଷ୍ଠା କରାଯାଇ କେନ୍ଦୁଝର ସହରକୁ ପାନୀୟ ଜଳ ଯୋଗାଇ ପାରିଲେ ଲୋକମାନଙ୍କର ଜଳକଷ୍ଟ ଦୂର ହୋଇପାରନ୍ତା । ଆଗାମୀ କିଛିବର୍ଷ ମଧ୍ୟରେ କେନ୍ଦୁଝର ସହରର ଜନସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଭିଜନ ୨୦୩୬କୁ ଲକ୍ଷ୍ୟ ରଖି ଜଳଯୋଗାଣ ପାଇଁ ଏକ ମାଷ୍ଟର ପ୍ଲାନ ଏବେଠାରୁ ପ୍ରସ୍ତୁତ କଲେ ଭବିଷ୍ୟତରେ ହେବାକୁ ଥିବା ଜଳ ସମସ୍ୟାକୁ ଏଡାଯାଇ ପାରନ୍ତା । ସାନମାଛକାନ୍ଦଣା ନଦୀରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପାଣି ଜଳସେଚନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉ ଥିବାବେଳେ ବୈତରଣୀ ନଦୀର ପାଣିକୁ ପିଇବା ପାଣି ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ସହର ଭୂତଳ ଜଳ ବା ଗ୍ରାଉଣ୍ଡ ୱାଟର କିପରି ରିଚାର୍ଜ କରାଯାଇପାରିବ ଓ ବୋହିଯାଇ ନଷ୍ଟ ହେଉଥିବା ଜଳକୁ ସଂରକ୍ଷଣ କରାଯାଇ କିପରି ବ୍ୟବହାର କରାଯାଇପାରିବ ତାହାର ଅତ୍ୟାଧୁନିକ ପଦକ୍ଷେପ ନେବାକୁ ମତବ୍ୟକ୍ତ ହେଉଛି

# ସ୍ୱାସ୍ଥ୍ୟ ସୁରକ୍ଷାମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ ଶନିବାର ଉମାପଦାସ୍ଥିତ ଉମାରାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଶିଶିର କୁମାର ରାଉତଙ୍କ ସଭା ପରିଚାଳନାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ଓ ଆୟବ୍ୟୟ ହିସାବ ପ୍ରଦାନ କରାଯାଇଥିଲା । ଆସନ୍ତା ଜୁନ ୨୧ ତାରିଖ ଷ୍ଟାଡିୟମ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଓ ସେହିଦିନ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ମଞ୍ଚ ସଭାପତି ବିଜୟ କୁମାର ଦାସ, ମୁଖ୍ୟ ସଂଯୋଜକ ଡକ୍ଟର ଚିନ୍ତାମଣି ପାଢ଼ୀ, କାର୍ଯ୍ୟକାରୀ ସଭାପତି ବିଏସକେ ସାମଲ, ଉପସଭାପତି ଦେବଦତ୍ତ ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଉପସଭାପତି ଦୀପକ କୁମାର ପରିଡା, ସହସମ୍ପାଦକ ଭରତ ଚନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରଣବେନ୍ଦୁ ଜେନା, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ପରମେଶ୍ୱର ଜେନା, କାମଦେବ ନାୟକ, ଅଶୋକ ଦାସ,ପ୍ରକାଶ ଚକ୍ର, ଦୁର୍ବାଦଳ ବସ୍ତୁ, ସତ୍ୟବ୍ରତ ପରିଡା, ଅମିତ ଦାସ, ଶଙ୍କର୍ଷଣ ରାଉତ, ଆଶୁତୋଷ ମିଶ୍ର, ବିଭୂତି ରଞ୍ଜନ ବିଶ୍ୱାଳ, ସଞ୍ଜୟ ମହାନ୍ତି, ଚିତ୍ରସେନ ଦାସ ବିଷ୍ଣୁ ଚରଣ ବିଶ୍ୱାଳ, ତଥାଗତ ବାଇ, ଦୀପକ ମାନସିଂହ, କୁଳମଣି ରାଉତ, ହୃଷିଲ ପ୍ରସାଦ,ଅମିତ ଦାସ, ଜିତେନ୍ଦ୍ର ପାଣି ପ୍ରମୁଖ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଏହି ଅବସରରେ ମଞ୍ଚ ମୁଖ୍ୟ ସଂଯୋଜକ ଡ଼. ଚିନ୍ତାମଣି ପାଢ଼ୀ ବାସ୍ତୁଶାସ୍ତ୍ରରେ ପିଏଚଡି ହାସଲ କରିଥିବାରୁ ମଞ୍ଚ ତରଫରୁ ତାଙ୍କୁ ଉପସ୍ଥିତ ସଦସ୍ୟ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ସାବିତ୍ରୀ ଆସିଲେ ଖୋଜାପଡ଼ନ୍ତି ସିନ୍ଦୁର ଭାଇନା

## ■ ଗାଁ ଗାଁ ସାଇକେଲରେ ବୁଲି ସିନ୍ଦୁର ବିକ୍ରି କରନ୍ତି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): 'ସ୍ୱାମୀକୁ ନ କରିବ ପର, ସ୍ୱାମୀ ଯେ ସାକ୍ଷାତ ଈଶ୍ୱର... ଡେରି ନ କରି ମା'ମାନେ କିଣି ନିଅନ୍ତୁ କୋଲକାତା ସିନ୍ଦୁର ।' ଯେତେବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳ ହେଉ ଅବା ସାପ୍ତାହିକ ମଙ୍ଗଳବାର ଓ ଶନିବାର ହାଟରେ ଏହି ଗୀତ ଶୁଭେ ସେତେବେଳେ ସିନ୍ଦୁର ନେବା ପାଇଁ ମହିଳାମାନେ ଧାଇଁ ଆସନ୍ତି । ବିଶେଷ କରି ସାବିତ୍ରୀ ବ୍ରତ ଆସିଲେ ସେ ଖୋଜାପଡନ୍ତି । ସିନ୍ଦୁର ବେପାର କରି ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଅଲେଖ ପାତ୍ର ଅଥବା ଅଲେଖ ଭାଇନା ମହିଳାଙ୍କର ମନ ଜିଣିପାରିଛନ୍ତି । ସେ ସିନ୍ଦୁର ଭାଇନା ଭାବରେ ବେଶ ପରିଚିତ । ଅଲେଖଙ୍କ ମୂଳଘର ହେଉଛି ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ପଡୋଶୀ ବ୍ଲକର ବାଜପୁର । କିନ୍ତୁ ଦୀର୍ଘ ୧୪ବର୍ଷ ହେବ ଅସ୍ତରଙ୍ଗ ସାପ୍ତାହିକ ହାଟ ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ବେଶ ପରିଚିତ । ଶୀତ, ବର୍ଷା ଓ ଖରା କୁ ଖାତିରି ନ କରି ସାଇକେଲ ପଛରେ ସିନ୍ଦୁର ବାକ୍ସ ବାନ୍ଧି ସକାଳ ୬ଟାରୁ ବାହାରି ପଡନ୍ତି । ଏ ଗାଁ ରୁ ସେ ଗାଁ ବୁଲିବୁଲି ସିନ୍ଦୁର ବେପାର କରନ୍ତି । ସେ କୋଲକାତାରୁ ସିନ୍ଦୁର ଦୁଇ ପ୍ରକାରର ନାଲି ଓ ଖଇରିଆ ରଙ୍ଗର ସିନ୍ଦୁର ଆଣି ଏଠାରେ ବିକ୍ରି କରନ୍ତି । ସାବିତ୍ରୀ ବ୍ରତ ଥିବାରୁ ତାଙ୍କ ପାଖରୁ ସିନ୍ଦୁର ନେବାକୁ ମହିଳାମାନଙ୍କର ଭିଡ଼ ଦେଖିବାକୁ ମିଳୁଛି । ଆଉ ଏହି ବ୍ୟବସାୟରୁ ଯାହା ରୋଜଗାର



ହେଉଛି ସେଥିରେ ତାଙ୍କ ପରିବାର ହସଖୁସିରେ ଚଳୁଥିବା ଅଲେଖ ପାତ୍ର କହିଛନ୍ତି । ଯେତେବେଳେ ତାଙ୍କୁ ୨୦ବର୍ଷ ହୋଇଥିଲା ସେ ସିନ୍ଦୁର ବେପାର ଆରମ୍ଭ କରିଥିଲେ । ପରିବାର ଆର୍ଥିକ ସ୍ଥିତି ତାଙ୍କ ପାଠ ପଢ଼ାରେ ବେଡି ପକାଇଦେଲା । ଅଲେଖ ଦୀର୍ଘ ବର୍ଷ ହେବ ଏହି ବେପାର କରି ଖୁସିରେ ଚଳୁଛନ୍ତି ବୋଲି କହିଛନ୍ତି ।

# ବିଜେପି କାର୍ଯ୍ୟକର୍ତ୍ତା ଚୟନ ବୈଠକ

କଣିହାଁ(ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଲି ମଣ୍ଡଳ ବିଜେପି ପକ୍ଷରୁ ଦଲକ ପଞ୍ଚାୟତ ନାଲମ ଶିଶୁ ମନ୍ଦିର ଠାରେ ବିଜେପିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପସଭାପତି ନୃସିଂହ ଚରଣ ବରାଳଙ୍କ ସଭାପତିତ୍ୱରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ଉପସଭାପତି ହରିହର ସାହୁ, ନିଶାକର ପ୍ରଧାନ, ନମିତା ଜେନା, ବିରକ୍ଷୀ ସାମଲ, ଲିପିକା ପ୍ରଧାନ ହୋଇଥିବା ବେଳେ, ମଣ୍ଡଳ ସାଧାରଣ ସମ୍ପାଦକ ଟିକନ ପ୍ରଧାନ ବାଲିପଶି, କବି ରାମ ନାୟକ କାକୁଡ଼ିଆ, ମଣ୍ଡଳ ସମ୍ପାଦକ ଭାବେ ଅନିଲ ସାହୁ ଡେରେଙ୍ଗ, ପ୍ରକାଶ ଚନ୍ଦ୍ର ଧୀର ରେଙ୍ଗାଳି, ପିଙ୍କ ବେହେରା ବାଲିପଶି, କୁନୀଲତା ପ୍ରଧାନ ହନୁମାନପୁର, ରଶ୍ମିତା ମହାରଣା ତାଳପଦା,ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଦୁଃଖଚନ୍ଦ୍ର ସାହୁ ଦଲକ, ସମ୍ପାଦକ ବିମଳ ପ୍ରଧାନ ବାଲିପଶି, ହରିଜନ ମୋର୍ଚ୍ଚା ସଭାପତି ସନ୍ତୋଷ ନାଏକ ଡେରେଙ୍ଗ, ସମ୍ପାଦକ ପଦ୍ମ ଲୋଚନ ନାଏକ ତାଳପଦା, ଯୁବ ମୋର୍ଚ୍ଚା ସଭାପତି ବିଭୂତି ସ୍ୱାଇଁ, ଓବିସି ମୋର୍ଚ୍ଚା ସଭାପତି ବିଧାନ ସାହୁ ତାଳପଦା, ସମ୍ପାଦକ ଟୁନା ସାହୁ ଡେରଙ୍ଗ ଏସଟି ମୋର୍ଚ୍ଚା ସଭାପତି ରିମିତା ମାଝୀ ବାଲିପଶି, ସମ୍ପାଦକ ରଞ୍ଜନ ଗଡ଼ତିଆ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନା ସାମଲ ରେଙ୍ଗାଳି, ସମ୍ପାଦକ ଲୋକା ଅଙ୍ଗରିଆ ସ୍ଥାନ ପାଇଥିବାବେଳେ ପ୍ରଭାରୀ ନୃସିଂହ ବରାଳ,ବିନୟ ପ୍ରଧାନ, ତ୍ରିପୁରାରି ପ୍ରଧାନ, ଚନ୍ଦନ ସ୍ୱରାଜ, ଧ୍ରୁବ ଧୀର, ସୁମନ୍ତ ପ୍ରଧାନ, ବିଚ୍ଛନ୍ଦ ସାହୁ, ଶ୍ୟାମ ସୁନ୍ଦର ସାହୁ, ଅଞ୍ଜଳି ପ୍ରଧାନ, ଦିବାକର ପ୍ରଧାନ, ଜଗମୋହନ ପ୍ରଧାନ, ସୁରେଶ ଧଳ, ଟିକନ ମହାନ୍ତି, ଯୁବ ମୋର୍ଚ୍ଚା ପକ୍ଷରୁ ହୃଦୟ ପ୍ରଧାନ, ବିରଞ୍ଚି ସାମଲ, ନିର୍ମଳ ବେହେରା ପ୍ରମୁଖ ବିଜେପିର ଜିଲ୍ଲା କମିଟିରେ ସ୍ଥାନ ପାଇଛନ୍ତି ।ମଣ୍ଡଳ କମିଟିଙ୍କୁ ଆଗାମୀ ଦିନ ପାଇଁ ବିଜେପିର ମଜଭୂତ ସଂଗଠନ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା ଏବଂ ନୂତନ କମିଟିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

# ପରିବେଶବିତ୍ କ୍ଷୀରୋଦ ଜେନାଙ୍କୁ ଭେଟେରାନ୍ ଆଚିଭର୍ ଆୱାର୍ଡ଼



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର କଳାଶ୍ରୀ ଗ୍ରାମର ବାସିନ୍ଦା ତଥା ପ୍ରକ୍ଷାତ୍ ପରିବେଶବିତ୍ କ୍ଷୀରୋଦ ଜେନାଙ୍କୁ ମିଳିଛି 'ଭେଟେରାନ୍ ଆଚିଭର୍ ଆୱାର୍ଡ଼' । ନୂଆଦିଲ୍ଲୀର ସେନା ମୁଖ୍ୟାଳୟରୁ ଡାକରା ପାଇ ଶ୍ରୀ ଜେନା ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ । ୨୩ ତାରିଖ ଶୁକ୍ରବାର ସେନା ମୁଖ୍ୟାଳୟରେ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ବିଭିଏସଏମ, ଭିଏସଏମଙ୍କ ଠାରୁ 'ଭେଟେରାନ୍ ଆଚିଭର୍ ଆୱାର୍ଡ଼' କ୍ଷୀରୋଦ ଗ୍ରହଣ କରିଛନ୍ତି । ଦେଶ ନିର୍ମାଣରେ ତାଙ୍କର ଅବଦାନ ଏବଂ ସମର୍ପଣକୁ ଦୃଷ୍ଟିରେ ରଖି ସେନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜଣେ ପୂର୍ବତନ ସେନା କର୍ମୀଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ଏଥିପାଇଁ ସେନା ବିଭାଗ ପକ୍ଷରୁ ଯିବା ଆସିବା ଗସ୍ତ ଖର୍ଚ୍ଚ ସହ ଦିଲ୍ଲୀରେ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ସେ ଆଜି ଦିଲ୍ଲୀରୁ ଫେରି ଭୁବନେଶ୍ୱର ବାସଭବନରେ ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ପ୍ରକାଶ ଥାଉ କି ଶ୍ରୀ ଜେନା ୨୦୦୫ ମସିହାରେ ଭାରତୀୟ ସେନାବାହିନୀରୁ ଅବସର ଗ୍ରହଣ କରିଥିଲେ । ସେବେଠାରୁ ବିଭିନ୍ନ ଗ୍ରାମ ରାସ୍ତା, ଅପଚୟ ଜମି ଏବଂ ଲଣ୍ଡା ପାହାଡ଼ରେ ଗଛ ଲଗାଇ ବିଭିନ୍ନ ମହଲରୁ ପୁରସ୍କୃତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଶ୍ରୀ ଜେନା କହିଥିଲେ ଯେ ସେ ଆଜି ପର୍ଯ୍ୟନ୍ତ ୩୦ ହଜାରରୁ ଅଧିକ ଫଳଦାୟକ ଗଛ ଲଗାଇ ସାରିଛନ୍ତି । ସେ ତାଙ୍କ ମାସିକ ପେନସନ୍‌ରୁ କିଛି ଅର୍ଥ ଏହି ଦିଗରେ ଖର୍ଚ୍ଚରେ ଲଗାନ୍ତି ଏବଂ ଏଥିନିମନ୍ତେ ଅନେକ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ମଧ୍ୟ ସହଯୋଗ କରିଥାନ୍ତି । ସେ ସର୍ବଦା ଦ୍ୱିଗୁଣିତ ଲାଭ ପାଇଁ ତାଙ୍କ ଚାରାରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ଫଳଦାୟି ଗଛ ଲଗାଇବାକୁ ଗୁରୁତ୍ୱ ଦିଅନ୍ତି, ପ୍ରଥମେ ବିଶ୍ୱ ଉଷ୍ଣତାରୁ ପୃଥିବୀକୁ ରକ୍ଷା ପୂର୍ବକ ଅମ୍ଳଜାନ ପ୍ରଦାନ ଓ ପଶୁ, ପକ୍ଷୀ, ସମାଜକୁ ଫଳ ଯୋଗାଇଦେବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରତିକ୍ରିୟାରେ କହିଛନ୍ତି ।

## ଡେଲଟା ଜୁନିୟର କଲେଜର ୯୨% ଛାତ୍ରଛାତ୍ରୀ କୃତକାର୍ଯ୍ୟ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଭିତରବମ୍ଭ ସ୍ଥିତ ଡେଲଟା ଜୁନିୟର କଲେଜର ଚଳିତ +୨ କଳା, ବିଜ୍ଞାନ ଓ ବାଣିଜ୍ୟ ଫଳାଫଳ ସନ୍ତୋଷ ଜନକ ହୋଇଥିବା ଅଧ୍ୟକ୍ଷ ଡଃ ବିବେକାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି । ଚଳିତ ବର୍ଷ +୨ ପରୀକ୍ଷାରେ କଲେଜର ୯୨ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ବିଜ୍ଞାନରେ ବିଭାଗୀୟ ଛାତ୍ରୀ ମୋନାଲିସା ମହାରଣା, କଳା ବିଭାଗର ଛାତ୍ର ଅର୍ଚ୍ଚିତା ବଳ ଓ ବାଣିଜ୍ୟ ବିଭାଗର ଛାତ୍ର ଗୁରୁପ୍ରସାଦ ବଳ କଲେଜ ଟପ୍ପର ହୋଇଛନ୍ତି । ଅଧ୍ୟକ୍ଷ ଡଃ. ମିଶ୍ର ଟପ୍ପର ସମେତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ସହ କଲେଜ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତଙ୍କୁ ଆଜୀବନ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଅତିରିକ୍ତ ଜିଲ୍ଲା ଦୌରା ଜଜ ଶାନ୍ତନୁ କୁମାର ଦାସ ୧୭ ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତିକରି ଜଣେ ନାବାଳିକାକୁ ଅପହରଣ ଓ ପରେ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ସ୍ୱାଭାବିକ ଜୀବନ ପର୍ଯ୍ୟନ୍ତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣା ଅନୁଯାୟୀ, ଏମଭି ନମ୍ବର ଥିବା ଗ୍ରାମର ଜନୈକା ନାବାଳିକାକୁ ଉମରକୋଟ ଥାନା ଅନ୍ତର୍ଗତ ଇନ୍ଦ୍ରପୁରୀ ଗ୍ରାମର ଯାଦବ ଗାଇନ(୨୭) ୨୦୧୯ ମସିହା ଜୁନ୍ ୧୬ ତାରିଖରେ ଅପହରଣ କରି ନେଇଥିଲା । ପରିବାର ଲୋକେ ଝିଅକୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଠିକଣା ମିଳିନଥିଲା । ପରେ ସେହିବର୍ଷ ଜୁନ୍ ୧୯ ମାଲକାନଗିରି ଥାନାରେ ବାପା ଝିଅ ନିଖୋଜ ନେଇ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଜଗଦଲପୁରର ଏକ ଭଡା ଘରୁ ଝିଅଟିକୁ ଉଦ୍ଧାର କରାଯାଇଥିଲା । ବିବାହର ପ୍ରଲୋଭନ ଦେଖାଇ ଝିଅକୁ ଅଭିଯୁକ୍ତ ଯାଦବ ବାରମ୍ବାର ଦୁଷ୍କର୍ମ କରିଥିଲା । ପରେ ଝିଅର ଡାକ୍ତରୀମାଇନା କରି ଅଭିଯୁକ୍ତ ନାମରେ କେଶ ରୁଜୁ କରାଯାଇ ଗିରଫ କରାଯାଇଥିଲା ଓ ମାଲକାନଗିରି ଅତିରିକ୍ତ ଜିଲ୍ଲା ଦୌରାଜଜ ଶାନ୍ତନୁ କୁମାର ଦାସ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଯୁକ୍ତ ଯାଦବକୁ ସ୍ୱାଭାବିକ ଜୀବନ ପର୍ଯ୍ୟନ୍ତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି କେଶ୍‌କୁ ସରକାରଙ୍କ ତରଫରୁ ସ୍ପେଶାଲ ପିପି ଲମ୍ବୋଦର ତୁରୁକୁ ପରିଚାଳନା କରିଥିଲେ ।

# ହାଇୱା-ପିକ୍‌ଅପ୍ ମୁହାଁମୁହିଁ ଧକ୍କା



ଡେରାବିଶ(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ବାଲିଆ ନିକଟରେ ଆଜି ଅପରାହ୍ନରେ ହାଇୱା ଓ ପିକ୍‌ଅପ୍ ମୁହାଁମୁହିଁ ଦୁର୍ଘଟଣା ଘଟି ପିକ୍‌ଅପ୍ ଡ୍ରାଇଭର ଗୁରୁତର ହୋଇପଡ଼ିଛନ୍ତି । ସୂଚନାରୁ ପ୍ରକାଶ ଆଜି ଅପରାହ୍ନରେ କଟକ-ଚାନ୍ଦବାଲି ରାଜରାସ୍ତାର ବାଲିଠାରେ କଟକ ଅଭିମୁଖେ ଯାଉଥିବା ଏକ ହାଇୱା ସହ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଥିଲା । ନୟାଗଡ଼ ଦଶପଲ୍ଲା ଅଞ୍ଚଳରୁ ଟାଇଲ୍ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଯାଉଥିବା ପିକ୍‌ଅପ୍ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଭାବେ ହାଇୱାର ବମ୍ପର ଭିତରକୁ ପଶିଯାଇଥିଲା । ଫଳରେ ଭ୍ୟାନ୍‌ର ଡ୍ରାଇଭର ବିକ୍ରମ ନାୟକ ଗାଡ଼ିର କ୍ୟାବିନ୍ ଭିତରେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକମାନେ ଡ୍ରାଇଭରଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲେ । ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । କେନ୍ଦ୍ରାପଡ଼ା ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ପିକ୍‌ଅପ୍ ଭ୍ୟାନ୍ କ୍ୟାବିନକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ । ଆହତ ଡ୍ରାଇଭର ଶ୍ରୀ ନାୟକଙ୍କୁ ଆମ୍ବୁଲାନ୍ସ ଯୋଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଘଟଣା ଘଟିବାର ଦୁଇଘଣ୍ଟା ପର୍ଯ୍ୟନ୍ତ ମଝି ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟି ଅଟକି ରହିଥିବାବେଳେ କଟକ-ଚାନ୍ଦବାଲି ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ରାସ୍ତାରୁ ଉଠାଇ ଉଭୟ ପଟରେ ଅଟକି ରହିଥିବା ଶହଶହ ଗାଡ଼ି ଚଳାଚଳକୁ ସ୍ୱାଭାବିକ କରାଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ କଟକ -ଚାନ୍ଦବାଲି ରାଜରାସ୍ତାରେ ଦିନ ରାତି ୨୪ ଘଣ୍ଟା ଶହଶହ ହାଇୱା ବାଲି ବୋଝେଇ କରି ଚଳପ୍ରଚଳ ହେଉଛି । ତେବେ ଏହି ହାଇୱା ଗୁଡ଼ିକ ବେଗ ବହୁ ଅଧିକ ରହୁଛି । ଯାହାକି ଅନେକ ସମୟରେ ବିଭିନ୍ନ ଦୁର୍ଘଟଣା ଘଟାଉଛି ।

# ମାଓବାଦୀଙ୍କ ନେତା ଚୟନ ନେଇ ଚର୍ଚ୍ଚା

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଓବାଦୀ ଗଡ଼ ଭାଙ୍ଗିବାରେ ଲାଗିଥିବାବେଳେ ଗତ ଦୁଇଦିନ ପୂର୍ବେ ଟପ୍ ନେତା ବାସଭରାଜ ପୋଲିସ ଗୁଳିରେ ନିହତ ହୋଇଥିଲେ । ପରେ ଗଡରେ ପଡିଛି ଭାଳେଣି । କେନ୍ଦ୍ରୀୟ କମିଟି ମୁଖ୍ୟ ଓ ସିପିଆଇ ମାଓବାଦୀ ସଂଗଠନ ସାଧାରଣ ସମ୍ପାଦକ ନାମ୍ବାଲା କେଶବ ରାଓଙ୍କ ମୃତ୍ୟୁପରେ ତାଙ୍କର ଏହି ସ୍ଥାନ କିଏ ନେବ ତାହାକୁ ନେଇ କଳ୍ପନା ଜଳ୍ପନା ବା ଚର୍ଚ୍ଚା ଆରମ୍ଭ ହୋଇଛି । ବାସଭରାଜ ସଂଗଠନ ପାଇଁ ରଣନୀତି ପ୍ରସ୍ତୁତ କରୁଥିଲେ । ତାଙ୍କ ମୃତ୍ୟୁପରେ ବେଣୁଗୋପାଳ ଓରଫ ଅଭୟ ନଚେତ ଦେବଜିତ ଓରଫ କୁମା ଦଦାଙ୍କୁ ସେହି ସ୍ଥାନ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି । ଅଭୟ ବର୍ତ୍ତମାନ ସଙ୍ଗଠନ କେନ୍ଦ୍ରୀୟ କମିଟି ପ୍ରବକ୍ତା ଭାବେ କାର୍ଯ୍ୟ କରୁଥିବା ବେଳେ ଆହୁରି ଅନେକ ଦାୟିତ୍ୱ ତାଙ୍କ ଉପରେ ରହିଛି । ଦୀର୍ଘ ୪୦ବର୍ଷ ଧରି ସେ ସଂଗଠନରେ ରହିଥିବା ବେଳେ ତାଙ୍କୁ ବର୍ତ୍ତମାନ ୭୦ ବର୍ଷ ହୋଇଥିବା କୁହାଯାଉଛି । ଅଭୟ ଅନେକ ହିଂସାକାଣ୍ଡ ଘଟାଇବାର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଥିବା ସହ ତାଙ୍କ ନାମରେ ୧କୋଟିରୁ ଅଧିକ ଟଙ୍କାର ପୁରସ୍କାର ରହିଛି । ସେହିପରି ଦେବଜିତ ସଂଗଠନ ସେଣ୍ଟ୍ରାଲ ମିଲିଟାରୀ କମାଣ୍ଡ -ଇନ୍‌ଚାର୍ଜ । ସେ ଯୋଗାଯୋଗ ବିଭାଗ ମୁଖ୍ୟ ଥିବାବେଳେ ତାଙ୍କ ନାମରେ ମଧ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ରହିଛି । ତେବେ ଏସବୁ ମଧ୍ୟରେ ପୂର୍ବତନ ମାଓ ନେତା ଗଣପତି ଦାୟିତ୍ୱ ନେଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି ।

## ଗ୍ରୀଷ୍ମକାଳୀନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ମାଲକାନଗିର (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦରମହକୁମା ଦଣ୍ଡକାରଣ୍ୟ ଖେଳପଡ଼ିଆ ଠାରେ ୧୬ ବର୍ଷର କମ୍ ବୟସ୍ ଗ୍ରୀଷ୍ମ କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିର୍ଣ୍ଣାୟକ ଫାଇନାଲ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି । ମନଷ୍ଟର ବିଜୟୀ ଲାଭ କରିଛନ୍ତି । ଫାଇନାଲ ମ୍ୟାଚ ମନଷ୍ଟର ଏବଂ ପାନ୍ଥର ମଧ୍ୟରେ ଖେଳାଯାଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମନଷ୍ଟର ଟିମ୍ ୧୬.୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲେ । ୧୨୧ ରନ୍ ଟାର୍ଗେଟର ପିଛା କରି ପାନଥର ଦଳ ୨୦ ଓଭର ରେ ୧୦୭ ରନ୍ କରିବା ସହିତ ସମସ୍ତ ଉଇକେଟ ହରାଇଥିଲେ । ଯାହାଫଳରେ ୧୩ ରନ୍ ରେ ମନଷ୍ଟର ଟିମ୍ ବିଜୟୀ ହୋଇଛନ୍ତି । ବିଜେତା ଦଳର ବଳର କେ.ଦତ୍ତାତ୍ରେୟ (ସ୍ୱାଇଁ) ୪ ଓଭରରେ ୧୪ଟି ରନ୍ ଦେଇ ୫ ଉଇକେଟ ହାସିଲ କରିଛନ୍ତି । ସେହିପରି ପ୍ରିନ୍ସ କେ. ସଗରିଆ ମ୍ୟାନ ଓଫ ଦ ସିରିଜ ଏବଂ ବେଷ୍ଟ ଓଇକେଟ କିପର । ଗତ ତାରିଖ ୨୧/୦୫ ରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ମୋଟ୍ ତିନି ଗୋଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ-ମନଷ୍ଟର,ପାନ୍ଥର ଏବଂ ଜାଗୁଆର । ମାଲକାନଗିରି କ୍ରିକେଟ ଏକାଡେମୀ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପୂର୍ବତନ ଭାରତୀୟ ଦଳର ମ୍ୟାନେଜର ସତ୍‌ବୀର ସିଂ ରିଆର ସହିତ ଏକାଡେମୀ କୋଚ୍ ବିଶାଳ ମାଲାକାର, ସ୍କୋରାର ପ୍ରକାଶ ପରିଛା, ପିଚ୍ କ୍ୟୁରେଟର ରାମକୃଷ୍ଣ ରାଓ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । କ୍ରିକେଟ ଏକାଡେମୀର ଏଭଳି ପ୍ରୟାସ ଆଗକୁ ଖେଳାଳୀଙ୍କ ମନୋବଳକୁ ସୁଦୃଢ଼ କରିବ ।



# ସାବିତ୍ରୀ ବ୍ରତରେ ଅସହାୟ ମହିଳାଙ୍କୁ ଭାର ପ୍ରଦାନ






ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଆଜି ସାବିତ୍ରୀ ବ୍ରତ ଏହି ସାବିତ୍ରୀ ବ୍ରତରେ ପ୍ରତ୍ୟେକ ବିବାହିତ ମହିଳାମାନେ ସ୍ୱାମୀର ମଙ୍ଗଳ, ଦୀର୍ଘ ଆୟୁଷ ଓ ସ୍ୱାମୀର ଶୁଭକାମନା ପାଇଁ ବ୍ରତ କରିଥାନ୍ତି । ସାବିତ୍ରୀ ବ୍ରତ ଆସିଲେ ମନେ ପଡିଯାଏ ସତୀ ସାବିତ୍ରୀ ଓ ସତ୍ୟବାନଙ୍କ କାହାଣୀ । ଯେଉଁ ସାବିତ୍ରୀ ନିଜର ସତୀତ୍ୱକୁ ବଜାଇ ରଖି, ତାଙ୍କ ସ୍ୱାମୀଙ୍କ ଜୀବନ ଯମରାଜ ପାଖରୁ ଫେରାଇ ଆଣିଥିଲେ ।ଆଜି ସେଭଳି ଘଟଣା ଆଉ ଏକ ଅସହାୟ ସାବିତ୍ରୀ ବାସନ୍ତୀ ଭକ୍ତାଙ୍କ କଥା । ସେ ତାଙ୍କ ସ୍ୱାମୀଙ୍କର ଦୀର୍ଘ ଆୟୁଷ ପାଇଁ କେତେ ଭକ୍ତି ସହକାରେ ତାଙ୍କ ସ୍ୱାମୀଙ୍କୁ ପୂଜା କରୁଛନ୍ତି । କିନ୍ତୁ ଆଜି ଏହି ସାବିତ୍ରୀ ବାସନ୍ତୀ ଆଖିରେ ଲୁହର କାରଣ ଜାଣିଲେ ସମସ୍ତଙ୍କ ଆଖିରେ ବି ଲୁହ ଜକେଇ ଆସିବ, ବେଶ ହସ ଖୁସିରେ ପରିବାର ଚାଲିଥିଲା ସ୍ୱାମୀ ପର୍ଶୁରାମ ଭକ୍ତା ଅଚାନକ ଘରକୁ ଯିବା ସମୟରେ ତଳେ ଖସି ପଡିବାରୁ ମୁଣ୍ଡରେ ଶକ୍ତ ଆଘାତ ଲାଗି ଚେତା ଶୂନ୍ୟ ହୋଇ ପଡିଲେ । ପାଖ ଚିକିତ୍ସାଳୟକୁ ନେଇଯିବା ପରେ ଜଣା ପଡିଲା ମସ୍ତିଷ୍କ ଅସ୍ତ୍ରୋପଚାର ହେବା ନିହାତି ଜରୁରୀ । ଧର୍ମ ପତ୍ନୀ, ଜମି ଜାଗା, ଗହଣା ଗାଣ୍ଠି ସବୁ କିଛି ବିକ୍ରୀ କରି ସ୍ୱାମୀଙ୍କୁ ଅସ୍ତ୍ରୋପଚାର କଲେ ସତ ମାତ୍ର ତାହା ସଫଳ ହେଲା ନାହିଁ । ତାଙ୍କ ମସ୍ତିଷ୍କ ପେଟ ଭିତରେ ରଖାଯାଇଛି, ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ ।ସତରେ ଏ ପରିବାରକୁ ଦୁଃଖର କଳା ବାଦଲର ଛାଇ ଏମିତି ଘୋଟି ଆସିଲା, ଯେମିତି ଦଇବ ଏ ପରିବାର ପ୍ରତି ଦାଉ ସାଜିଛି । ଆଜି ସ୍ୱାମୀ ପର୍ଶୁରାମ ଭକ୍ତା କଥା କହି ପାରୁ ନାହାନ୍ତି କି ଭୋକ ଲାଗିଲେ ଖାଇବା ମାଗି ପାରୁନାହାନ୍ତି କି ଚଲାବୁଲା କିଛି କରି ପାରୁନାହାଁନ୍ତି ଏବଂ ମାନସିକ ସ୍ଥିତି ବି ବିଗିଡ଼ିବାରେ ଲାଗିଛି ।କାରଣ ଏବେ ପରିବାରର ରୋଜଗାର ବୋଲି କିଛି ନାହିଁ । ଗୋଟିଏ ଓଳି ଚୁଲି ଜଳୁଛି ତ ଆଉ ଗୋଟିଏ ଓଳି ଭୋକିଲା ରହିବାକୁ ପଡୁଛି ।ଯେମିତି ଦୁଃଖ ଏ ପରିବାରକୁ ଛାଡି ଯିବା ପାଇଁ ପ୍ରସ୍ତୁତ ନୁହେଁ । ଏହି ଘଟଣାଟି ହେଉଛି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବସ୍ତା ବ୍ଲକର ମୁକୁଳିସି ପଞ୍ଚାୟତ ଦାଣ୍ଡି ଗ୍ରାମର ବାସନ୍ତୀ ଭକ୍ତାଙ୍କ କରୁଣ କାହାଣୀ । ସେଠାକାର ଅଞ୍ଚଳବାସୀ ହେଲ୍ପ ଫର ୟୁ ଫାଉଣ୍ଡେସନକୁ ଜଣାଇବା ପରେ ରବିବାର ହେଲ୍ପ ଫର ୟୁ ଫାଉଣ୍ଡେସନର ସମସ୍ତ ସଦସ୍ୟ ସଦସ୍ୟାମାନଙ୍କର କିଛି କିଛି ଆର୍ଥିକ ଅବଦାନ ଓ ବସ୍ତା ଏସଡିପିଓ ତଥା ଜଳେଶ୍ୱର ଭାରପ୍ରାପ୍ତ ଏସଡିପିଓ ମାନସ ଦେଓଙ୍କ ବଳରେ ଜନସେବାକୁ ମହାନ ବ୍ରତ ବୋଲି ଭାବି ନିଃସ୍ୱାର୍ଥପର ଭାବରେ ଏକ ଅସହାୟ ସାବିତ୍ରୀ ଘରେ ସାବିତ୍ରୀ ଭାର ଓ ସ୍ୱାମୀ ପର୍ଶୁରାମ ଭକ୍ତାଙ୍କର ଚିକିତ୍ସା ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।ହେଲ୍ପ ଫର ୟୁ ଫାଉଣ୍ଡେସନ ଜଳେଶ୍ୱରର ଏଭଳି ମହାନତାକୁ ଦାଣ୍ଡି ତଥା ଦରଡ଼ା ଅଞ୍ଚଳର ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରିଛନ୍ତି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇବ । ଏଥିରେ ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସହ ଉନ୍ନୟନମୂଳକ ପ୍ରକଳ୍ପ ଏବଂ ସଫଳତାର କାହାଣୀ ସମ୍ବଳିତ ଆଲେଖ ପ୍ରକାଶ ପାଇବ । ଏହି ଏକ ବର୍ଷ ମଧ୍ୟରେ ରାଜ୍ୟର ବିକାଶରେ ଯେଉଁ ମୂଳଦୁଆ ପଡ଼ିଛି ତାହାର ଏକ ଚିତ୍ର ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଲେଖା ଆହ୍ୱାନ କରାଯାଇଛି । ଇଚ୍ଛୁକ ବ୍ୟକ୍ତିମାନେ ସୂଚନା ଓ ଲୋକସମ୍ପର୍କ ବିଭାଗର ଇମେଲରେ ୨୦୨୫ ଜୁନ୍ ୨ ତାରିଖ ସୁଦ୍ଧା ଲେଖା ପଠାଇବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନୁରୋଧ କରାଯାଉଛି ।



## ସରିଲା ଭାରତୀୟ ସାଂସ୍କୃତିକ ଐତିହ୍ୟ ଉପରେ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀ

# ଅତୀତ ଆଧୁନିକ ବିଶ୍ୱ ସମସ୍ୟାର ମୁକାବିଲା ପାଇଁ ପ୍ରେରଣା ଦିଏ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅତୀତ କେବଳ ଇତିହାସ ନୁହେଁ, ବରଂ ଆଧୁନିକ ବିଶ୍ୱ ସମସ୍ୟାର ମୁକାବିଲା ପାଇଁ ପ୍ରେରଣା ଦିଏ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ଚଳିତ ମଇ ୨୫ ତାରିଖ ଦିନ ଭୁବନେଶ୍ୱର ଠାରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ଇନଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ ଷ୍ଟଡ଼ିଜର ମିଳିତ ଆନୁକୂଲ୍ୟରେ 'କଳିଙ୍ଗ ଏବଂ ଦକ୍ଷିଣ-ପୂର୍ବ ଏସିଆ - ସଭ୍ୟତା ସଂଯୋଗ' ଶୀର୍ଷକ ସମ୍ପର୍କିତ ଭାରତୀୟ ସାଂସ୍କୃତିକ ଐତିହ୍ୟ ଉପରେ ଆଧାରିତ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ରାଜ୍ୟପାଳ କହିଥିଲେ ଯେ, କଳିଙ୍ଗ ଦକ୍ଷିଣ-ପୂର୍ବ ଏସିଆ ସହିତ ଦୁଇ ହଜାର ବର୍ଷରୁ ଅଧିକ ସମୟ ଧରି ଦୃଢ ସାମୁଦ୍ରିକ ଏବଂ ସାଂସ୍କୃତିକ ସମ୍ପର୍କ ରକ୍ଷା କରିଛି । ଏହି କଳିଙ୍ଗର ଲୋକମାନେ ବିଶ୍ୱବ୍ୟାପୀ ଭ୍ରମଣ କରି ସେହି ସଂଯୋଗ ସ୍ଥାପନ କରିଥିଲେ । ମନ୍ଦିର ଭିତ୍ତିଭୂମି ବିକାଶ, କଷ୍ଟମ୍ସ ପ୍ରକ୍ରିୟାକୁ ସୁଗମ କରିବା ଏବଂ ସବୁଜ ପରିବହନରେ ପ୍ରଯୁକ୍ତିବିଦ୍ୟାର ନିବେଶ କରିବା ଏବଂ ଡିଜିଟାଲ ସଂଯୋଗୀକରଣ, ସାଂସ୍କୃତିକ ବିନିମୟ ବୃଦ୍ଧି କରି ଆଂଚଳିକ ସମ୍ପର୍କକୁ ମଜବୁତ କରାଯାଇପାରିବ ବୋଲି ରାଜ୍ୟପାଳ କହିବା ସହିତ ଭବିଷ୍ୟତ ପୀଢ଼ି ମଧ୍ୟରେ ଗର୍ବ ଜାଗ୍ରତ ପାଇଁ ମିଳିତ ଗବେଷଣା ଓ ଐତିହ୍ୟ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମାରୋହରେ କଟକ ଲୋକସଭା ସଦସ୍ୟ ଭର୍ତ୍ତୃହରି ମହତାବ, ଭାରତ ସରକାରଙ୍କ ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ପ୍ରଫେସର ତଥା ୱାନ୍ ଏସିଆ ଫାଉଣ୍ଡେସନର ଚେୟାରମ୍ୟାନ ପତିତପାବନ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ମିଳନୀର ଚେୟାରମ୍ୟାନ ପ୍ରଫେସର ଉପେନ୍ଦ୍ର ପାଢ଼ୀ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ସମ୍ମିଳନୀର ଆବାହକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଧାନସଭା ପରିସରରେ ପାରଳା ମହାରାଜାଙ୍କ ଶ୍ରାଦ୍ଧଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ । ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି । ୧୯୧୪ ମସିହା ଡିସେମ୍ବର ମାସରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଧିବେଶନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଉତ୍କଳର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦାବି କରି ଯେଉଁ ଓଜଃସ୍ୱିନୀ ବକ୍ତବ୍ୟ ଦେଇଥିଲେ ତାହା ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ ତଥା ଅନୁପ୍ରେରିତ କରିବା ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୁଆ ରଖିଥିଲା । ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ରୂପେଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବୁଦ୍ଧିଜୀବ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ସାଢ଼େ ୫ ପୂର୍ବରୁ ଅଫିସ୍ ଛାଡ଼ି ପାରିବେନି ଅଧିକାରୀ ଓ କର୍ମଚାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ି ପାରିବେନି ଅଧିକାରୀ ଓ କର୍ମଚାରୀ । ଦିନକୁ ଅତିକମରେ ସାଢ଼େ ୭ ଘଣ୍ଟା ଅଫିସରେ ଉପସ୍ଥିତ ରହିବା ବାଧ୍ୟତାମୂଳକ । ନ ହେଲେ ନିଆଯିବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ । ସକାଳ ୧୦ ସୁଦ୍ଧା ଅଫିସରେ ପହଁଚିବାକୁ କଡ଼ା ନିର୍ଦ୍ଦେଶ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି । ଏହା ସହ କୁହାଯାଇଛି ଅଫିସରେ କାର୍ଯ୍ୟ ସମୟ ସାଢ଼େ ୭ ଘଣ୍ଟାରୁ କମ ହେଲେ ହାପ ଡେ ବୋଲି ଧରାଯିବ । ୪ ଘଣ୍ଟାରୁ କମ ହେଲେ ଗୋଟିଏ ଦିନର ଛୁଟି ବୋଲି ଧରାଯିବ ।

## ଅବ୍ୟବସ୍ଥା ଘେରରେ ପୁରୁଣା ଭୁବନେଶ୍ୱର ପୌର ଚିକିତ୍ସାଳୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅବ୍ୟବସ୍ଥା ଘେରରେ ପୁରୁଣା ଭୁବନେଶ୍ୱର ପୌର ଚିକିତ୍ସାଳୟ । ୪୧ ଡାକ୍ତର ସ୍ଥାନରେ ଅଛନ୍ତି ମାତ୍ର ୧୩ ଡାକ୍ତର । ଡାକ୍ତରଙ୍କ ପଦବୀ ପୂରଣ ସହ ନର୍ସ ଓ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ପାଇଁ ମେଡିକାଲ ଆଗରେ ସେବା ପ୍ରତିନିଧି ଧାରଣା ଦେଇଛନ୍ତି । ସଂଗଠନର ଅଭିଯୋଗ ମେଡିକାଲରେ ୧୦୭ ଶଯ୍ୟାରୁ ୫୭ ଟି ଶଯ୍ୟା ରହିଛି । ପର୍ଯ୍ୟାପ୍ତ ନର୍ସ ମଧ୍ୟ ମେଡିକାଲରେ ନାହାନ୍ତି । ଏଥିପାଇଁ ରୋଗୀ ସବୁ ବେଳେ ହନ୍ତସନ୍ତ ହେଉଛନ୍ତି । ଡାକ୍ତର ଓ ବିଶେଷଜ୍ଞ ପଦବୀ ସହ ଅନ୍ୟ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଦାବୀ କରିଛି ସଂଗଠନ ।

## ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନାମରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟିରେ ଏକ ଗବେଷଣା ପ୍ରତିଷ୍ଠାନକୁ ନାମିତ କରାଯାଇଛି । ଏହି ଅବସରରେ ତାଙ୍କୁ ସିଟି ୟୁନିଭରସିଟିର ସର୍ବୋଚ୍ଚ ସମ୍ମାନ ପ୍ରେସିଡେନ୍ସିଆଲ ମେଡ଼ାଲ ପ୍ରଦାନ କରାଯାଇଥିବାରୁ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଶା ସଚେତନ ନାଗରିକ ଫୋରମ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉଭୟ ଅନୁଷ୍ଠାନର କର୍ମକ[illegible]। ଓ ସଭ୍ୟମାନେ ଡ. ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ପ୍ରତିନିଧି ଦଳରେ ସଭାପତି ତଥା ଓଡିଶା ଭାସ୍କର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲ୍ଲୀପ ହାଲିଙ୍କ ସମେତ ଶିକ୍ଷାବିତ୍ ଅଶୋକ ପାଣ୍ଡେ, ଯୁବନେତା ଡଃ ତନ୍ମୟ ସ୍ୱାଇଁ, ଆଇନଜୀବୀ ଅନିଲ ପରିଡ଼ା ଓ ସାମ୍ବାଦିକ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## 'ଭାରତ ଚତୁର୍ଥ ସର୍ବବୃହତ୍ ଅର୍ଥନୀତି ହେବା ଗର୍ବର ବିଷୟ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାପାନକୁ ପଛରେ ପକାଇ ଭାରତ ଚତୁର୍ଥ ସର୍ବ ବୃହତ ଅର୍ଥନୀତି ହେବା ଅତ୍ୟନ୍ତ ଗୌରବ ପୂର୍ଣ୍ଣ ବିଷୟ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କେନ୍ଦ୍ର ସରକାରଙ୍କ ଅଭିନନ୍ଦନୀୟ ପଦକ୍ଷେପ କାରଣରୁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି । ୨୦୨୪ ପରଠୁ କେନ୍ଦ୍ର ସରକାର ଯେଉଁ ସବୁ ବିସ୍ତୃତ ଯୋଜନା କରିଥିଲେ ସେଥିପାଇଁ ଆମେ ଦଶମ ସ୍ଥାନରୁ ଆସି ଚତୁର୍ଥ ସ୍ଥାନରେ ପହଁଚିଛୁ । ପ୍ରଧାନମନ୍ତ୍ରୀଙ୍କ ଦେଶକୁ ଆଗକୁ ନେବାର ସ୍ୱପ୍ନ ଏବଂ ସ୍ୱାବଲମ୍ବୀ କରିବାର କାର୍ଯ୍ୟ ହିଁ ଏହାକୁ ସମ୍ଭବ କରିପାରିଛି । ଏଥିପାଇଁ ଓଡ଼ିଶା ତରଫରୁ ଆମେ ସମସ୍ତେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଅଭିନନ୍ଦନ ଓ ଧନ୍ୟବାଦ ଜଣାଉଛୁ । ୨୦୩୬ ଓ ୨୦୪୭ ର ଲକ୍ଷ୍ୟ ନେଇ ଆମେ ଆଗକୁ ବଢୁ ଥିବା ବେଳେ ଏହା ଆମ ପାଇଁ ଗୋଟେ ମାଇଲ ଖୁଣ୍ଟ ଭାବେ ପ୍ରମାଣିତ ହୋଇଛି । ୨୦୪୭ ବେଳକୁ ଆମେ ବିଶ୍ୱର ସର୍ବ ବୃହତ ଅର୍ଥନୀତି ହୋଇ ଭାରତ ଛିଡ଼ା ହେବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶା ବି ସମାନ ଭାବେ ତାଳ ଦେଇ ୨୦୩୬ ର ଲକ୍ଷ୍ୟ ନେଇ ଆଗକୁ ବଢୁଛି ବୋଲି ସେ କହିଛନ୍ତି ।

### ଏମିତି ଭଉଣୀ ଜଗତେ ନାହିଁ

## ୩୭ ଭଉଣୀଙ୍କୁ ସାବିତ୍ରୀ ସଜ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୩୭ ଜଣ ଭଉଣୀଙ୍କୁ ସାବିତ୍ରୀ ସଜ । ଆଜକୁ ୩ ବର୍ଷ ହେଲା ସାବିତ୍ରୀ ବ୍ରତ ପାଳନର ଅବ୍ୟବହିତ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ବାସିନ୍ଦା ଜଣେ ଭଉଣୀ ୩୭ ଜଣ ମହିଳାଙ୍କ ପାଇଁ ସାବିତ୍ରୀ ସଜ ନେଇ ସେମାନଙ୍କ ଘରେ ପହ[illegible]ଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ରାଜଧାନୀ ଉପକଣ୍ଠ ଯାଁଳା ସ୍ଥିତ ଗାନ୍ଧୀ ଶାନ୍ତି ନିବାସ କଲୋନୀରେ । ଭଉଣୀ ଜଣକ କଲୋନୀରେ ରହୁଥିବା ଅଭାବୀ ଭଉଣୀଙ୍କ ପାଇଁ ନୂଆ ଲୁଗା, ଶଙ୍ଖା, ସିନ୍ଦୂର, ଅଳତା, ବ୍ରତ, ନଡିଆ, ଫଳ ଆଦି ସାଥିରେ ନେଇ ଆସିଥିଲେ । ଯଦିଓ ସେ ରକ୍ତ ସଂପର୍କରେ କାହାର ଭଉଣୀ ନ ହେଲେ ବି ଜନ୍ମ କଲା ମାଆ ପେଟର ଭାଇଭଉଣୀଙ୍କଠାରୁ ସେ କମ୍ ନୁହଁନ୍ତି । ସେ ତାଙ୍କ ନାମ ମଧ୍ୟ ପ୍ରକାଶ କରିନାହାଁନ୍ତି । କାରଣ ସେ ନାମ ପାଇଁ ଏହି କାମ କରିନାହାଁନ୍ତି । ଦୁନିଆରେ ଏମିତି କିଛି ଭଲ ମଣିଷ ପାଇଁ ଏ ସଂସାର ଚାଲିଛି କହିଲେ ଆଦୌ ଭୁଲ୍ ହେବ ନାହିଁ । ଏ ସଂପର୍କରେ ଭଉଣୀ ଜଣଙ୍କ କୁହନ୍ତି, ଆଜିକା ମହଙ୍ଗା ଯୁଗରେ ସବୁ ମହିଳାଙ୍କ ଭାଗ୍ୟରେ ନ ଥାଏ ସାବିତ୍ରୀ ବ୍ରତ ପାଳିବା । କାହା ପାଇଁ ଅର୍ଥ ବାଧକ ସାଜିଥାଏ ତ ଆଉ କାହାର ଭାଇଟିଏ ନଥାଏ । ଏହି କଲୋନୀର ଅଭାବୀ ଭଉଣୀ ମାନଙ୍କ ଜୀବନ ସଂଘର୍ଷ କଥା ଶୁଣି ମୁଁ ଏ ଦାୟିତ୍ୱଟିକୁ ଜୀବନ ଥିବା ଯାଏଁ ନିଷ୍ଠାର ସହ ପାଳନ କରିବି ବୋଲି କହିଥିଲେ । ସାବିତ୍ରୀ ସଜ ପାଇ ଭଉଣୀମାନେ ବେଶ୍ ଖୁସି ପ୍ରକଟ କରିବା ସହଖୁସିରେ ଆଖି ଛଳ ଛଳ ହୋଇଯାଇଥିଲା । ଈଶ୍ୱର ତାଙ୍କୁ ଦୀର୍ଘାୟୁ କରି ରଖିଥାନ୍ତୁ ବୋଲି କଲୋନୀ ଭଉଣୀମାନେ କାମନା କରିବା ସହ ଏମିତି ଭଉଣୀ ଜଗତେ ନାହିଁ ବୋଲି କହିଥିଲେ । ଭଉଣୀଙ୍କ ଏହି ମହାନ୍ କାର୍ଯ୍ୟରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ପ୍ରଦୀପ୍ତ ରଂଜନ ରାଉତ, ପ୍ରଦୀପ କୁମାର ନାୟକ, ଶୁଭସ୍ମିତା ମହାପାତ୍ର, ପ୍ରାଧ୍ୟାପିକ ମୃଣ୍ମୟୀ ରଥ ପ୍ରମୁଖ ଭଉଣୀଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିବା ସହି ସାଧୁବାଦ ଜଣାଇଥିଲେ ।

## ପିସିସି ଚାର୍ଜସିଟ୍ ଡ୍ରାଫ୍ଟିଂ କମିଟିରେ ନୂତନ ସଦସ୍ୟ ଓ ଆବାହକ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧକ୍ଷତାରେ ଗଠିତ ହୋଇଥିବା ପିସିସି ଚାର୍ଜସିଟ ଡ୍ରାଫ୍ଟିଂ କମିଟିରେ କେତେକ ନୂତନ ସଦସ୍ୟ ଓ ଅବାହକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ନିଯୁକ୍ତି ଦେଇଛନ୍ତି । କମିଟିରେ ବିଧାୟକ ତାରାପ୍ରସାଦ ବାହିନିପତି, ବିଧାୟକ ଦାସରଥି ଗମାଙ୍ଗ, ଜଗଦାନନ୍ଦ ପ୍ରଧାନଙ୍କୁ ସଦସ୍ୟ ଭାବେ ବାଙ୍କନିଧି ବେହେରାଙ୍କୁ ଆବାହକ ଭାବରେ ପିସିସି ସଭାପତି ଶ୍ରୀ ଦାସ ନିଯୁକ୍ତି ଦେଇଛନ୍ତି ।

## ଗଦି କାରଖାନାରେ ଭୟାବହ ଅଗ୍ନିକାଣ୍ଡ

# କୋଟି କୋଟି ଟଙ୍କାର ସମ୍ପତ୍ତି ପୋଡି ପାଉଁଶ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଶନିବାର ବିଳମ୍ବିତ ରାତ୍ରରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ରେଲୱେ ଷ୍ଟେସନ ନିକଟରେ ଏକ ବଡଧରଣର ଅଗ୍ନିକାଣ୍ଡ ଘଟିଥିଲା । ଏହି ଅଗ୍ନିକାଣ୍ଡରେ ଏକ ଗଦି କମ୍ପାନିର କୋଟିକୋଟି ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି । ଏଠାରେ ଥିବା ଟିକେ ଫୋମ୍‌ସ ପ୍ରା.ଲି.ରେ ଏପରି ଅଗ୍ନିକାଣ୍ଡ ଘଟିଥିଲା । ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥାଏ ବୋଲି ଅନୁମାନ କରାଯାଉଛି । ବିଳମ୍ବିତ ରାତିରେ କମ୍ପାନିର ପଛ ପାର୍ଶ୍ୱ ଗୋଦାମ ଘରେ ପ୍ରଥମେ ଏହି ଅଗ୍ନିକାଣ୍ଡ ଘଟି ସାରା କମ୍ପାନିକୁ ବ୍ୟାପୀଯାଇଥିଲା । ଏ ସଂପର୍କରେ ଖବର ପାଇ ଘଟଣାସ୍ଥଳରେ ମଞ୍ଚେଶ୍ୱର ଥାନାର ୨ଟି ପିସିଆର୍ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲା । ତେବେ ଅଗ୍ନିକାଣ୍ଡର ପ୍ରଖର ବହୁ ମାତ୍ରାରେ ଥିବାରୁ ପରେ ପୁଣି ଦମକଳ ବାହିନୀର ଅନ୍ୟ ଦୁଇଟି ଗାଡିକୁ ସେଠାକୁ ଅଣାଯାଇଥିଲା । ତଥାପି ପରିସ୍ଥିତି ଭୟଙ୍କର ରୂପ ନେଇଥିଲା । ଏପରିକି ଦମକଳ ବାହିନୀର ୮ଟି ଗାଡି ଦୀର୍ଘ ୫ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧିନ ଥିଲା । ଟିକେ ଫୋମସ୍‌ର ଆକାଉଣ୍ଟାଣ୍ଟ ଉମେଶ ଚନ୍ଦ୍ର ଭଞ୍ଜଙ୍କ କହିବା ଅନୁଯାୟୀ ହଠାତ୍ କମ୍ପାନିରେ ଅଗ୍ନିକାଣ୍ଡ ଘଟିଥିଲା । କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହା ଜଣାପଡି ନଥିଲେ ସୁଦ୍ଧା ଏଠାରେ କୋଟିକୋଟି ଟଙ୍କାର ଗଦି ଷ୍ଟକ୍ ରହିଥିଲା ଏବଂ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନୂଆ ମେସିନ୍ ମଧ୍ୟ ରହିଥିଲା । ତେବେ ଏହି ସବୁ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ ମିତ୍ରଙ୍କ ୪୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ




କଟକ(ଭାସ୍କର ନ୍ୟୁଜ୍): ବିରେନ ମିତ୍ର ଫାଉଣ୍ଡେସନ ଆନୁକୂଲ୍ୟରେ ସକାଳୁ କଟକ ସ୍ଥିତ ଗଡ଼ଗଡ଼ିଆ ଘାଟରେ ବିରେନ ମିତ୍ରଙ୍କ ପାଇଁ ତିଳ ତର୍ପଣ ଅର୍ପଣ କରାଯାଇଥିଲା । କଟକ ମିଶନ ରୋଡ ସ୍ଥିତ ବିରେନ ମିତ୍ର ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ସଭା ଅନୁଷ୍ଠିତ କରାଗଲା । ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଏବଂ କଟକ ମେୟର ସୁଭାଷ ସିଂ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ଭାରତୀୟ ଜନତା ପାର୍ଟିର କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନର ସାଧାରଣ ସମ୍ପାଦକ ନିମାଇଁ ଚରଣ ସାହୁ, ସାଧାରଣ ସମ୍ପାଦକ ସୋମିତ ମିତ୍ର, ଉପ ସଭାପତି ଆଦିତ୍ୟ ନାରାୟଣ ସ୍ୱାଇଁ, ପ୍ରଫୁଲ୍ଲ ସିଂ, ଅଣନାତି ଅଭେତ ମିତ୍ର, ସମ୍ପାଦକ ତଥା କୋଷାଧକ୍ଷ ଅମିତ ମିତ୍ର, ଯୁଗ୍ମ ସମ୍ପାଦକ ଦେବାଶିଷ ରାଉତ, ଚିରଞ୍ଜନ ବେହେରା, ପୂର୍ବତନ ବିଜେପି କଟକ ନଗର ସଭାପତି ଲଲାଟେନ୍ଦୁ ବଡ୍ତୁ, ରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର କାହାଳୀ, ଭିକାରୀ ଚରଣ ଦାସ, ଦେବେନ୍ଦ୍ର ସାହୁ, ରତନ ମହାନ୍ତି, ଧର୍ମେଶ ନାୟକ, ମହମ୍ମଦ ସବୀର, ଆଇନଜୀବୀ ପ୍ରଶାନ୍ତ ନାୟକ, ସଲିଲ ଘୋଷ, କାଶୀନାଥ ମଲ୍ଲିକ, କୁଲୁ ମଲ୍ଲିକ, ଦେବାଶିଷ ରାୟ ଏବଂ ଅନାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରି ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ସ୍ୱର୍ଗତ ବୀରେନ ମିତ୍ରଙ୍କ ସ୍ମୃତି ଚାରଣା କରିଥିଲେ । ଏତଦ୍ ବ୍ୟତିତ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ସ୍ୱର୍ଗତ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା

## ସାବିତ୍ରୀ ବଜାର ସରଗରମ

# ଫଳ ବଜାରରେ ନିଆଁ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ପବିତ୍ର ସାବିତ୍ରୀ ପର୍ବ । ଏଥିପାଇଁ ପ୍ରତ୍ୟେକ ପରିବାରରେ ପୂଜାର୍ଚ୍ଚନା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏବେ ସାବିତ୍ରୀ ବଜାର ସରଗରମ ହୋଇଥିବା ବେଳେ ଫଳ ବଜାରରେ ନିଆଁ ଲାଗିଛି । ହଜାରେ ଟଙ୍କା ବଜାରକୁ ନେଇ ଗଲେ ମଧ୍ୟ ପଲିଥିନ୍ ବ୍ୟାଗ୍ ପୁରୁନାହିଁ । ଏବେ ବଜାରରେ ଆମ୍ବ କିଲୋ ପ୍ରତି ୧୦୦ରୁ ୨୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସେଓ ୨୦୦ରୁ ୩୫୦, ଅଙ୍ଗୁର ୨୦୦ରୁ ୩୦୦, ସପୁରୀ ଗୋଟା ୫୦ରୁ ୧୦୦, ପିଜୁଳି କିଲେ ୧୨୦ରୁ ୨୦୦, କମଳା କିଲୋପିଛା ୩୦୦ରୁ ୪୦୦, ଡ୍ରାଗନ୍ ଫ୍ରୁଟ୍ କିଲୋ ୨୮୦ରୁ ୩୫୦, କଦଳୀ ଡଜନ୍ ୮୦ରୁ ୧୨୦, ପଣସ ଗୋଟା ୨୦୦ରୁ ୩୦୦, ଡାଳିମ୍ବ ୩୦୦ରୁ ୪୦୦, ନାସପାତି ୨୫୦ରୁ ୩୫୦, ଲିଚୁ କିଲୋ ୩୦୦ରୁ ୪୦୦ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ତେବେ ଫଳର ଦର ଆକାଶଛୁଆଁ ହୋଇଥିବା ବେଳେ ଏବେ ବାପଘର ଲୋକଙ୍କ ପକେଟ୍ ଖାଲି ହେଉଛି । ଯେଉଁମାନେ ନବବିବାହିତ ହୋଇଛନ୍ତି ବାପାଘର ଲୋକେ ପ୍ରଥମ ସାବିତ୍ରୀ ଭାର ନେବାକୁ କୁଣ୍ଠାବୋଧ କରୁଛନ୍ତି । ଫଳମୂଳ କିଣିବାରେ ସେମାନଙ୍କର ୨୦ରୁ ୩୦ହଜାର ଟଙ୍କା ଖର୍ଚ୍ଚ ହେଉଥିବା ଜଣେ ଗ୍ରାହକ କହିଛନ୍ତି । ଅନ୍ୟପକ୍ଷରେ ଜଣେ ବ୍ୟବସାୟୀଙ୍କ କହିବାନୁଯାୟୀ ପର୍ବପର୍ବାଣୀ ଆସିଲେ ଫଳର ଦର ଆକାଶଛୁଆଁ ହୋଇଥାଏ । କାହିଁକି ନା ଫଳମୂଳର ଚାହିଦା ଅଧିକ ରହିଥିବାରୁ ଏହା ଆବଶ୍ୟକ ଅନୁଯାୟୀ ଉପଲବ୍ଧ ହୋଇନଥାଏ । ଫଳରେ ପୂର୍ବ ଧାର୍ଯ୍ୟ ମୂଲ୍ୟଠାରୁ ଏହାର ଦର ଆକାଶଛୁଆଁ ହୋଇପଡ଼ିଥାଏ । ତଥାପି ଗ୍ରାହକମାନେ ଏହାକୁ ଖାତିର ନକରି ନିଜ ମନ ପସନ୍ଦର ଫଳମୂଳକୁ ସଂଗ୍ରହ କରିନେଇଛନ୍ତି । ସେହିପରି ନବବସ୍ତ୍ର କିଣିବା ପାଇଁ ରାଜଧାନୀର ବଡ଼ ବଡ଼ ଶୋ' ରୁମ୍‌ଗୁଡିକରେ ରବିବାର ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ବସ୍ତ୍ରାଳୟରେ ଗ୍ରାହକଙ୍କୁ ରିହାତି ମୂଲ୍ୟରେ ଯୋଗାଇଦେବାକୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ତଥାପି ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ କପଡାର ଦରବୃଦ୍ଧି ଘଟିଥିଲେ ସୁଦ୍ଧା ଗ୍ରାହକମାନେ ନିଜ ମନ ପସନ୍ଦର ସମସ୍ତ ସାମଗ୍ରୀ କିଣିନେଇଥିବା ଜଣାପଡ଼ିଛି । ସେହିପରି ସାବିତ୍ରୀ ବ୍ରତରେ ଶଙ୍ଖା, ଚୁଡି ଓ ସିନ୍ଦୂରର ଚାହିଦା ବେଶ୍ ଅଧିକ ଥିବାରୁ ସହରରେ ଥିବା ବିଭିନ୍ନ ଷ୍ଟେସନାରୀ ଦୋକାନଗୁଡିକରୁ ଗ୍ରାହକମାନେ ନିଜ ମନ ପସନ୍ଦର ସାମଗ୍ରୀ କିଣିନେଇଥିବା ଦେଖିବାକୁ ମିଳିଛି । ଏହିପରି ଭାବେ ସାବିତ୍ରୀ ବଜାର ରାଜଧାନୀରେ ସରଗରମ ହୋଇଥିବା ଦେଖିବାକୁ ମିଳିଛି ।

ଓଡ଼ିଶାରେ ବାର ମାସରେ ତେର ପର୍ବ । ଏହା ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଏହି ପବିତ୍ର ଦିବସରେ ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରିଥାନ୍ତି । ଯେପରି ଯମରାଜାଙ୍କଠାରୁ ସାବିତ୍ରୀ ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିଥିଲେ ସେହିପରି ଭାବେ ଏହି ବ୍ରତକୁ ପ୍ରତ୍ୟେକ ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପାଳନ କରିଥାନ୍ତି । ଏହି ଦିନ ମହିଳାମାନେ ନବବସ୍ତ୍ର ପରିଧାନ କରି ଭଗବାନଙ୍କ ନିକଟରେ ପୂଜାର୍ଚ୍ଚନା କରି ବ୍ରତ ଧାରଣ କରିଥାନ୍ତି । ତେବେ ଏହି ଦିନରେ ଫଳମୂଳର ଚାହିଦା ଅଧିକ ଥିବାରୁ ଏବେ ଫଳବଜାରରେ ନିଆଁ ଲାଗିଛି । ହଜାରେ ଟଙ୍କାର ଫଳ କିଣିଲେ ମଧ୍ୟ ପଲିଥିନ୍ ବ୍ୟାଗ ପୁରୁ ନଥିବା ଦେଖିବାକୁ ମିଳୁଛି । ସବୁ ଫଳର ମୂଲ୍ୟ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ରହିଥିବା ଜଣାପଡ଼ିଛି ।



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ




## ଭାରତରେ କରୋନାର କାୟା ବିସ୍ତାର

# ୯ଟି ରାଜ୍ୟକୁ ବ୍ୟାପିଲା ସଂକ୍ରମଣ

ଭାରତରେ ଦୁଇଟି ନୂଆ ପ୍ରଜାତିର କରୋନା ଭୂତାଣୁ ଏବେ ସକ୍ରିୟ ହୋଇଥିବା ବେଳେ ଗତ କିଛି ସପ୍ତାହ ଧରି ଏହି ରୋଗର ସଂକ୍ରମଣ ବୃଦ୍ଧି ପାଉଛି। ଏବେ ୯ଟି ରାଜ୍ୟରେ କରୋନା ମୁଣ୍ଡ ଟେକିବା ସଙ୍ଗେ ସଙ୍ଗେ କେରଳରେ ଏହାର ତୀବ୍ରତା ଦେଖିବାକୁ ମିଳିଛି। ଜାତୀୟ ରାଜଧାନୀ ଦିଲ୍ଲୀ ଏବଂ ଅର୍ଥନୈତିକ ରାଜଧାନୀ ମୁମ୍ବାଇରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିବା ଚିନ୍ତାର କାରଣ ହୋଇଛି। ଆଜକୁ ପାଞ୍ଚ ବର୍ଷ ପୂର୍ବେ କରୋନା ବା 'କୋଭିଡ୍-୧୯' ମହାମାରୀ ରୂପ ନେଇ ସମଗ୍ର ବିଶ୍ୱକୁ କବଳିତ କରିବା ସଙ୍ଗେ ସଙ୍ଗେ ଜନଜୀବନକୁ ଥରହର କରିଥିଲା। ଏହି ଭୂତାଣୁଜନିତ ବ୍ୟାଧିର ଉତ୍ପତ୍ତିସ୍ଥଳ ଚୀନ୍‌ର ଉହାନ୍ ହୋଇଥିଲେ ହେଁ କେଉଁ କାରଣରୁ ଏହା ଗୋଟିଏ ପରେ ଗୋଟିଏ ଦେଶକୁ ମାଡି ଚାଲି ମୃତ୍ୟୁର ତାଣ୍ଡବ ରଚାଇଲା, ତାହା ଏବେ ବି ଅସ୍ପଷ୍ଟ ରହିଛି। ଗତ ୨୦୨୦ ଓ ୨୦୨୧ ଏହି ଦୁଇବର୍ଷ କରୋନା ବିଭୀଷିକାକୁ ବିଶ୍ୱବାସୀ ଅଙ୍ଗେ ନିଭାଇଥିଲେ। ଏଥିଯୋଗୁଁ ସବୁ ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଠାରୁ ଆରମ୍ଭ କରି ବାଣିଜ୍ୟ ବ୍ୟବସାୟ ଅତ୍ୟଧିକ ମାତ୍ରାରେ ପ୍ରଭାବିତ ହେବା ସହିତ ଅର୍ଥନୈତିକ ଭିତ୍ତିଭୂମି ଦୋହଲି ଯାଇଥିଲା। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଦୁଇ ବର୍ଷର ବିଭୀଷିକାରେ ବିଶ୍ୱରେ ୫ କୋଟିରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ପ୍ରତିଷେଧକ ଟୀକା ଉଦ୍ଭାବନ ଏବଂ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଫଳରେ ମହାମାରୀର ସଂକ୍ରମଣକୁ ରୋକାଯିବା ସମ୍ଭବ ହୋଇଛି। ତଥାପି ମଝିରେ ମଝିରେ କୋଭିଡ ଭୂତାଣୁର ନୂଆ ପ୍ରକାର ଭାରିଆଣ୍ଟ ବା ପ୍ରଜାତି ମୁଣ୍ଡ ଟେକିବାର ଖବର ନଜରକୁ ଆସିଥାଏ। ଏଇ କିଛିଦିନ ହେଲା ଏସିଆ ମହାଦେଶର ସିଙ୍ଗାପୁର, ହଂକଂ, ଚୀନ୍ ଓ ଥାଇଲାଣ୍ଡରେ ପୁଣି କରୋନାର ପଦଧ୍ୱନି ଶୁଣାଯିବା ପରେ ତାହା ଏବେ ଅନ୍ୟ ଦେଶଗୁଡ଼ିକୁ ବ୍ୟାପିବାରେ ଲାଗିଛି। ଏହିସବୁ ଦେଶରେ ଭୂତାଣୁର ନୂଆ ପ୍ରଜାତି (ଭାରିଆଣ୍ଟ) ଯୋଗୁଁ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସିଙ୍ଗାପୁରରେ ମଇ ୧ରୁ ୧୯ ତାରିଖ ମଧ୍ୟରେ ତିନି ହଜାର ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଏପ୍ରିଲ୍ ଶେଷ ସପ୍ତାହରେ ଏହି ସଂଖ୍ୟା ଏଗାର ହଜାର ଥିଲା। ସେହିପରି ହଂକଂରେ ଏଯାବତ ୮୧ଟି ନୂଆ ମାମଲା ଚିହ୍ନଟ ହୋଇଛି ଏବଂ ୩୦ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ଘଟିସାରିଲାଣି। ଚୀନ୍ ଓ ଥାଇଲାଣ୍ଡରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ନେଇ କୌଣସି ସୂଚନା ମିଳିନଥିଲେ ମଧ୍ୟ ଏହି ଦୁଇ ଦେଶରେ ହାଇ ଆଲର୍ଟ ଜାରି ହୋଇଛି। ବେସରକାରୀ ସୂତ୍ର ଅନୁଯାୟୀ ଚୀନ୍ ଓ ଥାଇଲାଣ୍ଡରେ ନୂଆ ଭାରିଆଣ୍ଟ ପୂର୍ବାପେକ୍ଷା ଦ୍ରୁତ ସଂକ୍ରାମକ କି ନୁହେଁ କିମ୍ବା ଅଧିକ ବିପଜ୍ଜନକ, ତାହାର କୌଣସି ପ୍ରମାଣ ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ମାତ୍ର ଏହି ନୂଆ ଲହର କମ୍ ରୋଗ ପ୍ରତିଷେଧକ ଶକ୍ତି ଥିବା ଲୋକଙ୍କ ଉପରେ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଭାରତରେ ମଧ୍ୟ ଏଇ କିଛିଦିନ ଭିତରେ କରୋନା କଡ ଲେଉଟାଇବା ଆରମ୍ଭ କରିଛି ଏବଂ ମଇ ୧୨ରୁ ୧୯ ତାରିଖ ମଧ୍ୟରେ ଗୋଟିଏ ସପ୍ତାହରେ ୧୬୪ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ଆମ ଦେଶରେ ସମୁଦାୟ ୩୫୦ରୁ ଊର୍ଦ୍ଧ୍ୱ ସକ୍ରିୟ କରୋନା ରୋଗୀ ଥିବାର ଜଣାପଡିଛି। ଅନ୍ୟ ରାଜ୍ୟ ତୁଳନାରେ ଗୁଜୁରାଟ, କର୍ଣ୍ଣାଟକ, କେରଳ, ତାମିଲନାଡୁ ଓ ମହାରାଷ୍ଟ୍ରରେ ଅଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ କେବଳ କେରଳରେ ୨୭୩ ମାମଲା ଚିହ୍ନଟ ହୋଇଥିବାର ସର୍ବଶେଷ ତଥ୍ୟରୁ ଜଣାପଡିଛି। ଅତୀତର ତିକ୍ତ ଅଭିଜ୍ଞତା ଦୃଷ୍ଟିରୁ କରୋନାର ପୁନଃ ସଂକ୍ରମଣକୁ ହାଲୁକା ଭାବରେ ଗ୍ରହଣ ନକରି ଆମକୁ ଜାଗ୍ରତିଆର ରହିବାକୁ ପଡିବ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ କରୋନା କେବେହେଲେ ସଂପୂର୍ଣ୍ଣ ମୂଳପୋଛ ହେବନାହିଁ, ଏହା ସବୁକାଳେ ରହିବ। କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣରେ ରଖାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ସରକାର ଓ ଜନସାଧାରଣ ସବୁ ସମୟରେ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବିଜ୍ଞତାର କାର୍ଯ୍ୟ ହେବ।

# ତ୍ୟାଗର ସଳିତାରେ ଜ୍ୱଳନ: ସାବିତ୍ରୀ




ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦


ମହାଭାରତର ବନ ପର୍ବରେ ସାବିତ୍ରୀ ଓ ସତ୍ୟବାନଙ୍କର ହୃଦୟସ୍ପର୍ଶୀ କାହାଣୀ ବର୍ଣ୍ଣନା ଯୁଗେ ଯୁଗେ ମଣିଷ ସମାଜ ପାଇଁ ତ୍ୟାଗ, ସେବା, ଦୃଢ ମନୋବଳ, ନିଷ୍ଠା ଆଦି ମହନୀୟ ଗୁଣର ଦୃଷ୍ଟାନ୍ତର ନିଦର୍ଶନ ସ୍ୱରୂପ ଶିକ୍ଷଣୀୟ ଉପାଖ୍ୟାନ ହୋଇଅଛି। ରାଜା ଯୁଧିଷ୍ଠିର ମାର୍କଣ୍ଡ ଋଷିଙ୍କୁ ଦ୍ରୌପଦୀଙ୍କର ଭକ୍ତି, ନିଷ୍ଠା, ତ୍ୟାଗ, ଭଲପାଇବା ଆଦି ସମ୍ପର୍କରେ ଦ୍ରୌପଦୀଙ୍କ ଠାରୁ ଅଧିକ ସର୍ବଗୁଣା ସମ୍ପନ୍ନା ନାରୀଙ୍କ ବିଷୟରେ ଜାଣିବାକୁ ଉତ୍ସୁକ ହୋଇଥିଲେ। ରାଜା ଯୁଧିଷ୍ଠିରଙ୍କର ଜିଜ୍ଞାସାକୁ ଶାନ୍ତ କରିବାକୁ ଯାଇ ମାର୍କଣ୍ଡ ଋଷି ସାବିତ୍ରୀ ଓ ସତ୍ୟବାନଙ୍କର କାହାଣୀକୁ ଉପସ୍ଥାପନ କରିଥିଲେ ଓ ପ୍ରତିପାଦନ କରିଥିଲେ ଯେ ଦ୍ରୌପଦୀଙ୍କ ଠାରୁ ଯଥେଷ୍ଟ ତ୍ୟାଗୀ, ଗୁଣୀ, ନିଷ୍ଠା, ଦୟା, କରୁଣା ଓ ସ୍ୱାମୀ ଭକ୍ତ ନାରୀ ଈଶ୍ୱରଙ୍କ ସୃଷ୍ଟିରେ ଅଛନ୍ତି ଓ ଉକ୍ତ ନିଷ୍ଠାର ନିଦର୍ଶନ ସ୍ୱରୂପ ଯୁଗେ ଯୁଗେ ମାନବ ସମାଜ ନିକଟରେ ପୂଜ୍ୟା ଓ ବନ୍ଦନୀୟା ହୋଇଛନ୍ତି।

ମାଦ୍ର ରାଜ୍ୟରେ ରାଜା ଅଶ୍ୱପତି ନିଃସନ୍ତାନ ଥିବାରୁ ଉଭୟେ ଅଶ୍ୱପତି ଓ ରାଣୀ ମାଳବୀ, ବଂଶ ରକ୍ଷା ନିମିତ୍ତ ସୂର୍ଯ୍ୟଙ୍କୁ ଉପାସନା କଲେ। ସବିତା ବା ସୂର୍ଯ୍ୟଦେବତା ରାଜା ରାଣୀଙ୍କର ନିବେଦନରେ ସନ୍ତୁଷ୍ଟ ହୋଇ ଏକ କନ୍ୟା ଜାତ ପାଇଁ ବରଦାନ କଲେ ଓ ତଦନୁଯାୟୀ ରାଜାଙ୍କର କନ୍ୟାଟିଏ ଜନ୍ମ ଲାଭ ହୋଇଥିଲା। ସବିତା ବା ସୂର୍ଯ୍ୟ ଦେବତାଙ୍କ ଅନୁକମ୍ପାରୁ କନ୍ୟା ଜନ୍ମ ହୋଇଥିବାରୁ କନ୍ୟାର ନାମ ସୂର୍ଯ୍ୟଙ୍କ ନାମକୁ ଧାରଣ କରି ସାବିତ୍ରୀ ରଖାଯାଇଥିଲା। ବିଧିର ବିଡମ୍ବନାର ଅଦୃଷ୍ଟର ନିହିତ ଉଦ୍ଦେଶ୍ୟ ଥିଲା ଭିନ୍ନ ପ୍ରକାରର। ସାବିତ୍ରୀ ଯେତେବେଳେ ବିବାହ ଯୋଗ୍ୟା ହେଲେ ତାଙ୍କୁ ବିବାହ ପାଇଁ କୌଣସି ସୁଯୋଗ୍ୟ ପୁରୁଷ ସନ୍ଧାନ ହୋଇପାରିଲା ନାହିଁ। ତେଣୁ ସାବିତ୍ରୀଙ୍କ ବାପା ସାବିତ୍ରୀଙ୍କୁ ନିଜ ଇଚ୍ଛାରେ ବିବାହ ଯୋଗ୍ୟ ପସନ୍ଦର ପ୍ରାର୍ଥୀ ବରଣ କରିବାକୁ ଅନୁମତି ଦେଇଥିଲେ। ବାପାଙ୍କର ନିର୍ଦ୍ଦେଶକୁ ସମ୍ମାନ ଦେବା ପାଇଁ ସୁଯୋଗ୍ୟା ସାବିତ୍ରୀ ଧର୍ମଯାତ୍ରାର ଅନ୍ୱେଷଣରେ ଅଭିଯାନ ଆରମ୍ଭ କରି ପରିଶେଷରେ ବନ ନିବାସୀ ଅନ୍ଧ ରାଜା ଦ୍ୟୋମତସେନଙ୍କର ପୁତ୍ର ସତ୍ୟବାନଙ୍କୁ ପତି ରୂପେ ବରଣ କଲେ। ଯୋଗ ଓ ସଂଯୋଗର ମିଳନ ପର୍ବରେ ଅଦୃଷ୍ଟ ନୀତି ନିର୍ଦ୍ଧାରଣ କରି ଭବିଷ୍ୟତକୁ ସେହି କେବଳ ଦେଖିପାରୁଥାଏ ଯାହାଙ୍କୁ କାମନା ଓ ବାସନା ସ୍ପର୍ଶ କରିପାରି ନଥାଏ। ମାତ୍ର ନିର୍ଣ୍ଣୟର ସିଦ୍ଧାନ୍ତରେ ସ୍ଥିରୀକୃତ ଉଦ୍ଦେଶ୍ୟ ଦେବୀ ସାବିତ୍ରୀଙ୍କ ପାଇଁ ଥିଲା ନିଷ୍ଠା, ଭଲପାଇବା, କର୍ତ୍ତବ୍ୟ ଓ ତ୍ୟାଗ। ମହର୍ଷି ନାରଦ ସାବିତ୍ରୀଙ୍କ ବାପା-ମା'ଙ୍କୁ ଯେତେବେଳେ ସାବିତ୍ରୀଙ୍କ ନିର୍ଣ୍ଣୟର ଭବିଷ୍ୟତ ଉପରେ ବିବରଣୀ ଉପସ୍ଥାପନ କଲେ ଯେ ସାବିତ୍ରୀଙ୍କ ନିର୍ଣ୍ଣିତ ପତି ସତ୍ୟବାନ ବିବାହାର ଏକ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିବେ, ସେଥିରେ ସାବିତ୍ରୀଙ୍କ ବାପା-ମା' ସାବିତ୍ରୀଙ୍କୁ ନିର୍ଣ୍ଣୟର ପୁନର୍ବିଚାର ପାଇଁ ଅନୁମତି ଦେଇଥିଲେ। ମାତ୍ର ଯୋଗଜନ୍ମା ସାବିତ୍ରୀ ନିର୍ଣ୍ଣୟରେ ଅଟଳ ଓ ଅଚଳ ରହି ବିଧିର ବିଧାନକୁ ନିମନ୍ତ୍ରଣ କରି ଭବିଷ୍ୟତକୁ ଅନତି ଦୂରରେ ଜାଣି ମଧ୍ୟ ସତ୍ୟବାନଙ୍କୁ ପତିରୂପେ ଗ୍ରହଣ କଲେ ଓ ପତ୍ନୀ ଧର୍ମର ନିଦର୍ଶନ ସ୍ୱରୂପ ସ୍ୱାମୀ ଓ ପରିବାର ସହ ବଣ ଜଙ୍ଗଲରେ ନିବାସ କଲେ। ରାଜପ୍ରାସାଦର ସମସ୍ତ ଉପଭୋଗ୍ୟ ଭୂଷଣ ଓ ଆଭୁଷଣକୁ ପରିତ୍ୟାଗ କରି ଏକ ଯୋଗୀ ସନ୍ନ୍ୟାସିନୀ ବେଶ ଧାରଣ କରି ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରିଥିଲେ। ଏକ ନିର୍ଭୀକ ନିଷ୍ଠା ଓ ନୀତିର ଆଦର୍ଶକୁ ଆଲିଙ୍ଗନ କରି ତ୍ୟାଗର ସଳିତାରେ ନିଜେ ସେ ହୋଇଗଲେ ଜ୍ୱଳନର ଆବାହକ। ଆଜିର ଭୋଗ ସର୍ବସ୍ୱ ସମାଜରେ ଯେଉଁଠି ମଣିଷ ସ୍ୱାର୍ଥ ପାଇଁ ମଣିଷକୁ ହତ୍ୟା କରୁଛି, ସେହି ସମାଜରେ ଆମ୍ଭର ପୂର୍ବଜମାନେ ତ୍ୟାଗ ଦ୍ୱାରା ମଣିଷ ଜୀବନକୁ ଜୀବନ ଦାନ କରି ପାରନ୍ତି ଯାହା ସମ୍ଭବ ହୋଇପାରେ କେବଳ ନିଃସ୍ୱାର୍ଥ ସେବା, ତ୍ୟାଗ ଓ କର୍ତ୍ତବ୍ୟର ନୀତି ନିର୍ଦ୍ଧାରଣରେ।

ବିଧିର ବିଧାନକୁ ଖଣ୍ଡନ କରିବା ସାଧାରଣ ମଣିଷ ପାଇଁ ଦିବା ସ୍ୱପ୍ନ ହୋଇପାରେ ମାତ୍ର ଦେବୀ ସାବିତ୍ରୀଙ୍କ ପାଇଁ ଥିଲାଏକ ଯୋଗ କର୍ମ ଓ ସଂଯୋଗ ତଥା ପରାକାଷ୍ଠାର ପରୀକ୍ଷା। ଅଦୃଷ୍ଟ ନିର୍ଦ୍ଧାରିତ ଘଟଣାର ତିନିଦିନ ପୂର୍ବରୁ ସାବିତ୍ରୀ ଉପବାସ ବ୍ରତ ଧାରଣ କରି ପତି ସତ୍ୟବାନଙ୍କ ସହ ଆହୋରାତ୍ର ସତର୍କ ରହିଲେ ଓ ସତ୍ୟବାନଙ୍କର ପ୍ରସ୍ତାବିତ ମୃତ୍ୟୁ ଦିନରେ ଶ୍ୱଶୁରଙ୍କର ଅନୁମତି କ୍ରମେ ସାବିତ୍ରୀ ପତି ସତ୍ୟବାନଙ୍କ ସହ ଜଙ୍ଗଲ ମଧ୍ୟକୁ କାଠ ଅନ୍ୱେଷଣରେ ଗଲେ। ନିର୍ଦ୍ଦିଷ୍ଟ ସମୟରେ ମୃତ୍ୟୁର ଦେବତା ଯମରାଜ ସତ୍ୟବାନଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ, ସତ୍ୟବାନ କାଠ ସଂଗ୍ରହ କରୁଥିବା ଅବସ୍ଥାରେ ସାବିତ୍ରୀଙ୍କ କୋଳରେ ଟଳି ପଡିଲେ ଓ ତତ୍‌କ୍ଷଣାତ ଯମରାଜ ସାବିତ୍ରୀଙ୍କ ନିକଟରୁ ସତ୍ୟବାନଙ୍କ ଆତ୍ମାକୁ ନେବାକୁ ଉଦ୍ୟତ ହେଲେ। ଉକ୍ତ ସମୟରେ ଯୋଗୀ ପତିବ୍ରତା ସାବିତ୍ରୀ ଯମରାଜଙ୍କୁ ଜ୍ଞାନର ଯୋଗ ସୂତ୍ର ଓ କ୍ରମାନ୍ୱୟ ପଦ୍ଧତି ସମ୍ବନ୍ଧରେ ନୀତି ଶିକ୍ଷାର ଆଦର୍ଶକୁ ପ୍ରତିପାଦନ କଲେ। ପ୍ରଥମେ ସେ ଧର୍ମକୁ ଯଥାଯୋଗ୍ୟ ସମ୍ମାନ ଓ ଅବଜ୍ଞା ନକରିବାକୁ ଯୁକ୍ତି ଉପସ୍ଥାପନ କଲେ ଓ ଜ୍ଞାନର ନିୟମାବଳୀ ଉପରେ ଆଲୋଚନା କଲେ। ତତ୍ପରେ ଯମରାଜଙ୍କୁ ବିଶ୍ୱାସର ବର୍ଣ୍ଣନାରେ ଧର୍ମନୀତିର ପ୍ରଶଂସା କଲେ। ତେଣୁ ସେ ଯମରାଜଙ୍କୁ ଧର୍ମଦେବତା ବୋଲି ସମ୍ବୋଧନ କରି ଧର୍ମର ପ୍ରତୀକ ବୋଲି ଅଭିହିତ କଲେ। ପରିଶେଷରେ ଉତ୍ତମ ଚରିତ୍ରର ଉପଯୋଗୀତା ଓ ଉପାଦେୟତାର ନିଷ୍ଠା ଯାହା କୌଣସି ପ୍ରଚ୍ଛନ୍ନ ପ୍ରତ୍ୟାଶା ବା ଉଦ୍ଦେଶ୍ୟରୁ ନିବୃତ୍ତ ଥିବ ତାହା ହେଉଛି ଚରିତ୍ର ବୋଲି ଯମରଜାଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କଲେ। ସାବିତ୍ରୀଙ୍କର ଜ୍ଞାନର ଭାବର ଭାଷାରେ ଧର୍ମରାଜ ଯମ ସାବିତ୍ରୀଙ୍କୁ ସତ୍ୟବାନ ଜୀବନ ବ୍ୟତୀତ ଅନ୍ୟ ଯାହା କିଛି ବର ଯାଚନା କଲେ ଓ ଯୋଗରୁ ସଂଯୋଗର କ୍ଷେତ୍ର ସୃଷ୍ଟି କରିଥିବା ଦେବୀ ସାବିତ୍ରୀ ପ୍ରଥମେ ଧର୍ମର ପରାକାଷ୍ଠାକୁ ପ୍ରତିପାଦନ କରିବା ପାଇଁ କୂଳବଧୂର କର୍ତ୍ତବ୍ୟକୁ ପାଳନ ପୂର୍ବକ ଯମରାଜ ଧର୍ମଦେବତାଙ୍କୁ ତାଙ୍କ ଶ୍ୱଶୁରଙ୍କର ଚକ୍ଷୁଦାନ ଓ ପୁନଃ ରାଜ୍ୟ ପ୍ରାପ୍ତିର ଅନୁରୋଧ କଲେ। ତତ୍ପରେ ପିତ୍ରାଳୟର କର୍ତ୍ତବ୍ୟକୁ ପ୍ରତିପାଳନ କରି ତାଙ୍କର ବାପାଙ୍କର ଶହେ ପୁତ୍ର କାମନା କଲେ ଓ ପରିଶେଷରେ ନିଜର ବଂଶ ରକ୍ଷା ନିମିତ୍ତ ସତ୍ୟବାନଙ୍କର ଶହେ ପୁତ୍ରର କାମନା ଧର୍ମ ଦେବତାଙ୍କ ନିକଟରେ ଗୁହାରି କଲେ। ଧର୍ମ ଦେବତା ସାବିତ୍ରୀଙ୍କର ସମସ୍ତ ଇଚ୍ଛାକୁ ପୂରଣ କରି ଆଉ କିଛି ବର ଯାଚନା କରିଥିଲେ କେବଳ ସତ୍ୟବାନର ଜୀବନ ବ୍ୟତିରେକେ। ମାତ୍ର ଦେବୀ ସାବିତ୍ରୀ ଜ୍ଞାନର ପରିସୀମାରେ ନିଜକୁ ନିୟନ୍ତ୍ରିତ କରି ଧର୍ମ ଦେବତାଙ୍କୁ କେବଳ ତିନୋଟି ଧର୍ମ କାର୍ଯ୍ୟର ପ୍ରାର୍ଥନା କରିଥିଲେ ଯେଉଁଥିରେ ସ୍ୱାମୀ ସତ୍ୟବାନଙ୍କର ଜୀବନ ଭିକ୍ଷା ମଧ୍ୟ ନିହିତ ଥିଲା। ଧର୍ମ ଦେବତା ପରିଶେଷରେ ସାବିତ୍ରୀଙ୍କ ନିକଟରେ ତାଙ୍କର ଜ୍ଞାନ, ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟ, ସେବା ଓ ଉପାସନା ନିକଟରେ ସନ୍ତୁଷ୍ଟ ହୋଇ ସତ୍ୟବାନଙ୍କୁ ସାବିତ୍ରୀଙ୍କୁ ଅର୍ପଣ କରି ପ୍ରତ୍ୟାବର୍ତ୍ତନ କରିଥିଲେ। ଅନ୍ୟପକ୍ଷରେ ରାଜା ଦ୍ୟୋମତସେନ ମଧ୍ୟ ରାଜ୍ୟ ପ୍ରାପ୍ତି ସହିତ ଚକ୍ଷୁ ଫେରି ପାଇଲେ ଓ ପିତାଙ୍କର ଶହେ ପୁତ୍ର ଜାତ ହୋଇ ବଂଶ ରକ୍ଷା ହୋଇପାରିଲା।

ସାବିତ୍ରୀ ସତ୍ୟବାନଙ୍କର ଘଟଣାକ୍ରମ ସତ୍ୟର ଉପଲବ୍ଧି ହୋଇପାରେ କିମ୍ବା କାଳ୍ପନିକ କଥାବସ୍ତୁ ହୋଇପାରେ, ମାତ୍ର ଏହା ଦୃଢ ନିଶ୍ଚିତ ଯେ ଉକ୍ତ ଘଟଣାରେ ସାବିତ୍ରୀ ମୃତ୍ୟୁକୁ ପରାସ୍ତ କରି ପ୍ରେମ ଓ ଭଲପାଇବାର ବିଜୟ ଧ୍ୱଜା ଉଡାଇ ପାରିଥିଲେ କେବଳ ନିଜର ନିଷ୍କପଟ ଅଭିଳାଷ, ସାମୂହିକ ସ୍ୱାର୍ଥ ଓ ଆତ୍ମ ବଳିଦାନ ପାଇଁ। ସାବିତ୍ରୀ ଜନ୍ମିତ ପିତାଙ୍କର ବଂଶ ରକ୍ଷା କଲେ, ଶ୍ୱଶୁରଙ୍କର ବଂଶରକ୍ଷା କରିବା ସହ ହୃତ ଗୌରବାକୁ ଫେରାଇ ଆଣିବାରେ ସହାୟକ ହେଲେ ଓ ସର୍ବୋପରି ନିଜର ସ୍ୱାମୀଙ୍କର ଜୀବନ ରକ୍ଷା କରି ନିଜେ ଏକ ଉଦାହରଣ ହୋଇଗଲେ। ତେବେ ଏତେଗୁଡିଏ ସାଧନା ସମ୍ଭବ ହୋଇପାରିଲା କେବଳ ସାବିତ୍ରୀଙ୍କ ଦୃଢ ମନୋବଳ ଓ ନିଷ୍କପଟ ପ୍ରେମ ତଥା ଉଦାର କର୍ତ୍ତବ୍ୟ ପାଇଁ। ସେହି ଉଦାହରଣକୁ ପାଥେୟ କରି ବର୍ତ୍ତମାନ ଅନେକ ହିନ୍ଦୁ ଧର୍ମର ପରିବାର ଝିଅ ମାନଙ୍କର ନାମ ସାବିତ୍ରୀ ରଖିଥାନ୍ତି ମାତ୍ର ଆଜିର ସମାଜରେ ପ୍ରତ୍ୟେକ ନାରୀ ମଧ୍ୟ ସାବିତ୍ରୀଙ୍କର ଗୁଣକୁ ଆଦରି ନେଲେ ହୁଏତ ପାରିବାରିକ କଳହରୁ କିଛି ପରିବାର ବର୍ତ୍ତୀ ଯାଇ ପାରନ୍ତା। ବର୍ତ୍ତମାନର ସ୍ଥିତି ସହ ଯଦି ସାବିତ୍ରୀଙ୍କର ଉକ୍ତ ଘଟଣାକ୍ରମକୁ ବିଶ୍ଳେଷଣ କରାଯାଏ, ତେବେ ନିର୍ଣ୍ଣାୟକ ସ୍ଥିତିରେ କୁହାଯାଇପାରେ ଯେ ଉଭୟେ ସତ୍ୟବାନ ଓ ସାବିତ୍ରୀଙ୍କର ଆଦର୍ଶ ବର୍ତ୍ତମାନ ସମାଜ ଆପଣେଇବା ପାଇଁ ବିମୁଖ, କାରଣ ବର୍ତ୍ତମାନ ମଣିଷ ନିକଟରେ ଅହଂକାର, ଆତ୍ମବଡିମା, ଗର୍ବ, ସ୍ୱାର୍ଥ ଆଦି ନିର୍ଗୁଣ ଗୁଡିକ ମଣିଷ ଶରୀରରେ ଅଧିକ ମାତ୍ରାର ଆଧିପତ୍ୟ ବିସ୍ତାର କରି ବସିଲାଣି। ଆନୁଗତ୍ୟ ଓ ବିବେକାନୁଗତ ବିଚାରର ଚିନ୍ତା ମଧ୍ୟ ସ୍ୱାର୍ଥନ୍ୱେଷୀ ମଣିଷ କରିବା ପାଇଁ କୁଣ୍ଠାବୋଧ। ଦୃଷ୍ଟାନ୍ତ, ଉଦାହରଣ, ଅନୁସରଣ, ଅନୁକରଣ ଆଦିରୁ ମଣିଷ ମାର୍ଜିତ ହୋଇ କିଛି କିଛି ଶିକ୍ଷା ଲାଭ କରିଥାଏ ଯାହା ନିଜର ଜୀବନଚର୍ଯ୍ୟାରେ ନିୟୋଜିତ କରେ, କିନ୍ତୁ ବର୍ତ୍ତମାନ ସମାଜ ପାର୍ଥିବ ଆସକ୍ତି ଦ୍ୱାରା କବଳିତ ଯେଉଁଥିରେ ରହିଛି କେବଳ ଅସମାହିତ ପ୍ରଶ୍ନ ଓ ବିଭେଦ। ଉକ୍ତ କାହାଣୀରେ ସତ୍ୟବାନ ହେଉଛନ୍ତି ସତ୍ୟର ଆତ୍ମା ପ୍ରତୀକ ଓ ସାବିତ୍ରୀ ହେଉଛନ୍ତି ସୂର୍ଯ୍ୟଙ୍କର କନ୍ୟା। ଉକ୍ତ ଘଟଣାକ୍ରମ ମଣିଷ ସମାଜକୁ ଶିକ୍ଷା ଦେବା ପାଇଁ ବିଧାତାଙ୍କର ଏକ ପରିକଳ୍ପନା ଯଦ୍ୱାରା ମଣିଷ ସମାଜ କିଛି ଶିକ୍ଷା ଲାଭ କରି ଦୈନନ୍ଦିନ ଜୀବନରେ ତାହା ପ୍ରୟୋଗ କରିବାର ଅବସର। ସାବିତ୍ରୀ ହେଉଛନ୍ତି ଯୁଗ ପରିବର୍ତ୍ତନର ଏକ ଯୋଗ କ୍ରିୟା ଯାହା ସଂଯୋଗରେ ଏକ ଅନିଶ୍ଚିତ ଭବିଷ୍ୟତ ପୁଣି ଆଲୋକିତ ହୋଇପାରିଲା ଓ ତାହା ହୋଇପାରିଥିଲା କେବଳ ସତ କ୍ରିୟାର ପ୍ରତିକ୍ରିୟାର ପ୍ରତିଫଳନ। ନିୟନ୍ତ୍ରିତ ମଣିଷର ବିବେକର ବିଚାର ମଣିଷକୁ ଉଚିତ ସ୍ଥାନରେ ସ୍ଥାନିତ କରିଥାଏ, କିନ୍ତୁ ପାର୍ଥିବ ଜୀବନରେ ମଣିଷ ନିୟନ୍ତ୍ରଣ ହରାଇ ନିଜେ ନିମର୍ଜିତ ହୋଇଯାଉଛି ଅନ୍ୟଏକ ଅବାସ୍ତବ ଉପଲବ୍ଧିରେ। ସାବିତ୍ରୀଙ୍କର ଜନ୍ମର ଯୋଗରେ ସଂଯୋଗର ପ୍ରତିବଦ୍ଧତା ହେତୁ ସେ ରୂପାନ୍ତରିତ ହୋଇଗଲେ ଦେବୀ ସାବିତ୍ରୀ ଓ ପୂଜ୍ୟା। ତେଣୁ ଆଜିର ସମାଜରେ ମଧ୍ୟ ଆମେ ଆଶା କରିପାରିବା ସେହି ଯୋଗ ଓ ସଂଯୋଗର ଭିତ୍ତିଭୂମିରେ ସାବିତ୍ରୀ ଦେବୀଙ୍କର ବିଶ୍ୱାସ, ଆତ୍ମବିଶ୍ୱାସ ଓ ତ୍ୟାଗର ସଳିତାରେ ଜୀବନର ପରିକଳ୍ପନା।

## ନୀତିବାଣୀ



କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ
ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା
ମିଥ୍ୟାଚାରଃ ସ ଉଚ୍ୟତେ ॥

ଭାବାର୍ଥ : ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# କଳିଯୁଗ ଶକୁନି ଓ ମନ୍ଥରା


ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ: ୮୬୩୭୨୪୪୧୧୫


ଦ୍ୱାପର ଯୁଗର ଗାନ୍ଧାର ନରେଶ ଶକୁନି ଥିଲା ଛଳ, କପଟ, ପ୍ରତାରଣା ଓ ପ୍ରତିଶୋଧ ପରାୟଣତା ପରି ଅନେକ ମନ୍ଦ ଗୁଣର ପ୍ରତୀକ। କୌରବଙ୍କ ଅନ୍ନ ଖାଇ ଅପରିଣାମଦର୍ଶୀ ଅନ୍ଧ ସମ୍ରାଟ ଧୃତରାଷ୍ଟ୍ରର ଶାଳକ ଓ ଅହଙ୍କାରୀ ଦୁର୍ଯ୍ୟୋଧନର ମାମାଶ୍ରୀ ସାଜି ନିଜ ଭଣଜାକୁ ହସ୍ତୀନାପୁରର ସମ୍ରାଟ କରିବାର ମହତ୍ତ୍ୱ ଆକାଂକ୍ଷାର ବିଷ ପିଆଇ ମହାଭାରତ ଯୁଦ୍ଧକୁ ନିଶ୍ଚିତ କରାଇଥିଲା ଓ ସମଗ୍ର କୁରୁବଂଶକୁ ଧ୍ୱଂସ କରାଇ ନିଜ ପ୍ରତିଶୋଧର ବହ୍ନିକୁ ନିର୍ବାପିତ କରିଥିଲା। ଠିକ୍ ସେହିପରି ଏହି ଘୋର କଳି କାଳରେ ଆମ ସମାଜରେ ଅନେକ ଶକୁନି ଚରିତ୍ରର ଲୋକ ଅଛନ୍ତି ଯେଉଁମାନେ କି ଭାଇ ଭାଇ ମଧ୍ୟରେ କଳି ଲଗାଇ ସେମାନଙ୍କୁ ପରସ୍ପର ଠାରୁ ପୃଥକ କରାଉଛନ୍ତି। ଏହି ଶକୁନି ଚରିତ୍ରର ଲୋକଙ୍କ ପାଇଁ କ୍ଷମତାପାଗଳ ନେତାମାନଙ୍କ ମଧ୍ୟରେ କ୍ଷମତା ସିଂହାସନ ଦଖଲ ପାଇଁ ଲଢେଇ ଚାଲିଛି। ସମାଜରେ ଏଭଳି ଚରିତ୍ରମାନଙ୍କ ପାଇଁ ମାରାତ୍ମକ ନିଶାଦ୍ରବ୍ୟ ସେବନ, ଚୋରି, ଡକାୟତି, ରାହାଜାନୀ, ବଳାତ୍କାର, ନାରୀ ନିର୍ଯାତନା ଓ ଜୁଆଖେଳ ପରି ନାନାଦି ଅପରାଧିକ କାର୍ଯ୍ୟକଳାପ ହେଉଛି ଓ ସରଳ-ନିରୀହ ଲୋକଙ୍କର ସର୍ବନାଶ ହେଉଛି। ସରକାରୀ ଯୋଜନା ଅର୍ଥର ନିରନ୍ତର ବାଟମାରଣା ବି ହେଉଛି ଓ କଳାଧନ ମଧ୍ୟ ଠୁଳ ହେଉଛି। ସେହିପରି ତ୍ରେତୟା ଯୁଗର ରାଜା ଦଶରଥଙ୍କ ଦ୍ୱିତୀୟ ପତ୍ନୀ କୈକେୟୀଙ୍କ ଦାସୀ କୁଟିଳା ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେଇ ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ ୧୪ବର୍ଷ ବନବାସ କରିବାକୁ ବାଧ୍ୟ କରାଇଥିଲା ଓ ରାଜା ଦଶରଥଙ୍କୁ ଅକାଳ ମୃତ୍ୟୁମୁଖକୁ ଠେଲି ଦେଇଥିଲା। ଏ କଳିଯୁଗରେ ମଧ୍ୟ ଆମ ସମାଜରେ ଅନେକ ମନ୍ଥରା ଚରିତ୍ରର ଘରଭାଙ୍ଗି ନାରୀ ଅଛନ୍ତି ଯେଉଁମାନେ କି ଯୌଥ ପରିବାରକୁ ଭାଙ୍ଗି ଦେଉଛନ୍ତି। ଭାଇ ଭାଇ ଓ ସେମାନଙ୍କ ସ୍ତ୍ରୀଙ୍କ ମଧ୍ୟରେ ଘୃଣା, ଦ୍ୱେଷ ଓ ତିକ୍ତତାର ଭାବ ସୃଷ୍ଟି କରାଇ ସେମାନଙ୍କୁ ପୃଥକ କରାଇ ଦେଉଛନ୍ତି। ବର୍ତ୍ତମାନ ଅନେକ ବିବାହିତା ମହିଳାଙ୍କ ଧର୍ମଛଡା ପିତାମାତା ନିଜ ଝିଅଜ୍ୱାଇଁଙ୍କୁ କୁମନ୍ତ୍ରଣା ଦେଇ ଶକୁନି ଓ ମନ୍ଥରାର ଚରିତ୍ର ନିର୍ବାହ କରୁଛନ୍ତି। ଦ୍ୱାପର ଯୁଗର କପଟି ଶକୁନି ଠାରୁ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ସିନା ପଞ୍ଚୁପାଣ୍ଡବ ଓ ଯାଜ୍ଞସେନୀଙ୍କୁ ରକ୍ଷା କରିବା ସହିତ ସେମାନଙ୍କୁ ଯୁଦ୍ଧ ବିଜୟୀ କରାଇଥିଲେ; ହେଲେ ଏ କଳିଯୁଗରେ ଶକୁନି ଚରିତ୍ରର ଲୋକମାନେ ସମାଜର ସରଳ-ନିରୀହ ନିରକ୍ଷର ଖଟିଖିଆ ଲୋକଙ୍କର ସର୍ବନାଶ କରାଉଛନ୍ତି। ସୁତରାଂ, ଆମେ ସବୁ ଏଯୁଗର ଶକୁନି ଓ ମନ୍ଥରା ଚରିତ୍ରର ଲୋକଙ୍କ ଠାରୁ ସତତ ଦୂରେଇ ରହିବା ଉଚିତ୍। ଆମେ ସବୁ ଆମ ବିବେକ ଓ ଚେତନା ରୂପୀ ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ର ଓ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କ ମାର୍ଗଦର୍ଶନ ଅନୁଯାଇ ନିଜ ନିଜର କର୍ତ୍ତବ୍ୟ ଓ ଧର୍ମ ପାଳନ କରିଚାଲିବା ଉଚିତ୍।

# 'ରାଜମାତା'ରୁ 'ଲୋକମାତା': ପୁଣ୍ୟଶ୍ଳୋକା ଦେବୀ ଅହଲ୍ୟା ବାଇ ହୋଲକର ଜୀ


ଡ. କୃଷ୍ଣଚନ୍ଦ୍ର ମହାପାତ୍ର
ମନ୍ତ୍ରୀ
ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ
ସାଧାରଣ ଉଦ୍ୟୋଗ, ଓଡ଼ିଶା ସରକାର


୨୧ ମେ' ୨୦୨୫ ରୁ ୩୧ ମେ ୨୦୨୫ ପର୍ଯ୍ୟନ୍ତ ସମଗ୍ର ଦେଶରେ ପୁଣ୍ୟଶ୍ଳୋକା ଦେବୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ ତମ ଜନ୍ମବାର୍ଷିକୀ ମହା ଆଡମ୍ବରରେ ପାଳନ ହେଉଛି। ଅଷ୍ଟାଦଶ ଶତାବ୍ଦୀରେ ଶିବକାମିନୀ ମହାଦେବୀ ମହାରାଣୀ ଅହଲ୍ୟା ବାଇ ହୋଲକର ଏକମାତ୍ର ଶାସିକା ଥିଲେ, ଯାହାଙ୍କୁ ପ୍ରଜାମାନେ ଦେବୀ ସ୍ୱରୂପା ଭାବେ ସ୍ୱୀକାର କରୁଥିଲେ। ପିତା ମାଣକୋଜୀ ସିନ୍ଧେ ଓ ମାତା ସୁଶୀଳା ଦେବୀଙ୍କ ଔରସରୁ ତୃତୀୟ ସନ୍ତାନ ଭାବେ ଅହଲ୍ୟା ବାଇ ୧୭୨୫ ମେ' ୩୧ ତାରିଖରେ ମହାରାଷ୍ଟ୍ରପ୍ରଦେଶର ଔରଙ୍ଗାବାଦରଏକ ଛୋଟଗ୍ରାମ ଚାଣ୍ଡୀ (ବର୍ତ୍ତମାନ ଅହଲ୍ୟାବାଇ ନଗର) ଠାରେ ଜନ୍ମଗ୍ରହଣ କରିଥିଲେ।

ପିଲାଟି ଦିନରୁ ମହାରାଣୀ ଶିବ ଭକ୍ତ ଥିଲେ। ମାଲୱା ର ସୁବେଦାର ମହ୍ଲାର ରାଓ ଜଣେ ବାଳିକାର ଶିବଭକ୍ତି ଓ ବିନମ୍ରତାକୁ ଅନୁଭବ କରି ମାତ୍ର ୧୨ବର୍ଷ ବୟସରେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଅହଲ୍ୟାଙ୍କୁ ସୁବେଦାର ରାଜବଂଶର ବୋହୂ ଭାବେ ସ୍ୱୀକାର କରିଥିଲେ। ସେ ପତି ଖଣ୍ଡେ ରାଓଙ୍କର ଅନୁମତି ନେଇ ଅହଲ୍ୟା ବାଇ ରାଜ ପରିବାରର ସମସ୍ତ ପରମ୍ପରା ଓ ଯୁଦ୍ଧ ବିଦ୍ୟା ଗ୍ରହଣ ସହିତ ଶାସନ ଓ ପ୍ରଶାସନ ସମ୍ବନ୍ଧରେ ଅବଗତ ହୋଇଥିଲେ। ୧୭୪୫ରେ ଅହଲ୍ୟାଙ୍କର ଏକ ପୁତ୍ର ସନ୍ତାନ ଯାହାର ନାମ ମାଲେ ରାଓ ଓ ୧୭୪୮ରେ ଏକ କନ୍ୟା ସନ୍ତାନ ଯାହାର ନାମ ମୁକ୍ତା ରଖା ଯାଇଥିଲା। ୧୭୫୪ରେ ପତି ଖଣ୍ଡେ ରାଓଙ୍କର ରାଜସ୍ଥାନର କୁମ୍ଭେରି ଯୁଦ୍ଧରେ ମୃତ୍ୟୁ ପରେ, ଶ୍ୱଶୁର ମହ୍ଲାର ରାଓଙ୍କର ଦେହାନ୍ତ ଏବଂ ମାତ୍ର ୨୨ ବର୍ଷ ବୟସରେ ପୁତ୍ର ମାଲେ ରାଓଙ୍କ ଦେହାନ୍ତ ଦେବୀ ଅହଲ୍ୟା ବାଇଙ୍କୁ ମାନସିକ ସ୍ତରରେ ଭାଙ୍ଗି ଦେଇଥିଲେ ମଧ୍ୟ ଦୃଢ଼ମନା ମହାରାଣୀ ଏହାର ଠିକ୍ ପରେ ପରେ ସମସ୍ତ କଷ୍ଟକୁ ନିଜ ଭିତରେ ଚାପି ରଖି ନିରନ୍ତର ଭାବେ (୧୭୬୭ ରୁ ୧୭୯୫) ଦୀର୍ଘ ୨୮ ବର୍ଷ ସଫଳତାର ସହ ରାଜ୍ୟ ଶାସନ କରିଥିଲେ।

ଅହଲ୍ୟା ବାଇ ଜଣେ ଦୃଢ଼ ପ୍ରଶାସିକା ଥିଲେ। ଜଣେ ସାଧାରଣ ସନ୍ଥଙ୍କ ପରି ଜୀବନ ଯାପନ କରି ପ୍ରତ୍ୟକ ଦିନ ଶିବ ଅର୍ଚ୍ଚନା ସହିତ ଗୋ-ଶାଳା ଦର୍ଶନ ଓ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ନିୟମିତ ଧନଦାନ ଓ ଅନ୍ନଦାନ ସହିତ ସେ ତାଙ୍କ ସମୟରେ ଯେଉଁ ଟଙ୍କା ପ୍ରଚଳନ କରିଥିଲେ ସେଥିରେ 'ଶିବଲିଙ୍ଗ' ଓ 'ବେଲପତ୍ର' ଅଙ୍କିତ ଥିଲା ଓ ମୁଦ୍ରାରେ 'ନନ୍ଦି' ଚିତ୍ର ଶୋଭା ପାଉଥିଲା। ସମସ୍ତ ପତ୍ରାଳାପରେ ନିଜର ସ୍ୱାକ୍ଷର ଜାଗାରେ ସେ 'ଶ୍ରୀ ଶଙ୍କର' ଲେଖୁଥିଲେ। ଏହା ତା'ଙ୍କ ଶିବ ଭକ୍ତି ଓ ଉପାସନାର ପରିଚୟ ପ୍ରଦାନ କରେ। ଶାସନ କାର୍ଯ୍ୟକୁ ସହଜ ଓ ସରଳ କରିବା ପାଇଁ ସେ ସମଗ୍ର ଦେଶକୁ ୧୩ଟି ଦରବାରରେ ବିଭକ୍ତି କରି ପ୍ରତ୍ୟେକ ୧୦ କୋଶରେ ଗୋଟିଏ ଗୋଟିଏ ଶିବିର ନିର୍ମାଣ କରିଥିଲେ। ଯେଉଁ ଠାରେ ଜଣେ 'ସନ୍ଦେଶ ବାହକ' ନିୟୋଜିତ ହୋଇଥିଲେ। ଏହାଦ୍ୱାରା ଦେଶର କୋଣ ଅନୁକୋଣରୁ ସମସ୍ତ ଖବର/ସମସ୍ୟା ବିଷୟରେ ଅବଗତ ହୋଇ ସେ ଏହାର ତୁରନ୍ତ ସମାଧାନ କରି ପାରୁଥିଲେ।

ସେ ହୃଦୟରେ ଯେତିକି କୋମଳ ଥିଲେ ଶାସନରେ ସେତିକ କଠୋର ଥିଲେ। କର ଦେଉ ନଥିବା ଓ ବିଦ୍ରୋହ କରୁଥିବା ଜାଟମାନଙ୍କୁ ସେ କଠୋର ହସ୍ତରେ ଦମନ କରିଥିଲେ। ପ୍ରଚଳିତ ଉର୍ଦ୍ଦୁ ଓ ପାର୍ସି ଭାଷା ସ୍ଥାନରେ ସେ ସଂସ୍କୃତ, ମାଲାବୀ ଓ ଖଡ଼ି ଭାଷା ପ୍ରଚଳନ କରିଥିଲେ। ସେ ଥିଲେ ଶ୍ରେଷ୍ଠ ଅର୍ଥନୀତିଜ୍ଞ। ସେ ସ୍ୱଦେଶୀ ଅର୍ଥନୀତିର ଏକ ପକ୍ଷଧର ଥିଲେ। ତାଙ୍କର ସମସ୍ତ ଯୋଜନା ଥିଲା ରାଜ୍ୟର ରାଜକୋଷ ବୃଦ୍ଧି ଓ ସାଧାରଣ ଜନତାଙ୍କ ହାତରେ କାମ ଦେଇ ତା'ଙ୍କୁ ସ୍ୱାବଲମ୍ବୀ କରାଇବା। ସ୍ୱୟଂ ସହାୟିକା ସମୂହ ଦ୍ୱାରା 'ମାହେଶ୍ୱରୀ ଶାଢ଼ୀ'ର ପ୍ରସ୍ତୁତ ଓ ବିପଣନ ତଥା ସୁଦୂର ପ୍ରସାର, ସ୍ୱାବଲମ୍ବନର ଏକ ସଫଳ ଚିନ୍ତା ଓ ପରିକଳ୍ପନା ପରିପ୍ରକାଶ ଅଟେ। ରାଜକୋଷରୁ ସହିଦ ପରିବାରକୁ ଋଣ, ଦରିଦ୍ରମାନଙ୍କୁ କୃଷି ଓ ବାଣିଜ୍ୟ ପାଇଁ ଶସ୍ତା ଋଣ, ବନ ସଂରକ୍ଷଣ, ବୃକ୍ଷରୋପଣ, ଦୈବ ଦୁର୍ବିପାକ ସମୟରେ କ୍ଷତିପୂରଣ ପ୍ରଦାନ କରି ସେ ଜଣେ ପ୍ରଜା ବତ୍ସଳ ମହାରାଣୀ ହୋଇ ପାରିଥିଲେ। ଗୁରୁକୂଳ ପଦ୍ଧତିକୁ ପ୍ରୋତ୍ସାହିତ କରିବା ସହିତ ଶିକ୍ଷକ, ଆଚାର୍ଯ୍ୟ ଓ ବ୍ରାହ୍ମଣମାନଙ୍କୁ ଜ୍ଞାନ ପ୍ରଦାନରେ ନିୟୋଜିତ କରି ସେ ୧୯ଟି ବିଷୟରେ ଏକ ଟିମ୍ ଗଠନ କରିଥିଲେ। ସେହି ୧୯ଟି ବିଷୟ ଆଜି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଅଧ୍ୟୟନ ହେଉଛି।

ଅହଲ୍ୟା ବାଇଙ୍କର ରାଷ୍ଟ୍ରୀୟ ଦୃଷ୍ଟି ସନାତନ ହିନ୍ଦୁତ୍ୱ ମୂଲ୍ୟ ଆଧାରିତ ଥିଲା। ସେ ୨୮ଟି ଘାଟ ଓ ୫୦ଟି ମନ୍ଦିର ନିର୍ମାଣ କରିଥିଲେ। ତୀର୍ଥଯାତ୍ରାକୁ ପ୍ରାଧାନ୍ୟ ଦେଉଥିବା ମହାରାଣୀ ଇସଲାମ ଆକ୍ରମଣକାରୀ ମାନେ ଧ୍ୱଂସ କରିଥିବା ସମସ୍ତ ତୀର୍ଥସ୍ଥାନ ଗୁଡିକରେ ପୁନଃନିର୍ମାଣ ପାଇଁ ପ୍ରଯତ୍ନ କରିଥିଲେ। ଦେଶର ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମନ୍ଦିର ଓ ଧର୍ମଶାଳା ନିର୍ମାଣ କରିଥିଲେ। ସେ ବାରଣାସୀର ମଣିକର୍ଣ୍ଣିକା ଘାଟ ସହିତ ଅନେକ ଘାଟ, ବଦ୍ରିନାଥରୁ ସମେଶ୍ୱର ପର୍ଯ୍ୟନ୍ତ ଓ ଦ୍ୱାରିକା ଠାରୁ କାଶୀ ପର୍ଯ୍ୟନ୍ତ ଅନେକ ମନ୍ଦିର, ଘାଟ, ଧର୍ମଶାଳା ଆଦି ନିର୍ମାଣ କରିଥିଲେ। ବିଶେଷ କରି ପାଠଶାଳା, ଧର୍ମଶାଳା ଓ ଅନ୍ନକ୍ଷେତ୍ର ଗୁଡିକର ଉନ୍ନତିକୁ ଆଖି ଆଗରେ ରଖି ସେ ସମସ୍ତ ଯୋଜନା ପରିକଳ୍ପନା କରିଥିଲେ। କ୍ଷମତା, ଧନ, ବୈଭବ ପ୍ରତି ନିଜର ଆସକ୍ତି ତୁଟାଇ ଏହାକୁ ଈଶ୍ୱରଙ୍କ ଦାନ ବୋଲି ମନେକରି ନିଜକୁ ରାଜ୍ୟର ପ୍ରତ୍ୟକ କାର୍ଯ୍ୟ ପାଇଁ ଉତ୍ତରଦାୟୀ ଭାବି ସେ ଛତ୍ରପତି ଶିବାଜୀଙ୍କର ପଦାନୁସରଣ କରୁଥିଲେ। ଜଣେ କୁଶଳ ରାଜନୀତିଜ୍ଞଙ୍କ ଓ ଦୂରଦ୍ରଷ୍ଟା ଭାବେ ସେ ଇଂରେଜମାନଙ୍କ କୁଟିଳ ବୁଦ୍ଧିକୁ ହୃଦୟଙ୍ଗମ କରି ପାରିଥିଲେ ଓ ତୁକୋଜୀ ରାଓଙ୍କୁ ମଧ୍ୟ ଟିପୁ ସୁଲତାନଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ। ମହାରାଣୀ ଅହଲ୍ୟା ବାଇ ମହିଳାଶକ୍ତିର ଏକ ପ୍ରତ୍ୟକ୍ଷ ଉଦାହରଣ ଥିଲେ। ସେ ମହିଳାମାନଙ୍କୁ ନେଇ ଏକ ଶକ୍ତିଶାଳୀ ସେନା ପ୍ରସ୍ତୁତ କରିଥିଲେ। ସେ ଭଲଭାବେ ଜାଣିଥିଲେ ଅନ୍ୟ ରାଜ୍ୟର ସେନା ତୁଳନାରେ ତାଙ୍କ ସେନା ଦୁର୍ବଳ। ତେଣୁ ସେ ଯୁଦ୍ଧ ପୂର୍ବରୁ ଶତ୍ରୁ ସେନାକୁ ଏକ ପତ୍ର ପଠାଉ ଥିଲେ, 'ଯଦି ଏହି ସ୍ତ୍ରୀ ସେନାକୁ ପରାସ୍ତ କରି ଯୁଦ୍ଧରେ ବିଜୟୀ ହୁଅ, ଆପଣଙ୍କର କୀର୍ତ୍ତି ଓ ଯଶ ବଢ଼ିଯିବ ନାହିଁ। ଦୁନିଆ ଆପଣଙ୍କୁ ଦୁର୍ବଳ କହିବ' ଜଣେ ବିଧବା ସ୍ତ୍ରୀକୁ ପରାସ୍ତ କରି ନିଜର ବାହାଦୂରୀ ଦେଖାଉଛି, ଏହାଠାରୁ ଅପମାନ ଆଉ କିଛି ନାହିଁ। କିନ୍ତୁ ଯୁଦ୍ଧରେ ପରାଜୟ ହେଲେ, ଦୁନିଆ ଆପଣଙ୍କୁ ଏପରି ହସି ତାଚ୍ଛଲ୍ୟ କରିବ, ତାହା ଆପଣ କଳ୍ପନା କରିପାରିବେ ନାହିଁ, ଆପଣଙ୍କ ପ୍ରତିଷ୍ଠାରେ ଆଞ୍ଚ ଆସିବ। ତାଙ୍କର ଏହି ବୁଦ୍ଧିମତା ଯୁଦ୍ଧନୀତି ପାଇଁ ଅନ୍ୟ ଶତ୍ରୁ ରାଜ୍ୟମାନେ ଆକ୍ରମଣ କରିବା ପାଇଁ ଉଚିତ ମନେ କରୁନଥିଲେ ଏବଂ ନିଜ ରାଜ୍ୟକୁ ସେ ସୁରକ୍ଷିତ ରଖି ପାରିଥିଲେ।

ଲୋକମାତା ଦେବୀ ଅହଲ୍ୟା ବାଇମାଲୱାର ପ୍ରଥମ ମହିଳା ଶାସିକା ହେବା ସହିତ ପ୍ରଜାମାନଙ୍କର ବିଶ୍ୱାସ ଭାଜନ ହୋଇପାରିଥିଲେ। ସମଗ୍ର ରାଜ୍ୟକୁ ଜିଲ୍ଲା ଓ ତହସିଲରେ ବର୍ଣ୍ଟନ କରିଥିଲେ। ନ୍ୟାୟର ଅନ୍ତିମ ଅପିଲ ନିଜେ ଶୁଣୁଥିଲେ ଓ ପ୍ରଜାମାନଙ୍କ ଦୁଃଖ ସେ ନିଜେ ବୁଝୁଥିଲେ। ସେ କେବେ ବି ରାଜସିଂହାସନରେ ବସି ରାଜ୍ୟ ଶାସନ କରୁନଥିଲେ ବରଂ ଗୋଟିଏ ସାଧାରଣ ଚୌକିରେ ବସୁଥିଲେ। ସର୍ବୋପରି ସେ ମହିଳାମାନଙ୍କର ଅଧିକାର ପ୍ରତି ଅଧିକ ସଚେତନ ଥିଲେ। ତତ୍କାଳୀନ 'ସତିପ୍ରଥା କୁ ଉଚ୍ଛେଦ କରି 'ଯୌତୁକପ୍ରଥା'କୁ ଅପରାଧ ବୋଲି ଘୋଷଣା କରିଥିଲେ। ସମଗ୍ର ଦେଶରେ ଆନ୍ତଃରାଜ୍ୟ ବିବାହକୁ ସମର୍ଥନ ଜଣାଇ ସେ ବିଧବାମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅହଲ୍ୟା ବାଇ ବିପରୀତ ପରିସ୍ଥିତିରେ ମଧ୍ୟ ନିଜ ଜନକଲ୍ୟାଣୀକାରୀ ଓ ଉତ୍କୃଷ୍ଟ ଶାସନର ଉଦାହରଣ ସୃଷ୍ଟି କରି ପାରିଥିଲେ। ଜନକଲ୍ୟାଣ ସହିତ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ସେ ଦୃଢ଼ ପ୍ରୟାସୀ ଥିଲେ। ଭାରତ ଇତିହାସରେ ନିଜର ରାଜନୀତି ଓ ରଣନୀତିର ଉତ୍ତମ ଭାବେ ପରିପ୍ରକାଶ ଓ ପ୍ରତିପାଦନ କରି ସେ ପ୍ରକୃତରେ 'ରାଷ୍ଟ୍ରମାତା'ର ପଦବୀ ଧାରଣ କରିଛନ୍ତି।

ତାଙ୍କ ଜୀବନ ଭାରତୀୟ ଇତିହାସର ସ୍ୱର୍ଣ୍ଣିମ ପର୍ବ। ଗ୍ରାମୀଣ ପୃଷ୍ଠଭୂମିରୁ ଆସିଥିବା ଏକ ସାଧାରଣ ପରିବାରର ବାଳିକାଙ୍କର ଜଣେ ଅସାଧାରଣ ଶାସକ ପର୍ଯ୍ୟନ୍ତର ଜୀବନ ଯାତ୍ରା ଏବେ ମଧ୍ୟ ପ୍ରେରଣା ଉତ୍ସ। ସେ ଥିଲେ କର୍ତ୍ତବ୍ୟ ପରାୟଣା, କଠିନ ପରିଶ୍ରମ, ସରଳତା, ଧର୍ମ ପ୍ରତି ଉତ୍ସର୍ଗୀକୃତ, ପ୍ରାଶାସନିକ ଦକ୍ଷତା, ଦୂରଦୃଷ୍ଟି, ଉତ୍କୃଷ୍ଟ ବିଚାର, ନୈତିକ ଆଚରଣ ଏବଂ ଉଜ୍ଜ୍ୱଳ ଚରିତ୍ରର ଏକ ଅଦ୍ୱିତୀୟ ଆଦର୍ଶ। ତାଙ୍କର ଜନ କଲ୍ୟାଣକାରୀ ନିୟମ ଏକ ଆଦର୍ଶ ନିୟମ ଥିଲା ଯାହା ଭୂମିହୀନ କୃଷକ, ଭୀଲମାନଙ୍କ ଭଳି ଜନଜାତୀୟ ଗୋଷ୍ଠୀ ଏବଂ ବିଧବାମାନଙ୍କ ସ୍ୱାର୍ଥ ରକ୍ଷା କରୁଥିଲା। ସାମାଜିକ ସଂସ୍କାର, କୃଷି ସଂସ୍କାର, ଜଳ ପରିଚାଳନା, ପରିବେଶ ସୁରକ୍ଷା, ଜନ କଲ୍ୟାଣ ଏବଂ ଶିକ୍ଷା ପ୍ରତି ସମର୍ପିତ ହେବା ସହିତ ତାଙ୍କ ଶାସନ ନ୍ୟାୟପ୍ରିୟ ଥିଲା। ସମାଜର ସମସ୍ତ ବର୍ଗକୁ ସମ୍ମାନ, ନିରାପତ୍ତା ଏବଂ ପ୍ରଗତି ପାଇଁ ସୁଯୋଗ ପ୍ରଦାନ କରୁଥିବା ସମରସତାର ଦୂରଦୃଷ୍ଟି ତାଙ୍କ ପ୍ରଶାସନର ଆଧାର ଥିଲା। ବୀରତ୍ୱ ଏବଂ ମୂଲ୍ୟବୋଧର ରାଣୀ ଅହଲ୍ୟାବାଇ ହୋଲକର ସାଂସ୍କୃତିକ ନବ ଜାଗରଣ ସହିତ ଗରିବ, ଦଳିତ, ପଛୁଆ ଏବଂ ଅବହେଳିତ ବର୍ଗର କଲ୍ୟାଣ ପାଇଁ ଯେଉଁ ନୀତି ପ୍ରଣୟନ କରିଥିଲେ, ଯାହା ଆମ ପାଇଁ ଆଦର୍ଶ ଏବଂ ପ୍ରେରଣା ଦାୟକ। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ଏହି ଲକ୍ଷ୍ୟରେ ନିରନ୍ତର ଆଗକୁ ବଢିବା ସହିତ ଐତିହାସିକ ସଫଳତା ହାସଲ କରୁଛି।

ସେ କେବଳ ତାଙ୍କ ରାଜ୍ୟ ନୁହେଁ, ବରଂ ସମ୍ପୂର୍ଣ୍ଣ ଦେଶର ମନ୍ଦିରରେ ପୂଜା ବ୍ୟବସ୍ଥା ତଥା ଆର୍ଥିକ ପରିଚାଳନା ଉପରେ ମଧ୍ୟ ବିଶେଷ ଧ୍ୟାନ ଦେଇଥିଲେ। ସେ ଆକ୍ରମଣକାରୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ବଦ୍ରିନାଥରୁ ରାମେଶ୍ୱର ଏବଂ ଦ୍ୱାରିକା ଠାରୁ ପୁରୀ ପର୍ଯ୍ୟନ୍ତ ମନ୍ଦିରଗୁଡ଼ିକୁ ପୁର୍ନନିର୍ମାଣ କରିଥିଲେ। ତାଙ୍କର ଏହି କାର୍ଯ୍ୟକଳାପ ପ୍ରାଚୀନ କାଳରୁ ପ୍ରଚଳିତ ତଥା ଆକ୍ରମଣ ସମୟରେ ବ୍ୟାହତ ହୋଇଥିବା ତୀର୍ଥଯାତ୍ରା ପାଇଁ ନୂତନ ଚେତନା ଆଣିଥିଲା। ସମଗ୍ର ଭାରତରେ ବ୍ୟାପିଥିବା ଏହି ପବିତ୍ର ସ୍ଥାନଗୁଡ଼ିକର ବିକାଶ ପ୍ରକୃତରେ ତାଙ୍କର ରାଷ୍ଟ୍ରୀୟ ଦୃଷ୍ଟିର ପ୍ରତିଫଳନ। ଏହି ମହାନ କାର୍ଯ୍ୟଗୁଡ଼ିକ ପାଇଁ ତାଙ୍କୁ 'ପୁଣ୍ୟଶ୍ଳୋକା' ଉପାଧି ମିଳିଥିଲା। ତାଙ୍କର କୃତିତ୍ୱ ଓ ବ୍ୟକ୍ତିତ୍ୱ ତାଙ୍କୁ 'ରାଜମାତା'ରୁ 'ଲୋକମାତା'ରେ ପରିଗଣିତ କରିଥିଲା।

ଅଷ୍ଟାଦଶ ଶତାବ୍ଦୀରେ ଜଣେ ସାଧାରଣ ମହିଳା ନିଜକୁ କେବଳ ରାଜନୀତିରେ ନୁହେଁ ଲୋକହିତକର କାର୍ଯ୍ୟରେ ନିୟୋଗ କରିବାର ଜ୍ୱଳନ୍ତ ନମୁନା କେବଳ ମହାରାଣୀ ଅହଲ୍ୟା ବାଇଙ୍କ ପାଖରେ ଦେଖିବାକୁ ମିଳିଥିଲା, ଯାହା ସଂପ୍ରତି ସମାଜ ପାଇଁ, ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ପୁଣ୍ୟଶ୍ଳୋକ ଦେବୀ ଅହଲ୍ୟାବାଇଙ୍କ ଜୟନ୍ତୀର ୩୦୦ ବର୍ଷପୂର୍ତ୍ତିର ପବିତ୍ର ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ନମସ୍କାର କରି ସମାଜର ସମସ୍ତ ଭାଇଭଉଣୀ ଏହି କାର୍ଯ୍ୟକ୍ରମରେ ମନୋଯୋଗ ପୂର୍ବକ ସହଭାଗୀ ହେବା। ତାଙ୍କ ଦ୍ୱାରା ପ୍ରଦର୍ଶିତ ସରଳତା, ଚରିତ୍ରବତ୍ତା, ଧର୍ମନିଷ୍ଠା ଏବଂ ରାଷ୍ଟ୍ରୀୟ ସ୍ୱାଭିମାନର ମାର୍ଗରେ ଅଗ୍ରସର ହେବା ହିଁ, ତାଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ।



ପୁରୀ (ଭାସ୍କର ନ୍ୟୁଜ): ଶ୍ରୀମନ୍ଦିର ସଂରକ୍ଷଣ ତଥା ମରାମତି ନେଇ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ପ୍ରନ୍ତତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର (ଏଏସଆଇ) ମହାନିର୍ଦ୍ଦେଶକ ଡ. ଯୁଜବେନ୍ଦ୍ର ସିଂହ ରାଓ୍ୱତଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ। ଶ୍ରୀମନ୍ଦିର ସ୍ଥାପତ୍ୟ, ମୂଳ ନିର୍ମାଣ ଏବଂ ସାଂସ୍କୃତିକ ଦିଗ ପ୍ରତି ଦୃଷ୍ଟି ରଖି ମିଳିତ ଭାବେ କାର୍ଯ୍ୟ କରିବାକୁ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ବୈଠକରେ ଆଗାମୀ ରଥଯାତ୍ରା ସମୟରେ ହେବାକୁ ଥିବା ଶ୍ରୀମନ୍ଦିର ପରିସରର ତଥା ଗର୍ଭଗୃହର ଆବଶ୍ୟକ ସଂରକ୍ଷଣ, ରତ୍ନଭଣ୍ଡାର ବାକି ଥିବା ସଂରକ୍ଷଣ ତଥା ମରାମତି କାର୍ଯ୍ୟ, ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ଦିବ୍ୟାଙ୍ଗ ଏବଂ ବୟସ୍କଙ୍କ ପାଇଁ ନିର୍ମାଣାଧୀନ ରାମ୍ପ କାର୍ଯ୍ୟ ଶୀଘ୍ର ସମାପନ, ପ୍ରସ୍ତାବିତ ନାଟମଣ୍ଡପ ଶୀତତାପ ନିୟନ୍ତ୍ରିତ ଏବଂ ଶ୍ରୀମନ୍ଦିର ଆଲୋକୀକରଣ ବ୍ୟବସ୍ଥା, ଜଗମୋହନର ବାହ୍ୟ ଛାତର ସଂରକ୍ଷଣ, ପାର୍ଶ୍ୱ ମନ୍ଦିର ଯେପରିକି ମା' ବିମଳା, ମା' ମହାଲକ୍ଷ୍ମୀ, ଶ୍ରୀ ସୂର୍ଯ୍ୟ, ଆଦି ନୃସିଂହ ଏବଂ ଭୁବନେଶ୍ୱରୀ ମନ୍ଦିରରେ ବିଜୁଳି ପ୍ରତିରୋଧକ ବ୍ୟବସ୍ଥା, ଜଗମୋହନ ଏବଂ ଭୋଗମଣ୍ଡପରେ ଲାଗିଥିବା ଷ୍ଟିଲ ଭାରାକୁ ଆହୁରି ମଜଭୁତ କରାଯିବା ଓ ମୁଖ୍ୟ ମନ୍ଦିର ବାହ୍ୟ ପ୍ରସ୍ତର କାନ୍ଥର ରାସାୟନିକ ସଫେଇ ଏବଂ ଉପଚାର ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଏସଆଇ ପ୍ରତିନିଧି ଦଳରେ ଉପ ମହାନିର୍ଦ୍ଦେଶକ ସଂରକ୍ଷଣ ଜାନ୍ହ୍ୱି ଶର୍ମା, ନିର୍ଦ୍ଦେଶକ ସଂରକ୍ଷଣ ଭୀମ ଅଜମୀରା, ନିର୍ଦ୍ଦେଶକ ବିଜ୍ଞାନ ମନୋଜ ଭଟନାଗର, ଆଂଚଳିକ ନିର୍ଦ୍ଦେଶକ ଡ. ଦିଲ୍ଲିପ ଖମାରି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଏବଂ ଓଏସଡି ନିର୍ମାଣ ଆଶିଷ ସୁବୁଦ୍ଧି ଯୋଗଦେଇଥିଲେ।

### ସ୍କୁଲ ପରିସରରେ ବିବାହ ଭୋଜି ବନ୍ଦ ଘଟଣା

## ବିଧାୟିକାଙ୍କ ଏସ୍‌ପିଙ୍କୁ ସାକ୍ଷାତ ସତ୍ତ୍ୱେ ଫାଟକ ଭାଙ୍ଗି ଭୋଜିଭାତ



ଯାଜପୁର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କର ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି ଯେ ସରକାରୀ ଶିକ୍ଷାନୁଷ୍ଠାନକୁ କୌଣସି ଘରୋଇ ଅବା ରାଜନୈତିକ କାର୍ଯ୍ୟକ୍ରମରେ ବ୍ୟବହାର କରାଯାଇ ପାରିବ ନାହିଁ। ଗତ ସରକାରଙ୍କ ସମୟରେ ଶ୍ରୀମତୀ ଉଷା ପାଢ଼ୀ ଗଣଶିକ୍ଷା ବିଭାଗର ସଚିବ ଥିବାବେଳେ ଶିକ୍ଷାନୁଷ୍ଠାନମାନଙ୍କର ଶୈକ୍ଷିକ ବାତାବରଣ ଯେପରି ପ୍ରଭାବିତ ନହୁଏ ସେଥିଲାଗି ଆଇନ ଆଣିଥିଲେ। ଏକଥାକୁ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ବିଦ୍ୟାଳୟ କର୍ତୃପକ୍ଷ, ଶିକ୍ଷା ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ସମସ୍ତେ ଜାଣନ୍ତି। କିନ୍ତୁ ଯାଜପୁର ଜିଲ୍ଲାପାଳଙ୍କ ଅଫିସ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅନତିଦୂରରେ ରହିଥିବା ବାଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଗତ ୨୧ରୁ ସନ୍ତୋଷ କୁମାର ସାହୁ ନାମକ ବ୍ୟକ୍ତି ତାଙ୍କ ସମ୍ପର୍କୀୟଙ୍କ ବିବାହ ଭୋଜି ନିମନ୍ତେ ଜୋର୍ ଜବରଦସ୍ତ ଟେଣ୍ଟ ବାନ୍ଧିବା ଆରମ୍ଭ କରିଥିଲେ। ଏ ଘଟଣା ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆସିବା ମାତ୍ରକେ ବାଣପୁର ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିଛି ବୁଦ୍ଧିଜୀବୀ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ଟେଣ୍ଟ ବନ୍ଧାଯାଉଥିବା ଫଟୋ ସହିତ ଲିଖିତ ଭାବେ ମଧ୍ୟ ଜଣାଇଥିଲେ। ଏହି ବେଆଇନ ଘଟଣା ସମ୍ପର୍କରେ ଗତ ୨୨ ତାରିଖଠାରୁ ନିୟମିତ ଖବର ପ୍ରକାଶ ପାଇ ଆସୁଛି।୨୨ ତାରିଖ ଦିନ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷ ସାହୁଙ୍କୁ ନୋଟିସ୍ ଦେବା ପରେ ମଧ୍ୟ ତା'ର କିଛି ପ୍ରଭାବ ପଡ଼ିନଥିଲା।୨୩ ତାରିଖ ଦିନ ଯାଜପୁର ଟାଉନ ଥାନାରେ ପ୍ରଧାନ ଶିକ୍ଷୟିତ୍ରୀ ଏତଲା ଦେଲେ ଓ ଥାନାଧିକାରୀ ମାମଲା ରୁଜୁ କରି ଟେଣ୍ଟ ବାନ୍ଧିଥିବା ବ୍ୟକ୍ତିଙ୍କ ତାଗିଦ୍ କରିବା ପରେ ମଧ୍ୟ ପୋଲିସର ନାଲି ଆଖିକୁ ଖାତିର ନଥିଲା। ବରଂ ୨୪ ତାରିଖ ଦିନ ଟେଣ୍ଟ ବନ୍ଧା କାମ ଆହୁରି ଆଗକୁ ବଢ଼ିଚାଲିଲା। ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ପୁନଶ୍ଚ ତାଗିଦ୍ କିଛି କାମ କଲାନାହିଁ। ସ୍ଥାନୀୟ ବିଧାୟିକା ସୁଜାତା ସାହୁଙ୍କୁ ଅଂଚଳର ବୁଦ୍ଧିଜୀବୀ ଏବଂ ଅବିଭାବକମାନେ ଅଭିଯୋଗ କରିବା ପରେ ସେ ମଧ୍ୟ ୩ ଦିନ ହେଲା ଜିଲ୍ଲାପାଳ, ଏସପି, ଜିଲ୍ଲା ଶିକ୍ଷାଧିକାରୀ ଓ ଥାନାଧିକାରୀଙ୍କୁ ଜଣାଇଥିଲେ। ସେଥିରେ କିଛି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାନଯିବାରୁ ଶେଷରେ ବିଧାୟୀକା ଶ୍ରୀମତୀ ସାହୁ ଆଜି ଯାଜପୁର ଜିଲ୍ଲା ଏସପିଙ୍କୁ ଯାଇ ପାଣିକୋଇଲିସ୍ଥିତ ମୁଖ୍ୟାଳୟରେ ସାକ୍ଷାତ କରି ଏ ସମ୍ପର୍କରେ ଅଭିଯୋଗ ରଖିଥିଲେ। ଏସପି ବିଧାୟିକାଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇ କୌଣସି ପ୍ରକାର ସ୍କୁଲ ପରିସରରେ ଭୋଜିଭାତ ହେବ ନାହିଁ କହିଥିଲେ। କିନ୍ତୁ ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ଯୋଗୁଁ ଆଜି ରାତି ଠିକ୍ ୭.୫୦ ସମୟରେ ତାଲା ପଡ଼ିଥିବା ବାଣପୁର ସ୍କୁଲ ଫାଟକକୁ ଭାଙ୍ଗି ଭୋଜିଭାତ ଆୟୋଜନ ଚାଲିଛି। ଆଇନକୁ ଦଳି ଚକଟି ଦେଉଥିବା ଅଭିଯୁକ୍ତଙ୍କୁ ଦମନ କରିବା ତ ଦୂରର କଥା ଜଣେ ଦାୟିତ୍ୱ ସମ୍ପନ୍ନ ଜନ ପ୍ରତିନିଧି ବିଧାୟିକାଙ୍କ ଆଇନ ସଙ୍ଗତ ଅଭିଯୋଗକୁ ମଧ୍ୟ ପୋଲିସ ଏବଂ ଜିଲ୍ଲା ପ୍ରଶାସନ ସମ୍ମାନ ଦେବାକୁ ଏଡ଼ାଇ ଯାଇଥିବା ଦେଖା ଯାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଏବଂ ବିଧାୟିକାଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ ସତ୍ତ୍ୱେ କିଛି ଲୋକ ଆଇନକୁ ହାତକୁ ନେଇଛନ୍ତି ଓ ସ୍ଥାନୀୟ ପୋଲିସ ନୀରବଦ୍ରଷ୍ଟା ସାଜି ହାତ ବାନ୍ଧି ବସି ଅଭିଯୁକ୍ତକୁ ସୁରକ୍ଷା ଦେଉଛି ବୋଲି ଅଭିଯୋଗ ହୋଇଛି। ପୋଲିସର ଏପରି ଅପାରଗତାକୁ ସାଧାରଣରେ ସମାଲୋଚନା କରାଯାଇଛି।

### 'ଓଡିଶା ଭାସ୍କର' ପ୍ରଭାବ

## ଛାତ୍ରଙ୍କ ଚିକିତ୍ସାରେ ପହଞ୍ଚିଲା ମେଡିକାଲ ଟିମ୍



ଆଳି(ଭାସ୍କର ନ୍ୟୁଜ): ଆଳି ଥାନା ଅନ୍ତର୍ଗତ ଦେସାହି ଗ୍ରାମର ଛାତ୍ର ପ୍ରଶାନ୍ତ କାଣ୍ଡି ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଂଜିନିୟରିଙ୍ଗ କଲେଜ ରେ ଇଲେକ୍ଟ୍ରିକାଲ ଡିପ୍ଲୋମା ପାଠ ପଢୁଥିଲେ। ପରିବାରର ଆର୍ଥିକ ସମ୍ବଳ ସ୍ୱଚ୍ଛଳ ନ ଥିବାରୁ ପାଠ ପଢ଼ା ସହ ଅବସର ସମୟରେ ଭୁବନେଶ୍ୱରଠାରେ ଏକ ଇଲେକ୍ଟ୍ରି ଦୋକାନରେ ପାର୍ଟ ଟାଇମ କାର୍ଯ୍ୟ କରି ଆସୁଥିଲେ। ସବୁଦିନ ପରି ପାଠ ପଢ଼ା ସାରି ଏକ କାର୍ଯ୍ୟକ୍ଷେତ୍ରରେ ପଙ୍ଖା ଲଗାଇବା ସମୟରେ ଏକ ମହଲା ଛାତରୁ ପଡିଯାଇଥିଲେ। ଦୀର୍ଘ ୨୨ ଦିନ କୋମାରେ ରହିବା ପରେ ଗ୍ରାମବାସୀ, ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସହଯୋଗ ତାଙ୍କର ମୁଣ୍ଡରେ ଦୁଇଥର ଏବଂ ହାତ ଓ ବେକରେ ରଡ଼ ଦିଆ ଯାଇ ଅସ୍ତ୍ରୋପଚାର କରାଯାଇଥିଲା। ଫଳରେ ତାଙ୍କର ଏକ ଆଖି ନଷ୍ଟ ହୋଇଯାଇଥିଲା। ବର୍ତ୍ତମାନ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକତା ହେଉଥିବା ବେଳେ ଏହି ଦୁଃଖଦ ଘଟଣାକୁ ଏହି ମଇ ମାସ ୫ ତାରିଖ ଦିନ ଛାତ୍ରଙ୍କ ଚିକିତ୍ସାରେ ଅର୍ଥ ବାଧକ ଶୀର୍ଷକରେ ଖବର ପ୍ରସାରଣ ପରେ ଦୁଇ ଦୁଇଥର ଆଳି ସ୍ୱାସ୍ଥ୍ୟ କେନ୍ଦ୍ରରୁ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ା ପ୍ରଣବ କୁମାର ଶୁକ୍ଲାଙ୍କ ଅଧକ୍ଷତାରେ ଏକ ମେଡିକାଲ ଟିମ ପ୍ରଶାନ୍ତଙ୍କ ଘରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ସହ ସଡ଼କ ବନ୍ଧୁ ସୁଶାନ୍ତ ତରାଇଙ୍କ ଦ୍ୱାରା ପୁନଃ ଡ୍ରେସିଂ କରାଯାଇଥିଲା। ତତସହିତ ଖବର ପ୍ରକାଶ ପରେ ସହଦେବ ଦାସ ସେବା ସଂସ୍ଥା ପକ୍ଷରୁ ୫ ହଜାର ଟଙ୍କା, ଜୟ ଜଗନ୍ନାଥ ଫାଉଣ୍ଡେସନ ଓଡିଶା ତରଫରୁ ୧୦ ହଜାର ଟଙ୍କା, ନମୌଜା ଅଞ୍ଚଳର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଚକ୍ରଧର ଦାଶଙ୍କ ତରଫରୁ ୫ ହଜାର ଟଙ୍କା ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ସହାୟତା ରାଶି ଯୋଗାଇ ଦେଇଛନ୍ତି। ଆଗକୁ ପ୍ରଶାନ୍ତଙ୍କୁ କିପରି ଅନ୍ୟ ସରକାରି ସ୍ତର ରେ ଅଧିକ ସାହାଯ୍ୟ ସହଯୋଗ ତଥା ସରକାରି ସହାୟତା ରାଶି ପାଇବାରେ ସହଯୋଗ କରି ହେବ ସେ ବିଷୟରେ ଆବଶ୍ୟକ ବିହୀତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଳି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ା ପ୍ରଣବ କୁମାର ଶୁକ୍ଲା ପ୍ରତିକ୍ରିୟାରେ କହିଛନ୍ତି କ୍ଷ ସୂଚନାଯୋଗ୍ୟ ଯେ ଏ ସମ୍ପର୍କରେ 'ଓଡିଶା ଭାସ୍କର'ରେ 'ବିଶ୍ଵତ ବିବରଣୀ ପ୍ରକାଶ ପାଇଥିଲା।

## ଢେଙ୍କାନାଳ କଲେଜ ପରିସରରେ ଶୌଚାଳୟ ନିର୍ମାଣକୁ ବିରୋଧ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ କଲେଜ ପୁରାତନ ଛାତ୍ର ସଂସଦ ଏବଂ କଲେଜର ଛାତ୍ର ପ୍ରତିନିଧିଙ୍କ ମିଳିତ ଆନୁକୂଲ୍ୟରେ କମିଟିର ସଭାପତି ଅଭୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଢେଙ୍କାନାଳ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ପୌରପରିଷଦ ତରଫରୁ ବେନିୟମ ଭାବେ ନିର୍ମାଣଧୀନ ଶୌଚାଳୟ କାମକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇ ସର୍ବସଂମତି କ୍ରମେ ସ୍ଥିର ହେଲା। ପୁରାତନ ଛାତ୍ର ସଂସଦ ଓ ଛାତ୍ର ପ୍ରତିନିଧି ଆସନ୍ତା ୨୭ ମଙ୍ଗଳବାର ପୂର୍ବାହ୍ନ ୧୦.୩୦ରେ ଢେଙ୍କାନାଳ ମୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଏକ ମିଳିତ ଦାବିପତ୍ର ଦେବା ନିମନ୍ତେ ସ୍ଥିର କରାଗଲା। ଢେଙ୍କାନାଳ ସ୍ୱଂଶାସିତ ମହାବିଦ୍ୟାଳୟ ପରି ଏକ ପୁରାତନ ତଥା ମର୍ଯ୍ୟାଦାପୂର୍ଣ୍ଣ ଶିକ୍ଷା ଅନୁଷ୍ଠାନରେ ଏପରି ଏକ ମନମୁଖୀ କାର୍ଯ୍ୟକୁ ବୈଠକରେ ନିନ୍ଦା କରଯିବା ସହିତ ଢେଙ୍କାନାଳ ବୁଦ୍ଧିଜୀବୀ ପକ୍ଷରୁ ଏହି ବିରୋଧକୁ ଶାସନ ଓ ପ୍ରଶାସନ ଦୃଷ୍ଟି ଦେବେ ବୋଲି ପୁରାତନ ଛାତ୍ର ସଂସଦ ଆଶାବ୍ୟକ୍ତ କରିଛି। ବୈଠକରେ ପରେଶ କୁମାର ମିଶ୍ର, ନବୀନ ଚନ୍ଦ୍ର ନାରାୟଣ ଦାସ, ପ୍ରଫୁଲ୍ଲ ପଟ୍ଟନାୟକ, ଶରତ କୁମାର ସାହୁ, ସନ୍ଦୀପ ଷଡଙ୍ଗୀ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ଅଭିଜିତ ମହାପାତ୍ର, ଓମ ପ୍ରକାଶ ନାୟକ, ମୁକେଶ ପଣ୍ଡା, ବିଷ୍ଣୁ ପ୍ରସାଦ ସାମଲ, ଲକ୍ଷ୍ମୀଧର ରାଜ, ସର୍ବେଶ୍ୱର ପ୍ରଧାନ, ରନ କୁମାର ନାୟକ, ଏରିଆନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଶ୍ୱନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ପଞ୍ଚାୟତ ମିଶନ ଶକ୍ତି ଗୃହର ବାସ୍ତବତା ଏବେ ପଦାରେ




ଆଳି(ଭାସ୍କର ନ୍ୟୁଜ): ଆଳି ବ୍ଲକ ଅଧୀନରେ ହୋଇଥିବା ପଞ୍ଚାୟତ ମିଶନ ଶକ୍ତି ଗୃହ ମାନଙ୍କର ବାସ୍ତବତା ଏବେ ହାଟ ରେ ପଡି ଦାଣ୍ଡରେ ଗଡୁଛି। ପଞ୍ଚାୟତ ମିଶନ ଶକ୍ତି ଗୃହ ପାଲଟିଛି ସିମେଣ୍ଟ ଗୋଦାମ। ମିଶନ ଶକ୍ତିର ମହିଳାମାନଙ୍କୁ ଏଡ଼ାଯାଇ ମିଶନ ଶକ୍ତି ଗୃହରେ ରଖାଯାଇଛି ସିମେଣ୍ଟ। ଆଳି ବ୍ଲକ ଅଧିନସ୍ଥ ଦେସାହି ପଞ୍ଚାୟତରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହରେ ସିମେଣ୍ଟ ରଖାଯାଇଥିବା ବେଳେ ଏହାର କବାଟ ଝରକା ମଧ୍ୟ ଭାଙ୍ଗିରୁଜି ଗଲାଣି। ଏହି ବାସ୍ତବତା କେବଳ ଦେସାହି ପଞ୍ଚାୟତର ନୁହେଁ ଏହା ପୂର୍ବରୁ କିଛିଦିନ ପୂର୍ବେ ପାଳିମୀ ପଞ୍ଚାୟତରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା ଯେ ମିଶନଶକ୍ତି ଗୃହରେ ଚାଲିଥିଲା ସିମେଣ୍ଟ ବ୍ୟବସାୟ ଏବେ ସମାନ ସ୍ଥିତି ଆସିଛି ଦେସାହି ପଞ୍ଚାୟତରୁ ମିଶନ ଶକ୍ତି ଗୃହ ପାଲଟିଛି ସିମେଣ୍ଟ ଗୋଦାମ। ସରକାର ପାଞ୍ଚ ଲକ୍ଷ ଟଙ୍କା ବେୟ ବରାଦରେ ୨୦୨୧/୨୨ ବର୍ଷରେ ଆଳି ପଞ୍ଚାୟତ ସମିତି ଦେସାହି ପଞ୍ଚାୟତରେ ମିଶନଶକ୍ତିର ମହିଳାଙ୍କ ପାଇଁ ଏକ ମିଶନଶକ୍ତି ଗୃହ ନିର୍ମାଣ କରାଇଥିଲେ। ବର୍ତ୍ତମାନ ତାହାର ବାସ୍ତବ ଚିତ୍ର ହେଉଛି ସିମେଣ୍ଟ ଗୋଦାମ। ସରକାରଙ୍କ ଲକ୍ଷ୍ୟ ଥିଲା ମିଶନ ଶକ୍ତି ମହିଳାମାନେ ସେଠାରେ ସୁବିଧାରେ ନିୟମିତ ଭାବେ ସେମାନଙ୍କ କାର୍ଯ୍ୟ କରିବେ ଏବଂ ସାଧାରଣ ଗୋଷ୍ଠୀ ବୈଠକ ମଧ୍ୟ ସେଠାରେ କରିପାରିବେ ଯାହା ଦ୍ୱାରା ମିଶନ ଶକ୍ତି ମହିଳାମାନଙ୍କୁ ବାରଦୁଆର ହେବାକୁ ପଡିବ ନାହିଁ। କିନ୍ତୁ ସରକାରଙ୍କ ଯୋଜନା ଏବଂ ମିଶନ ଶକ୍ତିର ମହିଳାମାନଙ୍କ ସ୍ୱପ୍ନ ଏଠି ପାଣିରେ ମିଶିଥିବା ପାରିଲକ୍ଷିତ ହେଉଛି। ଏହି ଦୁଇଟି ମିଶନ ଶକ୍ତି ଗୃହର ବାସ୍ତବତା ଯଦି ଏପରି ତେବେ ଅନ୍ୟ ପଞ୍ଚାୟତରେ ହୋଇଥିବା ମିଶନ ଶକ୍ତି ଗୃହର ଅବସ୍ଥା କିପରି ଥିବା ତାହାକୁ ନେଇ ଏବେ ବଡ ସନ୍ଦେହ ସୃଷ୍ଟି ହେଲାଣି। ଏହି ଦୁଇଟି ପଞ୍ଚାୟତର ମିଶନ ଶକ୍ତି ଗୃହ ବାସ୍ତବତା ଦେଖି ଆଳିର ବହୁ ସଚେତନ ନାଗରିକ ବୁଦ୍ଧିଜୀବୀ ଏବେ ଅନ୍ୟସବୁ ପଞ୍ଚାୟତର ମିଶନ ଶକ୍ତି ଗୃହକୁ ନେଇ ପ୍ରଶ୍ନ କରିବା ଆରମ୍ଭ କରିବାକୁ ଲାଗିଲେଣି। ତେବେ ଏଠି ପ୍ରଶ୍ନ ଉଠେ କାହା ସ୍ୱାର୍ଥରେ ନିର୍ମାଣ ହୋଇଥିଲା ଏହି ମିଶନ ଶକ୍ତି ଗୃହ। ପାଳିମି ପଞ୍ଚାୟତରେ ଜୈନିକ ବ୍ୟକ୍ତି ମିଶନଶକ୍ତି ଗୃହରେ ସିମେଣ୍ଟ ରଖି ବ୍ୟବସାୟ କରୁଥିବା ବେଳେ ଦେସାହି ପଞ୍ଚାୟତରେ ଗୃହ ପାଲଟିଛି ସିମେଣ୍ଟ ଗୋଦାମ। ତେବେ ଦେଖିବାକୁ ବାକି ରହିଲା ଏ ନେଇ କେବେ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏ ନେଇ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠିଙ୍କର ଦୃଷ୍ଟି ଆକର୍ଷଣ କରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏହି ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଜେଲ୍‌ରେ କଏଦୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ସର୍କଲ ଜେଲ ପରିସରରେ ଥିବା ଏକ ଆମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ କଏଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ କଟକ ଜିଲ୍ଲା ଟାଙ୍ଗୀ ଥାନା ଅଧିନ ଜରିପଦା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ (୩୭)। ବିଷ୍ଣୁଙ୍କ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ଜେଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ ଶନିବାର ଅପରାହ୍ନରେ ଜେଲ ଓ୍ୱାର୍ଡରଙ୍କ ଓ୍ୱାର୍ଡ ପରିକ୍ରମା ସମୟରେ ବିଷ୍ଣୁ ନିଜ ଓ୍ୱାର୍ଡରେ ନଥିବା ଓ ଜେଲ ତରଫରୁ ଦିଆଯାଇଥିବା ଖାଦ୍ୟ ଖାଇନଥିବା ଦେଖିବାକୁ ପାଇ ଜେଲ ଅଧିକ୍ଷକଙ୍କୁ ଖବର ଜଣାଇଥିଲେ। ପରେ କର୍ମଚାରୀ ମାନେ ଜେଲ ଭିତରେ ଖୋଜାଖୋଜି କରି ଜେଲ ପରିସରରେ ଥିବା ଏକ ପୁରୁଣା କୋଠା ପାଖରେ ଥିବା ଏକ ଅମ୍ବଗଛରେ ବିଷ୍ଣୁ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇ ଥିଲେହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହର ବ୍ୟବଚ୍ଛେଦ ପରେ ଜେଲ ତରଫରୁ ବିଷ୍ଣୁଙ୍କ ଶବକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଷ୍ଣୁ ଏକ ହତ୍ୟା ମାମଲାରେ ଦଣ୍ଡିତ ହୋଇ ଗତ ୨୦୨୧ରେ ଚୌଦ୍ୱାର ଜେଲରେ ସଜା କାଟୁଥିଲେ। ଗତ ୪ବର୍ଷ ଭିତରେ ବିଷ୍ଣୁ ୪ଥର ପାରୋଲରେ ଘରକୁ ଯାଇ ତାଙ୍କ ପରିବାରବର୍ଗଙ୍କ ସହିତ ସମୟ କଟାଇ ପୁଣି ଜେଲକୁ ଫେରିଯାଇଥାନ୍ତି। ନିକଟରେ ବିଷ୍ଣୁ ତାଙ୍କ ମାଙ୍କ ଶୁଦ୍ଧିକ୍ରିୟା ପାଇଁ ପାରୋଲରେ ୧୦ଦିନ ପାଇଁ ଘରକୁ ଯାଇ ଗତ ୧୧ ତାରିଖରେ ଜେଲକୁ ଫେରିଥିଲେ। ବିଷ୍ଣୁଙ୍କ ଭଉଣୀଙ୍କ କହିବାନୁଯାୟୀ ଶନିବାର ସକାଳ ପ୍ରାୟ ୧୦ଟାରେ ବିଷ୍ଣୁ ନିଜ ପତ୍ନୀଙ୍କ ସହିତ ଫୋନରେ ଭଲରେ କଥାବାର୍ତ୍ତା କରିବା ସହିତ ସୋମବାର ସାବିତ୍ରୀ ବ୍ରତ ଦିନ ତାଙ୍କୁ ଜେଲକୁ ଆସି ଭେଟିବା ପାଇଁ କହିଥିଲେ। ହେଲେ ତାଙ୍କ ଭାଇ ହଠାତ୍ କାହିଁକି ଏମିତି ପଦକ୍ଷେପ ନେଲେ ତାହାର ତଦନ୍ତ କରବା ପାଇଁ ସେ ଦାବି କରିଛନ୍ତି।

## ନିମାପଡ଼ାରେ ଗ୍ୟାସ କଳାବଜାରୀ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଗ୍ୟାସ ବ୍ୟାପକ ମାତ୍ରାରେ କଳାବଜାରି ହେଉଥିବା ବେଳେ ହିତାଧିକାରୀ ଗ୍ୟାସ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଗ୍ୟାସ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଅଭିଯୋଗ ଦେଲେ ମଧ୍ୟ କର୍ମଚାରୀମାନେ ଅଭିଯୋଗ ଉପରେ କୌଣସି ଗୁରୁତ୍ୱ ଦେଉ ନଥିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିଥିବା ବେଳେ ହିତାଧିକାରୀମାନେ ଉପଯୁକ୍ତ ସମୟରେ ଗ୍ୟାସ ନପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ହିତାଧିକାରୀଙ୍କୁ ସଠିକ୍ ସମୟରେ ଗ୍ୟାସ ପହଞ୍ଚୁ ନଥିବାରୁ ରୋଷେଇ ବନ୍ଦ ହେଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନିମାପଡ଼ା ବଜାରରେ କେତେଜଣ ବ୍ୟବସାୟୀ ଶତାଧିକ ଗ୍ୟାସ ଟାଙ୍କି ଗଚ୍ଛିତ ରଖି ବିକ୍ରି କରୁଛନ୍ତି। ଉଜ୍ଜ୍ୱଳା ହିତାଧିକାରୀମାନେ ଗ୍ୟାସ ପାଉ ନଥିବା ବେଳେ ଏତେ ଗ୍ୟାସ ବ୍ୟବସାୟୀଙ୍କ ପାଖକୁ କେମିତି ଆସୁଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି। କେତେକ ହିତାଧିକାରୀ ବୁକିଂ କରି ଆଗୁଆ ଅନ୍‌ଲାଇନ୍‌ରେ ଟଙ୍କା ପଇଠ କରି ସାରିଥିଲେ ମଧ୍ୟ ଗ୍ୟାସ ପାଇବା ପାଇଁ ୫ ଦିନରୁ ୬ ଦିନ ଲାଗି ଯାଉଛି। ଡେଲିଭରି ବୟ ଗ୍ୟାସ ଦେଇ ଅଧିକ ଟଙ୍କା ଜୁଲୁମ କରୁଥିବା ଜଣାପଡ଼ିଛି। ଅନେକ ବ୍ୟକ୍ତି ବାହାରେ ରହୁ ଥିବାରୁ ତାଙ୍କ ଘରକୁ ଗ୍ୟାସ ପହଂଚି ପାରୁନାହିଁ। ବାରମ୍ବାର ବିତରକଙ୍କ କାର୍ଯ୍ୟାଳୟକୁ ଫୋନ୍ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏପରି ଅନେକ ଘଟଣା ଘଟି ଚାଲିଥିବା ବେଳେ ହିତାଧିକାରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଗ୍ୟାସ ନ ପାଇବାରୁ ଚୁଲି ଅଜଳା ରହୁଛି। ନିମାପଡ଼ା ବଜାରର କେତେକ ବ୍ୟବସାୟୀ ଦୋକାନ ଭିତରେ ବ୍ୟାପକ ଗ୍ୟାସ ମହଜୁଦ ରଖିଥିବା ବେଳେ ହୋଟେଲ ଓ ଜଳଖିଆ ଦୋକାନୀଙ୍କୁ କମରସିଆଲ୍ ଗ୍ୟାସ୍ ବଦଳରେ ଡ଼ୋମେଷ୍ଟିକ୍ ଗ୍ୟାସ କିପରି ଦିଆଯାଉଛି ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଜବରଦଖଲକାରୀଙ୍କ କବ୍‌ଜାରେ ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଟଙ୍କାର ଭୂ-ସଂପତ୍ତି

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅରିକ୍ଷଣ୍ଡ ମୌଜାରେ ଥିବା ସରକାରୀ ଜମି ଓ ଶ୍ରୀଜଗନ୍ନାଥଙ୍କ ବହୁ ଭୂସଂପତିକୁ ଜବରଦଖଲକାରୀ ଜୋର ଜବରଦସ୍ତ ଦଖଲ କରିବା ସହ ନାଲି ଆଖି ଦେଖାଇ କେତେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ କରିବାରୁ ମିଥ୍ୟା କେସ୍‌ରେ ଫସାଇ ଦେବା ପାଇଁ ଯୋଜନା କରି ମହାପ୍ରଭୁଙ୍କ ଜମିକୁ ହଡ଼ପ କରିବା ପାଇଁ ରୀତିମତ ଚକ୍ରାନ୍ତ ଚଳାଇଛନ୍ତି। ଅନେକ ବ୍ୟକ୍ତିଙ୍କର ଘରବାରୀ ଜାଗା ଥାଇ ମଧ୍ୟ ସେଠାରେ ଘର ନକରି ସରକାରଙ୍କର ନିଜି ଦଖଲ ଜମିରେ ଜବରଦସ୍ତ କୋଠାଘର ନିର୍ମାଣ କରି ଚାଲିଛନ୍ତି। ଯାହାକୁ ନେଇ ବେଳକୁ ବେଳ ଜବରଦଖଲକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ବେଳେ ପାଟପୁର ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ ନ କରି ନିଜ କାର୍ଯ୍ୟାଳୟରେ ବସି ରହୁଥିବା ବେଳେ ଏହି ପୁରାତନ ରେକର୍ଡ଼ ସମ୍ବନ୍ଧରେ କିଛି ଜାଣିନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କେବେ ବି ରାଜସ୍ୱ ନିରୀକ୍ଷକ ଜମି ଜବର ଦଖଲକାରୀଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଇ ନଥିବା ଖବର ବିଶେଷ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଅରିକ୍ଷଣ୍ଡ ମୌଜାରେ ସରକାରୀ ଜମି ଓ ଜଗନ୍ନାଥ ମହାପ୍ରଭୁଙ୍କର ବ୍ୟାପକ ଭୂ-ସଂପତି ରହିଥିବା ବେଳେ କେତେଜଣ ବ୍ୟକ୍ତି ଏହାକୁ ବେଆଇନ ଭାବେ ଜବର ଦଖଲ କରି ରଖିଛନ୍ତି। ଅନେକ ବ୍ୟକ୍ତିଙ୍କର ବ୍ୟାପକ ସଂପତି ଥିଲେ ମଧ୍ୟ ଜଗନ୍ନାଥ ମହାପ୍ରଭୁଙ୍କର ସଂପତିକୁ ଜବର ଦଖଲ କରି ଭୋଗ ଦଖଲ କରିବା ସହ କୋଠାଘର ନିର୍ମାଣ କରି ରହିଛନ୍ତି। ପୂର୍ବତନ ସରପଞ୍ଚ ବେଦବସ୍ତ ତୋଟାକୁ ମାପ କରିବା ପାଇଁ ତହସିଲଦାରଙ୍କୁ ଆବେଦନ କରିଥିଲେ ମଧ୍ୟ ଦୀର୍ଘ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ମାପଚୁପ ହୋଇପାରି ନାହିଁ। ଯାହାଦ୍ୱାରା ଅନେକ ବ୍ୟକ୍ତି ବେଆଇନ ଭାବେ ନିଜି ଦଖଲ ଜାଗାକୁ ଦଖଲ କରୁଛନ୍ତି। ଅନେକ ବ୍ୟକ୍ତି ବାଲିତୋଟା (ତାଳ ବଣିଆ) ଜାଗାକୁ ଜବର ଦଖଲ କରି ସେହି ପ୍ଲଟ୍‌ରେ ଥିବା ମୂଲ୍ୟବାନ ଆକାଶି, ଝାଉଁ, ପଟାସ, ପଣସ, ବାଉଁଶ ଆଦି ଗଛକୁ ବିକ୍ରି କରୁଛନ୍ତି। ଦୀର୍ଘଦିନ ହେବ ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏପରିକି, ଅରିକ୍ଷଣ୍ଡ ମୌଜାରେ ଥିବା ଜଳାଶୟକୁ ପୋତାଯାଇଛି। ଏହାଦ୍ୱାରା ପ୍ରଶାସନ ଆଖିରେ ଦିନ ଦ୍ୱିପ୍ରହରରେ ଲଣ୍ଠନ ଦେଖାଇ ଜବରଦଖଲ କରି ଚାଲିଛନ୍ତି। ଦୀର୍ଘବର୍ଷ ହେବ ଶୁଣିବାକୁ ମିଳିଛି ଜବର ଦଖଲ ଉଚ୍ଛେଦ ହେବ। ମାତ୍ର ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ।

## ପୁରୀ ପ୍ରଶାସନକୁ ଇଫ୍‌କୋ ପାରାଦୀପ ୟୁନିଟର ୨୦୦ ରୋଡ ବାରିକେଡ଼ ପ୍ରଦାନ




ପାରାଦ୍ୱୀପ(ଭାସ୍କର ନ୍ୟୁଜ): ଓଡ଼ିଶା ତଥା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ନିମନ୍ତେ ଇଫକୋ ପାରାଦ୍ୱୀପ ୟୁନିଟ ପକ୍ଷରୁ ପୁରୀ ପ୍ରଶାସନକୁ ଦୁଇଶହ ରୋଡ ବ୍ୟାରିକେଡ଼ ପ୍ରଦାନ କରାଯାଇଛି। ଇଫକୋର ଏହି ପଦକ୍ଷେପ ତାର ସିଏସଆର କାର୍ଯ୍ୟକଳାପ ଅନ୍ତର୍ଗତ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ। ପୁରୀ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଇଫକୋ ପାରାଦ୍ୱୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏବଂ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଏହି ବ୍ୟାରିକେଡ଼ ପ୍ରଦାନ କରିଥିଲେ। ରଥଯାତ୍ରା ସମୟରେ ପୁରୀର ମୁଖ୍ୟ ମାର୍ଗ ଓ ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ଏହି ବ୍ୟାରିକେଡ଼ ଲଗାଯାଇ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରାଯିବ। ତେବେ ସମାଜ କଲ୍ୟାଣ ପାଇଁ ପାରାଦ୍ୱୀପ ଇଫକୋ ଦ୍ୱାରା ବିଭିନ୍ନ ଜନହିତକର କାର୍ଯ୍ୟକୁ ଗୁରୁତ୍ୱ ଦେଇ ଆସୁଛି ବୋଲି ଇଫକୋର ମୁଖ୍ୟ ଶ୍ରୀ ମହାପାତ୍ର କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମକୁ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ପରିଚାଳନା କରିଥିଲେ।

## ବିକଳାଙ୍ଗ ନାବାଳିକାକୁ ଦୁଷ୍କର୍ମ, ଅଭିଯୁକ୍ତ କୋର୍ଟଚାଲାଣ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱରରେ ଲଜ୍ଜା। ମାନସିକ ବିକୃତ ନାବାଳିକାଙ୍କୁ କାଜୁ ଜଙ୍ଗଲରେ ଦୁଷ୍କର୍ମ। ଘର ଠାରୁ ୨୦ କିମି ଦୂରରେ ମୁମୂର୍ଷୁ ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କଲେ ଲୋକେ। ନାବାଳିକା ଜଣକ ଶୌଚ ଯିବାକୁ କହି ଘରୁ ବାହାରି ଆସିଥିଲା, ଆଉ ଘରକୁ ଫେରି ନଥିଲା। ବହୁ ଖୋଜାଖୋଜି ପରେ ଗୋବରଘଟା ସ୍ଥିତ ସିଟ ଛକରୁ ଲୋକେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଝିଅକୁ ଦେଖି ସମ୍ପର୍କୀୟ ମାନେ ହାତୀଗଡ ହସ୍ପିଟାଲକୁ ନେଇଥିଲେ ଓ ଡାକ୍ତରୀ ମାଇନା ପରେ ନାବାଳିକା ଜଣକ ଦୁଷ୍କର୍ମର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସମ୍ପର୍କୀୟ ମାନେ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ରାଇବଣିଆ ଅଞ୍ଚଳର ଦୁଷ୍କର୍ମ କରିଥିବା ଯୁବକ ସଞ୍ଜୀବ କୁମାର ଘୋଷକୁ ଭଦୁଆ କାଜୁ ଜଙ୍ଗଲରୁ ଧରି ୪୨/୨୫ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

## ଖଣ୍ଡାରେ ଆକ୍ରମଣ, ଦୁଇ ଅଭିଯୁକ୍ତ କୋର୍ଟଚାଲାଣ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଅଞ୍ଚଳରେ ଗତ ଶୁକ୍ରବାର ରାତିରେ ବଳଙ୍ଗା ମେଳଣ ପଡ଼ିଆରେ ଚାଲିଥିବା ଭଉଁରୀ ନାଗା ଯାତ୍ରାରେ ଗୋଟିଏ ଗୋଷ୍ଠୀର ଖଣ୍ଡା ଚୋଟରେ ଅନ୍ୟ ଏକ ଗୋଷ୍ଠୀର ୪ ଜଣ ଆହତ ହେବା ମାମଲାରେ ରବିବାର ଦିନ ବଳଙ୍ଗା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ବଳଙ୍ଗା ଦେଉଳି ସାହିର କୃଷ୍ଣଚନ୍ଦ୍ର ସେଠୀ ଓ ପ୍ରଶାନ୍ତ ପ୍ରଧାନ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ଭଉଁରୀ ନାଗା ଯାତ୍ରା ଚାଲୁଥିବା ସମୟରେ ପ୍ରଧାନ ସାହିର ଯୁବକ ଓ ଦେଉଳି ସାହିର ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଦେଉଳି ସାହିର ପ୍ରଭାକର ସେଠୀ, କୃଷ୍ଣଚନ୍ଦ୍ର ସେଠୀ, ପ୍ରଶାନ୍ତ ପ୍ରଧାନଙ୍କ ସହ ଅନ୍ୟ କେତେକ ଯୁବକମାନେ ପ୍ରଧାନ ସାହିର ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରଧାନ ସାହି ଗ୍ରାମର ଶୁଭମ ପ୍ରଧାନ, ରାଜା ସାହୁ, କାଳୁ ସାହୁ ଓ ପ୍ରକାଶ ସାହୁ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଏନେଇ ଶୁଭମର ବାପା ପ୍ରମୋଦ ପ୍ରଧାନଙ୍କ ପକ୍ଷରୁ ଶନିବାର ଦିନ ଥାନାରେ ଅଭିଯୋଗ କରାଯିବା ପରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଆସାମୀ କୃଷ୍ଣ ଓ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ ଦେଉଳି ସାହି ଗ୍ରାମର ନାଗା ଶୋଭାଯାତ୍ରା ଯିବା ସମୟରେ ପ୍ରଧାନ ସାହିର ଯୁବକମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିବା ଦେଉଳି ସାହି ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଛି।

## ଭଡା ଘରେ ମହିଳାଙ୍କ ଆତ୍ମହତ୍ୟା

କାଳିଆପାଣି(ଭାସ୍କର ନ୍ୟୁଜ): କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ପଞ୍ଚାୟତ ବିର୍ଷାନଗର ଭଡାଘରୁ ମହିଳାଙ୍କ ଝୁଲନ୍ତା ମୃତ ଦେହ କାଳିଆପାଣି ପୋଲିସ ଜବତ କରିଛି। ସୂଚନାରୁ ପ୍ରକାଶ ଯେ ଇମ୍ଫା କମ୍ପାନିରେ କାର୍ଯ୍ୟ କରୁଥିବା ଅଭୟ ସେଠି ବିର୍ଷା ନଗରରେ ଏକ ଭଡା ଘରେ ରହୁଥିଲେ। ରବିବାର ଦିନ ବାହାରକୁ କିଛି କାର୍ଯ୍ୟରେ ଯିବା ସମୟରେ ତାଙ୍କ ସ୍ତ୍ରୀ କାଞ୍ଚନ ସେଠି (୪୮) ଘରେ କବାଟ ବନ୍ଦ କରି ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଦେଇଥିଲା। ପଡୋଶୀ କିଛି କାମ ପାଇଁ କାଞ୍ଚନକୁ ଡାକିବାରୁ ଶୁଣି ନଥିଲେ। କବାଟ ଭିତରପଟୁ ବନ୍ଦ ଥିବା ଜାଣିପାରି ଅଭୟଙ୍କୁ ଫୋନ ଯୋଗେ ଜଣାଇଥିଲେ କ୍ଷ ଅଭୟ ଆସି ଦେଖିବା ସହ ପୋଲିସକୁ ଖବର ଦେଇଥିଲେ ସଙ୍ଗେ ସଙ୍ଗେ କାଳିଆପାଣି ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ସହିତ କାଞ୍ଚନ ଘର ଲୋକଙ୍କୁ ଖବର ଦେଇଥିଲେ। କାଞ୍ଚନର ବାପା ପହଞ୍ଚିବା ପରେ ପୋଲିସ ଘରକୁ ଖୋଲି ଶବ ଜବତ ଏକ ଅପମୃତ୍ୟୁ ମାମଲା ୧୧/୨୫ ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ପଠାଇଛନ୍ତି।

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ନାମ୍ପୋ ଶୀତଳା ଠାକୁରାଣୀ ଟ୍ୟୁଟୋରିଆଲର ସଫଳତା



ଜଳେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଯୁକ୍ତ ୨ ବିଜ୍ଞାନ ପରୀକ୍ଷାର ଫଳାଫଳ ଇତିମଧ୍ୟରେ ପ୍ରକାଶ ପାଇଅଛି।ଉକ୍ତ ପରୀକ୍ଷାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ସ୍ଥିତ ଶୀତଳା ଠାକୁରାଣୀ ଟ୍ୟୁଟୋରିଅଲର ବିଜ୍ଞାନରେ ସର୍ବାଧିକ ୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୨୪ ଜଣ ପ୍ରଥମ ଶ୍ରେଣୀରେ ଓ ୧୧ ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି।ନାମ୍ପୋ ପରି ଏକ ଗ୍ରାମାଞ୍ଚଳରେ ଗଢି ଉଠିଥିବା ଏହି ଶିକ୍ଷାନୁଷ୍ଠାନରେ ବହୁ ଗରିବ ଛାତ୍ରଛାତ୍ରୀ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅଳ୍ପ ଖର୍ଚ୍ଚରେ ଯୁକ୍ତ ୨ ବିଜ୍ଞାନ ପାଠ ପଢି ପ୍ରତ୍ୟକ ବର୍ଷ ଭଲ ଫଳାଫଳ ଆଣୁ ଥିବାରୁ ଗ୍ରାମବାସୀ ଓ ଅଭିଭାବକ ମାନେ ଅନୁଷ୍ଠାନର କର୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ଉକ୍ତ ସଫଳତା ପାଇଁ ଶୀତଳା ଠାକୁରାଣୀ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅଞ୍ଜନ କୁମାର ପାଳ, ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ତଥା ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦୁର୍ଗେଶ କୁମାର ନାୟକ, ନାରାୟଣ ଚନ୍ଦ୍ର ପରିଡା, ସମୀର କୁମାର ପରିଡା, ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ସୁକୁମାର ରଣା, ସମାଜସେବୀ ତଥା ସାମ୍ବାଦିକା ଆରତୀ ଦାସ, ଡ଼ଃ ଦୀନକୃଷ୍ଣ ଜେନା, ଡ଼ଃ ସମ୍ବିତ ପ୍ରକାଶ ପରିଡା, ତଥା ଅଧ୍ୟାପକ ଯତୀନ କୁମାର ମିଶ୍ର, ଖଗେନ୍ଦ୍ର ନାଥ ପ୍ରମାଣିକ, ଅକ୍ଷୟ କୁମାର ଜେନା, ଶୁଭେନ୍ଦୁ ପାତ୍ର, ଦେବବ୍ରତ ପ୍ରଧାନ, ଗଣେଶ ଚନ୍ଦ୍ର ସାହୁ, ଚିନ୍ମୟ କୁମାର ଗିରି, ଚନ୍ଦନ କୁମାର କର, ଅଧାପିକା ରାଧାରାଣୀ ମହାନ୍ତି, ବନ୍ଦନା ଦାସ ତଥା ସମାଜସେବୀ ମୃଗାଙ୍କ ବସୁ, ଯାମିନୀ ନାୟକ, ମୋନାଲିସା ଆଚାର୍ଯ୍ୟ, ଅମିତା ପରିଡା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ଗ୍ରାହକ ସଚେତନତା ସେବା




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଢେଙ୍କାନାଳ ମୁଖ୍ୟ ଶାଖା ପକ୍ଷରୁ ଏକ ଗ୍ରାହକ ସଚେତନତା ଓ ବିତୀୟ ସାକ୍ଷରତା କାର୍ଯ୍ୟକ୍ରମ ସ୍ଥାନୀୟ ହୋଟେଲ୍ ଆର୍.କେ.ରିଜେନ୍ସୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏକ ସାର୍ବଜନୀନ ରାଷ୍ଟ୍ରାୟତ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନ କରୁଥିବା ଏକ ବୈଧାନିକ ସଂସ୍ଥା, ଯାହା ବିଶ୍ୱର ୪୩ତମ ବୃହତମ ବ୍ୟାଙ୍କ ଓ ବିଶ୍ୱର ସବୁଠାରୁ ବଡ ନିଗମମାନଙ୍କ ର୍ୟାଙ୍କିଙ୍ଗ୍ ଲିଷ୍ଟ-୨୦୨୦ ଫର୍ଚ୍ଚୁନ ଗ୍ଲୋବାଲ୍ ତାଲିକାରେ ୨୨୧ତମ ସ୍ଥାନରେ ଆସୀନ, ଏକମାତ୍ର ଭାରତୀୟ ବ୍ୟାଙ୍କିଙ୍ଗ୍ ସଂସ୍ଥା। ଗ୍ରାହକଙ୍କ ଦ୍ୱାରା ଦେଶରେ ସେବା ପହଁଚାଇବା ଓ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନୂତନ ଉପଲବ୍ଧି ଦେବା ଆମର ମୂଳ ଲକ୍ଷ୍ୟ ବୋଲି ଢେଙ୍କାନାଳ ମୁଖ୍ୟ ଶାଖାର ମୁଖ୍ୟ କ୍ଷେତ୍ର ପ୍ରବନ୍ଧକ ସନ୍ଦୀପ୍ କୁମାର ତ୍ରିପାଠୀ ପ୍ରାରମ୍ଭିକ ସୂଚନା କ୍ରମରେ ଉପସ୍ଥାପନ କରିଥିଲେ ଓ ଉପସ୍ଥିତ ଗ୍ରାହକଙ୍କ ସହଯୋଗ କାମନା କରିଥିଲେ। ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଷ୍ଟେଟ୍ ବ୍ୟାଙ୍କ୍‌ର ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ବ୍ୟବସାୟୀ ବନ୍ଧୁମାନେ ନିଜ ବ୍ୟବସାୟ କ୍ଷେତ୍ର ପରିଚାଳନାରେ ବ୍ୟସ୍ତ ରହୁଥିବା ଯୋଗୁଁ ବାରମ୍ବାର ବ୍ୟାଙ୍କ୍‌କୁ ନଯାଇ ନିଜ ବ୍ୟବସାୟ କେନ୍ଦ୍ର ପରିସରରେ ସମସ୍ତ ବ୍ୟାଙ୍କିଙ୍ଗ ସେବା ଓ ସୁବିଧା ଉପଯୋଗ କରିପାରିଲେ ବ୍ୟବସାୟର ଗୁଣବତା ବୃଦ୍ଧି ପାଇବ ଓ ସେମାନେ ଚାପମୁକ୍ତ ରହିପାରିବେ। ତେଣୁ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନମାନେ ଏହି ଦିଗପ୍ରତି ଯତ୍ନବାନ୍ ହେଲେ ଆର୍ଥିକ ଅଭିବୃଦ୍ଧି ହେବା ସହ ବ୍ୟାଙ୍କ ଓ ଗ୍ରାହକ ପରସ୍ପରର ନିକଟତର ହୋଇପାରିବେ ଏବଂ ସଂପର୍କ ଦୃଢ଼ୀଭୂତ ହେବ। ଷ୍ଟେଟ୍ ବ୍ୟାଙ୍କ କଷ୍ଟମର ରିଲେସନ୍‌ସିପ୍ ମ୍ୟାନେଜର ଦିବ୍ୟ ରଂଜନ ପାଣିଗ୍ରାହୀ ଚଳନ୍ତି ଖାତା ପରିଚାଳନା, ସେ ସଂପର୍କିତ ନୂତନ ସୁବିଧା ସୁଯୋଗ, ଗ୍ରାହକମାନଙ୍କୁ ତ୍ୱରିତ ଋଣ ପ୍ରଦାନ, ସତ୍ୱାଧିକାରୀଙ୍କୁ ଜୀବନ ବୀମା ସୁବିଧା ଇତ୍ୟାଦି ସଂପର୍କରେ ଆଲୋକପାତ କରିଥିଲେ। ଷ୍ଟେଟ୍ ବ୍ୟାଙ୍କ କ୍ରେଡିଟ ସପୋର୍ଟ ମ୍ୟାନେଜର ହିମାଂଶୁ ଷଡଙ୍ଗୀ କ୍ଷୁଦ୍ର ବ୍ୟବସାୟୀଙ୍କୁ ମୁଦ୍ରାଋଣର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଦସ୍ୟ, କର୍ମକର୍ତ୍ତା, ଷ୍ଟେଟ୍ ବ୍ୟାଙ୍କର ପ୍ରମୁଖ ଗ୍ରାହକଗଣ, ସହରର ବିଶିଷ୍ଟ ବ୍ୟବସାୟୀ ଯୋଗଦାନ କରି ପ୍ରଶ୍ନୋତର ମାଧ୍ୟମରେ ବିଭିନ୍ନ ସମସ୍ୟାର ସରଳ ସମାଧାନ ଓ ବ୍ୟାଙ୍କିଙ୍ଗ୍ ସେବା ସଂପର୍କରେ ଅବଗତ ହୋଇଥିଲେ। ଶେଷରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଉପସଭାପତି ରୋଟାରିଆନ୍ ରାଜ୍ କିଶୋର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଆଦିମାତା ଗାୟତ୍ରୀ ତୀର୍ଥ ଶାନ୍ତିକୁଞ୍ଜ ହରିଦ୍ୱାର ପକ୍ଷରୁ ସାରା ବିଶ୍ୱରେ ଗାୟତ୍ରୀ ଯଜ୍ଞ ମାଧ୍ୟମରେ ଶାନ୍ତିର ପବିତ୍ର ବାତାବରଣ ସୃଷ୍ଟି କରିବା ତଥା ପରାମପୂଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀରାମଶର୍ମା ଆଚାର୍ଯ୍ୟ ଓ ମାତା ଭଗବତୀ ଦେବୀଙ୍କ ପବିତ୍ର ବାର୍ତ୍ତା କେନ୍ଦୁଝରର କୋଣ ଅନୁକୋଣରେ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଜ୍ୟୋତିକଳସ ରଥ ଗତକାଲି ସକାଳୁ ସ୍ଥାନୀୟ ଗୌରଡୋଟା ସାହି ଗୋବିନ୍ଦଧାମରେ ହୋମଯଜ୍ଞ ସାରିବା ପରେ ପାଇଉସରରେ ଏହି ରଥ ଭାଲୁକିପତଳା , ମାଧପୁର, କଲେଜରୋଡ଼, ବ୍ରାହ୍ମଣୀଗାଁ, ଗୁମୁରା, ବଡ଼ହଳ, ମାଇନିଂରୋଡ଼ ନିଉକଲୋନୀ ରାସ୍ତା ଦେଇ ପବିତ୍ରଡ଼ିହା ଦେଇ ଜଗନ୍ନାଥପୁର ସ୍ଥିତ ଗାୟତ୍ରୀ ଶକ୍ତିପୀଠ ରେ ଏହି ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସେଠାରେ ଗାୟତ୍ରୀ ଯଜ୍ଞ ସହିତ ପୂଜନ କରାଯାଇଥିଲା । ପରେ ବଳଦେବଜୀଉ କଲୋନୀ,ସିଲୁଆଁ, ଗୋବିନ୍ଦପୁର ବାମ୍ପାର ଦେଇ ଏହି ଭବ୍ୟ ରଥ ଡିମ୍ବୋ ଗ୍ରାମରେ ପହଞ୍ଚିବା ପରେ ରଥ ତେନ୍ତୁଳିନଣ୍ଡା ଗ୍ରାମ ପରିକ୍ରମା କରିଥିଲା । ଗ୍ରାମର ମହିଳା ଓ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ରଥକୁ ଶୋଭାଯାତ୍ରା ରେ ଡିମ୍ବୋ ସଂକୀର୍ତ୍ତନ ମଣ୍ଡପ ନିକଟକୁ ନେଇଥିଲେ । ସେଠାରେ ଗାୟତ୍ରୀ ପୂଜନ ସହ ବିଶ୍ୱ ମଙ୍ଗଳ ସାଧନ ଉଦ୍ଦେଶ୍ୟରେ ଦ୍ୱୀପଯଜ୍ଞ କରାଯାଇଥିଲା । ରବିବାର ଏହି ରଥ ଡିମ୍ବୋ ପଞ୍ଚାୟତ ର ପ୍ରତ୍ୟେକ ଗ୍ରାମ ପରିକ୍ରମା କରିବ ବୋଲି ସୂଚନା ମିଳିଛି ।

## ବଢୁଛି ବିଦେଶୀ ପକ୍ଷୀ ଶିକାର

କଣାସ, (ଭାସ୍କର ନ୍ୟୁଜ୍) : ଶୀତ ଋତୁ ଆଗମନରେ ଚିଲିକା ହ୍ରଦକୁ ବିଭିନ୍ନ ଦେଶରୁ ନାନା ପ୍ରଜାତିର ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଆସନ୍ତି ପୁଣି ଗ୍ରୀଷ୍ମ ଋତୁର ଆଗମନରେ ଫେରିଯାଆନ୍ତି । ଚଳିତବର୍ଷ ହଜାର ହଜାର ବିଦେଶୀ ପକ୍ଷୀ କଣାସ ବ୍ଲକର ଚିଲିକା ଉପକୂଳ ଅଞ୍ଚଳ ଧାନ ଜମିରେ ଖାଦ୍ୟ ଅନ୍ୱେଷଣରେ ଘୁରି ବୁଲୁଛନ୍ତି । ସପ୍ତାହ ତଳେ ବିଭିନ୍ନ ଖବର କାଗଜରେ ବିଦେଶୀ ପକ୍ଷୀ ଶିକାର ଖବର ପ୍ରକାଶ ପାଇବା ପରେ ଟାଙ୍ଗୀ ବନ ବିଭାଗ କର୍ମଚାରୀମାନେ ଦୁଇ ଦିନ ପ୍ରଭାତରୁ ଆସି ଜଗିଥିଲେ ସେ ସମୟରେ କେହି ଶିକାରୀ ସାମ୍ନାକୁ ଆସିନଥିଲେ । ଏବେ ପୁଣି ପକ୍ଷୀ ସୁରକ୍ଷା କର୍ମଚାରୀ ଆସୁନଥିବାରୁ ଶହ ଶହ ପକ୍ଷୀଙ୍କୁ ବିଷ ଦେଇ ଓ ଫାଶୀ ଜାଲ ବସାଇ ଧରି ନେଉଛନ୍ତି ଶିକାରୀ । ଏ ସଂପର୍କରେ ଆମ ପ୍ରତିନିଧି ବନବିଭାଗ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କୁ ଜଣାଇବାରୁ ସେ କହିଲେ ଆପଣମାନେ ଯେଉଁ ମାନେ ଶିକାର କରୁଛନ୍ତି ତାଙ୍କ ନାମ ଲେଖି ଆଣ । ଆମକୁ, ଜିଲ୍ଲାପାଳଙ୍କୁ କିମ୍ବା ମନ୍ତ୍ରୀଙ୍କୁ ଜଣାଇଲେ ମଧ୍ୟ କେହି କିଛି କରିପାରିବେ ନାହିଁ ।

## ଛତିଆ ବିସ୍ଫୋରଣ ଘଟଣା

# ବିସ୍ଫୋରକ ସାମଗ୍ରୀର କଳାବଜାରି ରୋକିବାକୁ ଦାବି

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ଛତିଆ ବସ ଷ୍ଟାଣ୍ଡ ନିକଟରେ ଚଳିତ ମାସ ୧୩ ତାରିଖରେ ହୋଇଥିବା ବିସ୍ଫୋରଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରହିଛି । ତେବେ ଏହି ବିସ୍ଫୋରକ ସାମଗ୍ରୀ କେଉଁଠୁ ଆସିଲା ଯଦିଓ ପୋଲିସ ଜାଣିପାରି ନାହିଁ ତଥାପି ଗୁରୁତର ହୋଇଥିବା ଯୁବକ ଚିକିତ୍ସା ହୋଇ ସୁସ୍ଥ ହେବା ପରେ ତାର ବୟାନ ଆଧାରରେ ସମସ୍ତ ଘଟଣା ଜଣାପଡ଼ିବ ବୋଲି ସୂଚନା ମିଳିଛି । ଧର୍ମଶାଳା ବ୍ଲକରେ ଥିବା ପାହାଡ଼ରୁ ଦୈନିକ ଏହି ବିସ୍ଫୋରକ ସାମଗ୍ରୀ ସାହାଯ୍ୟରେ ପାହାଡ଼ ଫଟାଇ ମାଫିଆ ମାନେ ବେଆଇନ ଭାବେ କଳା ଚିପ୍ସ ସଂଗ୍ରହ କରି କୋଟି କୋଟି ଟଙ୍କା ଆୟ କରୁଛନ୍ତି । ଧର୍ମଶାଳା ବ୍ଲକରେ ରହିଛି ୨୮ଟି ମାଇନିଂ ଖାଦାନ । ମାତ୍ର କାହାରିକୁ ସରକାରଙ୍କ ପକ୍ଷରୁ ଲିଜ ଦିଆଯାଇନାହିଁ । ତେବେ ଏଠାକାର ମାଫିଆମାନେ ବେଆଇନ ଭାବେ ପାହାଡରେ ବିସ୍ଫୋରଣ କରି ସେଠାରୁ ମନଇଚ୍ଛା କଳା ପଥର ଚାଲାଣ କରିବାକୁ ସକ୍ଷମ ହେଉଛନ୍ତି । ବାରମ୍ବାର ବେଆଇନ କଳା ପଥର ଚାଲାଣ ପ୍ରତି ଅଭିଯୋଗ ହେବାରୁ ସରକାର କିଛି ମାସ ହେବ ପ୍ରତି ଖାଦାନରେ ମାଇନିଂ ମିନେରାଲ ବିଭାଗ ପକ୍ଷରୁ ପ୍ରତି ଖାଦାନରେ ଜଣେ ଲେଖାଏଁ ମ୍ୟାନେଜରଙ୍କୁ ନିଯୁକ୍ତି ଦେଇଛନ୍ତି । ହେଲେ ଯେଉଁ ମ୍ୟାନେଜର ନିୟୋଜିତ ହୋଇଛନ୍ତି ସେମାନେ ସେମାନଙ୍କର କାର୍ଯ୍ୟ ସଠିକ ଭାବେ କରିପାରୁନାହାନ୍ତି । ଯାହାଫଳରେ ସେଠାରେ ଅନେକ ଅନିୟମିତତା ଦେଖାଦେଉଛି । ବିସ୍ଫୋରଣରେ ଯେଉଁ ବିସ୍ଫୋରକ ସାମଗ୍ରୀ ବ୍ୟବହାର ହେଉଛି ସେସବୁ ଧର୍ମଶାଳା ଅଞ୍ଚଳରେ ମିଳୁଥିବା ଅଭିଯୋଗ ହେଉଛି । ଛତିଆ ଅଘଟଣରେ ଗୁରୁତର ଆହତ ନେପାଳି ପୂର୍ତ୍ତିଙ୍କ ଘରୁ ବୈରୀ ପୋଲିସ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରିଛି ଏବଂ ସେ ଅସୁସ୍ଥ ହୋଇ କଥା କହିପାରୁନଥିବାରୁ ତା ନିକଟରୁ କିଛି ତଥ୍ୟ ପୋଲିସ ସଂଗ୍ରହ କରିବାରେ ସଫଳ ହୋଇପାରିନାହିଁ । ଏ ବିଷୟରେ ବୈରୀ ଥାନାଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି କି ଛତିଆ ବିସ୍ଫୋରଣରେ ଯେଉଁ ଯୁବକ ଆହତ ହୋଇଛନ୍ତି ତାଙ୍କ ପାଟି ସିଲାଇ ହୋଇଛି ଏବଂ ସେ ସୁସ୍ଥ ହେବାପରେ ଏହି ବିସ୍ଫୋରକ ସାମଗ୍ରୀ କେଉଁଠୁ ଆସିଲା ତାହା ସ୍ପଷ୍ଟ ହୋଇଯିବ ଏବଂ ଆବଶ୍ୟକ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଥିଲେ । ଧର୍ମଶାଳାରେ ବେଆଇନ ଭାବେ ବିସ୍ଫୋରଣ ହେଉଥିବାରୁ ଛତିଆ ଘଟଣା ସହିତ ଏହାର ଲିଙ୍କ ରହୁଥିବା ଶୁଣିବାକୁ ମିଳୁଛି । ପୂର୍ବରୁ ମଧ୍ୟ ଧର୍ମଶାଳା ଅଞ୍ଚଳରୁ ବହୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା । ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳରେ ଡିଟୋନେଟର ଓ ଅର୍ଡ଼ିନାରୀ ଡିଟୋନେଟର ଦ୍ୱାରା ବିସ୍ଫୋରଣ କରାଯାଉଛି । ଯେଉଁ ଡିଟୋନେଟର ବ୍ୟବହାର କରାଯାଉଛି ଏହା କେବଳ ସରକାରଙ୍କ ଠାରୁ ଲାଇସେନ୍ସ ପ୍ରାପ୍ତ ବିକ୍ରେତା ବିକ୍ରି କରିପାରିବେ ଏବଂ ଲାଇସେନ୍ସ ପାଇଥିବା ଖଣି ମାଲିକମାନେ କିଣି ପାରିବେ । ଏହାକୁ ତାଲିମପ୍ରାପ୍ତ ଶ୍ରମିକଙ୍କ ଦ୍ୱାରା ବ୍ୟବହାର କରାଯାଇ ପାରିବ । ମାତ୍ର ଏଠାରେ ଏହି ନିୟମକୁ କେହି ପାଳନ କରୁନାହାନ୍ତି । ଧର୍ମଶାଳାରେ ମାତ୍ର ଦୁଇ ଜଣଙ୍କୁ ଏହି ଲାଇସେନ୍ସ ମିଳିଥିବା କୁହାଯାଉଛି । ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନେ ଦୈନିକ କେତେ ଡିଟୋନେଟର ବ୍ୟବହାର କରୁଛନ୍ତି ତାହା ସରକାରଙ୍କ ପାଖରେ ତଥ୍ୟ ରହିବାର ଆବଶ୍ୟକତା ରହିଛି । ତେବେ ୧୦୦ ବର୍ଗ ଫୁଟର ପଥର ଖଣ୍ଡ ଫଟାଇଲେ ଅତି କମ୍‌ରେ ୫ଟି ଡିଟୋନେଟର ବ୍ୟବହାର କରାଯିବା କଥା । ହେଲେ ବ୍ୟବସାୟୀ ମାନେ ଆବଶ୍ୟକତାଠାରୁ ଅଧିକ ରଖୁଛନ୍ତି । ଏହା ବ୍ୟୟ ସାପେକ୍ଷ ହୋଇଥିବାରୁ କମ ଖର୍ଚ୍ଚ ପାଇଁ ବ୍ୟାପକ କଳାବଜାରି ହେଉଛି । ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଡିପ ହୋଲ କରିବାକ ଅନୁମତି ମିଳିନାହିଁ । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହୁଏତ ବିସ୍ଫୋରକ ସାମଗ୍ରୀର କଳାବଜାରିରେ ରୋକ ଲଗାଯାଇ ପାରନ୍ତା ।

## ଭାଜପାର ମିଶ୍ରଣ ପର୍ବ ଓ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଫୁଲନଖରା, (ଭାସ୍କର ନ୍ୟୁଜ୍ ) : କଟକ ସଦର ଥାନା ଅନ୍ତର୍ଗତ ଶାସୋଳ ଗ୍ରାମରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସହିତ ଛଅଗୋଟି ପ୍ରକଳ୍ପର ଶିଳାନ୍ୟାସ କଟକ ସଦର ବିଧାୟକ ଇଂ ପ୍ରକାଶ ସେଠୀ କରିଥିଲେ । ଏନେଇ ଶାସୋଳ ଖେଳପଡ଼ିଆ ଠାରେ ଶିକ୍ଷାବିତ ରାଜ କିଶୋର ପୁଷ୍ପାଳକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାଜପାର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା । ବିଧାୟକ ଇଂ.ସେଠୀଙ୍କ ଉପସ୍ଥିତିରେ ଆମଣ ପଞ୍ଚାୟତର ସରପଞ୍ଚ ମାନସୀ ପୃଷ୍ଟି, ପୂର୍ବତନ ସରପଞ୍ଚ ଶିବ ପୃଷ୍ଟି, ପ୍ରଭାସ ମଙ୍ଗରାଜ, ସୁକାନ୍ତ ଭୋଇ, ସୁକାନ୍ତ ସୁବୁଦ୍ଧି, ଲକ୍ଷ୍ମୀଧର ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ବିଭିନ୍ନ ଦଳରୁ ଇସ୍ତଫା ଦେଇ ଭାଜପା ରେ ଯୋଗ ଦେଇଥିଲେ । ଉକ୍ତ ମିଶ୍ରଣ ପର୍ବରେ ଭାଜପା ରାଜ୍ୟ ସଂଯୋଜକ ରଣଜିତ ପଣ୍ଡା, ଆମ୍ବାର ଅଧ୍ୟକ୍ଷ ରମାକାନ୍ତ ବିଶ୍ୱାଳ, ଗୋପାଳପୁର ମଣ୍ଡଳ ପ୍ରଭାରୀ ବାଜୟ ମହାପାତ୍ର,ଜିଲ୍ଲା ସଭାପତି ଅଶୋକ ସାହୁ, ପ୍ରଦୀପ ପଟ୍ଟନାୟକ ଉରାଳି ମଣ୍ଡଳ ପ୍ରଭାରୀ, ପ୍ରଦୀପ ବେହେରା, ନିର୍ମଳ ସାହୁ ଉରାଳୀ ମଣ୍ଡଳ ସଭାପତି, ତାପସ ମାହାନ୍ତି, ସୁବ୍ରତ ସାହୁ ଯୁବମୋର୍ଚ୍ଚା ସଭାପତି, ବୁଲୁ ଭାଇ ପ୍ରମୁଖ ଯୋଗ ଦେଇଥିଲେ ।

## ସିଜୋଫ୍ରେନିଆ ଦିବସ ପାଳିତ




କଣାସ, (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନର ମାନସିକ ଅସୁସ୍ଥ ବିଭାଗରେ ୫୭୩ ପୁରୁଷ ଓ ମହିଳା ଅନ୍ତେବାସୀମାନଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା । ଏଥିରେ ଲୋକମାନଙ୍କୁ ସିଜୋଫ୍ରେନିଆ ରୋଗର ଲକ୍ଷଣ ଏବଂ ନିରାକରଣର ବାର୍ତ୍ତା ଦିଆଯାଇଥିଲା । ଏହାପରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ପରିଚାଳନା ପରିଷଦର ସଭ୍ୟ ସୁଦର୍ଶନ ପରିଡା ମହୋଦୟ ଏବଂ ଡ. ସସ୍ମିତା ସାମନ୍ତରାୟ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକଳ୍ପ ସଂଯୋଜକ କୃଷ୍ଣ ଚନ୍ଦ୍ର ନିଶଙ୍କ ସିଜୋଫ୍ରେନିଆ ରୋଗ କ'ଣ ଏବଂ ଏହାର ନିରାକରଣ ଉପରେ ଉଦ୍‌ବୋଧନ ଦେଇଥିଲେ । ଉକ୍ତ ସଭାରେ ବିଭାଗର କର୍ମଚାରୀ ନିଜ ନିଜର ଅଭିଭାଷଣ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକ, ଭାଗ୍ୟଲାକ୍ଷ୍ମୀ ସାହୁଙ୍କ ସହିତ ତପନ ଦାସ, ମନସ୍ତତ୍ତ୍ୱବିତ୍ ସାମାଜିକ କର୍ମୀ ନୟନ ମୁର୍ମୁ ଚିକିତ୍ସା ମେନାବିଜ୍ଞାନୀ ଶୁଭଲକ୍ଷ୍ମୀ ସାହୁ, ଅର୍ପୀତା ସ୍ୱାଇଁ, ସୁଜାତା ବେହେରା, ମାନସି ସାସମଲ, ସ୍ୱପ୍ନାଶ୍ରୀ ମହାନ୍ତି, ଲିପି ପ୍ରଧାନ, ଶୁଶ୍ରୀ ଶିବାନୀ ଜେନା, ସୁନନ୍ଦା ପାଲଟାସିଂହ, ଦେବେନ୍ଦ୍ର ସିଂ, ଲତା ମଲ୍ଲିକ, ଶ୍ୱେତପଦ୍ମା ସାହୁ, ଝିଲି ପରିଡା, ମାନସୀ ସେଠୀ, ବିଶ୍ୱଜିତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରକଳ୍ପ ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ସିଜୋଫ୍ରେନିଆ ରୋଗ ଉପରେ ବିଶେଷ ଭାବେ ବୁଝାଇ କହିଥିଲେ ଏବଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ରାଶି କମ୍ପାନୀ ପକ୍ଷରୁ କୃଷକ ସମାବେଶ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ କାଠବାଉଁଶୁଳି ଗ୍ରାମର ଆମ୍ବତୋଟା ପଡିଆ ଠାରେ ରାଶି ତାରା (୩୨୦୦)ହାଇବ୍ରିଡ ଶଙ୍କର ଜାତୀୟ ଧାନ କମ୍ପାନୀ ପକ୍ଷରୁ ଏକ କୃଷକ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କିଟ୍ କଲେଜର ଛାତ୍ରୀ ନମ୍ରତା ନନ୍ଦ କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ଟେରିଟୋରୀ ମ୍ୟାନେଜର ଅଗ୍ରଜ କୁମାର ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅୟୋଜିତ ବୈଠକରେ ଅଞ୍ଚଳ ପ୍ରବନ୍ଧକ ତାରାପ୍ରସାଦ ରଥ ରୋଗପୋକ ନିରୋଧ ବିଷୟରେ ଚାଷୀ ଭାଇ ଭଉଣୀ ମାନଙ୍କୁ ବୁଝାଇଥିଲେ । ନ୍ୟାସନାଲ ମୁଖ୍ୟ ନବୀନ ସା ମୁଖ୍ୟଅତିଥି ଭାବେ ଯୋଗଦେଇ ଉନ୍ନତମାନର ଏହି ହାଇବ୍ରିଡ ରାଶି ତାରା ଶଙ୍କର ଜାତୀୟ ଧାନ ସମସ୍ତ ଚାଷୀ ଭାଇ ଭଉଣୀ ଚାଷ କରି ଅଧିକରୁ ଅଧିକ ଅମଳ ପାଇ ପାରିବେ ବୋଲି ଆଲୋକପାତ କରିଥିଲେ । ପରେ ୩୦ଜଣ ଚାଷୀଙ୍କୁ ନେଇ ଲୋଟେରୀ ମାଧ୍ୟମରେ ବିଭିନ୍ନ ଇଲେକ୍ଟ୍ରୋନିକ ସାମଗ୍ରୀ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୫ଶହ ଅଗ୍ରଣୀ ଚାଷୀ ସମେତ ଧାନ ବ୍ୟବସାୟୀମାନେ ସାମିଲ ହୋଇଥିଲେ ।

## ଛାତ୍ରଙ୍କ ଚିକିତ୍ସାରେ ପହଞ୍ଚିଲା ମେଡିକାଲ ଟିମ



ଓଡିଶା ଭାସ୍କର ପ୍ରଭାବ

ଆଳି, (ଭାସ୍କର ନ୍ୟୁଜ୍) : ଆଳି ଥାନା ଅନ୍ତର୍ଗତ ଦେସାହି ଗ୍ରାମର ଛାତ୍ର ପ୍ରଶାନ୍ତ କାଣ୍ଡି ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଂଜିନିୟରିଂ କଲେଜରେ ଇଲେକ୍ଟ୍ରିକାଲ ଡିପ୍ଲୋମା ପାଠ ପଢୁଥିଲେ । ପରିବାରର ଆର୍ଥିକ ସମ୍ବଳ ସ୍ୱଚ୍ଛଳ ନ ଥିବାରୁ ପାଠ ପଢ଼ା ସହ ଅବସର ସମୟରେ ଭୁବନେଶ୍ୱର ଠାରେ ଏକ ଇଲେକ୍ଟ୍ରି ଦୋକାନରେ ପାର୍ଟ ଟାଇମ କାର୍ଯ୍ୟ କରି ଆସୁଥିଲେ । ସବୁଦିନ ପରି ପାଠ ପଢ଼ା ସାରି ଏକ କାର୍ଯ୍ୟକ୍ଷେତ୍ରରେ ପଙ୍ଖା ଲଗାଇବା ସମୟରେ ଏକ ମହଲା ଛାତରୁ ପଡ଼ିଯାଇଥିଲେ । ଦୀର୍ଘ ୨୨ ଦିନ କୋମାରେ ରହିବା ପରେ ଗ୍ରାମବାସୀ, ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସହଯୋଗ ତାଙ୍କର ମୁଣ୍ଡରେ ଦୁଇ ଥର ଏବଂ ହାତ ଓ ବେକରେ ରଡ଼ ଦିଆଯାଇ ଅସ୍ତ୍ରୋପଚାର କରାଯାଇଥିଲା । ଫଳରେ ତାଙ୍କର ଏକ ଆଖି ନଷ୍ଟ ହୋଇଯାଇଥିଲା । ବର୍ତ୍ତମାନ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକତା ହେଉଥିବା ବେଳେ ଏହି ଦୁଃଖଦ ଘଟଣାକୁ ଏହି ମଇ ମାସ ୫ ତାରିଖ ଦିନ 'ଛାତ୍ରଙ୍କ ଚିକିତ୍ସାରେ ଅର୍ଥ ବାଧକ' ଶୀର୍ଷକରେ ଖବର ପ୍ରସାରଣ ପରେ ଦୁଇ ଦୁଇ ଥର ଆଳି ସ୍ୱାସ୍ଥ୍ୟ କେନ୍ଦ୍ରରୁ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ା ପ୍ରଣବ କୁମାର ଶୁକ୍ଳାଙ୍କ ଅଧକ୍ଷତାରେ ଏକ ମେଡିକାଲ ଟିମ ପ୍ରଶାନ୍ତଙ୍କ ଘରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ସହ ସଡ଼କ ବନ୍ଧୁ ସୁଶାନ୍ତ ତରାଇଙ୍କ ଦ୍ୱାରା ପୁନଃ ଡ୍ରେସିଂ କରାଯାଇଥିଲା । ତତ୍‌ସହିତ ଖବର ପ୍ରକାଶ ପରେ ସହଦେବ ଦାସ ସେବା ସଂସ୍ଥା ପକ୍ଷରୁ ୫ ହଜାର ଟଙ୍କା, ଜୟ ଜଗନ୍ନାଥ ଫାଉଣ୍ଡେସନ ଓଡିଶା ତରଫରୁ ୧୦ ହଜାର ଟଙ୍କା, ନମୌଜା ଅଞ୍ଚଳର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଚକ୍ରଧର ଦାଶଙ୍କ ତରଫରୁ ୫ ହଜାର ଟଙ୍କା ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ସହାୟତା ରାଶି ଯୋଗାଇ ଦେଇଛନ୍ତି । ଆଗକୁ ପ୍ରଶାନ୍ତଙ୍କୁ କିପରି ଅନ୍ୟ ସରକାରୀ ସ୍ତରରେ ଅଧିକ ସାହାଯ୍ୟ ସହଯୋଗ ତଥା ସରକାରି ସହାୟତା ରାଶି ପାଇବାରେ ସହଯୋଗ କରି ହେବ ସେ ବିଷୟରେ ଆବଶ୍ୟକ ବିହୀତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଳି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ା ପ୍ରଣବ କୁମାର ଶୁକ୍ଳା ପ୍ରତିକ୍ରିୟାରେ କହିଛନ୍ତି । ସୂଚନା ଯୋଗ୍ୟ ଯେ ଏ ସମ୍ପର୍କରେ 'ଓଡିଶା ଭାସ୍କର'ରେ ବିସ୍ତୃତ ବିବରଣୀ ପ୍ରକାଶ ପାଇଥିଲା ।

## ନାଟ୍ୟକାର ଦମ୍ପତ୍ତିଙ୍କୁ ବିଦ୍ୟା କନକ ସମ୍ମାନ

ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ 'ଭାରତୀ କଳା ନିକେତନ'ର ପ୍ରତିଷ୍ଠାତା ଅଧ୍ୟାପକ ଗୋପାଳ ମହାରଣା ଏକାଧାରରେ ଜଣେ ନାଟ୍ୟକାର, ଗାଳ୍ପିକ, ପ୍ରାବନ୍ଧିକ, ସୁବକ୍ତା ଓ ମଞ୍ଚ ନାଟକ ନିର୍ଦ୍ଦେଶକ । ବୃତ୍ତି ଅଧ୍ୟାପନା, କୃତି ସାହିତ୍ୟ ସାଧନା ଏବଂ ନିଶା ମଞ୍ଚ ନାଟକର ପ୍ରଚାର ପ୍ରସାର । ପତ୍ନୀ ମଧୁସ୍ମିତାଙ୍କ ଲକ୍ଷ୍ୟ ମଧ୍ୟ ଏକ -କଳା, ସାହିତ୍ୟ ସଂସ୍କୃତି ତଥା ମଞ୍ଚ ନାଟକର ପ୍ରଚାର ପ୍ରସାର । ଶ୍ରୀମତୀ ମହାରଣା ପତିଙ୍କ ପଥ ଅନୁସରଣ କରି ମଞ୍ଚ ନାଟକର ନିର୍ଦ୍ଦେଶନା ମଙ୍ଗ ସମ୍ଭାଳିଛନ୍ତି । ରାଜ୍ୟର ବିଭିନ୍ନ ମଞ୍ଚରେ ନାଟକ ପ୍ରଦର୍ଶନ କରି ଦର୍ଶକୀୟ ପ୍ରଶଂସା ସାଉଁଟିବା ସହିତ ସମ୍ବର୍ଦ୍ଧିତ ହୋଇଛନ୍ତି । ଅଦ୍ୟବଧି ଚାଳିଶରୁ ଉର୍ଦ୍ଧ୍ୱ ମଂଚ ନାଟକର ସଫଳ ନିର୍ଦ୍ଦେଶନା ଦେଇ ସେ ପାଇଛନ୍ତି 'ଶ୍ରେଷ୍ଠ ନିର୍ଦ୍ଦେଶିକା'ସମ୍ମାନ । ସେହିପରି ନାଟ୍ୟକାର ଗୋପାଳ ମହାରଣା ଏଯାବତ୍ ଅଠସ୍ତରୀ ଗୋଟି ନାଟକ ରଚନା କରି ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏକମାତ୍ର କନ୍ୟା ସାଇ ଅନୁଷ୍କା ମହାରଣା ମଧ୍ୟ ବହୁ ମଞ୍ଚ ନାଟକରେ ଶିଶୁ କଳାକାର ଭାବେ ଅଭିନୟ କରି ବିଭିନ୍ନ ଅନୁଷ୍ଠାନରୁ ଶ୍ରେଷ୍ଠ ଶିଶୁ କଳାକାର ଭାବେ ପୁରସ୍କାର ପାଇଛନ୍ତି । ଶ୍ରୀମତୀ ଓ ଶ୍ରୀ ମହାରଣାଙ୍କ ମଞ୍ଚ ନାଟକ ପ୍ରତି ରହିଥିବା ସମର୍ପିତ ଭାବ ଯୋଗୁଁ ପ୍ରତିବର୍ଷ ଉମରକୋଟଠାରେ ତ୍ରିଦିବସୀୟ ନାଟକ ମହୋତ୍ସବ ସେମାନେ ଆୟୋଜନ କରି ଆସୁଛନ୍ତି । ସ୍ପଷ୍ଟ ଭାବେ କହିଲେ ଏମିତି ଦମ୍ପତି ନାଟ୍ୟ ଜଗତରେ ବିରଳ । ସଂପ୍ରତି ଭୁବନେଶ୍ୱରର 'ବିଦ୍ୟାକନକ ସୃଜନାନୁଷ୍ଠାନ'ଦ୍ୱାରା ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ସପ୍ତମ ଜାତୀୟ ନାଟ୍ୟମହୋତ୍ସବ-୨୦୨୫ ଅବସରରେ ଅଧ୍ୟାପକ ଗୋପାଳ ମହାରଣା ଏବଂ ମଧୁସ୍ମିତା ମହାରଣାଙ୍କ ନାଟ୍ୟ ସମର୍ପିତ ଭାବନାକୁ ସମ୍ମାନ ଜଣାଇ 'ବିଦ୍ୟାକନକ ନାଟ୍ୟ ଦମ୍ପତି ସମ୍ମାନ' ପ୍ରଦାନ କରିଛନ୍ତି । କଳାନୁରାଗୀ କଳାକାରମାନେ ଶ୍ରୀମତୀ ଓ ଶ୍ରୀଯୁକ୍ତ ମହାରଣାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିଦ୍ୟାକନକ ସୃଜନାନୁଷ୍ଠାନର ସଂପାଦକ ଶୁଭକାନ୍ତ ପାଢୀ, ସଭାପତି ଇଂ ସୁଧାକର ପତ୍ରୀ ତଥା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ବିଶିଷ୍ଟ କଳାକାର ଓ ଶିକ୍ଷକ ରାଜବଲ୍ଲଭ ସାହୁଙ୍କ ପରଲୋକ

ଜଳେଶ୍ୱର (ଭାସ୍କର ନ୍ୟୁଜ୍ ): ରାଜ୍ୟର ବିଶିଷ୍ଟ କଳାକାର, କଳା ଶିକ୍ଷକ ଓ ଶିଳ୍ପୀ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲିନ୍ଦା ଗାଁର ରାଜବଲ୍ଲଭ ସାହୁଙ୍କ ହୃଦରୋଗରେ ୭୦ବର୍ଷ ବୟସରେ ପରଲୋକ ଘଟିଛି । ଜଳେଶ୍ୱରରେ ଜନ୍ମିଥିଲେ ମଧ୍ୟ ବାସସ୍ଥାନ ସୋରରେ ଉତ୍ତରେଶ୍ୱରରେ ମୃତ୍ୟୁ ହେବାପରେ ତାଙ୍କ ମରଶରୀର ଗାଁକୁ ଅଣାଯାଇଥିବାରୁ ଶହ ଶହ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ । ସେ ଜଣେ ମେଧାବୀ, କଳାପ୍ରିୟ, ମିଷ୍ଟଭାଷୀ, ସଂଗଠକ, ଶିଳ୍ପୀ ଓ ଛାତ୍ରବତ୍ସଳ ଭାବେ ବେଶ ପରିଚିତ ଥିଲେ । ବାପା ଯାନକି ବଲ୍ଲଭ, ଭାଇ ଓ ପୁଅ ଭାସ୍କର୍ଯ୍ୟ ଶିଳ୍ପୀ, ଚିତ୍ରଶିଳ୍ପୀ, ତୈଳ ଶିଳ୍ପୀ ଓ ସୋଲ ଶିଳ୍ପୀଭାବେ ପରିଚିତ ଥିବା ବେଳେ ସେ ରାଜ୍ୟ ଓ ରାଜ୍ୟ ବାହାରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ ।

## ପୁରୁଣା ଗୀତର ତାଳରେ ଉଦଯାପିତ ହେଲା ପାରମ୍ପରିକ ଖାଦ୍ୟ ମେଳା



କନ୍ଧମାଳ, (ଭାସ୍କର ନ୍ୟୁଜ୍) :ଏହି ଖାଦ୍ୟ ମେଳାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲା କଳାକାର ନିଜର ଗୀତକୁ ପରିବେଷଣ କରିପାରିଛନ୍ତି । ଗତ ୧୪ ତାରିଖରୁ ଫୁଲବାଣୀ କରନେସନ ପଡିଆ ଠାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଖାଦ୍ୟମେଳା ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ବର୍ଷା ସ୍ୱତେ ଦର୍ଶକଙ୍କ ଭିଡ଼ ହୋଇଥିବା ଦେଖିବାକୁ ମିଳିଥିଲା ଉଦ୍‌ଯାପନୀ ସନ୍ଧ୍ୟାରେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମ ଚରଣ ସ୍ୱାଇଁ ଯୋଗ ଦେଇ ଉଦ୍‌ଯାପନୀ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ । ପରେ ଦି ମ୍ୟୁଜିକାଲ ନାଇଟ ଅଫ ଗୋଲଡେନ ଏରା ପକ୍ଷରୁ ପୁରୁଣା ସୁନାମଧନ୍ୟ ଗୀତିକାରଙ୍କ ମେଲୋଡି କାର୍ଯ୍ୟକ୍ରମ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଫୁଲବାଣୀର କଳାକାରଙ୍କ କୁଇ ନୃତ୍ୟରେ ମଞ୍ଚ ଦୁଲୁକି ଥିଲା । ଫୁଲବାଣୀର ବିଶିଷ୍ଟ ମିଠା କାରିଗର ଶିବ ରାମ ସାହୁ ଏବଂ ଯୁବ ବ୍ୟବସାୟୀ ଉମା ଶଙ୍କର ମହାପାତ୍ର, ଚଳିତ ମେଳାରେ ଭଲ ବ୍ୟବସାୟ କରିଥିବା ଯୋଗୁଁ ଓ ମକେଲ, ଲାଇଟ ଏଣ୍ଡ ସାଉଣ୍ଡ ଟୁକୁ ସାହୁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା । ଏହି ମେଳା ଦୀର୍ଘ ୧୦ ଦିନ ଧରି ଚାଲିଥିଲା । ଓଡିଶାର ବିଭିନ୍ନ ଜିଲ୍ଲାରୁ ସୁସ୍ୱାଦୁ ପାରମ୍ପରିକ ଖାଦ୍ୟ ଏହି ମେଳାରେ ଖାଇବାକୁ ମିଳିଥିଲା । ଅନ୍ୟ ମାନଙ୍କ ମଧ୍ୟରେ କଳିଙ୍ଗ ପାରମ୍ପରିକ ଖାଦ୍ୟ ମେଳାର ଅଧକ୍ଷ ସୁନୀଲ ବିଶ୍ୱାଳଙ୍କ, ଉପ ଅଧକ୍ଷ ଶିବାନନ୍ଦ ପଟ୍ଟନାୟକ, ସମ୍ପାଦକ ଅଜିତ ମହାରଣା, ସହ ସମ୍ପାଦକ ଡ଼ଃ କାହ୍ନୁ ଚରଣ ଶତପଥୀ, କୋଷାଧକ୍ଷ ସୂର୍ଯ୍ୟ ନାରାୟଣ ବେହେରା, ସଦସ୍ୟ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପଣ୍ଡା,ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅଶୋକ ମହାନ୍ତି ଏବଂ ଅଲିଭା ଦାସ ଓ ମଧୁସ୍ମିତା ଦୀର୍ଘ ଦଶଦିନ ଧରି ସଂଯୋଜନା କରିଥିବାରୁ ତାଙ୍କୁ ମଧ୍ୟ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବର ଶେଷ ପର୍ଯ୍ୟାୟରେ ଟାଉନ ଥାନା ଅଧିକାରୀ ପି ସ୍ୱରୂପ କିଷନ ଅତିଥି ରୂପେ ଯୋଗ ଦେଇ ମେଲୋଡି କଳାକାରଙ୍କୁ ପୁରସ୍କୃତ କରିଥିଲେ । ଏହି ମେଳାକୁ ଜନସାଧରଣ ବେଶ ଖୁସି ଅନୁଭବ କରିବା ସହିତ କାର୍ଯ୍ୟକର୍ତ୍ତା କୁ ବିଶେଷ ଭାବେ ଧନ୍ୟବାଦ ଦେଇଥିଲେ ।

## ମହିଧରପଡ଼ାରେ ଅଷ୍ଟପ୍ରହର ଓ ନାମ ଯଜ୍ଞ

ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ବାରଂଗ ବ୍ଲକ ଅନ୍ତର୍ଗତ ନଗରୀ ପଞ୍ଚାୟତ ମହିଧରପଡା ମେଡିକାଲ ଛକ ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୦୨୫ ର ୨୩ ତମ ବାର୍ଷିକ ଅଷ୍ଟ ପ୍ରହର ଓ ନାମ ଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ୨୨ ତାରିଖ ଗୁରୁବାର ଜଳାଭିଶେକଓ ଶୁଭାଦିବାସ, ୨୩ ତାରିଖ ଅଷ୍ଟ ପ୍ରହର ଓ ନାମ ଯଜ୍ଞ, ୨୪ ତାରିଖ ଦିନ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଗତସିଂହପୂର୍ ଜିଲ୍ଲାର ମଣ୍ଡା ସାହି ମଣ୍ଡଳ, କନ୍ଦରପୁର,ଭୁବନେଶ୍ୱର ଉପଖଣ୍ଡ ଗଣ୍ଡରପୁର ଅଷ୍ଟ ପ୍ରହର ଦଳ ପ୍ରମୁଖ ଭାଗ ନେଇଥିଲେ । କର୍ତ୍ତା ଭାବେ ଅଶୋକ କୁମାର ବାରିକ, ମୁଖ୍ୟ ପୁରୋଧା ଭାବେ ଅଗା ବାବା ନେତୃତ୍ୱ ନେଇଥିଲେ । ଏଥିରେ ହଜାର ହଜାର ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ ।

## ସୁଭଦ୍ରା ପାଇଁ ସାବିତ୍ରୀ କାର୍ଯ୍ୟକ୍ରମ

# ଭଉଣୀଙ୍କୁ ସାବିତ୍ରୀ ଭାର ବଣ୍ଟନ କଲେ ମନ୍ତ୍ରୀ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ମହିଳାଙ୍କ ପାଇଁ ଶ୍ରେଷ୍ଠ ପୂଜା ହେଉଛି ସାବିତ୍ରୀ ଅମାବାସ୍ୟା । ବାପା ଘରୁ ଅମାବାସ୍ୟା ଭାର କେବେ ଆସିବ ସେଥିପାଇଁ ଅପେକ୍ଷା କରିଥାନ୍ତି । ଭାଇ ନେଇ ଭଉଣୀ ପାଖରେ ପହଞ୍ଚାଇ ଦିଏ ସେହି ଭାର । ଏଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି ଗୋପାଳପୁର ନିର୍ବାଚନ ମଣ୍ଡଳୀରେ । ଶୁଭଦ୍ରା ପାଇଁ ସାବିତ୍ରୀ କାର୍ଯ୍ୟକ୍ରମ । ଗୋପାଳପୁର ନିର୍ବାଚନ ମଣ୍ଡଳୀ ଗୋଳନ୍ଥରା ଈଶାଣେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପରିବହନ, ବାଣିଜ୍ୟ, ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇ ଭଉଣୀ ମାନଙ୍କୁ ଅମାବାସ୍ୟା ଭାର ବଣ୍ଟନ କରିଥିଲେ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୭୦୦ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମନ୍ତ୍ରୀଙ୍କ ଠାରୁ ଭାର ଗ୍ରହଣ କରିଥିଲେ । ଆଭାସ ମାଧ୍ୟମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଭଉଣୀ ମାନଙ୍କୁ ସନ୍ଦେଶ ଦେବା ପରେ ଭଉଣୀ ମାନଙ୍କୁ ଅମାବାସ୍ୟା ଭାର ବାଣ୍ଟିଲେ ପରିବହନ, ବାଣିଜ୍ୟ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା । ଉପମୁଖ୍ୟମନ୍ତ୍ରୀ ମଧ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଠାରୁ ଅମାବାସ୍ୟା ଭାର ପାଇଥିବା କହିଲେ । ସବୁ ଭଉଣୀଙ୍କ ସୁଖ, ସମୃଦ୍ଧି, ଉଜ୍ଜଳ ଭବିଷ୍ୟତ କାମନା କରିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା । ଭଉଣୀମାନେ ମଧ ଭାଇ ମନ୍ତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ଏଭଳି ଭାର ପାଇ ବେଶ ଖୁସି ଲାଗୁଥିବା କହିଛନ୍ତି ଭଉଣୀ । ସାବିତ୍ରୀ ଅମାବାସ୍ୟା ଅବସରରେ କୌଣସି ବିବାହିତ ମହିଳା ଗର୍ଭରୁ କନ୍ୟା ଭ୍ରୂଣକୁ ନଷ୍ଟ ନ କରିବା ପାଇଁ ଶପଥ ନେବାକୁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏଭଳି ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ କାଶୀ ଶଙ୍କରାଚାର୍ଯ୍ୟ ସୁମେରୁପିଠାଧୀଶ ନରେନ୍ଦ୍ରା ନନ୍ଦ ସରସ୍ୱତୀ । ମହିଳାମାନେ କେବେ ବି ଦୁର୍ବଳା ନୁହନ୍ତି । ଦେଶର ବଡ଼ ଶକ୍ତି ହେଉଛନ୍ତି ମହିଳା । ମହିଳାଙ୍କ ସିନ୍ଦୂର କେତେ ଶକ୍ତିଶାଳୀ ତାହା ନିକଟ ଅତୀତରେ ସମଗ୍ର ବିଶ୍ୱ ଦେଖିଲା ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ । କନ୍ୟା, ମହିଳାଙ୍କୁ ସମ୍ମାନ ଦେବା ସହ କନ୍ୟା ଭ୍ରୂଣ ହତ୍ୟାରୁ ନିବୃତ୍ତ ରହିବାକୁ ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଶଙ୍କରାଚାର୍ଯ୍ୟ ବି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଅମାବାସ୍ୟା ଭାର ପ୍ରଦାନ କରିଥିଲେ । ଆସନ୍ତା କାଲି ଏହି ଭାର ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବେ ବୋଲି ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି । ଅନ୍ୟପଟେ କାର୍ଯ୍ୟକ୍ରମରେ ଆଭାସୀ ଜରିଆରେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ସାବିତ୍ରୀ କେବଳ ଯେ ପତିଙ୍କ ପାଇଁ ଏଭଳି କାମନା କରି ନଥିଲେ, ସାବିତ୍ରୀ ନିଜ ବାପା, ମାଆ ସହ ପରିବାର, ପ୍ରିୟ ପରିଜନଙ୍କ ସହ ସୁସ୍ଥ ସମାଜ ପାଇଁ ମଧ ମା ସାବିତ୍ରୀ କାମନା କରିଥିଲେ, ଅନ୍ୟପଟେ ସମସ୍ତ ଭଉଣୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଅମାବାସ୍ୟା ଭାର ପାଇ ଭଉଣୀ ବେଶ ଖୁସି ଜାହିର କରିଥିବା ବେଳେ ଭବିଷ୍ୟତ ଜୀବନ ସୁଖ ସମୃଦ୍ଧି କାମନା କରିଛନ୍ତି ଭାଇ ମନ୍ତ୍ରୀ । ସମସ୍ତଙ୍କ ଭବିଷ୍ୟତ ଜୀବନ ସୁଖମୟ ହେଉ, ଏହା ହିଁ ଆମର କାମନା ବୋଲି କହିଛନ୍ତି ମନ୍ତ୍ରୀ ବିଭୁତି ଭୂଷଣ ଜେନା । ପ୍ରତେକ ଶକ୍ତିକେନ୍ଦ୍ରରୁ ୧୫ ଜଣ ସୁଭଦ୍ରା ମାଙ୍କୁ ସାବିତ୍ରୀ ଯୋଗାଡ଼ ପ୍ରଦାନ କରାଯାଇଥିଲା ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର




ବାରିପଦା, (ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବ୍ୟବସାୟ ପ୍ରଶାସନ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ରର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । 'ବ୍ୟବସାୟ ଏବଂ ପରିଚାଳନାର ଉଦୀୟମାନ ପରିଦୃଶ୍ୟ: ଭବିଷ୍ୟତର ରଣନୀତି' ଶୀର୍ଷକ ଏହି ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଭବିଷ୍ୟତର ବ୍ୟବସାୟିକ ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ଅଭିନବ ରଣନୀତି ଆପଣେଇବାକୁ ହେବ ବୋଲି କହିବା ସହ ପରିବର୍ତ୍ତନକୁ ଗ୍ରହଣ କରିବା ହେଉଛି ଆଜିର ଗତିଶୀଳ ବିଶ୍ୱରେ ସ୍ଥାୟୀ ବ୍ୟବସାୟ ଅଭିବୃଦ୍ଧିର ମୂଳଦୁଆ ବୋଲି ମତପୋଷଣ କରିଥିଲେ । 'ବାଣିଜ୍ୟେ ବସତି ଲକ୍ଷ୍ମୀ' ଓ 'ଉଦ୍ୟମେ ସର୍ବସିଦ୍ଧି' ଏହି ଦୁଇଟି ଉକ୍ତିର ଆଲୋଚନା କରି ବ୍ୟବସାୟରେ ସାଧୁତାର ଅବଲମ୍ବନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ନର୍ଥ ଓଡ଼ିଶା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ଡ. ପ୍ରଜୟ କୁମାର ଡାଢେ ଯୋଗଦେଇ ନିଜ ବକ୍ତବ୍ୟରେ ବ୍ୟବସାୟ ପରିଚାଳନାରେ ଦୃଢ଼ ମନୋଭାବ ଉପରେ ଗୁରୁତ୍ୱାରୋପ କରି ନେତୃତ୍ୱକୁ ସ୍ପଷ୍ଟ ଲକ୍ଷ୍ୟ ସହ ପାଦେ ପାଦେ ଆଗକୁ ବଢ଼ିଲେ ବ୍ୟବସାୟର ବିଭିନ୍ନ ବିପଦର ମୁକାବିଲା କରି ସଫଳତା ପାଇହେବ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଟ୍ରାଇଡେଣ୍ଟ ଏକାଡେମୀର ପ୍ରଫେସର ପି. କେ. ମହାନ୍ତି ଯୋଗଦେଇ ନିଜ ଅଭିଭାଷଣରେ ଭବିଷ୍ୟତର ଅନିଶ୍ଚିତତାକୁ ଦୂର କରିବା ପାଇଁ ସ୍ଥାୟୀ ବ୍ୟବସାୟ ମଡେଲଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା ଏବଂ ନୈତିକ ଶାସନକୁ ସମନ୍ୱିତ କରିବାକୁ ପଡିବ ବୋଲି ମତବ୍ୟକ୍ତ କରିବା ସହ ସାଂଗଠାନିକ ସଂସ୍କୃତିରେ ପରିବର୍ତ୍ତନ ସହ ସଂସ୍କୃତିର ପ୍ରବାହ ପରିଚାଳନା କରିବାକୁ ହେବା ବୋଲି କହିଥିଲେ । ରିମୋଟ ୱାର୍କ ଆଜିର ଯୁଗର ବାସ୍ତବତା ଏବଂ ହାଇବ୍ରିଡ କାର୍ଯ୍ୟଶୈଳୀ ଦ୍ୱାରା ଉତ୍ପାଦକତା ବୃଦ୍ଧି ପାଉଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ରଞ୍ଜନ କୁମର ବଳ ଯୋଗଦେଇ ନିଜ ବକ୍ତବ୍ୟରେ ଏକ ଅନିଶ୍ଚିତ ଭବିଷ୍ୟତରେ ପ୍ରତିଯୋଗିତାମୂଳକ ରହିବା ପାଇଁ ବ୍ୟବସାୟଗୁଡ଼ିକୁ ଡିଜିଟାଲ୍ ପରିବର୍ତ୍ତନର ଉପଯୋଗ କରିବାକୁ ପଡିବ ବୋଲି କହିଥିଲେ । ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ପୃଷ୍ଠପୋଷକ ଭାବେ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ ମଞ୍ଚାସୀନ ଥିଲେ । ଆଲୋଚନାଚକ୍ରର ଆବାହକ ବିଭାଗୀୟ ସହକାରୀ ପ୍ରଫେସର ଡ. ସୀତାରାମ ଦାସ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ ଓ କାର୍ଯ୍ୟକାରୀ ସମ୍ପାଦକ ଅଧାପକ ବିବେକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ୪୨ ଜଣ ଗବେଷକ/ ଗବେଷିକା ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ ଓ ୧୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗନେଇଥିଲେ । ଏହି ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।



ବ୍ୟାସନଗର (ଭାସ୍କର ନ୍ୟୁଜ): ଆସନ୍ତା ରଜ ଅର୍ଥାତ ଚଳିତ ମାସ ଜୁନ ୧୪ ତାରିଖ ପୂର୍ବରୁ ଯାଜପୁର ରୋଡ଼ରେ ନିର୍ମାଣାଧୀନ ରେଳବାଇ ଗଳାପୋଲରେ ଲଘୁଯାନ ଚଳାଚଳ କରିବ ବୋଲି ରେଳବାଇ ସୂତ୍ରରୁ ସୂଚିତ କରାଯାଇଛି। ବ୍ୟାସନଗର ନାଗରିକ କମିଟି ଦ୍ୱାରା ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଆଜି ନିର୍ମାଣାଧୀନ ଗଳାପୋଲ ଠାରେ ପହଞ୍ଚି ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥାର ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ ଏହି ତଥ୍ୟ ହସ୍ତଗତ ହୋଇଛି। ତେବେ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ହେଲେ ଏଥିରେ ସାମାନ୍ୟ କେତୋଟି ଦିନ ବିଳମ୍ବ ହୋଇପାରେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏଥିସହିତ ଗଳାପୋଲ ଉଭୟ ପଟରେ ସେଡ ନିର୍ମାଣ କାର୍ଯ୍ୟ ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି କୁହାଯାଇଛି। ରେଳବାଇ କଥା ଦେଇ କଥା ରଖିବା ସହିତ ବହୁ ପ୍ରତିକୂଳ ଭିତ୍ତିଭୂମି ଓ ପରିସ୍ଥିତିରେ ବର୍ଷକ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଯାଉଥିବାରୁ ଏନେଇ ଦାବି କରି ଆସୁଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଆଜିର ଏହି ଆଲୋଚନରେ କମିଟି ଆବାହକ ଦୁର୍ଯ୍ୟୋଧନ ରାଉତ, ଡ.ଚିନ୍ତାମଣି ପାଢ଼ୀ, ଚନ୍ଦ୍ରମଣି ସାମଲ, ପ୍ରଫୁଲ୍ଲ ନାୟକ, ସଦାଶିବ ଦାସ, ରଘୁନାଥ ବେହେରା, କୈଳାସ କୁମାର ପରିଡ଼ା, ହେମନ୍ତ କୁମାର ଧୀର, ଦାମୋଦର ପଣ୍ଡା, ସାହିଲ ବୋଇତାଇ ପ୍ରମୁଖ ଉପସ୍ଥିତ ଥିଲେ।

# ୫୩ନଂ ଏନ୍‌ଏଚ୍ ଉପରେ ଓଲଟିଲା ବସ୍



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ୫୩ ନମ୍ବର ଜାତୀୟ ରାଜପଥ ଉପରେ ସକାଳୁ ସକାଳୁ ଓଡ଼ି ୧୯ ଜେଡ ୫୨୭୩ ନମ୍ବର ବିଶିଷ୍ଟ ଟିଙ୍କୁ ଆଣ୍ଡ ସାଲୁ ନାମକ ବସ୍ ଓଲଟି ପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ବସ୍‌ଟି କାମାକ୍ଷାନଗର ଦିଗରୁ ଆସୁଥିବା ବେଳେ ପରଜଙ୍ଗ ବାଇପାସ୍ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଗାଡ଼ିରେ କୌଣସି ଯାତ୍ରୀ ନଥିବା ସୂଚନା ମିଳିଥିବା ବେଳେ ବସ୍ ଓଲଟିବା ମାତ୍ରେ ଗାଡ଼ିର ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ଥିବା ରାଜପଥ ପୂର୍ଣ୍ଣାଙ୍ଗ ହୋଇନଥିବା ବେଳେ ଟୋଲ ଗେଟ୍‌ରେ ଫି ଆଦାୟ କରିବାରେ ଅବହେଳା ନାହିଁ। ପରଜଙ୍ଗ ବାଇପାସ୍ ଦେଇ ଡିହଡୋଳ ପର୍ଯ୍ୟନ୍ତ ରାଜପଥ ଉପରେ ହାତିଲୁଚାଣି ଛକ ରାସ୍ତା ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି। ସେହିପରି ଘୋଡ଼ାଡ଼ିଆଁ ନାଳ ପୋଲ ଓ ବାଇପାସ୍ ଛକ ରାସ୍ତା ମଧ୍ୟ ଅଧାପନ୍ତରିଆ ରହିଥିବାବେଳେ ରାସ୍ତାଟି ବିରାଟ ଖାଲଖମାରେ ଭର୍ତ୍ତି। ଏହି ରାସ୍ତା ଉପରେ ଯାନବାହନ ଚଳାଚଳ କରୁଥିବା ବେଳେ ଏହି ଖାଲରେ ପଥଚାରୀମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ଅନେକ ଛୋଟବଡ଼ ଦୁର୍ଘଟଣା ମଧ୍ୟ ପ୍ରାୟତଃ ଘଟୁଛି। ମାତ୍ର ଏନଏଚ୍‌ଆଇ କର୍ତ୍ତୃପକ୍ଷ ଏଥିପ୍ରତି ଅଣଦେଖା କରୁଛନ୍ତି। ଯାହାଫଳରେ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ରାଜପଥକୁ ପୂର୍ଣ୍ଣାଙ୍ଗ କରିବାକୁ ସାଧାରଣରେ ଦାବି ହେଉଛି ।

# ‘ମନ କି ବାତ୍’ କାର୍ଯ୍ୟକ୍ରମ ଶୁଣିଲେ ରାଜ୍ୟ ଶିଳ୍ପମନ୍ତ୍ରୀ ଓ ଦଳୀୟ କାର୍ଯ୍ୟକର୍ତ୍ତା

ପାରାଦୀପ (ଭାସ୍କର ନ୍ୟୁଜ୍) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୨ତମ ‘ମନ କୀ ବାତ୍’ କାର୍ଯ୍ୟକ୍ରମ ରବିବାର ଦିନ ୧୧ଟା ସମୟରେ ସାରା ଦେଶରେ ପ୍ରସାରିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପାରାଦୀପରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜ ରଙ୍ଗିଗଡ଼ସ୍ଥିତ ବାସଭବନରେ ସାଧାରଣ ଜନତାଙ୍କ ସହ ମନ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ‘ଆଜି ସମଗ୍ର ଦେଶ ଆତଙ୍କବାଦୀ ବିରୁଦ୍ଧରେ ଏକଜୁଟ। ‘ଅପରେସନ ସିନ୍ଦୂର’ ସମୟରେ ଆମର ଯବାନମାନେ ଯେଉଁ ବୀରତ୍ୱ ଏବଂ ପରାକ୍ରମ ଦେଖାଇଛନ୍ତି, ତାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ‘ଅପରେସନ ସିନ୍ଦୂର’ ସମଗ୍ର ବିଶ୍ୱରେ ଆତଙ୍କବାଦୀ ବିରୁଦ୍ଧରେ ହେଉଥିବା ସଂଗ୍ରାମକୁ ନୂତନ ବିଶ୍ୱାସ ଦେଇଛି। ଏହା ହେଉଛି ଆମ ସଂକଳ୍ପ, ସାହସ ଓ ପରିବର୍ତ୍ତିତ ହେଉଥିବା ଭାରତର ଛବି ଏବଂ ଏହି ଛବି ଦେଶବାସୀଙ୍କୁ ଦେଶଭକ୍ତିର ଭାବନାରେ ଭରି ଦେବା ସହ ତ୍ରିରଙ୍ଗାର ରଙ୍ଗରେ ରଙ୍ଗେଇ ଦେଇଛି। ଭାରତରେ ନିର୍ମିତ ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ଜ୍ଞାନକୌଶଳର ଶକ୍ତିକୁ ଉପଯୋଗ କରି ଆମର ସେନା ଆତଙ୍କବାଦୀ ଆଡ୍ଡାଗୁଡିକୁ ସାହସର ସହ ଧ୍ୱଂସ କରିଛନ୍ତି। ଏହା ‘ଆତ୍ମନିର୍ଭର ଭାରତ’ର ସଂକଳ୍ପକୁ ପ୍ରତିପାଦିତ କରିବା ସହ ‘ଭୋକାଲ୍ ଫର୍ ଲୋକାଲ୍’କୁ ପ୍ରୋତ୍ସାହନ ଯୋଗାଇଛି । ଭାରତ ନିର୍ମିତ ସାମଗ୍ରୀକୁ ବ୍ୟବହାର କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଯାହା ଭାରତୀୟ ଅର୍ଥନୀତିକୁ ଆଗକୁ ନେବାରେ ସହାୟକ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହ ‘ବନ୍ୟପ୍ରାଣୀ ସଂରକ୍ଷଣ’ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିବା ସହିତ ଡ୍ରୋନ୍ ଦିଦିଙ୍କ କଥା, ଯୋଗର ଉପାଦେୟତା ଏବଂ ‘ଯୋଗ ଦିବସ’ ପାଳନର ମହତ୍ୱ ସମ୍ପର୍କରେ ପ୍ରଧାନମନ୍ତ୍ରୀ ‘ମନ୍ କୀ ବାତ୍’ରେ ଉପସ୍ଥାପନା କରିଥିଲେ। ପ୍ରଧାନମନ୍ତ୍ରୀ ‘ସ୍ୱଚ୍ଛ ଭାରତ’ କଥା ପ୍ରକାଶ କରିବା ସହ ମକାଲୁ ପର୍ବତର ଶୀର୍ଷ ସ୍ଥାନକୁ ଆଇଟିବିପି ଟିମ୍‌ଙ୍କ ସଫେଇ କରିବାର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ତତ୍‌ସହିତ ପେପର ଓ୍ୱେଷ୍ଟର ପୁନଃ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ନିକଟରେ ବିହାରରେ ଅନୁଷ୍ଠିତ ହୋଇଥିବା ‘ଖେଳ ଇଣ୍ଡିଆ ୟୁଥ ଗେମ୍ସ’ ଉପରେ କହିବା ସହ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁଙ୍କ ସମେତ ସମସ୍ତ ରାଜ୍ୟର ଖେଳାଳି ଓ ପଦକ ବିଜେତାମାନଙ୍କ ପ୍ରଦର୍ଶନକୁ ପ୍ରଧାନମନ୍ତ୍ରୀ ଭୂୟସୀ ପ୍ରଶଂସା କରିଛନ୍ତି। ମେ’ ୨୦ ତାରିଖରେ ପାଳିତ ହୋଇଥିବା ‘ବିଶ୍ୱ ମହୁମାଛି ଦିବସ’ ଏବଂ ଭାରତର ‘ମଧୁ ମିଶନ’ ସମ୍ପର୍କରେ ସେ ପ୍ରକାଶ କରିବା ସହ ମହୁ କିପରି ଦେଶରେ ସ୍ୱାସ୍ଥ୍ୟ, ଆତ୍ମନିଯୁକ୍ତି ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଉଛି, ତାହା ଉପସ୍ଥାପନ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମକୁ ପୌରାଞ୍ଚଳର ବିଭିନ୍ନ ଓ୍ୱାର୍ଡରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ସମବେତ ହୋଇ ଶୁଣିଥିବା ବେଳେ ପାରାଦୀପ ବିଜେପି କାର୍ଯ୍ୟାଳୟରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଓ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ବହୁ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ଗହଣରେ ଏହି ମନ କୀ ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ।



# କାଳିମେଳାରେ ‘ପ୍ରରାକ୍ରମ ଶୋଭାଯାତ୍ରା’




ମାଲକାନଗିରି (ଭାସ୍କର ନ୍ୟୁଜ୍) : ଆତଙ୍କବାଦୀଙ୍କ ପକ୍ଷରୁ ପହଲଗାମ୍‌ରେ ନିରୀହ ପର୍ଯ୍ୟଟକମାନଙ୍କୁ ନିର୍ମମ ହତ୍ୟା କରାଯାଇଥିବା ପ୍ରତିବାଦରେ ଭାରତୀୟ ସେନାମାନେ ଅପରେସନ ସିନ୍ଦୁରରେ ଯେଉଁ ବୀରତ୍ୱ ଦେଖାଇବା ସହ ତ୍ୟାଗ କରିଛନ୍ତି ସେଥିପାଇଁ ସାରା ଭାରତବାସୀ ଆଜି ଗର୍ବିତ । ଆଜି ସେହି ଯବାନମାନଙ୍କ ଉଦ୍ଦେଶ୍ୟରେ କାଳିମେଳା ଅଞ୍ଚଳବାସୀଙ୍କ ପକ୍ଷରୁ ଭାରତୀୟ ଯବାନଙ୍କ ବୀରତ୍ୱ ଓ ତ୍ୟାଗକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା କାଳିମେଳା ଦମକଳ କେନ୍ଦ୍ର କାର୍ଯ୍ୟାଳୟ ଠାରୁ ବାହାରି କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପରିକ୍ରମା କରି ତ୍ରିରଙ୍ଗା ପତାକା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାଳିମେଳା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଜନ ସାଧାରଣ ଯୋଗ ଦେଇଥିଲେ।

# ପୁନ୍ଦାଲ ଶାଖା କେନାଲ କାମ ନିମ୍ନମାନର, ସ୍ଥାୟୀତ୍ୱ ନେଇ ସନ୍ଦେହ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ପୁନ୍ଦାଲୋ ଶାଖା କେନାଲର ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ଅଭିଯୋଗ ହୋଇଛି। ଫଳରେ ଏହି କାର୍ଯ୍ୟର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ପୁନ୍ଦାଲ ଶାଖା କେନାଲ ରହିଛି। ଏହି କେନାଲ ଉପରେ ଜଳ ସେଚନ ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକର ତିଳକଣା, ନେମାଳ, ଝାଡେଶ୍ୱରପୁର, ବନ୍ଧକାଟିଆ, ଦାଉଦପୁର, ନଗସପୁର, ନରେନ୍ଦ୍ରପୁର ପ୍ରଭୃତି ବହୁ ପଂଚାୟତ ସମେତ ଡେରାବିଶ ବ୍ଲକର ବହୁ ପଂଚାୟତର ଚାଷୀମାନେ ନିର୍ଭର କରିଥାନ୍ତି। ଏହି କେନାଲର ଉଭୟ ପାର୍ଶ୍ୱ ଓ କେନାଲ ଶଯ୍ୟାକୁ ସିମେଣ୍ଟ କଂକ୍ରିଟ କରାଯିବା ନିମନ୍ତେ ସରକାର ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ତେବେ ଏହି ପ୍ରକଳ୍ପ ନିମନ୍ତେ ସ୍ଥାନୀୟ ବିଧାୟକ ନିକଟରେ ଶିଳାନ୍ୟାସ କରିଥିଲେ। ଅପରପକ୍ଷରେ ଏହି ପ୍ରକଳ୍ପ ନିମନ୍ତେ କେଉଁ ଯୋଜନାରେ ଓ କେତେଟଙ୍କା ମଞ୍ଜୁର ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି। ଏହି ପ୍ରକଳ୍ପର ଝାଡେଶ୍ୱରପୁର ଗ୍ରାମପଂଚାୟତ ବର୍ଗହାଟ ଠାରୁ ନଗସପୁର ପର୍ଯ୍ୟନ୍ତ କାର୍ଯ୍ୟ କରାଯାଉଥିବାର ଜଣାଯାଇଛି। ତେବେ ଠିକାଦାର ଅଟକଳ ଅନୁଯାଇ ଏହି ପ୍ରକଳ୍ପ କାର୍ଯ୍ୟ କରୁନଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ପ୍ରକଳ୍ପ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଠିକା ସଂସ୍ଥା ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଚଂଚକତା କରୁଥିବାର ଅଭିଯୋଗ ହୋଇଛି। ଏପରିସ୍ଥଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାସଂସ୍ଥା ନିଜ ମର୍ଜିରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ତେବେ ଠିକାସଂସ୍ଥା ସହ ବିଭାଗୀୟ ଅଧିକାରୀଙ୍କର ଅସାଧୁ ମେଣ୍ଟ ରହିଥିବା କାରଣରୁ କୌଣସି ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି। ଫଳରେ ଏହି ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଏହି ସଂସ୍ଥା ନେଇଥିବା ସ୍ଥାନୀୟ କରାଣ୍ଡିଆ ବ୍ରାଂଚ କେନାଲ କାର୍ଯ୍ୟ ଅନୁରୂପ ଭାବେ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା କାରଣରୁ ଏହା ସାମାନ୍ୟ ବର୍ଷାରେ ଭୁଷୁଡି ପଡିଥିବା ଘଟଣା କାହାରିକୁ ଅଛପା ନାହିଁ। ତେବେ ଏହି ପ୍ରକଳ୍ପ ନିମନ୍ତେ କୋଟି କୋଟି ବିନିଯୋଗ ହୋଇଥିଲା ବେଳେ କେତେକ ଅସାଧୁ ଠିକାଦାର ଓ ଅସାଧୁ କର୍ମଚାରୀଙ୍କ ଯୋଗୁ ସରକାରଙ୍କର ଏହି ଯୋଜନାର ସଫଳ ରୂପାୟନ ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ଏହି କାର୍ଯ୍ୟରେ ହୋଇଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି।

# ଆବର୍ଜନାରେ ଭର୍ତ୍ତି ଡାବୁଗାଁ-ଝରିଗାଁ ରାସ୍ତା ଓ ନାଳ
## ବର୍ଷାଦିନ ପୂର୍ବରୁ ସଫେଇ ପାଇଁ ଦାବି



ନବରଙ୍ଗପୁର (ଭାସ୍କର ନ୍ୟୁଜ୍) : ଡାବୁଗାଁ ଗ୍ରାମର ଡାବୁଗାଁରୁ ଝରୀଗାଁ ଯିବା ଛକ ଅଳିଆ ଆବର୍ଜନାରେ ଭରପୁର। ପାଖରେ ସରକାରୀ ନାଳର ଅବସ୍ଥା ମଧ୍ୟ ତର୍ଦ୍ଦୁପ। ଏଥିପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ସେଥିନିମନ୍ତେ ସ୍ଥାନୀୟ ଲୋକ ନିଜସ୍ୱ ଭାବରେ ଟଙ୍କା ଖର୍ଚ୍ଚ କରି ରାସ୍ତା ସଫା କରୁଛନ୍ତି। ନିକଟରେ ଥିବା ଏକ ନଳକୂପ ମଧ୍ୟ ଅଛି ସେଥିରୁ ମଇଳା ପାଣି ନିର୍ଗତ ହେଉଛି। ଏହି ନଳକୂପ ଉପରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ଏଥିପ୍ରତି ମଧ୍ୟ ସରକାରଙ୍କ ଦୃଷ୍ଟି ଦେଉନାହାନ୍ତି। ଯାହାଫଳରେ ଲୋକେ ପାଣି ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ପାଖରେ ରହିଛି ଜଗନ୍ନାଥ ମନ୍ଦିର ଏବଂ ମେଡିକାଲ। ମେଡିକାଲ ଛକରୁ ମୈଦାଲପୁର ଯିବା ପାଇଁ ମଧ୍ୟ ଏହି ରାସ୍ତା ଦେଇ ବସ୍, କାର, ଆମ୍ବୁଲାନ୍ସ ଯିବା ଆସିବା କରୁଛି କିନ୍ତୁ ସରକାରଙ୍କ ଏଥିପ୍ରତି ମଧ୍ୟ ଦୃଷ୍ଟି ପଡୁନି। ଏହି ସରକାରୀ ନାଳକୁ ସରକାର ଯଥା ଶୀଘ୍ର ସଫା କରାନ୍ତୁ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି। ନଚେତ୍ ଆଗକୁ ବର୍ଷା ଦିନ ଆସିଲେ ଅବସ୍ଥା ଅତ୍ୟନ୍ତ ସଙ୍ଗୀନ ହୋଇପଡିବ ଏବଂ ସାଧାରଣ ଜନତା ଆହୁରି ହଇରାଣରେ ପଡିବେ।

# ଊନବିଂଶ ଶତାବ୍ଦୀରୁ ପୂଜା ପାଉଛନ୍ତି ସତ୍ୟବାନ-ସାବିତ୍ରୀ ମୂର୍ତ୍ତି

⇨ ମନ୍ଦିରର ରହିଛି ସ୍ୱତନ୍ତ୍ର କିମ୍ବଦନ୍ତୀ

⇨ ସ୍ୱାମୀର ମଙ୍ଗଳ ମନାସୀ ବ୍ରତ ପାଳିଥାନ୍ତି ସଧବା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସମୟ ଗଡ଼ିବା ସହ ଯୁଗ ମଧ୍ୟ ବଦଳୁଛି। ହେଲେ ବଦଳି ନାହିଁ ପରମ୍ପରା। ଯାହାର ଏକ ନିଆରା ଉଦାହରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମୁଦୁଗଲ ଗ୍ରାମର ଶୀଧେଶ୍ୱର ମନ୍ଦିର ପରିସରରେ ଥିବା ସତ୍ୟବାନ ସାବିତ୍ରୀ ମନ୍ଦିରରେ ପ୍ରତିବର୍ଷ ସାବିତ୍ରୀ ଅମାବାସ୍ୟା ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ସାବିତ୍ରୀ ସତ୍ୟବାନ ପୀଠରେ ଊନବିଂଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ସେହି ପୁରାତନ ପରମ୍ପରା ଅନୁସାରେ ଏଠାରେ ପାଳିତ ହୋଇଥାଏ ସାବିତ୍ରୀ ବ୍ରତ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମୁଦୁଗଲ ଗ୍ରାମ। ଏଠାରେ ମା’ ସାବିତ୍ରୀ ସତ୍ୟବାନ ପୀଠରେ ବ୍ରତ ପାଳନ କରିଥାନ୍ତି ବ୍ରତଧାରୀ। ବର୍ଷବର୍ଷ ଧରି ଏଠାରେ ସତ୍ୟବାନ ଏବଂ ସାବିତ୍ରୀଙ୍କ ବିରଳ ମୂର୍ତ୍ତି ପୂଜା ପାଉଛନ୍ତି। ସର୍ବ ପୁରାତନ ଏହି ପୀଠରେ ମା’ଙ୍କୁ ସ୍ଥାପନା କରାଯାଇନାହିଁ। ବରଂ ମା’ ଏଠାରେ ସ୍ୱୟଂ ଆର୍ବିଭାବ ହୋଇଥିବା ନେଇ କିମ୍ବଦନ୍ତୀ ରହିଛି। ବର୍ଷକ ବାରମାସ ଯାକ ମା’ ଏଠାରେ ପୂଜା ପାଉଛନ୍ତି। ହେଲେ ସାବିତ୍ରୀ ବ୍ରତ ଦିନ ଏହି ପୀଠ ବେଶ ଚଳଚଞ୍ଚଳ ହୋଇ ଉଠେ। ଏହି ଦିନ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ମା’ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରି ସାନିଧ ଲାଭ କରିବା ପାଇଁ ପହଞ୍ଚିଥାଆନ୍ତି। ତେଣୁ ସାବିତ୍ରୀ ବ୍ରତ ଦିନ ମା’ଙ୍କ ପୂଜାର୍ଚ୍ଚନା କଲେ ସ୍ୱାମୀଙ୍କ ସହ ସପରିବାରର ଦୀର୍ଘ ତଥା ନିରାମୟ ଜୀବନ ଅତିବାହିତ ହୋଇପାରିବ ବୋଲି ବିଶ୍ୱାସ ରହିଛି। ଯମରାଜଙ୍କ ପଛରେ ଯାଇ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ ସାବିତ୍ରୀ। ହିନ୍ଦୁ ଶାସ୍ତ୍ରର ସେହି ପୌରାଣିକ କଥାକୁ ମନେପକାଇ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ପୂଜା କରିଥାନ୍ତି ବିବାହିତା ମହିଳାମାନେ। ହାତରେ ଭୋଗ, ମନରେ ଉତ୍ସାହ ନେଇ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଦେବାଳୟ ଯାଇଥାନ୍ତି ସଧବା ମହିଳାମାନେ। ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ଅଳତା ବିଭିନ୍ନ ପ୍ରକାର ଫଳ ନେଇ ପୂଜାର୍ଚ୍ଚନା କରିଥାନ୍ତି। ଏ ବ୍ରତ କଥା ବାର୍ତ୍ତା ହେଉଛି ଜ୍ୟେଷ୍ଠ ଅମାବାସ୍ୟା ଦିନ ଯିଏ ସାବିତ୍ରୀ ନାମ ସ୍ମରଣ କରି ବ୍ରତ କରିବ ସେ ଜନ୍ମେ ଜନ୍ମେ ସଧବା ରହିବ ବୋଲି ବିଶ୍ୱାସ ରହିଛି।

# ମାଲୁଦ ବଜାରରେ ସାବିତ୍ରୀ ପାଇଁ ଫଳ ଦୋକାନ ଭିଡ଼

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ଆସନ୍ତାକାଲି ସାବିତ୍ରୀ ବ୍ରତ ଥିବା ଯୋଗୁ ମାଲୁଦ ବଜାରରେ ଥିବା ଫଳ ଦୋକାନରେ ନାହିଁ ନଥିବା ଭିଡ଼ ସାଙ୍ଗକୁ ପ୍ରତ୍ୟେକ ଫଳ ଦାମ ଦୁଇଗୁଣିତ



ହୋଇଛି। ଯାହାଦ୍ୱାରା ଖାଉଟି ହନ୍ତସନ୍ତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ପ୍ରତ୍ୟେକ ଦୋକାନରେ ନିର୍ଦ୍ଧାରିତ ମୂଲ୍ୟ ତାଲିକା ଦୋକାନ ସାମ୍ନାରେ ଟାଙ୍ଗିବାକୁ ସାଧାରଣରେ ଦାବି ହେଉଛି।

# ରାଜ୍ୟରୁ ବିଦା ହେବେ ବାଂଲାଦେଶୀ, ଚିହ୍ନଟ ପକ୍ରିୟା ଜାରି

ବିଞ୍ଝାରପୁର (ଭାସ୍କର ନ୍ୟୁଜ୍) : ପାକିସ୍ଥାନ ସହିତ ଭାରତର ତିକ୍ତତା ବଢିବା ପରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ଦୀର୍ଘ ମିଆଦ ଭିସା ରଦ୍ଦ କରି ଦେଶରୁ ପାକିସ୍ତାନୀ ନାଗରିକଙ୍କୁ ବିଦା କରିଥିବାବେଳେ ଏବେ ପଡୋଶୀ ବାଂଲାଦେଶର ନାଗରିକଙ୍କ ଉପରେ ତୀକ୍ଷଣ ନଜର ରଖାଯାଇଛି। ଏହି କ୍ରମରେ ରାଜ୍ୟ ସରକାର ଦୀର୍ଘଦିନ ଧରି ବେଆଇନ ଭାବେ ବସବାସ କରୁଥିବା ଏବଂ ଅପରାଧିକ କାର୍ଯ୍ୟକଳାପରେ ଜଡିତ ଥିବା ବାଂଲାଦେଶୀଙ୍କୁ ବିଦା କରିବା ପାଇଁ ପକ୍ରିୟା ଆରମ୍ଭ କରିଛନ୍ତି। ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକର ସୟଦପୁର, ଅଳକୁଣ୍ଡ, ଚିକଣା, ବିତନା ଓ ଶାସନ୍ଦାରେ ବେଆଇନ ଭାବେ ରହୁଥିବା ମୁସଲିମ ସମ୍ପ୍ରଦାୟର ଲୋକଙ୍କୁ ଚିହ୍ନଟ କରାଯିବା ଆବଶ୍ୟକ। ବିଂଝାରପୁର ନିର୍ବାଚନ ମଣ୍ଡଳୀର

**ବିଞ୍ଝାରପୁରରେ କେବେ ହେବ ଆରମ୍ଭ**


ସୟଦପୁର ପଞ୍ଚାୟତ ମୁସଲିମ ବହୁଳ। ଏଠାରେ ଉପଯୁକ୍ତ କାଗଜପତ୍ର ନଥାଇ କେତେକ ୪୦ ବର୍ଷରୁ ଅଧିକ ସମୟ ହେଲା ରହି ଆସୁଛନ୍ତି। ଭାରତୀୟ ନାଗରିକ ହୋଇନଥିଲେ ମଧ୍ୟ ଭୋଟର ତାଲିକାରେ ନାଁ ରହିଛି। ଆଧାର କାର୍ଡ, ରେସନ୍ କାର୍ଡ ମଧ୍ୟ ଅଛି। ସୟଦପୁର ପଞ୍ଚାୟତ ସର୍ବଦା ଅଶାନ୍ତ, ବିକ୍ଷୁବ୍ଧ ରହୁଥିବା ପଛରେ ଏହିମାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷରେ ହାତ ରହିଛି ବୋଲି ବୁଦ୍ଧିଜୀବି କୁହନ୍ତି। ଗୋଚାଲାଣ, ଗୋହତ୍ୟା ଓ ଲଘୁ ଖଣିଜ ଚୋରା ଚାଲାଣ ଏମାନଙ୍କ ମୁଖ୍ୟ ବେଉସା। ଚିହ୍ନଟ ପାଇଁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ଏସ୍‌ଟିଏଫ୍। ସବୁଠାରୁ ବଡ଼ କଥା ହେଲା ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର ବିଞ୍ଝାରପୁର ଥାନାରେ କିଛିଦିନ ରହିଥିଲେ। କାଗଜପତ୍ର ନଥାଇ ଭାରତୀୟ ନାଗରିକ ନହୋଇ ବର୍ଷ ବର୍ଷ ଧରି କେତେକ ବାଂଲାଦେଶୀ ଏଠାରେ ରହି ଆସୁଛନ୍ତି। ଏମାନଙ୍କ କାଗଜପତ୍ର ଯାଞ୍ଚ କରାଗଲେ ଅଭିଯୋଗର ସତ୍ୟତା ଜଣା ପଡନ୍ତା।

# ସୋରୋଡା ଖୁଣ୍ଟେଶ୍ୱରୀ ମନ୍ଦିରର ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି


ସୋରୋଡା (ଭାସ୍କର ନ୍ୟୁଜ୍) : ଅଞ୍ଚଳର ପୁରାତନ ପୀଠ ଶ୍ରୀପୁଟୁଗେଶ୍ୱର ସ୍ୱାମୀ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ଓ ଦେବଦମ୍ପତି ବିବାହ ଉତ୍ସବ ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରିଥିଲେ ଦୁର୍ଗା ପ୍ରସାଦ ବକ୍ସି। ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରଯାଇଥିଲା। ବୈଠକରେ ଉର୍ମିଳା ବକ୍ସି, ଗୌର ପ୍ରସାଦ ବକ୍ସି, ସଦାନନ୍ଦ ପାଢୀ, ହର ପ୍ରସାଦ ବକ୍ସି ଓ ଅନ୍ୟମାନେ ଉପସ୍ଥିତ ରହି ବିଭିନ୍ନ ଦାୟିତ୍ୱ ପ୍ରଦାନ ସହିତ ଶ୍ରଦ୍ଧାଳୁଙ୍କୁ ପଣା ଓ ପ୍ରସାଦ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅଞ୍ଚଳର ଜନସାଧାରଣଙ୍କୁ ଉତ୍ସବରେ ସାହାଯ୍ୟ ସହଯୋଗ ପାଇଁ ଅଧକ୍ଷ ଆହ୍ୱାନ କରିଛନ୍ତି।

# ରାଶିଫଳ

**ସୋମବାର, ୨୬ ମଇ ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।



**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଜୀବନସାଥୀ ସହିତ ସମୟ ବିତାଇବେ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।



**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ। ନୂତନ କାର୍ଯ୍ୟ ଆରମ୍ଭ କରିବା ଠାରୁ ଦୂରେଇ ରୁହନ୍ତୁ।




**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ। ଅନାବଶ୍ୟକ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ। ଅତ୍ୟଧିକ ଭାରାକ୍ରାନ୍ତ ହେବା ଆପଣଙ୍କୁ ବ୍ୟସ୍ତ ରଖିବ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଭ୍ରମଣରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ।



**ମୀନ:** ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ। ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଏନ୍ଏସି ଅନ୍ତର୍ଗତ ୧୩ ନଂ ଓ ୧୪ ନଂ ୱାର୍ଡ ମର୍ଜାକୁଦରେ ଅପରେସନ୍ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶୋଭାଯାତ୍ରା ବିଜେପିର ବୌଦ୍ଧ ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପୂର୍ବତନ ବୌଦ୍ଧ ଏନଏସି ଅଧକ୍ଷା ସଂଯୁକ୍ତା ନାଏକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ମନୋରଂଜନ ଦାଶ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ମୀନାରାଣୀ ମିଶ୍ର, ବରିଷ୍ଠ ବିଜେପି ନେତ୍ରୀ ନମିତା ରାଣୀ ଦାଶ, ବରିଷ୍ଠ ବିଜେପି ନେତା ପ୍ରଦୋଷ କୁମାର ମିଶ୍ର, ସୌମିତ୍ରୀ କୁମାର ନାଏକ, ପରଦେଶୀ ବେହେରା, ରଞ୍ଜନ ଖଟୁଆ, ମନୋଜ କୁମାର ପ୍ରଧାନଙ୍କ ସମେତ ଜନସାଧାରଣ ଓ ମହିଳା ମାନେ ସାମିଲ୍ ହୋଇଥିଲେ । ଅପରେସନ୍ ସିନ୍ଦୁରର ସଫଳତା ପରେ ଭାରତୀୟ ସେନା ବାହିନୀର ପରାକ୍ରମକୁ ସମ୍ମାନ ଜଣାଇ ଆୟୋଜିତ ଉକ୍ତ ଶୋଭାଯାତ୍ରା ୧୩ ନଂ ଓ ୧୪ ନଂ ୱାର୍ଡ ବାପୁଜୀ ନଗର ଅଞ୍ଚଳ ପରିକ୍ରମା କରିଥିଲା ।

# ‘ବୃନ୍ଦାବନ ଥିଲେ ମାଟିମନସ୍କ କବି’



ବରଗଡ଼(ଭାସ୍କର ନ୍ୟୁଜ୍): ମାଟି ମନସ୍କ କବିର କବିତା ଗୋଟିଏ ମହା ଜାଗତିକ ଦୁନିଆକୁ ସର୍ବଦା ଆଲୋକିତ କରିଥାଏ। ମାନବବାଦକୁ ଦୃଷ୍ଟିରେ ରଖି ଲେଖନୀ ଚାଳନ କରୁଥିବା କବିର କବିତା ମାଧ୍ୟମରେ ହିଁ ତାର ସାହିତ୍ୟିକ ଜୀବନ ପ୍ରତିଭାତ ହୋଇଥାଏ ବୋଲି ଦିବଂଗତ କବି ବୃନ୍ଦାବନ ସାହୁ ସ୍ମୃତି ସଭାରେ ସମସ୍ତେ ମତବ୍ୟକ୍ତ କରିଥିଲେ। ଏକପଦୀ କବିତାକୁ ଲୋକାଦୃତ କରି ଫେସବୁକ ମାଧ୍ୟମରେ ସମ୍ବଲପୁରୀ ଭାଷା ଭଣ୍ଡାରକୁ ସମୃଦ୍ଧ କରିଥିବା କବି ବୃନ୍ଦାବନ ସାହୁଙ୍କୁ ବ୍ୟଙ୍ଗ ସମ୍ରାଟ ଭାବରେ ବକ୍ତାଗଣ ଚିତ୍ରିତ କରିଥିଲେ। ସମ୍ବଲପୁରୀ ସାହିତ୍ୟ ପରିଷଦ ବରଗଡ ତରଫରୁ ଆୟୋଜିତ ତଥା ମହାପାତ୍ର ହାଉସ ପରିସରରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ କୁମାର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ସର୍ବଶ୍ରୀ ଧନପତି ମହାପାତ୍ର,ନରେନ୍ଦ୍ର ମହାନ୍ତି, ସରୋଜ ଆଚାର୍ଯ୍ୟ, ଶିକ୍ଷାବିତ ଅଶୋକ ପଶାୟତ୍, ତେଜରୁ ବାରିକ, ସୁରେଶ ଚନ୍ଦ୍ର ଭୋଇ,ଅଧ୍ୟାପକ ନାରାୟଣ ଭୋଇ, ମାନସ ରଞ୍ଜନ ଦାଶ, ଉମେଶ ପ୍ରଧାନ, ମୋହନ ମହାନନ୍ଦ, ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା,ଅଧ୍ୟାପକ ଧ୍ରୁବଚରଣ ପ୍ରଧାନ,ଅଧ୍ୟାପକ ଶୁଭାସ୍ ଚନ୍ଦ୍ର ଭୁଏ, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ଅଧ୍ୟାପକ ମୁନିରାମ କୁମ୍ଭାର,ଧର୍ମରାଜ ପ୍ରଧାନ, ତରଣିସେନ ଗୁରୁ, ଗୁଣନିଧି ଭୋଇ, ଲଖମଣ ମଲ୍ଲିକ, ରଂଜିତ ପଧାନ, ନମିତା ଦୀପ ଯାଦବ, ହେମନ୍ତ ଦୀପ, ସୁରେନ୍ଦ୍ର ମେହେର, ଅହଲ୍ୟା ପଧାନ, ସୁଶାନ୍ତ ଭୋସାଗର ପ୍ରମୁଖ ଯୋଗଦାନ କରି କବିଙ୍କ ସାହିତ୍ୟ କୃତୀ ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଶେଷରେ କବି ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତାରେ ୪୪ଟି ପ୍ଲାଷ୍ଟିକ ହମ୍ପସ୍, ସାଧାରଣରେ ଅସନ୍ତୋଷ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): କୋଷାଗୁମୁଡା ଠାରୁ ଛେଳିପଦର, ରାଜୋଡା, ଚୁର୍ଚୁଣ୍ଡା,କର୍ଚ୍ଚାମାଳ, ମଦେଇଗାଁ ହୋଇ ନବରଙ୍ଗପୁର ଜିଲ୍ଲା ସଦର ମହକୁମାରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚଳିତ ବର୍ଷ ଜାନୁଆରୀ ମାସରେ ସରିଥିବାବେଳେ; ବିଗତ ଏପ୍ରିଲ ମାସରେ ରାସ୍ତା ଉପରେ କୋଷାଗୁମୁଡା ଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନ କରିଥିବା ଠିକା ସଂସ୍ଥା ବେଖାତିର ଭାବରେ ପ୍ରାୟ ୪୪ଗୋଟି ପ୍ଲାଷ୍ଟିକ ହମ୍ପସ୍ ଲଗାଇବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ଦେଖାଦେଇଛି । ଏହି ରାସ୍ତାର ଦୈର୍ଘ୍ୟ ପ୍ରାୟ ୪୦ କିଲୋମିଟର ଥିବା ବେଳେ ପ୍ଲାଷ୍ଟିକ ହମ୍ପସ୍ ଲାଗିଛି ପ୍ରାୟ ୪୪ଟି । ଏହି ରାସ୍ତାରେ ଥିବା ଛକ, ବିଦ୍ୟାଳୟ, ବଜାର,ଗାଁ ମଝିରେ ହମ୍ପସ୍ ଲଗାଇବା ଜରୁରୀ ଥିବାବେଳେ ଠିକାସଂସ୍ଥା ଜଙ୍ଗଲ ରାସ୍ତାରେ ମଧ୍ୟ ହମ୍ପସ୍ ଲଗାଇବାରୁ ନୂଆ ମୋଟର ସାଇକେଲ ଆରୋହୀ, ଗର୍ଭବତୀ ମହିଳା, ମଳକଣ୍ଟକ ରୋଗୀ, ଅଣ୍ଟା ବ୍ୟଥା ରୋଗୀ, ଏବଂ ଏମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ ଗାଡି ଯିବା ଆସିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି । ହମ୍ପସ୍ ଠିକାସଂସ୍ଥା ଲଗାଇବା ବେଳେ ଏହାର ର ସୂଚନା ଫଳକ ନଲଗାଇବା ଯୋଗୁଁ ଡ୍ରାଇଭର ମାନେ କିମ୍ବା ସାଧାରଣ ଲୋକ ହମ୍ପସ୍ ଥିବାର ସୂଚନସ୍ପାଇନପାରି ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଜରୁରୀ ସ୍ଥାନରେ କେବଳ ହମ୍ପସ୍ ରଖି ଅନ୍ୟାନ୍ୟ ସ୍ଥାନରୁ ପ୍ଲାଷ୍ଟିକ ହମ୍ପସ୍‌କୁ ତୁରନ୍ତ ହଟାଇବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ବାରମ୍ବାର ବିଦ୍ୟୁତ୍ କାଟ୍‌କୁ ନେଇ ଅତିଷ୍ଠ ଅଞ୍ଚଳବାସୀ

ବୌଦ୍ଧ (ଭାସ୍କର ନ୍ୟୁଜ୍): ଶନିବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ମନମୁଣ୍ଡା ବିଦ୍ୟୁତ ଉପଖଣ୍ଡ ବାଉଁଶୁଣୀ ସେକସନ ଅନ୍ତର୍ଗତ ମୁଣ୍ଡାପଡା ପଞ୍ଚାୟତର କମିରା ଅଞ୍ଚଳରେ ମିଳୁଥିବା ବିଦ୍ୟୁତ ସେବା ନେଇ ଉପଭୋକ୍ତା ଅତିଷ୍ଠ ହୋଇଛନ୍ତି । ବାରମ୍ବାର ବିଦ୍ୟୁତ କାଟ ଓ ଟିକିଏ ପବନ କି ବର୍ଷା ହେଲେ ଦିନ ଦିନ ଧରି ସମଗ୍ର ଅଞ୍ଚଳ ଅନ୍ଧାରରେ ରହୁଥିବା ଅଭିଯୋଗ କରିଛନ୍ତି । ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢା ବାଧାପ୍ରାପ୍ତ ହେବା ସହ ୪୫ ଡିଗ୍ରୀ ଖରା ଓ ପ୍ରବଳ ଗରମରେ ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇ ପଡୁଛି ବିଦ୍ୟୁତ କାଟ ସତ୍ୱେ ବିଦ୍ୟୁତ ବିଲ ଅଧିକ ଆସିବା ଓ ଅସୁଲ ବେଳେ ଟାଟା ପାୱାର ସପ୍ଲାଏ କମ୍ପାନୀ କର୍ମଚାରୀଙ୍କ ଜୁଲମ ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧିପାଉଛି । ଉପଭୋକ୍ତା ମାନଙ୍କ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ମନମୁଣ୍ଡା ଠାରେ ଥିବା ବିଦ୍ୟୁତ ବିତରଣକାରୀ ସଂସ୍ଥା ଟିପିଏସ୍ଓଡିଏଲ୍‌ର ଉପଖଣ୍ଡ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ।

# କାର୍ ସହ ଗଞ୍ଜେଇ ଜବତ ୩ କୋର୍ଟଚାଲାଣ



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ପୋଲିସ ଦ୍ୱାରା ଟୁଟୁସିଙ୍ଗା ଗ୍ରାମ ରାସ୍ତାରୁ କାର ସହ ୭ କେଜି ଗଞ୍ଜେଇ ଜବତ୍ ମାମଲାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ସକାଳେ ଟୁଟୁସିଙ୍ଗା ଗ୍ରାମ ରାସ୍ତାରୁ ମହାନଦୀ ବ୍ରିଜ ଆଡକୁ ଆସୁଥିବା ଏକ କାରକୁ ଅଟକାଇ ବୌଦ୍ଧ ପୋଲିସ ଯାଞ୍ଚ କରିଥିଲା ଓ ଏକ ଜରି ବସ୍ତାରେ ଗଞ୍ଜେଇ ବାହାରି ଥିଲା । ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୭ କେଜି ଗଞ୍ଜେଇ ହୋଇଥିଲା । କାରରେ ଥିବା ସୁନ୍ଦରଗଡ ଜିଲ୍ଲା ଲହୁଣୀ ପଡା ଥାନା ଲହୁଣୀ ପଡା ଗ୍ରାମର ସୁମିତ କୁମାର ରାଏ, ଶରଧାପୁର ଗ୍ରାମର ସୁଧୀର କୁମାର୍ ମହନ୍ତ ଓ ଗୁଡିଆଲି ଗ୍ରାମର ଗଂଗାଧର ମହନ୍ତଙ୍କୁ ଗିରଫ କରି ତାଙ୍କ ଠାରୁ ୩ ଗୋଟି ମୋବାଇଲ ଜବତ ମଧ୍ୟ କରାଯାଇଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ପବିତ୍ର ବଡ଼ଯାତ୍ରା ଆଠ ହୁଣ୍ଡିର ଦାନଅର୍ଥ ଗଣତି



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ତହସିଲ କାର୍ଯ୍ୟାଳୟ ପରିସରରେ ଶନିବାର ଦିନ ଶ୍ରୀ ଶ୍ରୀ ଶ୍ରୀ କାନମରାଜ, ବାଲରାଜ, ପୋତରାଜ ଓ ମୂତ୍ୟାଲୁମାଙ୍କ ପବିତ୍ର ବଡ଼ ଯାତ୍ରା -୨୦୨୫ର ସମୁଦାୟ ୮ ଗୋଟି ହୁଣ୍ଡି (ଦାନବାକ୍ସ) ଖୋଲା ଯାଇ ଦାନଅର୍ଥ ଗଣତି କରାଯାଇଛି। ଉକ୍ତ ଗଣତି ପ୍ରକ୍ରିୟାରେ ତହସିଲଦାର, ମାଲକାନଗିରି ତଥା ବଡ଼ଯାତ୍ରା ପରିଚାଳନା କମିଟିର ସଭାପତି ଟିକୁନୁ ପୁଟା ଙ୍କ ଉପସ୍ଥିତିରେ କରାଯାଇଥିଲା । ସଦର ତହସିଲର ଅତିରିକ୍ତ ତହସିଲଦାର ମୁନା ତୁରୁକ୍ ଙ୍କ ସମେତ ବଡ଼ଯାତ୍ରା ପରିଚାଳନା କମିଟିର ବହୁ ସଦସ୍ୟ, ତହସିଲ୍ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ କର୍ମଚାରୀ ମାନେ ଗଣତି କାର୍ଯ୍ୟରେ ସହଯୋଗ କରିଥିଲେ । ଏହି ଦାନ ହୁଣ୍ଡୀର ଗଣତି ପ୍ରକ୍ରିୟାରେ ମାଲକାନଗିରି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଓ ଭିଡ଼ିଓ ଗ୍ରାଫି ସହ ଗଣତି କାର୍ଯ୍ୟ ଶେଷ କରାଯାଇଥିଲା। ଗଣତି ଶେଷରେ ଆଠଗୋଟି ଦାନ ହୁଣ୍ଡିରୁ ସମୁଦାୟ ୫,୦୯,୪୭୮ ଅର୍ଥ ଗଣତି କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଆଠଗୋଟି ଦାନ ହୁଣ୍ଡିର ଟଙ୍କାକୁ ହାତ ଗଣତି କରାଯାଇଥିବା ସମୁଦାୟ ଅର୍ଥର ସଠିକ୍ ନିର୍ଦ୍ଧାରଣ ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିବା ସମୟରେ ମେସିନ୍ ଗଣତି ପରେ ଜଣାପଡିବା ସହ ଏହାର ସଠିକ୍ ତଥ୍ୟ ଆଗକୁ ଆୟବ୍ୟୟ ହିସାବ ସଭାରେ ଉପସ୍ଥାପନ କରାଯିବ ବୋଲି ତହସିଲଦାର ଶ୍ରୀ ପୁଟା କହିଛନ୍ତି ।

# ମାଗଣା ସ୍ୱାସ୍ଥ୍ୟ ଶିବିର




ସଇଁତଳା(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ରେ ଗୋଲାପି ଫାଉଣ୍ଡେସନ ପକ୍ଷରୁ ଅଧ୍ୟକ୍ଷ ସୁବ୍ରତ ନାଗଙ୍କ ଅଧ୍ୟକ୍ଷତାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବିତରଣ କରାଯାଇଅଛି । ଏଥିରେ ୧୬୦ ଜଣ ଲୋକଙ୍କୁ ଚିକିତ୍ସା କରାଯାଇଥିବା ବେଳେ ମାଗଣାରେ ଔଷଧ ମଧ୍ୟ ଦିଆଯାଇଛି। କାର୍ଯ୍ୟକ୍ରମରେ କଂଅସର ଗ୍ରାମ ପଞ୍ଚାୟତର ସରପଞ୍ଚ ହେମକାନ୍ତି ସାହୁ ,ଆମ୍ବା ଅଧ୍ୟକ୍ଷ ହେମନ୍ତ ସାହୁ ,ଡଃ ନମିତା ବିଶି,ଡ଼ ବିଶ୍ୱଜିତ ମିଶ୍ର, ଗଣ୍ଡପତ୍ରାପାଲି ସରପଞ୍ଚ ମନୀଷ ସୁନା, ଏବଂ ଗୋଲାପି ଫାଉଣ୍ଡେସନର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ସମସ୍ତ ଗ୍ରାମ ବାସୀ ମଧ୍ୟ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା। ଆଗକୁ ମଧ୍ୟ ବିଭିନ୍ନ ଗ୍ରାମପଞ୍ଚାୟତରେ ଗୋଲାପି ଫାଉଣ୍ଡେସନ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ଫାଉଣ୍ଡେସନ ଅଧ୍ୟକ୍ଷ ସୁବ୍ରତ ନାଗ ସୂଚନା ଦେଇଛନ୍ତି । ସବୁବେଳେ ମାନବ ସେବା ହିଁ ମାଧବ ସେବାରେ ବ୍ରତୀ ଥିବା ସୁବ୍ରତ ନାଗଙ୍କ ଏପରି ପଦକ୍ଷେପ ଯୋଗୁଁ ସେ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି । ଗତ କିଛି ଦିନ ତଳେ ପ୍ରସିଦ୍ଧ ହରିଶଙ୍କର ମେଳା ସରିଥିବାବେଳେ ସେଠାକୁ ତାଙ୍କ ଟିମକୁ ନେଇ ହରିଶଙ୍କରକୁ ମଧ୍ୟ ସଫା କରିଥିଲେ। ଏହିପରି ଲୋକାଭୀମୁଖୀ କାର୍ଯ୍ୟ ପାଇଁ ସେ ବେଶ ପ୍ରଶଂସିତ ହେଉଥିବା ବେଳେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଯୁବକଙ୍କ ଆତ୍ମହତ୍ୟା

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ଶନିବାର ଦିନ କୋଷାଗୁମୁଡା ବ୍ଲକର ବଡ଼ ଆମ୍ବଡା ଫାଣ୍ଡି ସଦର ମହକୁମାର ରାଣୀଗୁଡା ସ୍ଥିତ କାଜୁ ବଗିଚାର ଏକ ଗଛରୁ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଜଣେ ଯୁବକଙ୍କ ମୃତ ଦେହକୁ କୋଷାଗୁମୁଡା ଥାନା ପୋଲିସ ତଥା ବଡ଼ ଆମ୍ବଡା ଫାଣ୍ଡି ଅଧିକାରୀ ଲଳିତ କୁମାର ପଣ୍ଡା ଉଦ୍ଧାର କରିଛନ୍ତି । ମୃତ ଯୁବକ ଛତିଶଗଡ଼ ରାଜ୍ୟର ଜଗଦଲପୁର ର ଶଙ୍କର ସାହୁ(୩୫)ପିତା ସମ୍ବାରୁ ସାହୁ ବୋଲି ଜଣାପଡ଼ିଛି । ଶଙ୍କର ତିନି ତଳେ ନିଜ ସମ୍ପର୍କୀୟଙ୍କ ଘରେ ବଡ଼ ଆମ୍ବଡାର ରାଣୀଗୁଡାକୁ ଆସିଥିଲେ । କୌଣସି କାରଣରୁ ସେ ବଡ ଆମ୍ବଡାର ଏକ ହାର୍ଡୱେର ଦୋକାନରୁ ପ୍ଲାଷ୍ଟିକ ରସି କିଣି ରାଣୀଗୁଡାର କାଜୁ ବାଡ଼ର ଏକ ଗଛରେ ବେକରେ ରସି ଲଗାଇ ମୃତ୍ୟୁ ବରଣ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏପଟେ ଫାଣ୍ଡି ଅଧିକାରୀ ଶ୍ରୀ ପଣ୍ଡା ମୃତ ଯୁବକର ଭାଇଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ୧୦/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି ।

# ନୂତନ ରାସନ୍ କାର୍ଡ ବଣ୍ଟନ




ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହରେ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୪୬ ଜଣଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ମାନ୍ୟବର ବିଧାୟକ ଝରି ଗାଁ ନରସିଂହ ଭତରା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ସାଂସଦ ପ୍ରତିନିଧି କୁଞ୍ଜବିହାରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ଉପରେ ବିଶେଷ ତଥ୍ୟ ରଖିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଉପସ୍ଥିତ ଜିଲ୍ଲାର ନୂତନ ରାସନ୍ କାର୍ଡ ହିତାଧକାରୀଙ୍କୁ ସ୍ୱାଗତ ଜଣାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଉଲ୍ଲେଖ କରିବା ସହ ଏଥିରେ ସାମିଲ ହୋଇ ସୁବିଧା ପାଇବାକୁ କହିଥିଲେ ।ପୂର୍ବରୁ ଉକ୍ତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେବାର ନିର୍ଦ୍ଧାରିତ ହୋଇଥିଲା କିନ୍ତୁ ହେଲିକପ୍ଟର ଉଡାଣରେ କିଛି ବୈଷୟିକ ତ୍ରୁଟି ଦେଖାଦେବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ନବରଙ୍ଗପୁର ଜିଲ୍ଲାରେ ବର୍ତ୍ତମାନ ୧୦,୦୭୨ ଜଣଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୫୭୨୦ ଜଣ ଆବେଦନକାରୀ ନିଜର ନାମ ପଞ୍ଜିକରଣ କରିଛନ୍ତି। ସେଥିମଧ୍ୟରୁ ୩୨୦୦ ଜଣଙ୍କ ଆବେଦନ ପତ୍ର ଯାଞ୍ଚ ପ୍ରକ୍ରିୟା କରି ନୂତନ ରାସନ୍ କାର୍ଡ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଯୋଗାଣ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ବନ ସଂରକ୍ଷକଙ୍କ ଦିନିକିଆ ନୂଆପଡ଼ା ଗସ୍ତ ଓ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ




ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଗତକାଲି ଦିନିକିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ମୁଖ୍ୟ ବନ ସଂରକ୍ଷକ ସୁରେଶ କୁମାର ପନ୍ତ ଓ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ସନ୍ତୋଷ ଯୋଶୀ, ତାଙ୍କୁ ସକାଳ ୧୦.୩୦ ମିନିଟ ସମୟରେ ଖରିଆର ବ୍ଲକ ଦୋହେଲପଡା ଠାରେ ସ୍ୱାଗତ କରିଥିଲେ ଖରିଆର ବନଖଣ୍ଡ ଅଧିକାରୀ ଆଜିଜ ଖାଁ ଓ ବିମଳ ମହମ୍ମଦ ମୁସ୍ତଫା ସାଲେହ। ପରେ ଖରିଆର ବ୍ଲକ ମନ୍ଦିତରେଇ, ଉପରପିଟା, ଦେଓବାହାଲର ବୁଢାରଜା ପିଆରଏଫ ବରନ୍ଧାପାଟର ସେଣ୍ଟ୍ରାଲ ନର୍ସରୀ, ମୁଖାଭାଟାପଡା ନୂଆପଡ଼ାର ପୁଷଦହନା, ମାନିଗୁଡାର ବିଭିନ୍ନ ଅଂଚଳ ବୁଲି ଅନୁଧ୍ୟାନ କରିବା ସହ ଆରଆରଟିର କାର୍ଯ୍ୟ କୌଶଳ ତଥା ତାଙ୍କର ବ୍ୟବହାର ରେ ଆସୁଥିବା ସାମଗ୍ରୀର ଯାଞ୍ଚ କରିବା ସହ ଭଲ ଭାବରେ କାମ କରିବାକୁ କହିଥିଲେ ପରେ ଖରିଆର ରାତ୍ରଯାପନ କରି ସକାଳେ ସାମ୍ବାଦିକ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଥିଲେ।

# ବୌଦ୍ଧରୁ ପୁରୀକୁ ଗଲା ୭୦ଖଣ୍ଡ ରଥକାଠ



ବୌଦ୍ଧ(ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଶନିବାର ବୌଦ୍ଧ ବନଖଣ୍ଡର ମାଧପୁର ରେଞ୍ଜରୁ ୭୦ ଖଣ୍ଡ ଅସନ କାଠ ପୁରୀ ରଥଖଳାକୁ ପଠାଯାଇଥିବାବେଳେ ତାହା ରବିବାର ଆସି ପୁରୀରେ ପହଁଚିଛି।। ଚଳିତବର୍ଷ ଦ୍ୱିତୀୟ ପର୍ଯ୍ୟାୟରେ ବୌଦ୍ଧରୁ ପୁରୀକୁ ରଥ କାଠ ପ୍ରେରଣ କରାଯାଇଥିବା ନେଇ ମାଧପୁର ରେଞ୍ଜ ଅଫିସର ଆଶିକ କୁମାର ଦିଗାଲ ସୂଚନା ଦେଇଛନ୍ତି। ସଂକୀର୍ତ୍ତନ ମଣ୍ଡଳୀ ସହିତ ରଥକାଠ ବୋଝେଇ ଦୁଇଟି ଗାଡିକୁ ମାଧପୁର ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କଳସ ବସାଯାଇ ସ୍ୱାଗତ କରାଯାଇଥିଲା । ଘଣ୍ଟ ବାଦ୍ୟ, ହରିବୋଲି ଓ ହୁଳହୁଳି ଦେଇ ମହାପ୍ରଭୁଙ୍କ କାଠକୁ ପୁରୀ ଅଭିମୁଖେ ପାଛୋଟି ନିଆଯାଇଥିଲା।

# ନାଟ୍ୟକାର ଗୋପାଳ ଓ ମଧୁସ୍ମିତାଙ୍କୁ ବିଦ୍ୟାକନକ ନାଟ୍ୟଦମ୍ପତି ସମ୍ମାନ



କରିଛନ୍ତି ।ଏକମାତ୍ର କନ୍ୟା ସାଇ ଅନୁଷ୍କା ମହାରଣା ମଧ୍ୟ ବହୁ ମଞ୍ଚ ନାଟକରେ ଶିଶୁ କଳାକାର ଭାବେ ଅଭିନୟ କରି ବିଭିନ୍ନ ଅନୁଷ୍ଠାନରୁ ଶ୍ରେଷ୍ଠ ଶିଶୁ କଳାକାର ଭାବେ ପୁରସ୍କାର ପାଇଛନ୍ତି ।

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ‘ଭାରତୀ କଳା ନିକେତନ’ର ପ୍ରତିଷ୍ଠାତା ଅଧ୍ୟାପକ ଗୋପାଳ ମହାରଣା ଏକାଧାରରେ ଜଣେ ନାଟ୍ୟକାର, ଗାଳ୍ପିକ, ପ୍ରାବନ୍ଧିକ, ସୁବକ୍ତା ଓ ମଂଚ ନାଟକ ନିର୍ଦ୍ଦେଶକ । ବୃତ୍ତି ଅଧ୍ୟାପନା, କୃତି ସାହିତ୍ୟ ସାଧନା ଏବଂ ନିଶା ମଞ୍ଚ ନାଟକର ପ୍ରଚାର ପ୍ରସାର । ପତ୍ନୀ ମଧୁସ୍ମିତାଙ୍କ ଲକ୍ଷ୍ୟ ମଧ୍ୟ ଏକ-କଳା,ସାହିତ୍ୟ ସଂସ୍କୃତି ତଥା ମଞ୍ଚ ନାଟକର ପ୍ରଚାର ପ୍ରସାର ।ଶ୍ରୀମତୀ ମହାରଣା ପତିଙ୍କ ପଥ ଅନୁସରଣ କରି ମଞ୍ଚ ନାଟକର ନିର୍ଦ୍ଦେଶନା ମଙ୍ଗ ସମ୍ଭାଳିଛନ୍ତି ।ରାଜ୍ୟର ବିଭିନ୍ନ ମଞ୍ଚରେ ନାଟକ ପ୍ରଦର୍ଶନ କରି ଦର୍ଶକୀୟ ପ୍ରଶଂସା ସାଉଁଟିବା ସହିତ ସମ୍ବର୍ଦ୍ଧିତ ହୋଇଛନ୍ତି । ଅଦ୍ୟାବଧି ଚାଳିଶରୁ ଊର୍ଦ୍ଧ୍ୱ ମଂଚ ନାଟକର ସଫଳ ନିର୍ଦ୍ଦେଶନା ଦେଇ ସେ ପାଇଛନ୍ତି ‘ଶ୍ରେଷ୍ଠ ନିର୍ଦ୍ଦେଶିକା’ସମ୍ମାନ। ସେହିପରି ନାଟ୍ୟକାର ଗୋପାଳ ମହାରଣା ଏଯାବତ୍ ଅଠସ୍ତରୀ ଗୋଟି ନାଟକ ରଚନା କରି ନାଟ୍ୟ ସାହିତ୍ୟକୁ ସମୃଦ୍ଧ ଶ୍ରୀମତୀ ଓ ଶ୍ରୀମହାରଣାଙ୍କ ମଞ୍ଚ ନାଟକ ପ୍ରତି ରହିଥିବା ସମର୍ପିତ ଭାବ ଯୋଗୁଁ ପ୍ରତିବର୍ଷ ଉମରକୋଟ ଠାରେ ତ୍ରିଦିବସୀୟ ନାଟକ ମହୋତ୍ସବ ସେମାନେ ଆୟୋଜନ କରି ଆସୁଛନ୍ତି ।ସ୍ୱଷ୍ଟଭାବେ କହିଲେ ଏମିତି ଦମ୍ପତି ନାଟ୍ୟ ଜଗତରେ ବିରଳ । ସଂପ୍ରତି ଭୁବନେଶ୍ୱରର ‘ବିଦ୍ୟାକନକ ସୃଜନାନୁଷ୍ଠାନ’ଦ୍ୱାରା ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ସପ୍ତମ ଜାତୀୟ ନାଟ୍ୟମହୋତ୍ସବ-୨୦୨୫ ଅବସରରେ ଅଧ୍ୟାପକ ଗୋପାଳ ମହାରଣା ଏବଂ ଶ୍ରୀମତୀ ମଧୁସ୍ମିତା ମହାରଣାଙ୍କ ନାଟ୍ୟ ସମର୍ପିତ ଭାବନାକୁ ସମ୍ମାନ ଜଣାଇ ‘ବିଦ୍ୟାକନକ ନାଟ୍ୟଦମ୍ପତି ସମ୍ମାନ’ ପ୍ରଦାନ କରିଛନ୍ତି । କଳାନୁରାଗୀ କଳାକାରମାନେ ଶ୍ରୀମତୀ ଓ ଶ୍ରୀଯୁକ୍ତ ମହାରଣାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିଦ୍ୟାକନକ ସୃଜନାନୁଷ୍ଠାନର ସଂପାଦକ ଶୁଭକାନ୍ତ ପାଢୀ, ସଭାପତି ଇଂ ସୁଧାକର ପତ୍ରୀ ତଥା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଚିଲି ଶଙ୍ଖା ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ପଞ୍ଚାୟତ ଅନ୍ତର୍ଗତ ଚିଲି ଶଙ୍ଖା ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି ସମାଜସେବୀ ସଙ୍ଗୀତା ମିଶ୍ରଙ୍କ ନେତୃତ୍ୱରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କୋରାପୁଟ ସାଂସଦ ଝିନ ହିକକା ଯୋଗ ଦେଇ ଶିବିରର ଶୁଭ ଉଦଘାଟନ କରିଥିବା ବେଳେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡ଼.ନବକିଶୋର କୁଣ୍ଡୁ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଡ଼.ନାରାୟଣ ମାଝି ଯୋଗ ଦେଇ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏଇ କ୍ଷେତ୍ରରେ ଆଶାକର୍ମୀମାନେ ଗାଁ ଗାଁ ବୁଲି ଗୋଟିଏ ଦିନ ଆଗରୁ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଫଳରେ ଏହି ସ୍ୱାସ୍ଥ୍ୟ ଶିବିରରେ ବୁର୍ଜା ପଞ୍ଚାୟତର ଅନେକ ଗ୍ରାମର ବହୁ ସଂଖ୍ୟାରେ ଲୋକ ଯୋଗ ଦେଇ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ବେଳେ ୭୪ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯିବା ସହ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଚକ୍ଷୁ ପରୀକ୍ଷା ଓ ୨୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏନେଇ ପ୍ରତ୍ୟେକ ରୋଗୀଙ୍କୁ ବିସ୍କୁଟ ଓ ଥଣ୍ଡା ପାନୀୟ ମଧ୍ୟ ବଣ୍ଟନ କରାଯାଇଥିଲା। ମୁଁ ଗରିବ ଓ ଅସହାୟ ଲୋକଙ୍କ ବନ୍ଧୁ, ଯେତେ ଦିନ ଯାଏଁ ବଞ୍ଚିଥିବି ଏଇ ମା ମାଟିର ଗରିବ ଲୋକଙ୍କ ପାଇଁ ମୁଁ ସାହାଯ୍ୟ କରିବି,ଆଗକୁ ପ୍ରତ୍ୟେକ ମାସରେ ସ୍ୱାସ୍ଥ୍ୟ ଶିବିର କରାଯିବ ବୋଲି ଶ୍ରୀମତୀ ମିଶ୍ର ପ୍ରକାଶ କରିଥିଲେ। ତାଙ୍କର ଏହି ମହତ କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଥିବା ବେଳେ ଚିଲିଶଙ୍ଖା ସ୍କୁଲ କର୍ତ୍ତୃପକ୍ଷ,ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଓ ଆଶା କର୍ମୀ ମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିଥିଲେ।



# ସୀମାନ୍ତ ମୋଟୁରେ ବଢ଼ୁଛି ବାଲି ମାଫିଆଙ୍କ ରାଜୁତି

ପ୍ରଶାସନିକ ଅଧିକାରୀ ନିରବଦ୍ରଷ୍ଟା



କାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମୋଟୁ ତୋହସିଲ ଅଧିନ ବିଭିନ୍ନ ଗ୍ରାମଦେଇ ବହି ଯାଉଥିବା ଶାବେରୀ ନଦୀଶଯ୍ୟାରୁ ବେଆଇନ ବାଲି ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ବାଲିମାଫିଆଙ୍କ ରାଜୁତି ଚାଲିଛି। ଖଣି ବିଭାଗକୁ ଖୋଲା ଚ୍ୟାଲେଞ୍ଜ ଦେବାସହ ସ୍ୱଷ୍ଟ ଦିବାଲୋକରେ ବାଲି ମାଫିଆମାନେ ବାଲି ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଛି । ମୋଟୁ ପଞ୍ଚାୟତ ମୋଟୁ ମୁଗିପଇଣ୍ଟ ଶାବେରୀ ନଦୀ ଘାଟ ଏବଂ ଆଲମା ଗ୍ରାମ ନଦୀ ଘାଟରୁ ଦୀର୍ଘଦିନ ଧରି ବେଆଇନ ଭାବେ ଶତାଧିକ ଟ୍ରାକ୍ଟର ସାଙ୍ଗକୁ ଟିପ୍ପରରେ ବିଭିନ୍ନ ଅଞ୍ଚଳକୁ ବାଲି ଚୋରାଚାଲାଣ ଚାଲିଛି । ତାହା ପୁଣି ପ୍ରାୟ ଏକ କିଲୋମିଟର ବ୍ୟାପୀ ନଦୀଶଯ୍ୟାରୁ । ମୋଟୁ ଅଞ୍ଚଳର ବ୍ୟକ୍ତି ମାନେ ବାଣିଜ୍ୟ ଭାବେ ବେଆଇନ ବାଲିଚାଲାଣ କରୁଥିବା ଅଭିଯୋଗ ହୋଇଛି । ବାଲିଘାଟ ଟେଣ୍ଡର ହୋଇନଥିବା ବେଳେ ଏମାନଙ୍କ ନିକଟରେ ବାଲିଚାଲାଣ ପାଇଁ କୌଣସି ଅନୁମତି ପତ୍ର ନଥିଲେ ମଧ୍ୟ ବାଲି ବିକ୍ରି କରି ଟଙ୍କା କମେଇବା ଆଶାରେ ବାଲି ଚୋରା ଚାଲାଣ କରୁଛନ୍ତି । ଖଣି ବିଭାଗ ଓ ପ୍ରଶାସନ ସବୁ ଜାଣି ଚୁପ ରହିଥିବା ବେଳେ ସ୍ଥାନୀୟ ପୋଲିସ ମଧ୍ୟ ସବୁ ଦେଖି ନିରବଦ୍ରଷ୍ଟା ସାଜିଛି ।ପୂର୍ବରୁ ମାଲକାନଗିରି ଜିଲ୍ଲା ଖଣିବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଆଜି ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ସମ୍ପୃକ୍ତ ଅଞ୍ଚଳରେ ବେଆଇନ ବାଲି ଚାଲାଣକୁ କେନ୍ଦ୍ରକରି ଉତ୍ତେଜନା ଲାଗିରହିଛି। ଗୋଟିଏ ପଟେ ସରକାର ଦୁର୍ନୀତି କୁ ରୋକିବା ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଅନ୍ୟପଟେ ପ୍ରଶାସନିକ ଅଧିକାରୀଙ୍କ ନିରବଦ୍ରୋଷ୍ଟା ସାଜିଛି ଦୁର୍ନୀତି ର ବାଟ । ଖଣିବିଭାଗ ଏବଂ ପ୍ରଶାସନିକ ଅଧିକାରୀ ମାନେ ବାଲି ଚୋରାଚାଲାଣକୁ ରୋକ ଲଗେଇବା ସହ ବାଲି ମାଫିଆଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବି ହୋଇଛି ।



ଜଳେଶ୍ୱର(ଭାସ୍କର ନ୍ୟୁଜ): ସମଗ୍ର ଜଳେଶ୍ୱର ପୌରାଞ୍ଚଳରେ ୨ଟି ଦେଶୀ ମଦ ଦୋକାନ ଖୋଲାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ଫଳରେ ଏହା ବିରୋଧରେ ଜନ ଅସନ୍ତୋଷ ବ୍ୟାପୁଥିବା ବେଳେ ମିଳିତ ଓଡିଶା ନିଶାନିବାରଣ ଅଭିଯାନ (ମୋନା)ର ଜଳେଶ୍ୱର ଶାଖା ପକ୍ଷରୁ ବିରୋଧ ହେବ ବୋଲି ଆଜି ଆୟୋଜିତ ସଭାରେ ମତପ୍ରକାଶ ପାଇଛି । ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗର ଚିଠି ନଂ ୧୬୬୫ ତା ୨୩-୫-୨୫ ଅନୁଯାୟୀ ମୋଟ ୨୩ଟି ଦେଶୀ ମଦଦୋକାନ ଖୋଲାଯିବାକୁ ଥିବା ବେଳେ ଜଳେଶ୍ୱରରେ ୨ଟି ଖୋଲାଯିବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଜଳେଶ୍ୱର ପୌରାଞ୍ଚଳର ୱାର୍ଡ ନଂ ୫ ଓ ୱାର୍ଡ ନଂ ୯ ପଞ୍ଚୁଘଣ୍ଟାଠାରେ ଖୋଲାଯିବାକୁଥିବା ୨ଟି ମଦଦୋକାନକୁ ବିରୋଧ କରି ଖୁସିପ୍ଲାଜା ଠାରେ ମୋନା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ମୋନାର ଜଳେଶ୍ୱର ଶାଖା ସଭାପତି ଅଶୋକ ଜେନା ସଭାପତିତ୍ୱ କରିଥିଲେ । ମ୍ୟୁନିସିପାଲଟିରେ ଖୋଲିବାକୁ ଥିବା ୨ ମଦଦୋକାନ ବିରୋଧରେ ଆସନ୍ତା ଜୁନ ୫ତାରିଖରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାର ସିଦ୍ଧାନ୍ତ ହୋଇଛି । ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ଲାଗି ସଂଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯିବାକୁ ସ୍ଥିର ହୋଇଛି । ଜଳେଶ୍ୱର ପୌରାଧ୍ୟକ୍ଷ ଓ ପୌର ଅଧିକାରୀଙ୍କୁ ମଧ୍ୟ ଏ ସଂପର୍କରେ ସବିଶେଷ ଲିଖିତ ଭାବେ ଜଣାଇ ଦିଆଯାଇଛି । ଜିଲ୍ଲାପାଳ ଏଥିପ୍ରତି ଉଦାସୀନ ହେଲେ ଆନ୍ଦୋଳନ କରାଯିବ ବୋଲି ସଭାପତି ଶ୍ରୀ ଜେନା, ସଂପାଦକ ପ୍ରଦୀପ ସିଂହ, ନିରୋଜ ବେହେରା, ରବିନ୍ଦ୍ର ସେନାପତି ପ୍ରମୁଖ କହିଛନ୍ତି ।



## ଜାପାନକୁ ପଛରେ ପକାଇଲା ଭାରତ
# ବିଶ୍ୱର ୪ର୍ଥ ଅର୍ଥନୀତି ଦେଶରେ ପରିଣତ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତକୁ ମିଳିଛି ଆଉଏକ ସଫଳତା। ଭାରତ ଅର୍ଥନୈତିକ କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିଛି। ବିଶ୍ୱର ଚତୁର୍ଥ ବୃହତ ଅର୍ଥନୈତିକ ଶକ୍ତିଭାବେ ଭାରତ ଉଭା ହୋଇଛି। ଜାପାନକୁ ପଛରେ ପକାଇ ଭାରତ ଏହି ସଫଳତା ହାସଲ କରିଛି। ନୀତିଆୟୋଗ ସିଇଓ ବି.ଭି.ଆର. ସୁବ୍ରମଣ୍ୟମ ଏହି ସୂଚନା ଦେଇଛନ୍ତି। ଆଇଏମ୍‌ଏଫର ତଥ୍ୟ ଅନୁଯାୟୀ ଆମେରିକା, ଚୀନ ଓ ଜର୍ମାନୀ ପରେ ଚତୁର୍ଥ ବୃହତ୍ତମ ଅର୍ଥନୀତିର ଦେଶ ଭାବେ ଭାରତ ମାନ୍ୟତା ପାଇପାରିଛି। ଶ୍ରୀ ସୁବ୍ରମଣ୍ୟମ ଆହୁରି କହିଛନ୍ତି ଯେ ଏବେ ଆମେ ୪ ଟ୍ରିଲିୟନ ଡଲାର ଅର୍ଥନୀତି ପାଲଟିଛୁ। ଆଗାମୀ ଅଢେଇରୁ ୩ ବର୍ଷ ମଧ୍ୟରେ ଜର୍ମାନୀକୁ ହଟାଇ ବିଶ୍ୱର ତୃତୀୟ ଅର୍ଥନୀତି ହାସଲ କରିପାରିବୁ ବୋଲି ସେ ମତ ଦେଇଥିଲେ। ଭାରତର ଅର୍ଥନୀତି ଏବେ ଜାପାନ ଅପେକ୍ଷା ବଡ଼। ଯଦି ଆମେ ଆମର ଯୋଜନା ଓ ଚିନ୍ତାଧାରାରେ ଅଟଳ ରହିବା ତେବେ ଅଢେଇରୁ ୩ ବର୍ଷ ମଧ୍ୟରେ ଆମେ ତୃତୀୟ ବୃହତ୍ତମ ଅର୍ଥନୀତି ହେବୁ। ୨୦୨୩ରେ ଭାରତର ଅର୍ଥନୀତି ୩.୫୬ ଟ୍ରିଲିୟନ ଡଲାର ରହିଥିବାବେଳେ ଜାପାନର ଅର୍ଥନୀତି ଥିଲା ୪.୨୦ ଟ୍ରିଲିୟନ ଡଲାର। ବର୍ତ୍ତମାନ ଭାରତର ଅର୍ଥନୀତି ୪.୨୭ ଟ୍ରିଲିୟନ ଡଲାରରେ ପହଞ୍ଚିଥିବାବେଳେ ଜାପାନ ୪.୧୯ ଟ୍ରିଲିୟନ ଡଲାରରେ ରହିଛି। ଭାରତର ଦ୍ରୁତ ଅଭିବୃଦ୍ଧି ପଛରେ ନିର୍ମାଣ କ୍ଷେତ୍ରର ଶକ୍ତିକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ବୋଲି ବିବେଚନା କରାଯାଉଛି। ଗତ ୧୧ବର୍ଷ ଧରି କେନ୍ଦ୍ର ସରକାର ନିରନ୍ତର ନିର୍ମାଣ କ୍ଷେତ୍ରରେ ଅଧିକ ନିବେଶ କରି ଆସୁଛନ୍ତି। ରାସ୍ତା, ରେଳ, ପରିବହନ, ବନ୍ଦର ନିର୍ମାଣ ଏବଂ ଆବାସିକ କୋଠା ନିର୍ମାଣକୁ ତାଙ୍କ ନୀତିରେ ରଖିଛନ୍ତି। ଏହାର ଲାଭ ଶିଳ୍ପକ୍ଷେତ୍ରର ୫୦ଟି ପ୍ରମୁଖ କ୍ଷେତ୍ର ପାଇଛି, ଯେଉଁଥିରେ ଇସ୍ପାତ, ସିମେଣ୍ଟ, ବିଦ୍ୟୁତ ଓ ତୈଳକ୍ଷେତ୍ର ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି କାରଣରୁ ଏହାସହ ଜଡ଼ିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଦ୍ରୁତ ଅଭିବୃଦ୍ଧି ଦେଖାଦେଇଛି। ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ପାଲଟିଥିବାବେଳେ ୨୦୨୫ର ତଥ୍ୟ ଅନୁଯାୟୀ ଯୁକ୍ତରାଷ୍ଟ୍ର ଆମେରିକା ୩୦.୪୦ ଟ୍ରିଲିୟନ ଡଲାର ସହ ତାଲିକାର ପ୍ରଥମ ସ୍ଥାନରେ ରହିଛି। ଚୀନ୍ ୧୯.୨୩ ଟ୍ରିଲିୟନ ଡଲାର ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଜର୍ମାନୀ ୪.୭୪ ଟ୍ରିଲିୟନ ଡଲାର ସହ ତୃତୀୟ ଏବଂ ଭାରତ ୪.୨୭ ଟ୍ରିଲିୟନ ଡଲାର ସହ ଚତୁର୍ଥ ସ୍ଥାନରେ ରହିଛି।

## ଅଖ ଓ ଦଣ୍ଡା ନିର୍ମାଣ ପାଇଁ
# ପୁରୀରେ ପହଞ୍ଚିଲା ରଥ କାଠ

ପୁରୀ (ଭାସ୍କର ନ୍ୟୁଜ) : ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ତିନି ରଥର ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ଭୋଇ ସେବକ ମାନେ ଚକ ନିର୍ମାଣ ପାଇଁ ସମସ୍ତ ସିଙ୍ଗଡ଼ା ବାଡିଆ କାର୍ଯ୍ୟ ସାରି ବିଶ୍ୱକର୍ମାଙ୍କୁ ଯୋଗାଇଛନ୍ତି। ଆସନ୍ତା ଜୁନ୍ ୧୧ରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ଏହି ଦିନ ତିନି ରଥର ଚାରି ନାହାକା ଉଠିବ । ଏଣୁ ରଥ ନିର୍ମାଣ କାରୀଙ୍କ ହାତକୁ ଆଉ ଫୁରସତ ନାହିଁ । ଯଥେଷ୍ଟ ସମୟ ପୂର୍ବରୁ ତିନି ରଥର ନିର୍ମାଣ କାର୍ଯ୍ୟ କିଭଳି ଶେଷ କରାଯିବ ସେନେଇ ରଥ ନିର୍ମାଣ କାର୍ଯ୍ୟକୁ ଦ୍ରୁତ ଗତିରେ ଆଗେଇ ନେଉଛନ୍ତି ସମସ୍ତ ନିର୍ମାଣକାରୀ । ତେବେ ଶନିବାର ତିନି ରଥର ଚଉଦ ନାହାକା କାର୍ଯ୍ୟ ଆରମ୍ଭ ହେବା ପରେ ବିଶ୍ୱକର୍ମା ମାନେ ବାରିସିରେ ହାଣି ୧୪ଟି କାଠକୁ ଚଉପଟ କରି ପ୍ରସ୍ତୁତ କରୁଛନ୍ତି । ରଥରେ ଚଉଦ ନାହାକା ବୁଲିଲେ ପ୍ରଥମ ଭୂଇଁ ଟୁଙ୍ଗୁରା ହେବ ବୋଲି ମୁଖ୍ୟ ବିଶ୍ୱକର୍ମା କହିଛନ୍ତି । ସେପଟେ ତିନି ରଥର ୪୨ଟି ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ଶେଷ ହୋଇଥିବା ବେଳେ ଭୋଇ ସେବକମାନେ ଚକ ନିର୍ମାଣ ପାଇଁ ସମସ୍ତ ସିଙ୍ଗଡ଼ା ବାଡିଆ କାର୍ଯ୍ୟ ଶେଷ କରିଛନ୍ତି । ଅନ୍ୟପଟେ ଶୀତଳଷଷ୍ଠୀ ପରଦିନ ତିନି ରଥର ୪୨ଟି ଚକ ସହ ୨୧ଟି ଅଖ ସଂଯୋଗ କରାଯିବ । ରଥର ୨୧ଟି ଅଖରୁ ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ତିନୋଟି ଅଖ ସହିତ ଛଅଟି ଚକର ସଂଯୋଗ କରାଯାଇ ଡେରାଯାଇଥିଲା। ତେବେ ଆବଶ୍ୟକତା ଅନୁଯାୟୀ ଅଖ କାଠ ରଥଖଳାରେ ପହଞ୍ଚି ନଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ମୁଖ୍ୟ ବିଶ୍ୱକର୍ମା । ଏହାରି ଭିତରେ ଅଖ ଓ ଦଣ୍ଡା ନିର୍ମାଣ ପାଇଁ ପୁରୀରେ ପହଞ୍ଚିଛି ରଥକାଠ । ଆଜି ଏକ ଟ୍ରକ ଯୋଗେ ବୌଦ୍ଧ ବନଖଣ୍ଡରୁ ଅଖ ଓ ଦଣ୍ଡା ନିର୍ମାଣ ପାଇଁ ୩୨ ଖଣ୍ଡ ୪୦ ଫୁଟିଆ ଧଉରା ଓ ଅସନ କାଠ ଆସିଛି। ଖୁବଶୀଘ୍ର ଏହି କାଠ ଗୁଡିକରେ ଅଖ ଓ ଦଣ୍ଡା ନିର୍ମାଣ କାର୍ଯ୍ୟ କରାଯିବ। ସେପଟେ ରୂପକାର ସେବକ ମାନେ ତାଳଧ୍ୱଜ ରଥର ୧୬ଟି ଗୁଜ, ଦର୍ପଦଳନ ରଥର ୧୨ଟି ଓ ନନ୍ଦିଘୋଷ ରଥର ୧୬ଟି ଗୁଜର ଖୋଦେଇ କାର୍ଯ୍ୟରେ ଲାଗିଛନ୍ତି। ଦୋଳବେଦୀର ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ଦଣ୍ଡା ବିଡିଆ କଣ୍ଟା ପ୍ରସ୍ତୁତିରେ ଲାଗିଛନ୍ତି ।

# ରେଳ ଓଭରବ୍ରିଜର ଉଦ୍‌ଘାଟନ କଲେ ଧର୍ମେନ୍ଦ୍ର



ସମ୍ବଲପୁର(ଭାସ୍କର ନ୍ୟୁଜ): ସମ୍ବଲପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ଉଦଘାଟନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଓଭରବ୍ରିଜ୍ ସମ୍ବଲପୁର ସହରକୁ ଅଧିକ ସୁନ୍ଦର ଓ ଆଧୁନିକ କରିବା ପାଇଁ ଏହା ଏକ ଭଲ ପଦକ୍ଷେପ । ଏହି ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ହ୍ରାସ ହେବା ସହ ଜନସାଧାରଣଙ୍କ ଯାତାୟତ ସୁରକ୍ଷିତ ଓ ସୁଗମ ହେବ । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରରେ ସମ୍ବଲପୁର ସହରକୁ ଏକ ଶ୍ରୀମନ୍ତ ସହରରେ ବିକଶିତ କରାଯିବ । ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଅଣାଯିବ। ଯୋଗାଯୋଗ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ । ସମ୍ବଲପୁରରେ ରିଙ୍ଗ୍ ରୋଡ୍ କରାଯିବ । ସହର ମଧ୍ୟରେ ଥିବା ଆଭ୍ୟନ୍ତରୀଣ ରାସ୍ତା ତିଆରି କରାଯିବ । ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହେବ, ଯାହା ବୁର୍ଲା ଓ ହୀରାକୁଦକୁ ସଂଯୋଗ କରିବ । ସମ୍ବଲପୁର ସହରକୁ ଏକ ବୃହତ ମହାନିଗମ ନିଗମରେ ପରିଣତ କରିବା ପାଇଁ ଆମ ସରକାର ଅଙ୍ଗିକାରବଦ୍ଧ । ଏହି ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରରେ ଦେବଦମ୍ପତି ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ଅନନ୍ୟ ପର୍ବ ଶୀତଳ ଷଷ୍ଠୀ ପର୍ବରେ ସାମିଲ ହେବା ପାଇଁ ରାଜ୍ୟ ଏବଂ ଦେଶବାସୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି ।

# ଶୁଳିଆପଦାରେ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା



ଶୁଳିଆପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଶୁଳିଆପଦା ବ୍ଲକ ଆଦର୍ଶ ବିଦ୍ୟାଳୟ ନିକଟରୁ ବିଶାଳ ସଭାଯାତ୍ରା ବାହାରି ଦୁର୍ଗାମଣ୍ଡପ ନିକଟରେ ସମାପ୍ତ ହୋଇଥିଲା । ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ଏକ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସରକାର ଅପରେସନ୍ ସିନ୍ଦୂରର ସଫଳତା ଏବଂ ବୀର ଯବାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶୋଭାଯାତ୍ରାରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଜିଲ୍ଲା ବିଜେପି ପୂର୍ବ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି,ବରିଷ୍ଠ ବିଜେପି ନେତା ପରେଶ ମହାନ୍ତ, ପ୍ରଦୀପ ମହାନ୍ତି ବିଜେପି ଶୁଳିଆପଦା ମଣ୍ଡଳ ସଭାପତି ପ୍ରଭାତୀ ସେଠୀ ସମେତ ବହୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଯୋଗ ଦେଇ ସେନାର ଶୌର୍ଯ୍ୟ ଓ ପରାକ୍ରମ ପ୍ରତି ସମ୍ମାନ ଜଣାଇଥିଲେ।

# ନିଃଶୁଳ୍କ ଅଙ୍ଗ ପ୍ରତିରୋପଣ ଶିବର ଉଦ୍‌ଘାଟିତ

ଗୁଡଭେଲା (ଭାସ୍କର ନ୍ୟୁଜ): ତୁଷୁରା ମାରୱାଡ଼ି ଯୁବାମଞ୍ଚ ଓ ଜାଗୃତି ଶାଖାର ଆନୁକୂଲ୍ୟରେ ଶ୍ରୀ ମହାବୀର ବିକଳାଙ୍ଗ ସହାୟତା ସମିତି, ରାଞ୍ଚିର ମିଳିତ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲ୍ଲା ତୁଷୁରା ଅଗ୍ରସେନ ଭବନ ଠାରେ ରବିବାର ନିଃଶୁଳ୍କ ଅଙ୍ଗ ପ୍ରତ୍ୟାରୋପଣ ଶିବର ଉଦଘାଟିତ ହୋଇ ଯାଇଛି। ଏହି ଶିବରକୁ ବଲାଙ୍ଗୀର ଗାୟତ୍ରୀ ଶକ୍ତିପୀଠର ସଂପାଦକ ଡା ସୁରେଶ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମାରୱାଡି ଯୁବାମଞ୍ଚର ସଂସ୍ଥାପକ ଓ ଉପାଧ୍ୟକ୍ଷ ବିଷ୍ଣୁ ପ୍ରସାଦ କେଡିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ଉପାଧ୍ୟକ୍ଷ ବିକାଶ କେଡିଆ ସଭାପତିତ୍ୱ କରିଥିବା ବେଳେ ଜାଗୃତି ଶାଖାର ସଭାନେତ୍ରୀ ମଞ୍ଜୁ କେଡିଆ ମଞ୍ଚାସୀନ ଥିଲେ । ମାରୱାଡି ଯୁବାମଞ୍ଚର ସଭାପତି ରୋହିତ ଅଗ୍ରୱାଲ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ୪୫ଜଣ ଭିନ୍ନକ୍ଷମ ରେଜିଷ୍ଟ୍ରେସନ କରିଥିବା ବେଳେ ସମସ୍ତଙ୍କୁ ଆବଶ୍ୟକୀ ଯନ୍ତ୍ର ପାତି, ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଶିବିର ସୋମବାର ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

# ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ପାଇଁ ବୈଠକ



ପୁରୀ (ଭାସ୍କର ନ୍ୟୁଜ) : ଚଳିତ ବର୍ଷ ର ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧ ତାରିଖରେ ଅନୁଷ୍ଠିତ ହେବ ।ତାହାର ପରଦିନ ଠାରୁ ବ୍ରହ୍ମଗିରି ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଯିବ ।ସ୍ନାନଯାତ୍ରା ଓ ଅଲାରନାଥ ଙ୍କ ଦର୍ଶନକୁ ଶାନ୍ତି ଶୃଙ୍ଖଳା ର ସହ ସମାପନ ପାଇଁ ଏକ ପ୍ରସ୍ତୁତି ବୈଠକ ସଦଭାବନା ସଭାଗୃହଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ସ୍ନାନ ଯାତ୍ରା,ଅଲାରନାଥ ଦର୍ଶନ ଓ ରଥଯାତ୍ରା କୁ ସୁଚାରୁ ରୁପେ ପରିଚାଳନା ପାଇଁ ବିଭିନ୍ନ ବିଭାଗ କୁ ନିର୍ଦ୍ଦେଶ ଦିଆଯାଇଥିଲା ।ତାହାର ନିର୍ଯ୍ୟାସ ଆଧାର ରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ।ଯେଭଳି ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ମାନେ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରନ୍ତି ଓ ଅନ୍ୟାନ୍ୟ ମୌଳିକ ସୁବିଧା ପ୍ରାପ୍ତ ହୁଅନ୍ତି ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଞ୍ଚନ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ ପି ବିନୀତ ଅଗ୍ରୱାଲ ଯୋଗ ଦେଇ ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ,ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅଲାରନାଥ ମନ୍ଦିର ସେବାୟତ ବୃନ୍ଦ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଧାର୍ଯ୍ୟ ସମୟ ଅନୁସାରେ ନୀତିକାନ୍ତି ସମ୍ପର୍ଣ୍ଣ ପାଇଁ ସେବାୟତ ମାନଙ୍କୁ ଅନୁରୋଧ କରାଯାଇଥିଲା ।

# ଆୟୁଷ୍ମାନ କାର୍ଡର ଇ-କେୱାଇସି ଲାଗି ରାଇବଣିଆବାସୀ ଉପେକ୍ଷିତ

ଜଳେଶ୍ୱର(ଭାସ୍କର ନ୍ୟୁଜ): ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାଲାଗି ଆରମ୍ଭ ହୋଇଛି ଆୟୁଷ୍ମାନ ଭାରତ ଯୋଜନା । ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜନସାଧାରଣ ଆର୍ଥିକ ସୁବିଧା ପାଇବାର ବ୍ୟବସ୍ଥା ଥିବାରୁ ସମସ୍ତେ ଆକର୍ଷିତ ହେଉଛନ୍ତି । ଅନ୍ୟପକ୍ଷରେ ଏହି କାର୍ଡଟିର ଇ-କେୱାସି ଲାଗି ପ୍ରତି ପଞ୍ଚାୟତରେ ଭିଏଲସିର ବ୍ୟବସ୍ଥା ହୋଇଛି । କିନ୍ତୁ ରାଇବଣିଆର କେତେକ ଅଞ୍ଚଳରେ ଜନସାଧାରଣ ଏହି ସୁବିଧା ପାଇବାଲାଗି ୫କି.ମି. ରାସ୍ତା ଆସିବାକୁ ପଡୁଥିବା ବେଳେ କାର୍ଡ ପ୍ରତି ୨୦ରୁ ୭୦ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ସୂଚନାଯୋଗ୍ୟ, ରାଇବଣିଆ ଏକ ଆଦିବାସୀ ଅଧ୍ୟୁସିତ ଓ ପଥୁରିଆ ଅଞ୍ଚଳ ହୋଇଥିବା ବେଳେ ପଶ୍ଚିମବଙ୍ଗ ସୀମାନ୍ତ ଶ୍ୟାମନଗର ପଞ୍ଚାୟତରେ ଜନୈକ ଭିଏଲ୍‌ସି କାର୍ଯ୍ୟ କରିଥାନ୍ତି । ମାତ୍ର ସେ ପଞ୍ଚାୟତରେ ଇ-କେୱାଇସି କାର୍ଯ୍ୟ ନ କରି ପାଖ ପଞ୍ଚାୟତରେ କାମ କରୁଥିବାରୁ ଆୟୁଷ୍ମାନ କାର୍ଡ ହିତାଧିକାରୀ ପଞ୍ଚାୟତବାସୀଙ୍କୁ ତାଙ୍କ ଘରକୁ ଆସିବାକୁ ପଡିଥାଏ ଯାହା ପ୍ରାୟ ୫ କି.ମି. ଦୂର ଅଟେ । ପଞ୍ଚାୟତର ବୃଦ୍ଧ, ବୃଦ୍ଧା, ମହିଳାମାନେ ଏଠାକୁ ଆସିବା କଷ୍ଟଦାୟକ ହୋଇଥିବା ବେଳେ ଏଥିଲାଗି ସରପଞ୍ଚ ଗିରିଜା ସାସମଲ, ଆଶାରେନାମାର୍ଶାର ମୁଖ୍ୟ ସନ୍ତୋଷ ଜେନା ଜଳେଶ୍ୱର ବିଡିଓ, ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜଳେଶ୍ୱର ସିଏସ୍‌ସି ମାନଙ୍କର ମୁଖ୍ୟ ଓ ଜିଲା ସିଏସ୍‌ସି ମୁଖ୍ୟଙ୍କୁ ଏ ସଂପର୍କରେ ବାରମ୍ବାର ଅବଗତ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରୁନାହିଁ । ଏ ସଂପର୍କରେ ପଞ୍ଚାୟତରେ ନିଯୁକ୍ତ ଭିଏଲସି ଗଣେଶ ମହାନ୍ତିଙ୍କୁ ପଚାରିବାରୁ ଗ୍ରାମାଂଚଳରେ ନେଟ୍‌ୱାର୍କ ଠିକ୍‌ଭାବେ ରହୁନଥିବାରୁ ପଞ୍ଚାୟତରେ ଇ-କେୱାଇସି କରାନଯାଇ ପାଖ ପଞ୍ଚାୟତରେ କରାଯାଉଥିବା କହିଛନ୍ତି । କେତେକ ଭିଏଲ୍‌ଇ ସେଣ୍ଟରରେ ପ୍ରତି ଆୟୁଷ୍ମାନ କାର୍ଡର ଇ-କେୱାଇସି ଲାଗି ୨୦ରୁ ୭୦ଟଙ୍କା ଲାଞ୍ଚ ନିଆଯାଉଥିବା ଖୁଆର୍ଡ ପଞ୍ଚାୟତର ନେତା ଟୁନା ପାତ୍ର ଅଭିଯୋଗ କରିଛନ୍ତି । ଟଙ୍କା ନିଆଯାଉଥିବା ସଂପର୍କରେ ଜଳେଶ୍ୱର ଜନୈକ ସିଏସ୍‌ସି ମାଲିକ କବି କରଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି ।

# ତିନିରଥର ୩୯ଟି ଚକ ନିର୍ମାଣ କାର୍ଯ୍ୟ ଶେଷ

ପୁରୀ (ଭାସ୍କର ନ୍ୟୁଜ) : ରଥ ନିର୍ମାଣର ୨୫ ତମ ଦିବସରେ ତିନି ରଥର ନିର୍ମାଣକାରୀ ସେବକ ମାନେ ସକାଳ ଘ.୮.୦୦ ଟିକା ସମୟ ପୂର୍ବରୁ ରଥଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ପରାମର୍ଶ ପ୍ରକାରେ ନିର୍ମାଣ କାର୍ଯ୍ୟକୁ ଆଗେଇ ଚାଲିଛି। ଗତକାଲି ସୁଦ୍ଧା ତିନି ରଥର ୩୬ ଗୋଟି ଚକ ନିର୍ମାଣ ଶେଷ ହେବାସହ ୧୪ ନାହାକା ଗୁଡ଼ିକର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜିସୁଦ୍ଧା ତିନିରଥ ର ୩୯ ଗୋଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହେବାସହ, ଭୂଇଁ ଚଉତା ବିନ୍ଧ ଅନୁକୂଳ ପୂଜା ସହ ଭୂଇଁ ଚଉତା ର ପାଖୁଡ଼ା ବିନ୍ଧ ଶେଷ ହୋଇଛି। ତିନି ରଥର ୪୨ ଗୋଟି ଚକ ମଧ୍ୟରୁ ଆଜିସୁଦ୍ଧା ତିନି ରଥର ୩୯ ଗୋଟି ଚକ ର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ଆଉ ଗୋଟିଏ ଗୋଟିଏ ଚକ ନିର୍ମାଣ ପରେ ତିନି ରଥର ମୋଟ ୪୨ ଗୋଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହେବ। ଆଜି ତିନି ରଥର ମହାରଣାମାନେ ଗୋଟିଏ ଗୋଟିଏ ଚକ ନିର୍ମାଣ ଶେଷ କରି ଶେଷ ଚକ ର ପଇ ବିନ୍ଧ ଆରମ୍ଭ କରିଛନ୍ତି, ଏଥିସହ ଭୋଇ ସେବକ ମାନେ ତିନିରଥ ଶେଷ ଚକର ତୁମ୍ବ ରେ ସିଙ୍ଗଡ଼ା ଗାଡ଼ିଆ କାର୍ଯ୍ୟ ଯନ୍ତା ଗାଡ଼ ଠାରେ ଶେଷ କରିଛନ୍ତି। ଆସନ୍ତା କାଲି ତିନି ରଥର ଶେଷ ସିଙ୍ଗଡ଼ା ବାଡ଼ିଆ ତୁମ୍ବ ତିନିରଥ ଚାଳି ମହାରଣା ମାନଙ୍କୁ ହସ୍ତାନ୍ତର କରି ସରିବା ପରେ ଯନ୍ତା ଗାଡ଼ ମୁକାପର୍ବ ଭୋଇ ସେବକଙ୍କ ଦ୍ୱାରା ସମ୍ପନ୍ନ ହେବ। ଆଜି ତିନିରଥ ର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ ଗୋଟି ଲେଖାଏଁ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ଉକ୍ତ ଚଉତା କାଠ ଗୁଡ଼ିକରେ ୫ ଟି ଲେଖାଏଁ ପାଖୁଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ଆଜି ତିନି ରଥର ୪୨ ଗୋଟି ଯୋକା ର ନିର୍ମାଣ କାର୍ଯ୍ୟ ଶେଷ ଗୋଇଛି, ତିନି ରଥର ଏହି ୧୮ ଫୁଟିଆ ଜୋକା ଗୁଡ଼ିକ ତିନି ରଥର ଅଖ, କୁଡୁକା,ଗୟଳ ଏବଂ ନିରାଡି କୁ ମଜବୁତ୍ ଜାରୀ ବାନ୍ଧି ରଖିବାରେ ସହାୟକ ହୋଇଥାଏ। ଏଥିସହ ଆଜି ତିନି ରଥର ୮ ଟି ଲେଖାଏଁ ୨୦ ଫୁଟିଆ ୧୪ ନହାକା ର ଚଉପଟ କାର୍ଯ୍ୟ ଶେଷ ହୋଇ ସେଗୁଡିକର ଆଠ କଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ତିନି ରଥର ରୂପକାର ମାନେ କୋଣ ଗୁଜ ବା ସାଲ ଗୁଜ ରେ ସିଂହ ବିରାଳ ରୂପ ଖୋଦେଇ ଜାରୀ ରଖିବା ସହ ରୂପ ଖୋଦେଇ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରୀ ରଖିଛନ୍ତି। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନି ରଥର ଘଡି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡିଆ ଅଗ ପାତେଳି କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ସେହିପରି ଦୋଳବେଦୀ ଠାରେ ସ୍ନାନ ଯାତ୍ରା ଏବଂ ରଥ ଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣ ମାନ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ରଥ ନିର୍ମାଣ ର ୨୫ ତମ ଦିବସ ରେ ୭୮ ଜଣ ମହାରଣା, ୭୬ ଜଣ ଭୋଇ, ୪ ଜଣ କରତିଆ ଏବଂ ୨୦ ଜଣ ଓଝା କମାର ସେବକ, ୨୧ ରୂପକାର ସେବକ, ୨ ଜଣ ତୁମ୍ବ ବିନ୍ଧ କାରିଗର, ୩ ଜଣ ପାହି ମହାରଣା ଓ ଜଣେ ରଥଖଳା ସହାୟକ କାର୍ଯ୍ୟରେ ଲାଗିଛନ୍ତି।

# କାଳୁପଡାଘାଟ-ଜରିପଡା ଗ୍ରାମ ଡିଗିରିସାହି ହତ୍ୟାକାଣ୍ଡ ଘଟଣା
# ଗିରଫ ହୋଇଛନ୍ତି ହତ୍ୟାକାରୀ ବାପ-ପୁଅ

ଟାଙ୍ଗୀ (ଭାସ୍କର ନ୍ୟୁଜ) : ଜରିପଡା ଡିଗିରିସାହି ରେ ହତ୍ୟାକାଣ୍ଡ ଘଟଣାରେ ହତ୍ୟାକରୀ ଗିରଫ ହେବା ପରେ ହତ୍ୟାକାରୀ ବାପ ପୁଅଙ୍କୁ ନେଇ ଜରିପଡା ଗାଁରେ ସିନ ରିକ୍ରିଏସନ କଲା ଟାଙ୍ଗୀ ପୋଲିସ । ଅକ୍ଲାନ୍ତ ପରିଶ୍ରମ ରେ କୁସୁମୀ ନାଳ ରୁ ହତ୍ୟାକାଣ୍ଡ ରେ ବ୍ୟବହୃତ ଖଣ୍ଡା କୁ ଉଦ୍ଧାର କଲା ଟାଙ୍ଗୀ ପୋଲିସ । ଗିରଫ ହୋଇଥିବା ପୁଅର ନାମ ରଘୁ ବେହେରା ଓ ବାପା ର ନାମ ଗୋପୀ ବେହେରା । ଆଜି ଅପରାହ୍ନରେ ଉଭୟ ବାପ ପୁଅଙ୍କୁ ନେଇ ସିନ ରିକ୍ରିଏସନ କରିଥିଲା ଟାଙ୍ଗୀ ପୋଲିସ । ଗତ କାଲି ସନ୍ଧ୍ୟା ରେ ଜରିପଡା ଗ୍ରାମ ପଞ୍ଚାୟତର ଡିଗିରି ସାହି ଛକରେ ସାମାନ୍ୟ ଘଟଣାକୁ ନେଇ ମୃତ ଅରବିନ୍ଦ ବେହେରା ଓ ହତ୍ୟାକରୀ ଗୋପୀ ବେହେରାଙ୍କ ମଧ୍ୟରେ କଥା କଟା କଟି ହୋଇଥିଲା । ପରେ ହତ୍ୟାକରୀର ଖଣ୍ଡା ଚୋଟରେ ଗଡିଥିଲା ଅରବିନ୍ଦ ବେହେରାଙ୍କ ମୁଣ୍ଡ । ଏହା ପରେ ହତ୍ୟାକରୀ ଗୋପୀ ବେହେରା ଓ ତାର ପୁଅ ରଘୁ ବେହେରା ଦୁହେଁ ଫେରାର ହୋଇ ଯାଇଥିଲେ । ଖବର ପାଇ ଘଟଣା ସ୍ଥଳରେ ଟାଙ୍ଗୀ ପୋଲିସ ପହଁଚି ଗାଁ ଦାଣ୍ଡ ରୁ ଶବ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ଏହି ହତ୍ୟାକାଣ୍ଡକୁ ନେଇ ଜରିପଡା ଗାଁରେ ଉତ୍ତେଜନା ଦେଖା ଦେଇଥିଲା ।

**AFFIDAVIT**

By virtue of an affidavit sworn before the Notary Public Bhubaneswar, dated 11.07.2024 I Gehlamani Balabantaray Address: At/Post Mulubasanta PS Mahanga,Cuttack 754204 declare that I have changed my name from Gelhi Balabantaray to Gehlamani Balabantaray. Henceforth I shall be known as Gehlamani Balabantaray for all purposes.

**Sd/- Gehlamani Balabantaray**

**AFFIDAVIT**

By virtue of an affidavit sworn before the Executive Magistrate, Cuttack, dated: 21.05.2025, I, Hazra Nisha, Address: At-Durghabazar, Kumbhar Sahi, Po- Buxibazar, Ps-Purighat, Dist- Cuttack, Odisha, PIN- 753001, declare that I have changed my son's name from S.K. Mitiyaz to S.K. Imtiyaz. Henceforth, he shall be known as S.K. Imtiyaz for all purposes.

**Sd/- Hazra Nisha**

**AFFIDAVIT**

By virtue of an affidavit sworn before the Executive Magistrate, Darpan, Dhanmandal, dated: 19.05.2025, I, Ashk Dalei, Address: village-Manduka, Po-Balichandrapur, Ps-Balichandrapur, Dist-Jajpur, Odisha, PIN-754205, declare that I have changed my son's name from Akash Dalei to Kanha Dalei. Henceforth, he shall be known as Kanha Dalei for all purposes.

**Sd/- Ashok Dalei**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 23.05.2025, I Sita Sethi, Address: At- Basanta, Po-Anda, Ps- Khordha, Dist-Khordha, Odisha, PIN-752060, declare that I have changed my daughter's name from Kumari Swagatika Sethi to Swagatika Sethi. Henceforth, she shall be known as Swagatika Sethi for all purposed.

**Sd/- Sita Sethi**

**PUBLIC NOTICE**

NOTICE is hereby given that the below mentioned Authorised Person is no longer affiliated as Authorised Person of Kotak Securities Limited.

| Authorised Person Name | Trade Name | Exchange Registration Numbers of Authorised Person | Address of Authorised Person |
|---|---|---|---|
| KAILASH MALIK | KAILASH MALIK | BSE - AP01067301163798 | PLOT NO 1595 SECTOR 10 NEAR BIJU PATTNAIK PARK C D A P S MARKET NAGAR CUTTACK 753014 |

Please note that above mention Authorised Person (AP) is no longer associated with us. Any person henceforth dealing with above mention AP should do so, at their own risk. Kotak Securities Ltd. shall not be liable for any such dealing. In case of any queries for the transactions till date, Investors are requested to inform Kotak Securities Ltd. within 15 days from the date of this notification, failing which it shall be deemed that there exists no queries against the above mentioned AP.

kotak Kotak Securities — Kotak Securities Limited. Registered Office: 27 BKC, C 27, G Block, Bandra Kurla Complex, Bandra (E), Mumbai 400051. CIN: U99999MH1994PLC134051, Telephone No.: +22 43360000, Fax No.: +22 67132430. Website: www.kotak.com / www.kotaksecurities.com. Correspondence Address: Infinity IT Park, Bldg. No 21, Opp. Film City Road, A K Vaidya Marg, Malad (East), Mumbai 400097. Telephone No: 42856825. SEBI Registration No: INZ000200137(Member of NSE, BSE, MSE, MCX & NCDEX) , AMFI ARN 0164, PMS INP000000258 and Research Analyst INH000000586. NSDL/CDSL: : IN-DP-629-2021. Compliance Officer Details: Mr. Hiren Thakkar Call: 022 - 4285 8484, or Email: ks.compliance@kotak.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେନାର ବୀରତ୍ୱ...

ନରେନ୍ଦ୍ର ମୋଦୀଙ୍କ ସାହସିକ ନେତୃତ୍ୱକୁ ପ୍ରଶଂସା କରି ପ୍ରଥମ ପ୍ରସ୍ତାବ ଗୃହୀତ ହୋଇଥିଲା। ସୂତ୍ର ଅନୁଯାୟୀ ଶିବସେନା ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କଦ୍ୱାରା ଆଗତ ଏହି ପ୍ରସ୍ତାବରେ କୁହାଯାଇଥିଲା ଯେ ଅପରେସନ ସିନ୍ଦୂର ଭାରତୀୟଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଏହି ବୈଠକରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ହରିଆଣା ମୁଖ୍ୟମନ୍ତ୍ରୀ ନାଏବସିଂ ସାଇନି, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣଙ୍କ ସମେତ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏବଂ ଗୃହମନ୍ତ୍ରୀ ଅମିତ ଶାହ ଅପରେସନ ସିନ୍ଦୂରକୁ ପ୍ରଶଂସା କରିଥିଲେ। ଏହି ବୈଠକରେ ଏକନାଥ ସିନ୍ଦେ କହିଥିଲେ ଯେ ଯିଏ ଆମ ସହ ସଂଘର୍ଷ କରିବ, ସିଏ ମାଟିରେ ମିଶିଯିବ। ଏବେ ଏହା କେବଳ ଏକ କଥା ନୁହେଁ, ଏହା ସତ୍ୟରେ ମଧ୍ୟ ପରିଣତ ହୋଇଛି। ଅପରେସନ ସିନ୍ଦୂର ସାଧାରଣ ଭାରତୀୟଙ୍କୁ ଆତ୍ମବିଶ୍ୱାସ ଓ ସ୍ୱାଭିମାନ ଦେଇଛି। କେନ୍ଦ୍ର ସରକାରଙ୍କ ନୀତି, ସେନାର ବୀରତ୍ୱ ଏବଂ ପ୍ରଧାନମନ୍ତ୍ରୀଙ୍କ ସାହସକୁ ସେ ସଲାମ କରି କହିଥିଲେ ଯେ ମୋଦୀ କହିଛନ୍ତି, ମୋ ଶିରାରେ ରକ୍ତ ନୁହେଁ, ବରଂ ଗରମ ସିନ୍ଦୂର ପ୍ରବାହିତ ହେଉଛି। ଏହା ଏବେ ଭାରତର ଆବେଗ ପାଲଟିଛି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଜାତିଗତ ଗଣନାକୁ ନେଇ ଏକ ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା। ଜାତିଭିତ୍ତିକ ରାଜନୀତି ନୁହେଁ, କେବଳ ଉନ୍ନତି ଚାହୁଁଥିବା ନେଇ ସହମତି ହୋଇଥିବା ଶ୍ରୀ ନଡ୍ଡା ସୂଚନା ଦେଇଥିଲେ। ଏହି ପ୍ରସ୍ତାବ ହରିଆଣା ମୁଖ୍ୟମନ୍ତ୍ରୀ ନାଏବସିଂ ସାଇନି ଉପସ୍ଥାପନ କରିଥିବାବେଳେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣ ଏହାକୁ ସମର୍ଥନ କରିଥିଲେ। ଆସନ୍ତା ଜୁନ୍ ୨୫ ଓ ୨୬ରେ ଜରୁରିକାଳୀନ ପରିସ୍ଥିତିର ୫୦ବର୍ଷ ପୂରଣ ହେବ। ଗଣତନ୍ତ୍ରର ଗଳା କାଟିବାକୁ ଚେଷ୍ଟା କରିଥିବା ଲୋକଙ୍କ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ନଡ୍ଡା କହିଥିଲେ। ବୈଠକରେ ନକ୍ସଲବାଦ ବିରୋଧରେ ଚାଲିଥିବା ଅଭିଯାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାବା ଧବଳେଶ୍ୱର ମହାଦେବଙ୍କ ପୀଠରେ ଚଡକମେଳା



ଜଳେଶ୍ୱର (ଭାସ୍କର ନ୍ୟୁଜ): ଭାରତୀୟ ସଂସ୍କୃତିରେ ନଦୀକୂଳ ସଭ୍ୟତାରେ ମଠ ମନ୍ଦିର ପ୍ରତିଗାଁରେ ଦେଖିବାକୁ ମିଳେ । ଉତ୍ତର ବାଲେଶ୍ୱରରେ ସୁବର୍ଣ୍ଣରେଖା ନଦିକୂଳରେ ଏପରି ଶିବ ମନ୍ଦିର ଗୁଡିକରେ ଲାଗିରହେ ଚଡକଯାତ୍ରା । ପାଟଭକ୍ତା ବ୍ରତ ଆରମ୍ଭପରେ ଅନ୍ୟ ୧୨ଜଣ ଭକ୍ତ ସୁଧିର ମହାନ୍ତି, ଗୌତମ ମହାନ୍ତି, ଶିବଶଙ୍କର ଦାସ, ମୁନା ମହାନ୍ତି, ସାନ୍ତ ପରିଡା, ଏକାଦୋଶୀ ମହାନ୍ତି, ମିହିର କୁମାର ବାଗ, ରବିନ୍ଦ୍ର ମହାନ୍ତି, ଜନ୍ମଜୟ ମହାନ୍ତି, ସର୍ବେଶ୍ୱର ମହାନ୍ତି, ହରିଶ୍ଚନ୍ଦ୍ର ସାମଲ, ମୂରଲୀ ମହାପାତ୍ର ପ୍ରମୁଖ ଉପବିତ ଧାରଣ କରି ବ୍ରତ ପାଳନ କରନ୍ତି । ୧ମାସ ପୂର୍ବରୁ ଜଳେଶ୍ୱର ବ୍ଲକର ଗୁରୁଦାସ ପୁର ଗାଁରେ ଥିବା ବାବା ଧବଳେଶ୍ୱର ମହାଦେବଙ୍କ ମନ୍ଦିରରେ ପାଟଭକ୍ତ ଜୟକୃଷ୍ଣ ଜେନା ଉପବିତ ଧାରଣ କରିଥିଲେ । ପୂଜକ ବିରଞ୍ଚି ନାରାୟଣ ଧର(ନିଲୁ ନନା) ଓ ମୁନିନ୍ଦ୍ର ଧର ଦୀର୍ଘ ୧ମାସ ଧରି ନୀତି ନିୟମରେ 'ବେକଡା ସେବା' ସମାପନ କରିଛନ୍ତି । ଗତ ଶନିବାର ନୀଳ ଉତ୍ସବ ପାଳିତ ହୋଇଥିବା ବେଳେ ଆଜି ପାଟୋତ୍ସବରେ ୧୩ ଭକ୍ତାଙ୍କର ୧୩ଟି ମଣ୍ଡି ଶୋଭା ପାଇଥିଲା । ମଣ୍ଡି ମାନଙ୍କରେ ବିରଜ ହୋଇଥିବା ଭକ୍ତାମାନଙ୍କୁ ଧରି ଶ୍ରଦ୍ଧାଳୁମାନେ ଗ୍ରାମ ପରିକ୍ରମା କରିବା ବିଧି ରହିଥିବା ବେଳେ ଆଜି ସୁବର୍ଣ୍ଣରେଖା ନଦୀକୂଳ ହାକାଣ୍ଡ ପୋଖରୀ ଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏହାକୁ ଦେଖିବା ଲାଗି ଶ୍ରୀରାମପୁର, ଚମାରଗାଁ, ଶିଖରପୁର, ଲକ୍ଷ୍ମଣନାଥ, ଗୋବରଘଟା ଦକ୍ଷିଣପ୍ରହରାଜପୁର, କ୍ଷୁଦିଆମାଝିସାହି ଓ ସୀମାନ୍ତ ପଶ୍ଚିମ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ଚଡକମେଳା ଉତ୍ସବରେ ଯୋଗଦେଇଥିଲେ । ଏହି ପର୍ବ ପ୍ରତି ୫ବର୍ଷରେ ଅନୁଷ୍ଠିତ ହୋଇଥାଏ ବୋଲି ଗ୍ରାମ୍ୟ ମୁଖ୍ୟ ରବିନ୍ଦ୍ର କୁମାର ଜେନା କହିଛନ୍ତି । ସମସ୍ତ କାର୍ଯ୍ୟକ୍ରମକୁ ସମିତି ସଦସ୍ୟ ଗୋପାଳଚନ୍ଦ୍ର ସାମଲ ଓ ସରପଞ୍ଚ ଆଲୋକ ଗିରି ପରିଚାଳନା କରିଥିଲେ ।



ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁପ୍ତଚର ସନ୍ଦେହରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହ ଫଟୋ ଉଠାଇଥିବା ଦେଖିବାକୁ ମିଳିଛି। ଫଟୋଟି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାଇରାଲ ଫଟୋ ଫେକ୍ ବୋଲି କୁହାଯାଉଛି। କାରଣ ସତ ଫଟୋରେ ରାହୁଲ ଗାନ୍ଧୀଙ୍କ ସହିତ ଦେଖାଯାଉଥିବା ଝିଅଟି ହେଉଛି ରାୟବରେଲି ସଦର ବିଧାୟକ ଅଦିତି ସିଂହ। ଗୁଗୁଲ୍ ଇମେଜ୍ ସର୍ଚ୍ଚରୁ ଜଣାପଡୁଛି ଯେ ଏହାର ମୂଳ ଫଟୋ ୨୦୧୮ ମସିହାରେ ପ୍ରକାଶିତ ହୋଇଥିଲା। ସେତେବେଳେ ଜ୍ୟୋତି ମାଲହୋତ୍ରା ୟୁଟ୍ୟୁବରେ କାମ ମଧ୍ୟ ଆରମ୍ଭ କରିନଥିଲେ। ଫଟୋଟିର ରିଭର୍ସ ଇମେଜ୍ ସର୍ଚ୍ଚ କରାଯାଇଥିଲା ବେଳେ ଜଣାପଡିଥିଲା ଯେ ପୂର୍ବତନ କଂଗ୍ରେସ ନେତ୍ରୀ ଅଦିତି ସିଂହ ମଧ୍ୟ ସମାନ ରଙ୍ଗର ଶାଢ଼ି ପିନ୍ଧି ଏବଂ ସମାନ ପୋଜ୍‌ରେ ଏକ ଫଟୋ କ୍ଲିକ୍ କରିଥିଲେ। ଫଟୋ ପଛରେ ଠିଆ ହୋଇଥିବା ବ୍ୟକ୍ତି ମଧ୍ୟ ସମାନ ଥିଲେ।

### ମୋଦୀଙ୍କ ମନ୍ କି ବାତ୍

# ଅପରେସନ ସିନ୍ଦୂରରେ ଆତ୍ମନିର୍ଭର ଭାରତର ଝଲକ

- ସେନାର ପରାକ୍ରମକୁ ନେଇ ଦେଶ ଗର୍ବିତ
- ଅପରେସନ ସିନ୍ଦୂର ସାହସ, ସଂକଳ୍ପର ପ୍ରତୀକ
- ଆତଙ୍କବାଦର ହେବ ମୂଳୋତ୍ପାଟନ



ନୂଆଦିଲ୍ଲୀ: ଅପରେସନ ସିନ୍ଦୂରରେ ସେନାର ପରାକ୍ରମକୁ ନେଇ ସାରା ଦେଶ ଗର୍ବିତ। ଏଥିରେ ପରିପୁଷ୍ଟ ହୋଇଛି ଆତ୍ମନିର୍ଭର ଭାରତର ଝଲକ। ପୁରା ଦେଶ ଆତଙ୍କବାଦ ବିରୋଧରେ ଏକଜୁଟ। ଆତଙ୍କବାଦର ବିଲୋପ କରିବା ଭାରତର ସଂକଳ୍ପ। ଅପରେସନ ସିନ୍ଦୂର ହେଉଛି ବଦଳୁଥିବା ଭାରତର ଚିତ୍ର ଓ ସିନ୍ଦୂର ସାହସ ଓ ସଂକଳ୍ପର ପ୍ରତୀକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରବିବାର ୧୨୨ତମ ମନ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧନ କରିବା ଅବସରରେ ଏହା କହିଛନ୍ତି। ଶ୍ରୀ ମୋଦୀ କହିଥିଲେ, ଦେଶର ପ୍ରତ୍ୟେକ ନାଗରିକ ପ୍ରତିଜ୍ଞା ନେଇଛନ୍ତି ଯେ ଆତଙ୍କବାଦକୁ ମୂଳୋତ୍ପାଟନ କରିବାକୁ ପଡ଼ିବ। ସଶସ୍ତ୍ରବାହିନୀ ଦ୍ୱାରା ପ୍ରଦର୍ଶିତ ବୀରତ୍ୱ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ଆମ ସେନା ସୀମାପାର ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଯେଉଁ ସ୍ପଷ୍ଟତା ଓ ସଠିକତା ସହିତ ଧ୍ୱଂସ କରିଛନ୍ତି, ତାହା ଆଶ୍ଚର୍ଯ୍ୟଜନକ। ଅପରେସନ ସିନ୍ଦୂର ସାରା ବିଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ଲଢେଇକୁ ନୂତନ ଆତ୍ମବିଶ୍ୱାସ ଓ ଉତ୍ସାହ ଯୋଗାଇଥିବାର ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଆମର ସୈନିକମାନେ ଅଦମ୍ୟ ସାହସ ନେଇ ଆତଙ୍କୀ ଶିବିରଗୁଡ଼ିକୁ ଧ୍ୱଂସ କରିଥିଲେ। ଏଥିରେ ଭାରତରେ ନିର୍ମିତ ଅସ୍ତ୍ରଶସ୍ତ୍ର, ଉପକରଣ ଓ ପ୍ରଯୁକ୍ତିର ଶକ୍ତି ମଧ୍ୟ ସାମିଲ ରହିଥିଲା। ଏହି ବିଜୟରେ ଆମର ଇଞ୍ଜିନିୟର, ଆମର କାରିଗରଙ୍କ ପ୍ରଦର୍ଶନ ମଧ୍ୟ ଅତୁଳନୀୟ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ଅପରେସନ ସିନ୍ଦୂର କେବଳ ଏକ ସାମରିକ ମିଶନ ନୁହେଁ, ଏହା ଆମର ସଂକଳ୍ପ, ସାହସ ଓ ପରିବର୍ତ୍ତନଶୀଳ ଭାରତର ଏକ ଚିତ୍ର। ଏହି ଚିତ୍ର ସମଗ୍ର ଦେଶକୁ ଦେଶପ୍ରେମର ଭାବନାରେ ଉଦ୍‌ବୁଦ୍ଧ କରିଛି। ଏହାକୁ ତ୍ରିରଙ୍ଗାରେ ରଙ୍ଗିନ ମଧ୍ୟ କରିଛି। ଦେଶର ସହର, ଗାଁ ଏବଂ ଛୋଟ ସହରରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ହଜାର ହଜାର ଲୋକ ହାତରେ ତ୍ରିରଙ୍ଗା ଧରି ଦେଶର ସେନାକୁ ସମ୍ମାନ ଦେବାକୁ ବାହାରି ଆସିଥିଲେ। ସୋସିଆଲ ମିଡିଆରେ ଏବେ ସଂକଳ୍ପର ଗୀତ ଦେଖିବାକୁ ମିଳୁଛି। ଛୋଟ ପିଲାମାନେ ମଧ୍ୟ ଏପରି ଚିତ୍ର ପ୍ରସ୍ତୁତ କରୁଥିଲେ, ଯେଉଁଥିରେ ଏକ ବଡ଼ ବାର୍ତ୍ତା ମଧ୍ୟ ଲୁଚି ରହିଥିଲା। ତିନିଦିନ ପୂର୍ବେ ବିକାନେର ଯାଇଥିବାବେଳେ ସେଠାକାର କିଛି ଛୋଟ ପିଲା ମୋତେ ଏକ ଚିତ୍ରକଳା ଉପହାର ଦେଇଥିଲେ। ଏଥିରେ ଅପରେସନ ସିନ୍ଦୂରର ପ୍ରଭାବ ରହିଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଦେଶର ଲୋକଙ୍କୁ ଅପରେସନ ସିନ୍ଦୂର ବହୁ ପରିମାଣରେ ପ୍ରଭାବିତ କରିଛି।

## ପିଏମ୍ ଆୟୁଷ୍ମାନ୍ ବୟୋବନ୍ଦନା କାର୍ଡ ପ୍ରସ୍ତୁତିରେ ପଞ୍ଚମରେ ଛତିଶଗଡ




ରାୟପୁର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଆରମ୍ଭ କରାଯାଇଥିବା ପିଏମ୍ ଆୟୁଷ୍ମାନ ବୟୋବନ୍ଦନ ଯୋଜନାରେ ୭୦ ବର୍ଷରୁ ଅଧିକ ବୟସ୍କ ନାଗରିକମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲଙ୍କ ମାର୍ଗଦର୍ଶନରେ ରାଜ୍ୟରେ ୩,୬୦ଲକ୍ଷରୁ ଅଧିକ ଆୟୁଷ୍ମାନ କାର୍ଡ ପ୍ରସ୍ତୁତ କରାଯାଇଛି। ଏ କ୍ଷେତ୍ରରେ ଛତିଶଗଡ ସାରା ରାଜ୍ୟରେ ୫ମ ସ୍ଥାନ ଅଧିକାର କରିଛି। ଏହି ମାମଲାରେ ରାଜସ୍ଥାନ, ମହାରାଷ୍ଟ୍ର, ଓଡ଼ିଶା ଏବଂ ବିହାର ପରେ ଛତିଶଗଡ କୀର୍ତ୍ତିମାନ ସ୍ଥାପନ କରିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ନିର୍ଦ୍ଦେଶରେ ରାଜ୍ୟର ସବୁ ଜିଲ୍ଲାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇ ଏହି କାର୍ଡ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ସାମାଜିକ ସଂସ୍ଥା, ଶିକ୍ଷାନୁଷ୍ଠାନ, ବରିଷ୍ଠ ଜନକଲ୍ୟାଣ ସଂସ୍ଥା, ବୃଦ୍ଧାଶ୍ରମ, ଲୋକଙ୍କ ବ୍ୟକ୍ତିଗତ ଘରକୁ ଯାଇ ସର୍ଭେ କରାଯିବା ପରେ ଏହି କାର୍ଡ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଶିବିରମାନ ସ୍ଥାପନ କରାଯାଇଥିବା ଶ୍ରୀ ସାଏ କହିଥିଲେ। ଯେଉଁ ବ୍ୟକ୍ତିଙ୍କ ମାତା ପିତାଙ୍କୁ ଛାଡି ପରିବାରର ଅନ୍ୟ ସଦସ୍ୟ ୭୦ବର୍ଷରୁ ଅଧିକ ରହିଥିବେ ଏବଂ ତାଙ୍କ ପାଖରେ ଆଧାର କାର୍ଡ ଉପଲବ୍ଧ ଥିବ ସେମାନେ ସରକାରୀ ଚିକିତ୍ସାଳୟ, ସିଏମ୍‌ଏଚ୍‌ଓ, ମୁଖ୍ୟ ଚିକିତ୍ସାଳୟ, ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତାଙ୍କ ମାଧ୍ୟମରେ ମାଗଣା ଆୟୁଷ୍ମାନ କାର୍ଡ ପ୍ରସ୍ତୁତ କରିପାରିବେ। ଏଥିପାଇଁ ଟୋଲ ଫ୍ରି ନଂ ୧୦୪ ରଖାଯାଇଛି। ୧୦୪ ମାଧ୍ୟମରେ ଲୋକମାନେ ଅଧିକ ତଥ୍ୟ ପାଇପାରିବେ।

## କୁଏତରେ ପହଞ୍ଚିଲା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ

ନୂଆଦିଲ୍ଲୀ: ଆତଙ୍କବାଦର ପ୍ରାୟୋଜକ ପାଲଟିଥିବା ପାକିସ୍ତାନର ମୁଖା ଖୋଲିବା ସହିତ ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇରେ ବିଶ୍ୱ ସମୁଦାୟର ସମର୍ଥନ ଜୁଟାଇବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ସମ୍ପ୍ରତି ବିଭିନ୍ନ ରାଷ୍ଟ୍ର ଗସ୍ତ କରୁଛନ୍ତି। ଏହିକ୍ରମରେ ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗୋଟିଏ ଆଠ ଜଣିଆ ପ୍ରତିନିଧି ଦଳ କୁଏତ ଗସ୍ତ କରିଛି। ଏହି ପ୍ରତିନିଧି ଦଳ ଆସନ୍ତାକାଲି ଠାରୁ ଦୁଇ ଦିନ କୁଏତରେ ରହି ସେଠାକାର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବ। ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରେ ପାକ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଆଡ୍ଡା ଉପରେ ଭାରତର ଅପରେସନ ସିନ୍ଦୂର ସମ୍ପର୍କରେ କୁଏତ' କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ପାକିସ୍ତାନର ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ଏବଂ ଭାରତର ଜବାବ ବିଷୟରେ ମଧ ଆଲୋଚନା ହେବ। ଦୁଇ ଦିନ ଗସ୍ତ କାଳରେ ଭାରତୀୟ ପ୍ରତିନିଧି ମଣ୍ଡଳୀ କୁଏତ ସରକାରଙ୍କ ବରିଷ୍ଠ ପ୍ରତିନିଧି, ପ୍ରମୁଖ ନାଗରିକ ସମାଜ ସଦସ୍ୟ, ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ବୁଦ୍ଧିଜୀବୀଙ୍କ ଅନୁଷ୍ଠାନ, ଗଣମାଧ୍ୟମ ଏବଂ ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବ। ଏହି ପ୍ରତିନିଧି ଦଳରେ ଲୋକସଭା ସାଂସଦ ନିଶିକାନ୍ତ ଦୁବେ, ରାଜ୍ୟସଭା ସାଂସଦ ଫାଙ୍ଗନନ କନ୍ୟାକ, ରାଜ୍ୟସଭା ସାଂସଦ ରେଖା ଶର୍ମା, ଲୋକସଭା ସାଂସଦ ଅସଦଉଦ୍ଦିନ ଓୱେସି, ରାଜ୍ୟସଭା ସାଂସଦ ସତନାମ ସିଂ ସାନ୍ଧୁ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଗୁଲାମ ନବୀ ଆଜାଦ, ପୂର୍ବତନ ବିଦେଶ ସଚିବ ହର୍ଷ ଶ୍ରିଙ୍ଗଲା ପ୍ରମୁଖ ସାମିଲ ଅଛନ୍ତି।

## ସରକାରୀ ମେଡିକାଲ କଲେଜରେ ଗ୍ୟାସ୍ ଲିକ୍, ପ୍ରାଣ ବିକଳରେ ଦୌଡ଼ିଲେ ଲୋକେ



ଲକ୍ଷ୍ନୌ: ୟୁପିର ଶାହଜହାନପୁର ମେଡିକାଲ କଲେଜରେ ପାଇପ୍ ଲାଇନରୁ ଅକ୍ସିଜେନ ଗ୍ୟାସ୍ ଲିକ୍ ହୋଇଥିବା ଜଣାପଡିଛି। ଗ୍ୟାସ୍ ଲିକ୍ ହେବା ପରେ ଏହାର ଦୁର୍ଗନ୍ଧରେ ହସ୍ପିଟାଲରେ ଆତଙ୍କ ଖେଳି ଯାଇଥିଲା। ଲୋକେ ପ୍ରାଣ ବିକଳରେ ଧାଁ ଦୌଡ଼ କରିଦେବାକୁ ଦଳାଚକଟା ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଗ୍ୟାସ୍ ଲିକ୍ ପରେ ହସ୍ପିଟାଲରେ ଲୋକଙ୍କ ନିଃଶ୍ୱାସ ନେବାରେ ଅସୁବିଧା ହୋଇଥିଲା। ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇ ଥିବା ରୋଗୀଙ୍କୁ ତରବରରେ ତୁରନ୍ତ ବାହାରକୁ ଅଣାଯାଇଥିଲା। ଏହି ସମୟରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ହେଲେ ପ୍ରଶାସନ ଗ୍ୟାସ୍ ଲିକ୍ କି ଦଳାଚକଟାରେ ମୃତ୍ୟୁ ହୋଇଥିବା ନେଇ ମନା କରିଛି। ଘଟଣାଟି ରବିବାର ସମୟ ପାଖାପାଖି ସନ୍ଧ୍ୟା ୫ଟାରେ ଘଟିଥିବା କୁହାଯାଉଛି। ସୂଚନା ଅନୁସାରେ, ମେଡିକାଲ କଲେଜରେ ଅକ୍ସିଜେନ ଗ୍ୟାସ୍ ପାଇପ୍ ଲାଇନ୍‌ରୁ ଲିକ୍ ହୋଇଥିଲା। ଗ୍ୟାସ୍ ଲିକ୍ ସମ୍ପର୍କରେ ସୂଚନା ପାଇବା ପରେ, ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରେଶନ ଥିଏଟରରୁ ଗ୍ୟାସ୍ ଲିକ୍ ହେବା ପରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ମେଡିକାଲ କଲେଜର ପ୍ରିନ୍ସିପାଲ ଡାକ୍ତର ରାଜେଶ କୁମାର କହିଛନ୍ତି, ଟ୍ରମା ସେଣ୍ଟରରେ ଥିବା ଓଟିରୁ ପର୍ମାଲାଇନ ଗନ୍ଧ ଆସୁଥିବାରୁ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେ କହିଛନ୍ତି, ଗ୍ୟାସ୍ ଲିକ୍ ବିଷୟରେ ସୂଚନା ପାଇବା ପରେ, ରୋଗୀଙ୍କ ସହ କର୍ମଚାରୀମାନେ ରୋଗୀମାନଙ୍କୁ ନେଇ ଦୌଡ଼ିବା ଆରମ୍ଭ କରିଥିଲେ, ଯାହା ଫଳରେ ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିଲା। ତଥାପି ପରିସ୍ଥିତି ସ୍ୱାଭାବିକ ଅଛି ଏବଂ ସମସ୍ତ ରୋଗୀଙ୍କୁ ମେଡିକାଲ କଲେଜକୁ ଫେରାଇ ନିଆଯାଉଛି। ଜିଲାପାଳ ଧର୍ମେନ୍ଦ୍ର ପ୍ରତାପ ସିଂହ ଘଟଣାର ସତ୍ୟାସତ୍ୟ ପ୍ରମାଣ କରି କହିଛନ୍ତି ଯେ, ଅପରେଶନ ଥିଏଟର (ଓଟି)ରୁ ଗ୍ୟାସ୍ ଲିକ୍ ହୋଇଥିଲା। ଘଟଣା ବିଷୟରେ ସୂଚନା ସଂଗ୍ରହ କରାଯାଉଛି। ଏହି ଘଟଣାରେ କୌଣସି ଜୀବନହାନି ହୋଇନାହିଁ ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି, ପରିସ୍ଥିତି ନିୟନ୍ତ୍ରଣରେ ଥିବା ସେ କହିଛନ୍ତି।

## ଦଳ ଓ ପରିବାରରୁ ତେଜ ପ୍ରତାପ ବିଦା

ପାଟନା: ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ବଡ଼ ପୁଅ ତେଜ ପ୍ରତାପଙ୍କୁ ଆରଜେଡିରୁ ୬ ବର୍ଷ ପାଇଁ ବହିଷ୍କାର କରିଥିବାବେଳେ ତାଙ୍କର ପରିବାର ସହ ସମ୍ପର୍କ ଛିନ୍ନ କରିଥିବା ନେଇ ଏକ୍ସରେ ସୂଚନା ଦେଇଛନ୍ତି। ବଡ଼ ପୁଅ ତେଜ ପ୍ରତାପ ଜୀବନର ନୈତିକ ମୂଲ୍ୟବୋଧ ହରାଇଛି। ବର୍ତ୍ତମାନ ଠାରୁ ବଡ଼ପୁଅ ତେଜ ପ୍ରତାପଙ୍କର ଦଳ ଓ ପରିବାର ସହ କୌଣସି ସମ୍ପର୍କ ନାହିଁ ବୋଲି ଘୋଷଣା କରିଛନ୍ତି। ଲାଲୁ ପ୍ରସାଦ ଯାଦବ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ଏହି ଘୋଷଣା କରିଛନ୍ତି। ସେ ଟ୍ୱିଟ୍ କରି ଲେଖିଛନ୍ତି ଯେ ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଅଣଦେଖା କରିବା ସାମାଜିକ ନ୍ୟାୟ ପାଇଁ ଆମର ସାମୂହିକ ସଂଘର୍ଷକୁ ଦୁର୍ବଳ କରିଥାଏ। ବଡ଼ ପୁଅର କାର୍ଯ୍ୟକଳାପ, ସାର୍ବଜନୀନ ଆଚରଣ ଏବଂ ଦାୟିତ୍ୱହୀନ ଆଚରଣ ଆମର ପାରିବାରିକ ମୂଲ୍ୟବୋଧ ଏବଂ ପରମ୍ପରା ଅନୁଯାୟୀ ନୁହେଁ। ତେଣୁ, ଏହି ପରିସ୍ଥିତି ଯୋଗୁଁ ମୁଁ ତାଙ୍କୁ ଦଳ ଏବଂ ପରିବାରରୁ ବାହାର କରୁଛି। ଏବେଠାରୁ, ତାଙ୍କର ଦଳ ଏବଂ ପରିବାର ସହିତ କୌଣସି ପ୍ରକାର ସମ୍ପର୍କ ରହିବ ନାହିଁ। ତାଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଛି। ଯଦି କୌଣସି ବ୍ୟକ୍ତି ତା ସହ ସମ୍ପର୍କ ରଖିବାକୁ ଚାହାନ୍ତି ତେବେ ସେହି ନିର୍ଣ୍ଣୟ ସେମାନେ ହିଁ ନେବେ ବୋଲି ଆରଜେଡି ସୁପ୍ରିମୋ କହିଛନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ: ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ ଦେଶର ଅର୍ଥନୀତିକୁ ନେଇ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ଏବେ ଦୁନିଆର ଚତୁର୍ଥ ସର୍ବବୃହତ ଅର୍ଥବ୍ୟବସ୍ଥା ହୋଇଛି। ଏହି ମାମଲାରେ ଭାରତ ଏବେ ଜାପାନକୁ ପଛରେ ପକାଇଛି। ସୁବ୍ରମଣ୍ୟମ ନୀତି ଆୟୋଗର ୧୦ମ ଗଭର୍ଣ୍ଣିଂ କାଉନସିଲ୍ ବୈଠକ ପରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ପାଇଁ ଏବେ ଅନୁକୂଳ ପରିବେଶ ରହିଛି। ଦେଶର ଆର୍ଥିକ ସ୍ଥିତି ମଜଭୁତ ଅଛି। ପିଟିଆଇକୁ ସେ କହିଛନ୍ତି ଯେ ଏବେ ଆମେ ଦୁନିଆର ଚତୁର୍ଥ ବଡ଼ ଅର୍ଥବ୍ୟବସ୍ଥା। ଆମ ଅର୍ଥବ୍ୟବସ୍ଥା ଏବେ ୪ ଟ୍ରିଲିୟନ ଡଲାରର। ସୁବ୍ରମଣ୍ୟମ ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠିର ଡାଟାକୁ ଉଲ୍ଲେଖ କରିଛନ୍ତି। ଆଇଏମଏଫ୍ ଅନୁସାରେ, ଭାରତର ଅର୍ଥବ୍ୟବସ୍ଥା ଜାପାନଠାରୁ ବଡ଼ ହୋଇଛି। ସେ ଆହୁରି କହିଛନ୍ତି ଯେ ଏବେ କେବଳ ଆମେରିକା, ଚୀନ ଓ ଜର୍ମାନୀ ହିଁ ଭାରତ ଆଗରେ ଅଛନ୍ତି। ଯଦି ସଠିକ୍ ଯୋଜନା ଅନୁସାରେ କାମ କରାଯାଏ, ତେବେ ଆଗାମୀ ୨.୫-୩ ବର୍ଷରେ ଆମେ ତୃତୀୟ ବୃହତ ଅର୍ଥନୀତି ହୋଇପାରିବା। ଉଲ୍ଲେଖଯୋଗ୍ୟ ଯେ ଦିନ ପୂର୍ବରୁ ଫିଚ୍ ରେଟିଂ ଏଜେନ୍ସି ଭାରତର ୨୦୨୮ ଯାଏ ହାରାହାରି ବାର୍ଷିକ ବୃଦ୍ଧି କ୍ଷମତା ଅନୁମାନକୁ ୬.୪ ପ୍ରତିଶତ କରିଥିଲା। ରେଟିଂ ଏଜେନ୍ସି ୨୦୨୩ ନଭେମ୍ବରର ୬.୨ ପ୍ରତିଶତ ନେଇ ନିଜ ଅନୁମାନକୁ ସଂଶୋଧିତ କରି ବଢାଇଛି।

## ଆର୍‌ଏସ୍‌ପିର ଏବିବି ଇଣ୍ଡିଆ ଲିମିଟେଡ୍ ସହିତ ବୁଝାମଣାପତ୍ର




ରାଉରକେଲା (ଭାସ୍କର ନ୍ୟୁଜ୍): ଡିଜିଟାଲ୍ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଏବଂ ସ୍ଥାୟୀ ଇସ୍ପାତ ଉତ୍ପାଦନକୁ ଆଗକୁ ବଢ଼ାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ଅତ୍ୟାଧୁନିକ ଶିଳ୍ପ ସ୍ୱୟଂଚାଳିତତା ଏବଂ ଡିଜିଟାଲ୍ ସମାଧାନ ପାଇଁ ଜଣାଶୁଣା ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା କମ୍ପାନୀ ମେସର୍ସ ଏବିବି ଇଣ୍ଡିଆ ଲିମିଟେଡ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଇଡ଼ି ୱାର୍କ୍ସ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏବଂ ଏବିବି ର ସିନିୟର ଭାଇସ ପ୍ରେସିଡେଣ୍ଟ ତଥା ସ୍ଥାନୀୟ ଡିଭିଜନ ପରିଚାଳକ କପିଲ ଅଗ୍ରୱାଲ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସି ଆଣ୍ଡ ଆଇଟି ବିଭାଗର ସିଜିଏମ ଶ୍ରୀ କୌଶିକ ସେନଗୁପ୍ତା, ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ସିଜିଏମ ସୁମିତ କୁମାର, ଏସଏମଏସ-୨ ବିଭାଗର ସିଜିଏମ ଏମ ଜି ଶ୍ରୀକାନ୍ତ, ଏବଂ ଆରଏସପି ଓ ମେଷର୍ଷ ଏବିବି ଇଣ୍ଡିଆ ଲିମିଟେଡର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ରଣନୈତିକ ସହଭାଗୀତା ଉପରେ ସନ୍ତୁଷ୍ଟି ପ୍ରକାଶ କରି ଶ୍ରୀ ପଲାଇ କହିଥିଲେ ଯେ, ଆଜି ଉଭୟ ସଂଗଠନ ପାଇଁ ଏକ ମାଇଲଖୁଣ୍ଟର ମୁହୂର୍ତ୍ତ। ଏବିବିର ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତା ସହିତ ଆରଏସପିର ଶିଳ୍ପ ଅଭିଜ୍ଞତାକୁ ମିଶ୍ରଣ କରି, ଆମେ ଭବିଷ୍ୟତ-ପ୍ରମାଣିତ ଏବଂ ସ୍ଥାୟୀ ଇସ୍ପାତ ନିର୍ମାଣ ପ୍ରକ୍ରିୟା ବିକାଶ ପାଇଁ ଏକ ମଞ୍ଚ ସ୍ଥାପନ କରୁଛୁ। ଏହି ଡିଜିଟାଲ୍ ଟ୍ୱିନ୍ ପ୍ରଯୁକ୍ତିର ବିକାଶ ଆମକୁ ଫର୍ଣ୍ଣେସ୍ କାର୍ଯ୍ୟରେ ବାସ୍ତବ-ସମୟ ଅନ୍ତର୍ଦୃଷ୍ଟି ପ୍ରଦାନ କରି ଆମର ଇସ୍ପାତ ଉତ୍ପାଦନ ପ୍ରକ୍ରିୟାକୁ ପରିବର୍ତ୍ତନ କରିବ, ଯାହା ଦ୍ୱାରା ଆମେ ଆମର କାର୍ଯ୍ୟଦକ୍ଷତାକୁ ଅନୁକୂଳିତ କରିପାରିବୁ, ଉତ୍ପାଦ ଗୁଣବତ୍ତା ଉନ୍ନତ କରିପାରିବୁ, ସମ୍ପତ୍ତିର ସ୍ଥାୟୀତ୍ୱ ବୃଦ୍ଧି କରିପାରିବୁ ଏବଂ ବିଶ୍ୱ ବଜାରରେ ପ୍ରତିଯୋଗିତାମୂଳକ ରହିପାରିବୁ। ଉଲ୍ଲେଖଯୋଗ୍ୟ ଯେ, ଏହି ରଣନୈତିକ ସହଯୋଗ ଆରଏସପିରେ ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ବେସିକ ଅକ୍ସିଜେନ୍ ଫର୍ଣ୍ଣେସ୍ ପାଇଁ ଡିଜିଟାଲ୍ ଟ୍ୱିନ୍ ପ୍ରଯୁକ୍ତିର ବିକାଶ ଉପରେ କେନ୍ଦ୍ରିତ ଏକ ଗବେଷଣା-ଭିତ୍ତିକ ପ୍ରକଳ୍ପର ଆରମ୍ଭ ଅଟେ। ଏହି ପଦକ୍ଷେପ ଆରଏସପିର ଉତ୍ପାଦନ ଏବଂ ରକ୍ଷଣାବେକ୍ଷଣ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ମେସିନ୍ ଲର୍ଣ୍ଣିଂ (ଏମଏଲ) କୁ ସମନ୍ୱିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ। ଆଜିର ଦ୍ରୁତ ଡିଜିଟାଲାଇଜେସନ୍ ଯୁଗରେ, ଆରଏସପି ଅଧିକ ଦକ୍ଷତା ହାସଲ କରିବା, ଉତ୍ପାଦ ଗୁଣବତ୍ତା ଉନ୍ନତ କରିବା ଏବଂ ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଉଛି। ଡିଜିଟାଲ୍ ଟ୍ୱିନ୍ ପ୍ରଯୁକ୍ତିର କାର୍ଯ୍ୟାନ୍ୱୟନ ଫର୍ଣ୍ଣେସ୍ କାର୍ଯ୍ୟରେ ବାସ୍ତବ-ସମୟ ଅନ୍ତର୍ଦୃଷ୍ଟି ପ୍ରଦାନ କରି ଇସ୍ପାତ ଉତ୍ପାଦନରେ ବିପ୍ଳବ ଆଣିବା ଆଶା କରାଯାଉଛି।

### ସିଡିଏରେ ହେବ ତାରକସୀ କମନ ଫେସିଲିଟେସନ୍ କେନ୍ଦ୍ର

କଟକ(ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ପରେ ବିଶ୍ୱ ଦରବାରରେ ଚମକିବ କଟକର ତାରକସି କାର୍ଯ୍ୟ। କଟକ ପ୍ରସିଦ୍ଧ ରୂପା ତାରକସୀର ବହୁଳ ପ୍ରଚାର ପ୍ରସାର ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ୭ କୋଟି ଟଙ୍କା ବ୍ୟୟବରାଦରେ ତାରକସି କମନ୍ ଫେସିଲିଟେସନ ସେ ର ନିର୍ମାଣ କରିବ ପୁଲିସ ହାଉସିଂ କର୍ପୋରେସନ ବୋଲି ଜଣାପଡିଛି। ଏନେଇ ଟେଣ୍ଡର ବି ସରିଥିବା ବେଳେ, ସିଡିଏ ପେଟାନାଳ ପାଖରେ ୧୦ହଜାର ବର୍ଗଫୁଟର ସ୍ଥାନ ଚିହ୍ନଟ ସରିଛି। ୨୦୨୬ ସେପ୍ଟେମ୍ବର ସୁଦ୍ଧା ଏହାର କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ତାରକସୀ କାରିଗରଙ୍କୁ ତାଲିମ, ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟବହାର, ନୂଆ ନୂଆ ଡିଜାଇନ ବାବଦରେ ପ୍ରଶିକ୍ଷଣ ଭଳି ସୁବିଧା ସୁଯୋଗ ରହିବ ଏହି ଉତ୍କର୍ଷ କେନ୍ଦ୍ରରେ। ଏହାଛଡା ପ୍ରଦର୍ଶନୀ ଓ ବିକ୍ରି କକ୍ଷ, ଅତ୍ୟାଧୁନିକ ଟୁଲ୍ ରୁମ୍, କ୍ୱାଲିଟି ଟେଷ୍ଟିଙ୍ଗ ଲାବ୍ ଏବଂ କଟକ ତାରକସି କାମର ଇତିହାସ ସମ୍ପର୍କରେ ଅବଗତ ହେବା ପାଇଁ ଏକ ମ୍ୟୁଜିୟମ ଆଦି ସୁବିଧା ରହିବ ବୋଲି କହିଛନ୍ତି କଟକ ଜିଲ୍ଲାପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଆଇ ଟ୍ୟାଗ ପାଇଥିବା କଟକର ରୁପା ତାରକସୀ କାର୍ଯ୍ୟର ଝଲକ କଟକ ଦଶହରା ମେଢ଼ ଓ ଅନ୍ୟାନ୍ୟ ସୂକ୍ଷ୍ମ କାରୁକାର୍ଯ୍ୟରେ ଦେଖିବାକୁ ମିଳିଥାଏ। ଫିଲିଗ୍ରୀ କମନ ଫେସିଲିଟେସନ ସେଣ୍ଟର ପାଇଁ ୨୦୨୪ ଡିସେମ୍ବରରେ କଟକ ଜିଲ୍ଲା ପ୍ରଶାସନ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା।

## ଇପିଏଫ୍‌ର ସୁଧ ହାର ବୃଦ୍ଧି




ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ସଦସ୍ୟମାନେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସେମାନଙ୍କ ଜମାରାଶି ଉପରେ ୮.୨୫ ପ୍ରତିଶତ ସୁଧ ପାଇବେ। ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ଏ ନେଇ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ଅର୍ଥ ମନ୍ତ୍ରାଳୟ ଚଳିତ ସପ୍ତାହରେ ମଞ୍ଜୁରି ପ୍ରଦାନ କରିଛି। ଅର୍ଥ ମନ୍ତ୍ରାଳୟର ଏଭଳି ନିଷ୍ପତ୍ତି ଫଳରେ ଇପିଏଫ୍‌ଓର ପ୍ରାୟ ୭ କୋଟିରୁ ଅଧିକ ସଦସ୍ୟ ଉପକୃତ ହେବେ। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ଫେବ୍ରୁଆରି ୨୮ରେ ଅନୁଷ୍ଠିତ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ର ୨୩୭ତମ ବୈଠକରେ ସଦସ୍ୟମାନଙ୍କୁ ୨୦୨୪-୨୫ ଆର୍ଥିକବର୍ଷ ଲାଗି ୮.୨୫ ପ୍ରତିଶତ ସୁଧ ପ୍ରଦାନ ନିମନ୍ତେ ସ୍ଥିର ହୋଇଥିଲା। ଏହାଦ୍ୱାରା କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ସଦସ୍ୟମାନଙ୍କୁ ୮.୨୫ ପ୍ରତିଶତ ଇପିଏଫ୍ ସୁଧ ମିଳିବ। ୨୦୨୨-୨୩ରେ ସଦସ୍ୟମାନଙ୍କୁ ୮.୧୫ ପ୍ରତିଶତ ସୁଧ ମିଳିଥିଲା। ୨୦୨୩-୨୪ରେ ଏଥିରେ ୦.୧୦ ପ୍ରତିଶତ ବୃଦ୍ଧି କରାଯାଇ ୮.୨୫ ପ୍ରତିଶତ ରଖାଯାଇଥିଲା। ୨୦୨୨ ମାର୍ଚ୍ଚରେ ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କ ସୁଧ ହାରକୁ ୨୦୨୧-୨୨ ଆର୍ଥିକବର୍ଷ ପାଇଁ ୮.୧୦ ପ୍ରତିଶତକୁ ହ୍ରାସ କରିଥିଲା, ଯାହାକି ପ୍ରାୟ ୪ ଦଶନ୍ଧି ମଧ୍ୟରେ ସର୍ବନିମ୍ନ। ଇପିଏଫ୍? ସୁଧ ହାର ୧୯୭୭-୭୮ରେ ୮ ପ୍ରତିଶତ ଏବଂ ୨୦୨୦-୨୧ରେ ୮.୫୦ ପ୍ରତିଶତ ରହିଥିଲା।

## 'ରକ୍ଷଣାବେକ୍ଷଣ ଏବଂ ୱେଲ୍ଡିଂ ମରାମତି' ନେଇ ଆଲୋଚନା ଚକ୍ର



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି ) ର ଆର ଏଣ୍ଡ ସି ଲାବୋରେଟୋରୀ ସମ୍ମିଳନୀ ହଲରେ ମଇ ୧୬ ତାରିଖ ଦିନ 'ରକ୍ଷଣାବେକ୍ଷଣ ଏବଂ ମରାମତି ୱେଲ୍ଡିଂ' ଉପରେ ଏକ ବୈଷୟିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଣ୍ଟେନାନ୍ସ ବିଭାଗର ସିଜିଏମ୍ ଏସ ଏସ ରାୟଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମେକାନିକାଲ ଏଣ୍ଡ ସପ ବିଭାଗ ର ସି ଜି ଏମ୍ ଇନ ଚାର୍ଜ ଆର ଏନ ରାଜେନ୍ଦ୍ରନ, ମେକାନିକାଲ ବିଭାଗର ସିଜିଏମ୍, ଡି ପାଲୋଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଆଲୋଚନା ଚକ୍ରରେ କାରଖାନାର ସମସ୍ତ ପ୍ରମୁଖ ଉତ୍ପାଦନ ଏବଂ କେନ୍ଦ୍ରୀକୃତ ବିଭାଗର ପ୍ରତିନିଧିମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମ ମେସର୍ସ ଇ ଡବ୍ଲ୍ୟୁ ଏ ସି ଆଲଏଜ୍ ଲିମିଟେଡ୍ ଦ୍ୱାରା ସେମାନଙ୍କର ଚ୍ୟାନେଲ୍ ପାର୍ଟନର ରାଉରକେଲାର ମେସର୍ସ ରାଜେଶ ଆଣ୍ଡ୍ କମ୍ପାନୀ ର ମିଳିତ ସହଯୋଗ ରେ ଆୟୋଜିତ ହୋଇଥିଲା। ଶ୍ରୀ ରାୟଚୌଧୁରୀ ନିଜର ବକ୍ତବ୍ୟରେ କୌଣସି ଯନ୍ତ୍ରାଂଶ ର ସମ୍ପୂର୍ଣ୍ଣ ବଦଳ ଅପେକ୍ଷା ଉପଯୁକ୍ତ ମରାମତି ଏବଂ ଯନ୍ତ୍ରାଂଶଗୁଡ଼ିକର ପୁନଃସ୍ଥାପନର ଗୁରୁତ୍ୱ ଉପରେ ଜୋର ଦେବା ସହିତ ଖର୍ଚ୍ଚ ହ୍ରାସ ଏବଂ ଉପକରଣ ସ୍ଥାୟୀତ୍ୱର ଲାଭ ଉପରେ ଆଲୋକପାତ କରିଥିଲେ। ମେସର୍ସ ଇ ଡବ୍ଲୁ ଏସି ଆଲଏଜ୍ ଲିମିଟେଡ୍‌ର ଜୋନାଲ୍ ସେଲ୍ସ ମ୍ୟାନେଜର ଡି. ଡି. ରୟ ଏବଂ ଟେରିଟୋରିଆଲ୍ ସେଲ୍ସ ମ୍ୟାନେଜର ଏନ. ପଟେଲ ତଥା, ଆପ୍ଲିକେସନ୍ ସ୍ପେଶାଲିଷ୍ଟ ଆର. ଚାଟାର୍ଜୀ ୱେଲ୍ଡିଂ କ୍ଷେତ୍ରରେ ସ୍ୱତନ୍ତ୍ର ଉତ୍ପାଦ ପୋର୍ଟଫୋଲିଓ ଉପରେ ଧ୍ୟାନ କେନ୍ଦ୍ରିତ ପୂର୍ବକ ଅବସ୍ଥା ଭିତ୍ତିକ ଓ ପ୍ରୟୋଗ ନିର୍ଦ୍ଦିଷ୍ଟ ୱେଲ୍ଡିଂ ଇଲେକ୍ଟ୍ରୋଡ୍ ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ସେମାନେ ଉପକରଣ ଗୁଡିକ ର ସ୍ଥାୟିତ୍ୱ ଏବଂ ପୁନଃପୌନିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ ସନ୍ଦର୍ଭରେ ଇସ୍ପାତ ଉଦ୍‌ଯୋଗର କେତେକ ପ୍ରମୁଖ କେସ ଷ୍ଟଡି ମଧ୍ୟ ପ୍ରସ୍ତୁତ କରିଥିଲେ। ଏହି ଆଲୋଚନା ଚକ୍ର ଶେଷରେ ଆର. ଏନ. ରାଜେନ୍ଦ୍ରନ୍ ନିଜର ବକ୍ତବ୍ୟରେ ଏହାର ମତବିନିମୟ ଭିତ୍ତିକ ଏବଂ ସୂଚନାପ୍ରଦ ବିଷୟବସ୍ତୁ ପାଇଁ ପ୍ରଶଂସା କରିଥିଲେ। ସେ ଦୀର୍ଘମିଆଦି କାର୍ଯ୍ୟଦକ୍ଷତା ହାସଲ କରିବା ପାଇଁ 'ବଦଳ କରିବା ଅପେକ୍ଷା ମରାମତି' ପନ୍ଥା ଗ୍ରହଣ କରିବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରକ୍ଷଣାବେକ୍ଷଣ ସଚିବାଳୟ କାର୍ଯ୍ୟାଳୟର ଡିଜିଏମ୍ ବି. ପି. କେର୍କେଟ୍ଟା ସଂଯୋଜନା କରିଥିଲେ।

## ଭାଷା ବିବାଦ: ରାଜ୍ୟ ଛାଡ଼ିବେ ବହୁ କମ୍ପାନୀ

ବେଙ୍ଗାଲୁରୁ: କର୍ଣ୍ଣାଟକର ଆଞ୍ଚଳିକବାଦ ଓ ଭାଷାବାଦର ସମସ୍ୟା ଯୋଗୁ ଏବେ ସେଠାରୁ ଷ୍ଟାର୍ଟଅପ୍ ବ୍ୟବସାୟ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ଯାଉଛି। ବେଙ୍ଗାଲୁରୁର ଉଦ୍ୟୋଗୀ କୌଶିକ ମୁଖାର୍ଜୀ ତାଙ୍କ କମ୍ପାନୀର ମୁଖ୍ୟାଳୟକୁ ୬ ମାସ ମଧ୍ୟରେ ପୁଣେକୁ ସ୍ଥାନାନ୍ତରିତ କରିବାକୁ ଘୋଷଣା କରିଛନ୍ତି। କର୍ମଚାରୀମାନେ ଏଭଳି ପରିବେଶରେ ବିପଦ ମଣୁଥିବାରୁ ବାଧ ହୋଇ ଶିଳ୍ପପତିଙ୍କୁ କମ୍ପାନୀର ମୁଖ୍ୟାଳୟ ସ୍ଥାନାନ୍ତର କରିବାକୁ ପଡ଼ିଛି ବୋଲି ସୂଚନା ମିଳିଛି। ନିକଟରେ ବେଙ୍ଗାଲୁରୁର ଚାନ୍ଦପୁରା ଶାଖାରେ ଜଣେ ଏସ୍‌ବିଆଇ ମ୍ୟାନେଜର ଗ୍ରାହକଙ୍କୁ କନ୍ନଡ଼ ନ କହିବାକୁ ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ସେ କହିଥିଲେ ଯେ ଏହା ଭାରତ ମୁଁ ହିନ୍ଦୀ କହିବି କନ୍ନଡ ନୁହେଁ। ତାଙ୍କର ଏହି ଭିଡିଓ ଭାଇରାଲ୍ ହେବା ପରେ ରାଜ୍ୟବ୍ୟାପୀ ଚର୍ଚ୍ଚାର କେନ୍ଦ୍ର ପାଲିଟିଥିଲା। ଏହି ଘଟଣା ପରେ କୌଶିକ ମୁଖାର୍ଜୀଙ୍କର ଏଭଳି ନିଷ୍ପତ୍ତି ସାମ୍ନାକୁ ଆସିଛି। ଶ୍ରୀ ମୁଖାର୍ଜୀ ଏନେଇ ଏକ୍ସରେ (ପୂର୍ବରୁ ଟ୍ୱିଟର)ରେ ପୋଷ୍ଟ ଶେୟାର କରି ସୂଚନା ଦେଇଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ ତାଙ୍କ କର୍ମଚାରୀ ଭାଷାଗତ ପରିବେଶର ଖରାପ ହେଉଥିବା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ବିଶେଷକରି କନ୍ନଡ ଭାଷାଭାଷୀ କର୍ମଚାରୀଙ୍କ ପାଇଁ ସମସ୍ୟା ରହିଛି। ଏନେଇ ସେ ଲେଖିଛନ୍ତି 'ଯଦି ଏହି ଭାଷାଗତ ବେକାର ମାମଲା ଜାରି ରହେ, ତେବେ ମୁଁ ଚାହୁଁନାହିଁ ଯେ ମୋର କର୍ମଚାରୀମାନେ ପରବର୍ତ୍ତୀ ଶିକାର ହୁଅନ୍ତୁ।' କାର୍ଯ୍ୟକ୍ଷେତ୍ରରେ ସମାନତା ଏବଂ ମାନସିକ ସୁରକ୍ଷା ଦୃଷ୍ଟିରୁ ସେ ଏହି ନିଷ୍ପତ୍ତି ନେଇଥିବା କୌଶିକ ଲେଖିଛନ୍ତି। ତାଙ୍କ ପୋଷ୍ଟକୁ ନେଇ ସୋସିଆଲ୍ ମିଡିଆରେ ମିଶ୍ର ପ୍ରତିକ୍ରିୟା ଦେଇଖିବାକୁ ମିଳିଛି। କେତେକ ୟୁଜର କର୍ମଚାରୀଙ୍କ ଚିନ୍ତା ପ୍ରତି କୌଶିକଙ୍କର ସମ୍ବେଦନଶୀଳତାକୁ ପ୍ରଶଂସା କରିଛନ୍ତି। ସେହିପରି ଆଉ କେତେକ ତାଙ୍କର ପୁଣେ ବିକଳ୍ପକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେଠାରେ ବି ମରାଠୀ ନେଇ ବିବାଦ ଚାଲିଛି। ତେଣୁ ନୋଏଡା କିମ୍ବା ଅହମ୍ମଦାବାଦ ଭଳି ନିରପେକ୍ଷ ସହର ବିଷୟରେ ବିଚାର କରିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ତେବେ ଯଦିଓ ମୁଖାର୍ଜୀଙ୍କ କମ୍ପାନୀ ଏତେ ବଡ଼ ନୁହେଁ, ତେବେ ତାଙ୍କର ଏଭଳି ନିଷ୍ପତ୍ତି ଷ୍ଟାର୍ଟଆପ୍ ଇକୋସିଷ୍ଟମରେ ଗଭୀର ପ୍ରଭାବ ପକାଇଛି। ଯେଉଁଥିରେ ଭାଷା, କର୍ମକ୍ଷେତ୍ର ବିବିଧତା ଏବଂ କର୍ପୋରେଟ୍ ସଂସ୍କୃତିରେ ଆଞ୍ଚଳିକ ସମ୍ବେଦନଶୀଳତାର ଆବଶ୍ୟକତା ବିଷୟରେ ନୂଆ ଆଲୋଚନାକୁ ଜନ୍ମ ଦେଇଛି।




ନୂଆଦିଲ୍ଲୀ: ଆଇପିଏଲ ୨୦୨୫ରେ ସର୍ବାଧିକ ଷ୍ଟ୍ରାଇକ୍ ରେଟ୍ ଥିବା ଖେଳାଳିଙ୍କୁ 'କର୍ଭ ଷ୍ଟ୍ରାଇକର ଅଫ ଦି ସିଜିନ'' ପୁରସ୍କାର ମିଳିବ ଏବଂ ଏଥର ପୁରସ୍କାର ସହିତ ଏକ ଟାଟା କର୍ଭ ଇଭି ମଧ୍ୟ ମିଳିବ, ଯାହା ଟାଟା ମୋଟର୍ସର ନୂତନ ଏବଂ ପ୍ରିମିୟମ୍ ଇଲେକ୍ଟ୍ରିକ୍ ଏସୟୁଭି। ପ୍ରକୃତରେ, ଗତ ବର୍ଷ ଅର୍ଥାତ୍ ଆଇପିଏଲ ୨୦୨୪ରେ, ଟାଟା ପଂଚ ଇଭିକୁ ଟୁର୍ଣ୍ଣାମେଣ୍ଟର ଅଫିସିଆଲ୍ କାର କରାଯାଇଥିଲା ଏବଂ ଏହି କାର ଜ୍ୟାକ୍ ଫ୍ରେଜର ମ୍ୟାକଗର୍କଙ୍କୁ ଉପହାର ଦିଆଯାଇଥିଲା, ଯିଏ ଷ୍ଟ୍ରାଇକର ଅଫ ଦି ସିଜିନ ଜିତିଥିଲେ। ଏବେ ଆଇପିଏଲ ୨୦୨୫ରେ ଏହି ପରମ୍ପରାକୁ ଆଗକୁ ବଢ଼ାଇ, ଟାଟା କର୍ଭ ଇଭିକୁ ଅଧିକାରିକ କାର ଭାବରେ ଘୋଷଣା କରାଯାଇଛି। ଏଥର ଷ୍ଟ୍ରାଇକର ଅଫ ଦି ସିଜିନ ଏହି କାର ଜିତିବେ ବୋଲି ବିଶ୍ୱାସ କରାଯାଉଛି। ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ଟାଇଟଲର ସବୁଠାରୁ ଦୃଢ଼ ଦାବିଦାର ବୋଲି ବିବେଚନା କରାଯାଉଛି, ଯିଏ ଏପର୍ଯ୍ୟନ୍ତ ୨୦୬.୫୫ ଷ୍ଟ୍ରାଇକ୍ ରେଟରେ ରନ କରିଛନ୍ତି। ଟାଟା କର୍ଭ ଇଭି ଭାରତରେ ୨୦୨୪ରୁ ବିକ୍ରି ହୋଇଆସୁଛି । ଏହି ଇଲେକ୍ଟ୍ରିକ୍ କାର ଦୁଇଟି ଭିନ୍ନ ବ୍ୟାଟେରୀ ପ୍ୟାକ୍ ବିକଳ୍ପରେ ଉପଲବ୍ଧ। ପ୍ରଥମଟି ହେଉଛି ଏକ ୪୫ କିଲୋୱାଟ ବ୍ୟାଟେରୀ ପ୍ୟାକ୍, ଯାହା ପୂର୍ଣ୍ଣ ଚାର୍ଜ ହେଲେ ପ୍ରାୟ ୫୦୨ କିଲୋମିଟର ରେଞ୍ଜ ଦେଇଥାଏ। ଦ୍ୱିତୀୟ ବିକଳ୍ପ ହେଉଛି ୫୫ କିଲୋୱାଟ ବ୍ୟାଟେରୀ ପ୍ୟାକ୍, ଯାହା ଅଧିକ ଦୂରତା ପାଇଁ ଭଲ।

**୬୭ତମ ମ୍ୟାଚ୍ | ଗୁଜରାଟ ଟାଇଟାନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ**

# ସିଏସ୍କେ ୮୩ରନ୍‌ରେ ବିଜୟୀ



ଅହମ୍ମଦାବାଦ : ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ-୨୦୨୫ର ୬୭ତମ ମ୍ୟାଚରେ ଗୁଜରାଟ ଟାଇଟନ୍ସକୁ ୮୩ ରନରେ ହରାଇ ବିପୁଳ ବିଜୟ ହାସଲ କରିଛି ଚେନ୍ନାଇ ସୁପରକିଙ୍ଗ୍ସ । ୨୩୧ ରନର ଲକ୍ଷ୍ୟର ଜବାବରେ ଗୁଜରାଟ ୧୮.୩ ଓଭରରେ ୧୪୭ ରନ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ସାଇ ସୁଦର୍ଶନ ୪୧ ରନ କରିଥିବାବେଳେ ଅର୍ଶଦ ଖାଁ ୨୦ ଓ ଶାହରୁଖ ଖାଁ ୧୯ ରନ କରିଥିଲେ । ଚେନ୍ନାଇ ପକ୍ଷରୁ ନୂର ଅହମ୍ମଦ ଓ ଅନୁସଲ କମ୍ବୋଦ ୩ଟି ଲେଖାଏଁ ୱିକେଟ ନେଇଥିଲେ । ଏହି ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗସ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳର ଦୁଇ ଓପନର ଆୟୁଷ ମାହାତ୍ରେ ଓ ଦେୱନ କନୱେ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ମାହାତ୍ରେ ୩୪ ରନ କରିଥିବାବେଳେ କନୱେ ୫୨ ରନ କରିଥିଲେ । ଉର୍ଭିନ ପଟେଲ ୩୭ ରନ କରଥିବାବେଳେ ଡେୱାଲଡ ବ୍ରେଭିସ୍ ୫୭ ରନ କରିଥିଲେ। ବ୍ରେଭିସ ମାତ୍ର ୨୩ ବଲରେ ୫ ଛକା, ୪ ଚୌକା ସହ ଏହି ୫୭ ରନ କରିଥିଲେ । ସେହିପରି ରବୀନ୍ଦ୍ର ଜାଦେଜା ୨୧ ରନ କରି ବ୍ରେଭିସଙ୍କୁ ସ୍କୋରକୁ ଆଗକୁ ବଢାଇବାରେ ସହଯୋଗ କରିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୨ଟି ୱିକେଟ ନେଇଥିବାବେଳେ ସାଇ କିଶୋର, ରସିଦ ଖାଁ ଓ ଶାହରୁଖ ଖାଁ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।


**୬୮ତମ ମ୍ୟାଚ୍ | ସନରାଇଜର୍ସ ହାଇଦ୍ରାବାଦ ବନାମ କୋଲକାତା ନାଇଟ ରାଇଡର୍ସ**

# ସନ୍‌ରାଇଜର୍ସ ହାଇଦ୍ରାବାଦ ୧୧୦ରନ୍‌ରେ ବିଜୟୀ



ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ର ୬୮ତମ ଲିଗ୍ ମ୍ୟାଚ୍ ରବିବାର ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୧୦ରନ୍‌ର ଏକ ବିପୁଳ ବିଜୟ ହାସଲ କରିଛି। ଉଭୟ ଦଳ ପ୍ଲେଅଫ୍ ଦୌଡ଼ରୁ ବାହାର ହୋଇସାରିଛନ୍ତି। ଆଜିର ମ୍ୟାଚ୍‌ରେ ହାଇଦ୍ରାବାଦ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ହେନରିକ କ୍ଲାସେନ, ଟ୍ରାଭିସ ହେଡଙ୍କ ଲଢୁଆ ବ୍ୟାଟିଂ ବଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ବିଶାଳ ୨୭୮ ରନ୍ କରିଛନ୍ତି। ହାଇଦ୍ରାବାଦ ପକ୍ଷରୁ ହେନ୍‌ରିକ କ୍ଲାସେ ୩୯ ବଲ୍‌ରେ ସର୍ବାଧିକ ୧୦୫ ରନ୍ କରିଛନ୍ତି। ଏଥିରେ ୭ ଚୌକା ଓ ୯ଟି ଛକା ସାମିଲ ଅଛି। କ୍ଲାସେନଙ୍କ ପରେ ଟ୍ରାଭିସ୍ ହେଡ୍ ୪୦ ବଲ୍‌ରେ ୬ଚୌକା, ୬ଛକା ସହାୟତାରେ ୭୬ ରନ କରିଥିଲେ। ଅଭିଷେକ ଶର୍ମା ୨୬ ବଲ୍‌ରେ ୩୨ ରନ୍, ଇଶାନ କିଶନ ୨୦ ବଲ୍‌ରେ ୨୯ ରନ୍ କରିଥିବା ବେଳେ ଅନିକେତ ବର୍ମା ମାତ୍ର ୧୨ ରନ୍ କରି ଆଉଟ୍ ହୋଇଛନ୍ତି। କୋଲକାତା ନାଇଟରାଇଡର୍ସ ପକ୍ଷରୁ ବୈଭବ ଅରୋରା ଗୋଟିଏ ୱିକେଟ୍ ନେଇଥିବା ବେଳେ ସୁନୀଲ ନାରିନ ୨ ଟି ୱିକେଟ୍ ନେଇଥିଲେ। ୨୭୯ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା କୋଲକାତା ନାଇଟ ରାଇର୍ଡସ। ଦଳ ୧୮.୪ ଓଭରରେ ୧୦ୱିକେଟ୍ ହରାଇ ୧୬୮ରନ୍ କରି ମ୍ୟାଚ୍ ହାରି ଯାଇଥିଲା। ଦଳ ପକ୍ଷରୁ କ୍ୱିଣ୍ଟେନ୍ ଡିକକ୍ ୯, ସୁନୀଲ ନାରେନ୍ ୩୧, ଆଜିଙ୍କେ ରାହେନା ୧୫, ଅଙ୍କିରିଶ ରଘୁବଂଶୀ ୧୪, ରିଙ୍କୁ ସିଂ ୯, ଆଣ୍ଡର ରସେଲ ୦, ମନିଶ ପାଣ୍ଡେ ୩୭, ରମଣଦୀପ୍ ସିଂ ୧୩, ହର୍ଷିତ ରାଣା ୩୪ ରନ୍ କରିଥିଲେ। ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଜୟଦେଭ ଉମରକୋଟ, ଇଷାନ ମାଲିଙ୍ଗା, ହର୍ଷ ଦୁବେ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

# ଏଫ୍‌୨ ରେସ୍ ଜିତିଲେ କୁଶ ମୈନି




ନୂଆଦିଲ୍ଲୀ: ୨୪ବର୍ଷୀୟ ଭାରତୀୟ ରେସର କୁଶ ମୈନି ଇତିହାସ ରଚିଛନ୍ତି। ସେ ସାନଦାର ପ୍ରଦର୍ଶନ କରି ମୋନାକୋ ଗ୍ରାଁ ପ୍ରିରେ ଏଫ୍‌୨ ସ୍ପ୍ରିଣ୍ଟ ରେସ ଜିତିଛନ୍ତି। ଏହି ରେସ୍‌ରେ ଜିତିଥିବା ପ୍ରଥମ ଭାରତୀୟ ପାଲଟିଛନ୍ତି କୁଶ। ବିଶ୍ୱର ସବୁଠାରୁ ଚ୍ୟାଲେଞ୍ଜିଂ ଏବଂ ପ୍ରତିଷ୍ଠିତ ରେସରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ଭାବେ ମୋନାକୋ ଗ୍ରାଁ ପ୍ରି ଜିତିଛନ୍ତି କୁଶ ମୈନି। କୁଶଙ୍କ ଏହି ବିଜୟ ପ୍ରମାଣିତ କରୁଛି ଯେ ଏବେ ଭାରତୀୟ ରେସର୍ସମାନେ ମଧ୍ୟ ଅନ୍ତର୍ଜାତୀୟ ମୋଟରସ୍ପୋର୍ଟସରେ ନିଜର ଛାପ ଛାଡ଼ିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ବିଶ୍ୱ ମୋଟରସ୍ପୋର୍ଟ୍ସ ସ୍ତରରେ ଭାରତୀୟ ରେସରମାନେ ଏତେ ବଡ଼ ସଫଳତା ପାଇବା ବହୁତ କମ୍ ପାଇଥାନ୍ତି। ଦାମ୍ସ ଲୁକାସ ଅଏଲ୍ ଦଳ ପାଇଁ ରେସ୍ କରି, ସେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅଗ୍ରଣୀ ବଜାୟ ରଖିଲେ ଏବଂ ଚମତ୍କାର ଢଙ୍ଗରେ ରେସ୍ ଜିତିଛନ୍ତି। କୁଶଙ୍କ ପାଇଁ ଏହି ବିଜୟ କେବଳ ତାଙ୍କ କ୍ୟାରିୟରର ପ୍ରଥମ ଏଫ୍‌୨ ବିଜୟ ନୁହେଁ, ଏହା ତାଙ୍କର ପ୍ରଥମ ପୋଡିୟମ ଫିନିଶ ମଧ୍ୟ। ସ୍ପ୍ରିଣ୍ଟ ଇଭେଣ୍ଟର ୩୦ ଲ୍ୟାପ୍ କୁ ମାତ୍ର ୪୪:୫୭.୬୩୯ ସମୟରେ ସମାପ୍ତ କରିଛନ୍ତି। କୁଶ ମୈନିଙ୍କ ରେସିଂ କ୍ୟାରିଅର ୨୦୧୬ ମସିହାରେ ଇଟାଲୀୟନ ଏଫ୍‌୪ ରେ ଆରମ୍ଭ ହୋଇଥିଲା। ସେ ବ୍ରିଟିଶ ଏଫ୍‌୩, ଏଫ୍‌୩ ଏସିଆ ଏବଂ ଏଫ୍‌ଆଇଏ ଏଫ୍‌୩ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ୨୦୨୨ ମସିହାରେ ସେ ଏଫ୍‌ଆଇଏ ଏଫ୍‌୩ରେ ୧୩ତମ ସ୍ଥାନ ହାସଲ କରିଥିଲେ ଏବଂ ଏବେ ଏଫ୍‌୨ ରେ ତାଙ୍କର ତୃତୀୟ ସିଜନ।

# ଅଯୋଧ୍ୟାରେ କୋହଲି-ଅନୁଷ୍କା

ନୂଆଦିଲ୍ଲୀ: ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ପରେ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟକୁ ମଧ୍ୟ ଅଲବିଦା କହିଛନ୍ତି। ଲଗାତାର କ୍ରିକେଟ ଖେଳିବା ପରେ ଏବେ ଅବସର ସମୟରେ ସେ ନିଜ ପରିବାରକୁ ସମୟ ଦେଉଥିବା ଦେଖାଯାଉଛନ୍ତି। ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ସେ ବିଭିନ୍ନ ମନ୍ଦିର ପରିଦର୍ଶନ କରୁଥିବା ଦେଖିବାକୁ ମିଳୁଛି। କିଛି ଦିନ ତଳେ ପ୍ରେମାନନ୍ଦ ମହାରାଜଙ୍କଠାରୁ ଆଶୀର୍ବାଦ ନେବା ପରେ, ସେ ଏବେ ଅଯୋଧାରେ ପହଞ୍ଚିଛନ୍ତି। ସେଠାରେ ସେ ପ୍ରାୟ ୧୦୦୦ ବର୍ଷ ପୁରୁଣା ମନ୍ଦିର ହନୁମାନ ଗଡ଼ିରେ ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କ ସହିତ ପୂଜା କରିଥିବା ଜଣାଯାଇଛି। ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବିରାଟ କୋହଲି ବିଭିନ୍ନ ମନ୍ଦିର ପରିଦର୍ଶନ କରୁଥିବା ଦେଖିବାକୁ ମିଳୁଛି। କିଛି ଦିନ ତଳେ ପ୍ରେମାନନ୍ଦ ମହାରାଜଙ୍କଠାରୁ ଆଶୀର୍ବାଦ ନେବା ପରେ, ସେ ଏବେ ଅଯୋଧାରେ ପହଞ୍ଚିଛନ୍ତି। ଏହି ଘଟଣାର ଏକ ଭିଡିଓ ଏବେ ଭାଇରାଲ ହେଉଛି, ଯେଉଁଥିରେ ମନ୍ଦିରର ପୂଜାରୀ ସେମାନଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରାଉଛନ୍ତି। ତେବେ ବିରାଟ କୋହଲି ବର୍ତ୍ତମାନ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୮ତମ ସିଜିନରେ ବ୍ୟସ୍ତ ଅଛନ୍ତି, ଯେଉଁଠାରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ଖେଳୁଛନ୍ତି। ଚଳିତ ସିଜିନରେ ତାଙ୍କ ଦଳର ପ୍ରଦର୍ଶନ ଏପର୍ଯ୍ୟନ୍ତ ପ୍ରଶଂସନୀୟ ରହିଛି।



**ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଗୋପବନ୍ଧୁ ହାଇସ୍କୁଲ ୧୫୮ ରନରେ ବିଜୟୀ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ଆଜି ଷଷ୍ଠ ଦିବସର ଲିଗ ପର୍ଯ୍ୟାୟ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ) କେନ୍ଦୁଝରର ଡିଏଭି ପବ୍ଲିକ ସ୍କୁଲ (ମିଳିତ) ବିପକ୍ଷରେ ୧୫୮ ରନରେ ଏକ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ଏକ ନିର୍ଜସ୍ୱୀ ଟର୍ଫ ଉଇକେଟରେ ଗୋପବନ୍ଧୁ ହାଇସ୍କୁଲ ଟସ୍‌ରେ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୩୦ ଓଭର ଖେଳରେ ମାତ୍ର ୪ଟି ୱିକେଟ ହରାଇ ୨୭୯ ରନ ସଂଗ୍ରହ କରି ନିଜର ସ୍ଥିତିକୁ ମଜବୁତ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ନାୟକ ୧୨୧ ମିନିଟ କ୍ରିଜ୍‌ରେ ରହି ୮୫ଟି ବଲର ସମ୍ମୁଖୀନ ହୋଇ ୨୭ଟି ଚୌକା ଏବଂ ୩ଟି ବିଶାଳ ଛକା ସହାୟତାରେ ୧୯୦.୫୯ ଷ୍ଟ୍ରାଇକ ରେଟ ସହ ଅପରାଜିତ ୧୬୨ ରନ ସଂଗ୍ରହ କରି ପ୍ରତିଯୋଗିତାର ଦ୍ୱିତୀୟ ଶତକ ହାସଲ କରିଥିବା ବେଳେ ଆରୋନ ଚନ୍ଦ୍ର ୭୧ଟି ବୋଲର ସମ୍ମୁଖୀନ ହୋଇ ୮ଟି ଚୌକା ସହାୟତାରେ ୬୯ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିଲେ। ପ୍ରତିପକ୍ଷ ଦଳର ଏକମାତ୍ର ସଫଳ ବୋଲର ଭାବେ ଆଶୁତୋଷ ମହାନ୍ତ ୫ ଓଭର ବୋଲିଂରେ ୪୪ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଡିଏଭି ପବ୍ଲିକ ସ୍କୁଲ ମ୍ୟାଚ ଜିତିବା ପାଇଁ ଏକ ବିଶାଳ ଟାର୍ଗେଟ ଆଗରେ ମାନସ୍ତାତ୍ୱିକ ଚାପର ଶୀକାର ହେବା ସହ ନିୟମିତ ବ୍ୟବଧାନରେ ୱିକେଟର ପତନ ଘଟିଥିଲା ଏବଂ ସେମାନେ ୨୮.୪ ଓଭର ବ୍ୟାଟିଂ କରି ମାତ୍ର ୧୨୧ ରନରେ ସମସ୍ତ ୱିକେଟ ହରାଇବା ସହ ପରାଜୟ ସ୍ୱୀକାର କରିଥିଲେ। ଦଳ ପକ୍ଷରୁ ଶୁଭମ ଦାଶ ୫୯ଟି ବଲର ସମ୍ମୁଖୀନ ହୋଇ ୬ଟି ଚୌକା ସହାୟତାରେ ୩୪ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ସକ୍ଷମ ଚୌରାସିଆ ୬ ଓଭର ବୋଲିଂରେ ୩୦ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଦ୍ରୁତ ଗତିରେ ରନ ସଂଗ୍ରହ କରି ଦର୍ଶକ ମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରି ଶତକ ହାସଲ କରିଥିବା ଗୋପବନ୍ଧୁ ହାଇସ୍କୁଲର ଆଶୁତୋଷ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ବିଶ୍ୱମ୍ବର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

# ପ୍ରଗତି ସ୍ପୋର୍ଟିଂର ନବେ କଳେବର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାର ଅନ୍ୟତମ ପୁରୁଣା କ୍ରିକେଟ କ୍ଲବ୍ ପ୍ରଗତି ସ୍ପୋର୍ଟିଂ ନବେ କଳେବର ହୋଇଛି। ଏଣିକି ଏହା ପ୍ରଗତି କ୍ରିକେଟ ଟ୍ରେନିଂ ସେଣ୍ଟର ନାମରେ ନାମିତ ହୋଇଛି। ପ୍ରଗତିରେ ମୋଟ ୩ କୋଟି ୬୫ ଲକ୍ଷ ଟଙ୍କା ବିନିମୟରେ କ୍ରିକେଟ ଟ୍ରେନିଂ ସେଣ୍ଟରର ନୂତନ ଭିତ୍ତିଭୂମି ନିର୍ମାଣ ହୋଇଛି। ପ୍ରଗତି କ୍ରିକେଟ ଟ୍ରେନିଂ ସେଣ୍ଟରକୁ ଉଦଘାଟନ କରି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଓଡ଼ିଶା କ୍ରିକେଟକୁ ପ୍ରଗତିର ଅନେକ ଅବଦାନ ରହିଛି। ଏହା ଏକ ପଡିଆ ନୁହେଁ ପରୀକ୍ଷା ଗାର। ଏଠାରେ ୭ଟି ପିଚ ରହିଛି, ଫଳରେ ଏକାସାଙ୍ଗେ ଅଭ୍ୟାସ କରିବାରେ ସୁବିଧା ହେବ । ଓଡ଼ିଶା କ୍ରିକେଟ ଆହୁରି ଆଗକୁ ଯିବା ଦରକାର ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ଓଡ଼ିଶାର ସ୍ୱନାମଧନ୍ୟ କ୍ରିକେଟ କୋଚ୍ କିଶୋର ମାଣିଆ ଏହି ଅବସରରେ କହିଛନ୍ତି ଯେ କ୍ରୀଡା ବିଭାଗର ସହଯୋଗ ଓ ଅବଦାନ ଅତୁଳନୀୟ। ଏବେ ପ୍ରଗତିର ଇଣ୍ଡୋର ହଲ, ନୂଆ ପିଚ, ସାଇଡ଼ ସ୍କ୍ରିନ, ଦୁଇଟି ନୂଆ ହଲ ନିର୍ମିତ ହୋଇଛି। ଦୁଇଟି ବୋଲିଂ ମେସିନ ଆସିଛି। ଯାହା ଦ୍ୱାରା କ୍ରିକେଟ ଖେଳାଳି ଆତ୍ୟାଧୁନିକ ତାଲିମ ପାଇପାରିବେ।

**ସିଏମ୍ ଟ୍ରଫି ଲୋଗୋ, ଟ୍ରଫି ଓ ଆନ୍‌ଥେମ୍ ଉନ୍ମୋଚିତ**

# ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ : କ୍ରୀଡ଼ାମନ୍ତ୍ରୀ


ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଲକ୍ଷ୍ୟ ଏକ, ପ୍ରତିଭା ଅନେକ। ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନ୍‌ସିପ୍-୨୦୨୫ ଆୟୋଜନ କରାଯାଉଛି। ରବିବାର ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିୟନ୍‌ସିପ୍-୨୦୨୫ର ଲୋଗୋ, ଟ୍ରଫି, ଜର୍ସି ଏବଂ ଆନ୍‌ଥେମ୍‌କୁ ଉନ୍ମୋଚନ କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ୱ ସ୍ତରରେ




ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟନ୍‌ସିପର ଆୟୋଜନ କରାଯାଉଛି। ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନ୍‌ସିପର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ। ସର୍ବମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍ ଆସନ୍ତା ମେ' ୨୮ ତାରିଖରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଜିଲ୍ଲା ସ୍ତରରୁ ଚୟନିତ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍- ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯିବ। ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍-ଟ୍ରଫି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲ୍ ?ରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳ ସ୍ତରରୁ ଆସୁଥିବା କ୍ରୀଡ଼ାବିତମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବା ସହ ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଆଜି ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ୍ ଉନ୍ମୋଚିତ ହୋଇଛି। କ୍ରୀଡ଼ାବିତମାନଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମ୍‌ରେ ଖୁବ୍ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି। ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ପ୍ରତିଟି ଗାଁ ଓ ପ୍ରତିଟି ବ୍ଲକରେ କ୍ରୀଡ଼ା ପ୍ରତିଭାର ବିକାଶ କରି ଆମ କ୍ରୀଡ଼ାବିତମାନଙ୍କୁ ବିଶ୍ୱସ୍ତରରେ ପହଂଚାଇବାର ଆମର ଏହି ଯାତ୍ରା ଆଗେଇ ଚାଲିଛି ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଫୁଟବଲ୍ ଆସୋସିଏସନର ସେକ୍ରେଟାରୀ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅମ୍ପାୟରଙ୍କ ନିଷ୍ପତ୍ତିକୁ ନେଇ ରାଗିଲେ ପ୍ରୀତି ଜିଣ୍ଟା

ନୂଆଦିଲ୍ଲୀ: ଶନିବାର ଦିନ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପରାଜୟ ପରେ ପଞ୍ଜାବ କିଙ୍ଗସର ସହ-ମାଲିକ ତଥା ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟା ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ। ପ୍ରକୃତରେ, ପଞ୍ଜାବର ବ୍ୟାଟିଂ ସମୟରେ, କରୁଣ ନାୟାର ବାଉଣ୍ଡରୀରେ ଏକ କ୍ୟାଚ୍ ନେଇଥିଲେ, ଯାହାକୁ ସେ ବାଉଣ୍ଡରୀ ଭିତରେ ଛାଡି ଦେଇଥିଲେ କାରଣ ତାଙ୍କୁ ଲାଗିଥିଲା ଯେ ତାଙ୍କ ପାଦ ବାଉଣ୍ଡରୀକୁ ଛୁଇଁଛି। ଫିଲ୍ଡର ନାୟାର ନିଜେ କହିଥିଲେ ଯେ ଏହା ଏକ ଛକା ଥିଲା କିନ୍ତୁ ତୃତୀୟ ଅମ୍ପାୟାର ଅନ୍ୟ କିଛି ପାଇଲେ। ଏହାକୁ ଛକା ଦିଆଯାଇ ନଥିଲା। ଏ ନେଇ ପ୍ରୀତି ଜୋରରେ ରାଗିଯାଇଥିଲେ ଓ ଭୋର ୩ଟାରେ ଏକ ଟ୍ୱିଟ୍ ମାଧ୍ୟମରେ ତାଙ୍କର କ୍ରୋଧ ପ୍ରକାଶ କରିଥିଲେ। ଏହି ଘଟଣା ୧୫ତମ ଓଭରରେ ଘଟିଥିଲା। ମୋହିତ ଶର୍ମାଙ୍କ ବଲ୍‌ରେ ପଞ୍ଜାବ କିଙ୍ଗ୍ସ ବ୍ୟାଟ୍ସମ୍ୟାନ୍ ଶଶାଙ୍କ ସିଂହ ଏକ ବଡ଼ ସଟ୍ ମାରିଥିଲେ। ବାଉଣ୍ଡ୍ରି ଲାଇନରେ ଠିଆ ହୋଇଥିବା କରୁଣ ନାୟାର ଏହାକୁ କ୍ୟାଚ୍ କରିଥିଲେ, କିନ୍ତୁ ତାଙ୍କର ସନ୍ତୁଳନ ବିଗିଡ଼ି ଯାଉଥିବା ଦେଖି ସେ ବଲକୁ ଭିତରେ ଛାଡି ଦେଇଥିଲେ। ତଥାପି, ଏହା ପରେ ସେ ତାଙ୍କ ହାତ ଦ୍ୱାରା ଇଙ୍ଗିତ କଲେ ଯେ ଏହା ଏକ ଛକା, ସେ ଅନୁଭବ କରିଥିଲେ ଯେ ତାଙ୍କ ପାଦ ସୀମା ରେଖାକୁ ସ୍ପର୍ଶ କରିଛି। ତା'ପରେ ତୃତୀୟ ଅମ୍ପାୟାର ଯାଞ୍ଚ କରି ଦେଖିଲେ ଯେ ଏହା ଛକା ନୁହେଁ, ଅର୍ଥାତ୍ କରୁଣଙ୍କ ପାଦ ସୀମା ରେଖାକୁ ଛୁଇଁ ନଥିଲା। ଏବେ ଏହାକୁ ନେଇ ବିବାଦ ହେବା ନିଶ୍ଚିତ ଥିଲା କାରଣ ଫିଲଡର ନିଜେ ସ୍ୱୀକାର କରିଥିଲେ ଯେ ତାଙ୍କ ପାଦ ସ୍ପର୍ଶ ହୋଇଥିଲା। ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ଦଳ ଦିଲ୍ଲୀ କ୍ୟାପିଟାଲ୍‌ଠାରୁ ୬ ୱିକେଟରେ ପରାସ୍ତ ହୋଇଥିଲା। ଯଦିଓ ପଞ୍ଜାବ ପୂର୍ବରୁ ପ୍ଲେଅଫରେ ସ୍ଥାନ ପାଇସାରିଛି, ତଥାପି ଶ୍ରେଷ୍ଠ ୨ ପାଇଁ ଏହି ମ୍ୟାଚ୍ ଜିତିବା ଗୁରୁତ୍ୱପୂର୍ଣ୍ଣ ଥିଲା। ମ୍ୟାଚ୍ ଶେଷ ହେବା ପରେ ରାତି ୨:୪୦ରେ, ପ୍ରୀତି ଏକ ଟ୍ୱିଟର ଉତ୍ତର ଦେଇ କହିଥିଲେ ଯେ ଏତେ ବଡ଼ ଟୁର୍ଣ୍ଣାମେଣ୍ଟରେ ଏପରି ଭୁଲ ହେବା ଉଚିତ୍ ନୁହେଁ। ସେ ଲେଖିଥିଲେ ଯେ ଏଭଳି ଏକ ହାଇପ୍ରୋଫାଇଲ୍ ଟୁର୍ଣ୍ଣାମେଣ୍ଟରେ, ଯେଉଁଠାରେ ତୃତୀୟ ଅମ୍ପାୟରଙ୍କ ପାଖରେ ଏତେ ପ୍ରଯୁକ୍ତିବିଦ୍ୟା ଅଛି, ଏପରି ଭୁଲ ଗ୍ରହଣୀୟ ନୁହେଁ ଏବଂ ହେବା ଉଚିତ୍ ନୁହେଁ।





କିଡ଼ନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଯାହା ରକ୍ତକୁ ଫିଲ୍ଟର କରି ଶରୀରରୁ ବିଷାକ୍ତ ପଦାର୍ଥ ଓ ଅତିରିକ୍ତ ଜଳ ବାହାର କରିଥାଏ। କିନ୍ତୁ ଅନିୟମିତ ଜୀବନଶୈଳୀ, ଅସୁସ୍ଥ ଖାଦ୍ୟପେୟ ଓ ଅପର୍ଯ୍ୟାପ୍ତ ଜଳ ସେବନ କାରଣରୁ କିଡ଼ନୀରେ ମଇଳା ଜମା ହୋଇ କିଡ଼ନୀ ଷ୍ଟୋନ, ଇନଫେକସନ କିମ୍ବା ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଏକ୍ସପର୍ଟଙ୍କ ମତରେ, କିଛି ସ୍ୱାଦିଷ୍ଟ ଫଳ କିଡ଼ନୀକୁ ସଫା ରଖିବା ସହ ଏହାର କାର୍ଯ୍ୟକ୍ଷମତା ବଢ଼ାଇଥାଏ। ଆସନ୍ତୁ ଜାଣିବା ଏହି ୬ଟି ଫଳ ବିଷୟରେ, ଯାହା କିଡ଼ନୀକୁ ପ୍ରାକୃତିକ ଭାବେ ସଫା କରିଥାଏ। ତରଭୁଜରେ ୯୨% ଜଳ ଥାଏ, ଯାହା କିଡ଼ନୀକୁ ହାଇଡ୍ରେଟେଡ ରଖି ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଏହାରେ ଥିବା ପୋଟାସିୟମ ଓ ଲାଇକୋପିନ କିଡ଼ନୀ ଷ୍ଟୋନ ଗଠନକୁ ରୋକିଥାଏ। ନିୟମିତ ତରଭୁଜ ଖାଇବା ଦ୍ୱାରା ମୂତ୍ରନଳୀରେ ଜମା ହୋଇଥିବା ମଇଳା ବାହାରିଯାଏ। ଅଙ୍ଗୁରରେ ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ଲାଭୋନଏଡ ରହିଛି, ଯାହା କିଡ଼ନୀରେ ଜମା ହୋଇଥିବା ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ। ଏହା ମୂତ୍ରନଳୀର ଇନଫେକସନ ଓ କିଡ଼ନୀ ଷ୍ଟୋନ ହେବାର ଆଶଙ୍କା କମାଇଥାଏ। ଲେମ୍ବୁରେ ଥିବା ସାଇଟ୍ରିକ ଏସିଡ କିଡ଼ନୀ ଷ୍ଟୋନ ଗଠନକୁ ରୋକିଥାଏ ଏବଂ ମୂତ୍ରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା କିଡ଼ନୀକୁ ଡିଟକ୍ସିଫାଏ କରି ଏହାର କାର୍ଯ୍ୟକ୍ଷମତା ବଢ଼ାଇଥାଏ। ଆପଲରେ ଥିବା ଫାଇବର, ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ ସି କିଡ଼ନୀକୁ ସୁସ୍ଥ ରଖିବା ସହ ଶରୀରରୁ ଟକ୍ସିନ ବାହାର କରିବାରେ ସାହାଯ୍ୟ କରେ।





# ସାବିତ୍ରୀ ବ୍ରତ

ହିନ୍ଦୁ ଧର୍ମରେ ସାବିତ୍ରୀ ବ୍ରତର ବିଶେଷ ମହତ୍ତ୍ୱ ରହିଛି । ସାବିତ୍ରୀ ବ୍ରତ ପ୍ରତ୍ୟକ ଓଡିଆ ନାରୀ ପାଇଁ ବହୁପ୍ରତିକ୍ଷୀତ ତିଥିଟିଏ । ଓଡ଼ିଆ ଘରର ପରମ୍ପରା ଅନୁସାରେ ସଧବା ମହିଳାମାନେ ସୁଖୀ ଦାମ୍ପତ୍ୟ ଜୀବନ ଏବଂ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପଳନ କରିଥାନ୍ତି । ଜ୍ୟେଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ଓଷା ପାଳନ କରାଯାଇଥାଏ। ଏ ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମାଆ ସାବିତ୍ରୀ । ସାବିତ୍ରୀ ହେଉଛନ୍ତି ଗାୟତ୍ରୀ ମନ୍ତ୍ରର ଅଧିଷ୍ଠାତ୍ରୀ ଦେବୀ ।

ସେ ଏହି ମନ୍ତ୍ର ଜପ କରି ସ୍ୱାମୀ ସତ୍ୟବାନଙ୍କୁ ଯମରାଜାଙ୍କ ପାଖରୁ ଛଡାଇ ଆଣିଥିଲେ ବୋଲି କିମ୍ବଦନ୍ତୀ ରହିଛି । ସେହିଦିନ ଠାରୁ ଏହାକୁ ପାଥେୟକରି ଆଜିର ନାରୀ ସମାଜ ପାଳନ କରିଆସୁଛନ୍ତି ସାବିତ୍ରୀ ବ୍ରତ । ମହିଳାମାନେ ମନ୍ଦିରରେ ମାଆ ସାବିତ୍ରୀଙ୍କୁ ପୂଜାର୍ଚ୍ଚନା କରିବା ସହ ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତ କରିଥାନ୍ତି । ନୂଆ ଶାଢୀ, ନାଲି ଶଙ୍ଖା, ସିନ୍ଦୁର, ଫଳମୂଳ ଆଦି ପୂଜା କରିଥାନ୍ତି । ସାବିତ୍ରୀଙ୍କ ଭକ୍ତି ଓ ନିଷ୍ଠା ସତ୍ୟବାନଙ୍କୁ କିପରି ମୃତ୍ୟୁ କବଳରୁ ଫେରାଇ ଆଣିଥିଲେ ତାହା ଏହି ବ୍ରତର ମହତ୍ତ୍ୱ ।

ସାବିତ୍ରୀ ବ୍ରତ ରଖୁଥିବା ମହିଳା ସକାଳୁ ଉଠି ସ୍ନାନ କରିବା ପରେ କିଛି ବି ଭୋଜନ କରି ନଥାନ୍ତି । ଏମିତି କି ପାଣି ଟୋପେ ବି ପିଇନଥାନ୍ତି । ପୂରା ନିଷ୍ଠା ଓ ଭକ୍ତିର ସହ ବ୍ରତ ପାଳନ କରିଥାନ୍ତି । ମିଠା, ଫଳ, କାକୁଡ଼ି, ସେଓ, ତରଭୁଜ, ସପୁରୀ, ଆମ୍ବ, ପଣସ ଆଦିକୁ ଭୋଗ କରିଥାନ୍ତି ।

ବ୍ରତ ରଖିବା ବେଳେ ମହିଳାମାନେ କୌଣସି ଜିନିଷ ସେବନ କରିନଥାନ୍ତି । ଯେଉଁ ସବୁ ଦ୍ରବ୍ୟକୁ ପୂଜା କରି ମହିଳାମାନେ ଘରକୁ ଆଣିଥାନ୍ତି ସନ୍ଧ୍ୟାରେ ବ୍ରତ ଭାଙ୍ଗିବା ପରେ ପରିବାର ସହ ମିଶି ତାହାକୁ ସେବନ କରିଥାନ୍ତି ।

ଯେଉଁମାନେ ପୂରା ଦିନ ଉପବାସ ରଖିପାରନ୍ତି ନାହିଁ, ସେମାନେ ସାବିତ୍ରୀ ବ୍ରତରେ ସାଗୁ ପଣା, ଦହି ସରବତ, ଫଳ ରସ ଆଦି ସେବନ କରିଥାନ୍ତି ।

# ପ୍ରଥମ ସାବିତ୍ରୀ ବ୍ରତ କରୁଥିଲେ ଜାଣିନିଅନ୍ତୁ



*ବିବାହିତ ମହିଳାମାନେ ଏହି ଉପବାସକୁ ଭକ୍ତି ଏବଂ ବିଶ୍ୱାସର ସହିତ ପାଳନ କରନ୍ତି । ପଞ୍ଜିକା ଅନୁସାରେ, ପ୍ରତିବର୍ଷ ସାବିତ୍ରୀ ବ୍ରତ ଜ୍ୟେଷ୍ଠ ମାସର ଅମାବାସ୍ୟା ତିଥିରେ ପାଳନ କରାଯାଏ, ଯାହା ଏହି ବର୍ଷ ସୋମବାର ୨୬ ମେ' ୨୦୨୫ ରେ ପଡୁଛି । ବିବାହିତ ମହିଳାମାନେ ଅଖଣ୍ଡ ସୌଭାଗ୍ୟ ପାଇଁ ପ୍ରତିବର୍ଷ ଏହି ବ୍ରତ ପାଳନ କରନ୍ତି । କିନ୍ତୁ ଯଦି ଆପଣ ଜଣେ ନବବିବାହିତା ମହିଳା ଏବଂ ପ୍ରଥମ ଥର ପାଇଁ ସାବିତ୍ରୀ ଉପବାସ ରଖୁଛନ୍ତି, ତେବେ ଆପଣଙ୍କୁ ଏହା ସହିତ ଜଡିତ ସୂଚନା ଯେପରିକି ପୂଜା ପଦ୍ଧତି, ନିୟମ ଏବଂ ପୂଜା ସହିତ ଜଡିତ ସାମଗ୍ରୀ ଇତ୍ୟାଦି ବିଷୟରେ ଜାଣିବା ଆବଶ୍ୟକ....*

**ପୂଜାବିଧି:** ଉପବାସ ଦିନ, ସକାଳୁ ଶୀଘ୍ର ଉଠି ସ୍ନାନ କରନ୍ତୁ ଏବଂ ଏକ ନୂତନ ଶାଢ଼ି ପିନ୍ଧନ୍ତୁ । ଏହା ପରେ ପୂଜା ଘରେ ଏକ ଦୀପ ଜାଳି ଉପବାସ ରଖିବା ପାଇଁ ପ୍ରତିଜ୍ଞା ନିଅନ୍ତୁ । ସମସ୍ତ ପୂଜା ସାମଗ୍ରୀ ସଂଗ୍ରହ କରି ଏକ ଟୋକେଇରେ ସଜାନ୍ତୁ ଏବଂ ପୂଜା ପାଇଁ ପାଖରେ ଥିବା ଯେକୌଣସି ବଟ କିମ୍ବା ବାଟ ଗଛ ନିକଟକୁ ଯାଆନ୍ତୁ। ଯଦି ପାଖରେ କୌଣସି ବଟଗଛ ନାହିଁ, ତେବେ ଆପଣ ଘରେ ପାତ୍ରରେ ବଟଗଛର ଡାଳ ଲଗାଇ ପୂଜା କରିପାରିବେ ।

■ ପୂଜା ସମୟରେ, ପ୍ରଥମେ ବଟ ଗଛ ମୂଳରେ ଜଳ ଅର୍ପଣ କରନ୍ତୁ । ବଟଗଛ ପାଖରେ ସାବିତ୍ରୀ ଏବଂ ସତ୍ୟବାନଙ୍କ ଏକ ଫଟୋ ମଧ୍ୟ ରଖନ୍ତୁ । ପୂଜା ସମୟରେ କୁଙ୍କୁମ, ସିନ୍ଦୁର, ଫଳ, ଫୁଲ, ନୈବେଦ୍ୟ ଇତ୍ୟାଦି ସମସ୍ତ ସାମଗ୍ରୀ ଅର୍ପଣ କରନ୍ତୁ । ବିବାହ ସାମଗ୍ରୀ ମଧ୍ୟ ପ୍ରଦାନ କରନ୍ତୁ । ସୂତା କିମ୍ବା କଳାମାଳି ବାନ୍ଧି ସାତ ଥର ବଟଗଛ ପରିକ୍ରମା କରନ୍ତୁ । ଗଛ ତଳେ ବସି ବଟ ସାବିତ୍ରୀ ବ୍ରତର କାହାଣୀ ଶୁଣନ୍ତୁ କିମ୍ବା ପଢ଼ନ୍ତୁ । ଆରତୀ ସହିତ ପୂଜା ଶେଷ କରନ୍ତୁ ।

■ ସଧବା ନାରୀମାନେ ଏହି ବ୍ରତ ଦିନ ପ୍ରାତଃରୁ ଉଠି ସ୍ନାନ ସାରି ବଟ ବୃକ୍ଷକୁ ପୂଜା କରି ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିଥାନ୍ତି। ଅଖଣ୍ଡ ସୌଭାଗ୍ୟବତୀ ଓ ପୁତ୍ରବତୀ ହେବାକୁ କାମନା କରି ରଖାଯାଉଥିବା ଏହି ବ୍ରତକୁ ଅଧିକାଂଶ ସଧବା ମହିଳା କରିଥାନ୍ତି । ଆଜି ମହିଳାମାନେ ଷୋହଳ ଶୃଙ୍ଗାର କରି ବିଧି ବିଧାନ ମୁତାବକ ପୂଜା, ଅର୍ଚ୍ଚନା ଓ ଆରତୀ କରିଥାନ୍ତି । ଏହି ସାବିତ୍ରୀ ବ୍ରତ ରୀତିନୀତି ଅନୁଯାୟୀ ପୂଜା କରି ଆପଣ ଅନେକ ଅସୁବିଧାରୁ ମୁକ୍ତି ପାଇପାରିବେ। ଏହି ଦିନ, ଉପବାସ ଏବଂ ଉପାସନା ସହିତ, ସମସ୍ତ ମହିଳା ସାବିତ୍ରୀ ବ୍ରତ କାହାଣୀ ପଢିବା ମଧ୍ୟ ଆବଶ୍ୟକ ।



# ମହିଳାଙ୍କ ଶୃଙ୍ଗାର ପାଇଁ ନିୟମ

*ଶୃଙ୍ଗାର ପ୍ରତ୍ୟେକ ମହିଳାଙ୍କୁ ପସନ୍ଦ। ହେଲେ ହିନ୍ଦୁ ଧର୍ମରେ ଶୃଙ୍ଗାରକୁ ନେଇ କିଛି ନିୟମ ଅଛି। କିଛି ସ୍ଥାନ ତଥା ପରିସ୍ଥିତି ଏଭଳି ଅଛି, ଯେଉଁଠି ମହିଳାଙ୍କୁ ଶୃଙ୍ଗାର କରିବା ମନା...*



■ ପରିବାରରେ କାହାରି ମୃତ୍ୟୁ ହୋଇଥିଲେ ମହିଳାଙ୍କୁ ଶୃଙ୍ଗାର କରିବା ମନା। ଏପରିକି ଏଭଳି ସ୍ଥିତିରେ ଶୃଙ୍ଗାର ମନୋବିଜ୍ଞାନ ଦୃଷ୍ଟିକୋଣରୁ ବି ଠିକ୍ ନୁହେଁ । ତେଣୁ ମହିଳାଙ୍କୁ ଏହା ଉପରେ ବିଶେଷ ଦୃଷ୍ଟି ଦେବା ଉଚିତ।

■ ତେବେ ଋତୁସ୍ରାବ ସମୟରେ ମହିଳାଙ୍କୁ ଶୃଙ୍ଗାର କରିବା ମନା। ଶୃଙ୍ଗାର କରିବାକୁ ବାରଣ କରାଯାଏ ।

■ ଏହାବାଦ୍ କୌଣସି ସ୍ଥାନକୁ ଶୋକ ବ୍ୟକ୍ତ କରିବାକୁ ଯାଉଥିଲେ, ଏଭଳି ସ୍ଥିତିରେ ଆବଶ୍ୟକତାଠୁ ଅଧିକ ଶୃଙ୍ଗାର କରିବା ଅନୁଚିତ। ଏପରି ସ୍ଥଳେ ମହିଳାଙ୍କ ଅଧିକ ସଜବାଜ ମର୍ଯ୍ୟାଦା ପାଇଁ ଅନୁକୂଳ ହୋଇ ନ ଥାଏ ।



# 'ସ୍ପିରିଟ୍'ର ନୂଆ ନାୟିକା ତୃପ୍ତି

ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଅପକମିଙ୍ଗ୍ ଫିଲ୍ମ 'ସ୍ପିରିଟ୍'ରେ ପ୍ରଭାସଙ୍କ ଅପୋଜିଟରେ ନଜର ଆସିବେ ତୃପ୍ତି ଡିମରୀ। ଫିଲ୍ମରୁ ଦୀପିକା ହଟିବା ପରେ ଏବେ ନିର୍ମାତା ଔପଚାରିକ ରୂପେ ତୃପ୍ତିଙ୍କ ନାଁ ଘୋଷଣା କରିଛନ୍ତି। ତୃପ୍ତି ମଧ୍ୟ ଇନଷ୍ଟାଗ୍ରାମରେ ଏ ବିଷୟରେ ସ୍ପଷ୍ଟ କରିଛନ୍ତି। ସେ ଲେଖିଛନ୍ତି 'ଏବେ ବି ବିଶ୍ୱାସ ହେଉନାହିଁ। ଏହି ଯାତ୍ରାରେ ମୋତେ ସାମିଲ କରିବା ପାଇଁ ମୁଁ କୃତଜ୍ଞ। ଧନ୍ୟବାଦ ସନ୍ଦୀପ ରେଡ୍ଡୀ ଭାଙ୍ଗା। ଆପଣଙ୍କ ଦୂରଦୃଷ୍ଟିର ଅଂଶ ହୋଇ ସମ୍ମାନିତ ଅନୁଭବ କରୁଛି।' ଏହା ପୂର୍ବରୁ 'ଆନିମଲ'ରେ ସନ୍ଦୀପଙ୍କ ସହ ତୃପ୍ତି କାମ କରିଥିଲେ। ଏହି ଫିଲ୍ମ ତାଙ୍କୁ ରାତାରାତି ଲୋକପ୍ରିୟ କରିଥିଲା। 'ଆନିମଲ' ପାଇଁ ତୃପ୍ତିଙ୍କୁ ନ୍ୟାସନାଲ୍ କ୍ରଶ୍ ଟ୍ୟାଗ୍ ମିଳିଥିଲା। 'ସ୍ପିରିଟ୍' ରେ ତୃପ୍ତି ପ୍ରଥମ ଥର ପ୍ରଭାସଙ୍କ ସହ ସ୍କ୍ରିନ୍ ସେୟାର କରିବେ। ଏବେ ଫିଲ୍ମର ପ୍ରାକ୍-ପ୍ରଯୋଜନା କାମ ଚାଲିଛି। ଖୁବଶୀଘ୍ର ସୁଟିଂ ଆରମ୍ଭ ହେବ। ରିପୋର୍ଟ ଅନୁଯାୟୀ ଫିଲ୍ମରେ କାମ କରିବା ପାଇଁ ଦୀପିକାଙ୍କ ଦାବିକୁ ନେଇ ନିର୍ମାତା ଖୁସି ନଥିଲେ। ମୋଟା ଅଙ୍କର ପାରିଶ୍ରମିକ, ସପ୍ତାହରେ ୫ ଦିନ ଆଠ ଘଣ୍ଟାର ଶିଫ୍ଟ ଏବଂ ଲାଭରେ ଭାଗ ଦାବି ଯୋଗୁ ଦୀପିକାଙ୍କୁ ଫିଲ୍ମରୁ ବାହାର କରାଗଲା।

# 'ୱାର୍ ୨'ରେ ଆସିଲା କିଆରାଙ୍କ ଫାଷ୍ଟଲୁକ୍



ହୃତିକ୍ ରୋସନ, ଜୁନିଅର ଏନ୍‌ଟିଆରଙ୍କ ଫିଲ୍ମ 'ୱାର୍ ୨'ର ଟିଜର ରିଲିଜ୍ ହୋଇଛି। ଟିଜରରେ ହୃତିକ୍ ଏବଂ ଜୁନିଅର ଏନ୍‌ଟିଆର ଜବରଦସ୍ତ ଆକ୍ସନ କରୁଥିବାର ଦେଖାଯାଉଛି କିନ୍ତୁ ସମସ୍ତ ହୃଦୟକୁ କିଆରା ଆଡଭାନୀ ଚୋରି କରିଛନ୍ତି। ଟିଜରରେ କିଆରାଙ୍କ ଏକ ଝଲକ ଦେଖିବାକୁ ମିଳିଛି ଏବଂ ତାଙ୍କର କେବଳ ଗୋଟିଏ ଝଲକ ସମସ୍ତଙ୍କ ନଜରକୁ ଟାଣିବା ପାଇଁ ଯଥେଷ୍ଟ । କିଆରାଙ୍କ ବିକିନି ଲୁକ୍ ଦେଖାଯାଇଛି। ସେ ପ୍ରଥମ ଥର ପାଇଁ ବିକିନି ସଟ୍ ଦେଇଛନ୍ତି। ଏହି ଫଟୋରେ କିଆରା ଏକ ନିଅନ୍ ରଙ୍ଗର ବିକିନି ପିନ୍ଧିଛନ୍ତି। କିଆରାଙ୍କ ଏହି ବୋଲ୍ଡ ଲୁକ୍ ?କୁ ଷ୍ଟାଇଲିଷ୍ଟ ଅନିତା ଶ୍ରଫ୍ ସଜାଇଛନ୍ତି। ସେ ପ୍ରଥମ ଥର ପାଇଁ କିଆରାଙ୍କୁ ଷ୍ଟାଇଲ୍ କରିଛନ୍ତି। କିଆରା କାହିଁକି ନିଅନ୍ ରଙ୍ଗର ବିକିନି ପିନ୍ଧିଥିଲେ ତାହା ଅନିତା ପ୍ରକାଶ କରିଛନ୍ତି। ଏହା ପଛରେ ସେ ବିଶେଷ କାରଣ କହିଛନ୍ତି। ଅନିତା କହିଛନ୍ତି – କିଆରାଙ୍କ ବିକିନିର ରଙ୍ଗ ସବୁଜ କିମ୍ବା ହଳଦିଆ ନୁହେଁ ବରଂ ନିଅନ୍ ଲାଇମ୍ ସବୁଜ ରଙ୍ଗର। ଏହା ଏଥିପାଇଁ କରାଯାଇଛି ଯେ ଲୋକଙ୍କ ଦୃଷ୍ଟି ତୁରନ୍ତ ତାଙ୍କ ଆଡ଼କୁ ଆକର୍ଷିତ ହେବ। ସେ କହିଛନ୍ତି ଯେ ବିକିନିକୁ ସରଳ ରଖିବା ସହିତ ଏଥିରେ ଏକ ମୋଡ଼ ଦିଆଯାଇଛି। ପ୍ରଥମ ଥର ପାଇଁ ବିକିନି ଚାର୍ମ ବ୍ୟବହାର କରାଯାଇଛି ଯାହା ବହୁତ ସୁନ୍ଦର ଦେଖାଯାଉଛି। ଏହି ଲୁକ୍ ପାଇଁ କିଆରା ବହୁତ କଠିନ ପରିଶ୍ରମ କରିଛନ୍ତି। ଆପଣ ତାଙ୍କର ଯେଉଁ ଆକର୍ଷଣୀୟ ଶରୀର ଦେଖୁଛନ୍ତି ଏହା ତାଙ୍କର କଠିନ ପରିଶ୍ରମର ଫଳ। କିଆରା ଆଡଭାନୀଙ୍କ ଫିଲ୍ମ 'ୱାର୍ ୨' ଅଗଷ୍ଟ ୧୪ ରେ ସିନେମା ହଲରେ ରିଲିଜ୍ ହେବାକୁ ଯାଉଛି। ଲୋକମାନେ ଏହି ଫିଲ୍ମ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି।

# ଗଣେଶ ପୂଜାରେ ମୁକ୍ତିଲାଭ କରିବ 'ଗଣ୍ଡ ଭୈରବ'

ରମେଶ ବାରିକଙ୍କ ପ୍ରଯୋଜିତ ତଥା ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ଗଣ୍ଡ ଭୈରବ' ଆଗାମୀ ଗଣେଶ ପୂଜା ଅବସରରେ ମୁକ୍ତିଲାଭ କରିବ ବୋଲି ଜଣାଯାଇଛି। 'ଗଣ୍ଡ ଭୈରବ'ର ଦ୍ୱିତୀୟ ପର୍ଯ୍ୟାୟ ସୁଟିଂ ସରିବା ପରେ ଏବେ ଏଡିଟିଂ କାମ ଚାଲିଛି। ଜଣାଶୁଣା ଏଡିଟର ରାଜେଶ ଦାସ ଏହାର ସଂପାଦନା ଦାୟିତ୍ୱ ବହନ କରିଛନ୍ତି। ଏହି ସିନେମାରେ ଦେବାଶିଷ, ଶିବାନୀ, ପୃଥ୍ୱୀରାଜ, ପୁଷ୍ପା ପଣ୍ଡା, ଅସିତ, ସୋମା ଭୌମିକ, କେକେ, ଶୁଭ୍ରାଂଶୁ, ଶଙ୍କର ବସୁମଲ୍ଲିକ ପ୍ରମୁଖ ଅଭିନୟ କରିଛନ୍ତି। ରୁଦ୍ରକାନ୍ତ ସିଂହ ଏହାର ସିନେମାଟୋଗ୍ରାଫର। ଶଙ୍କର ତ୍ରିପାଠୀଙ୍କ 'ଗଣ୍ଡ ଭୈରବ' ଉପନ୍ୟାସ ଆଧାରିତ ଏହି ସିନେମାର ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ଶଙ୍କର। ଜଣେ ଅବଢ଼ା ବୋଝିଆର ଜୀବନୀ ଉପରେ ଆଧାରିତ ଏହି ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି 'ଦମନ', 'ମାଲ୍ୟଗିରି' ଓ 'ପାବାର' ଫେମ୍ ଗୌରବ ଆନନ୍ଦ।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବୋଲଗଡ, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ଜନ ସାଧାରଣ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇଛି । ଏପରିକି ପ୍ରତି ଗ୍ରାମରେ ଗୋଟିଏ ଲେଖାଏଁ ପମ୍ପ ହାଉସ ସହ ପାଣି ଟାଙ୍କିର ବ୍ୟବସ୍ଥା କରାଯାଇ ପାନୀୟ ଜଳକୁ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ଯୋଗାଣ କରାଯାଇଛି । ତେବେ ବେଗୁନିଆ ବ୍ଲକ କଣ୍ଟାବାଡ ପଂଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଜଳ ଯୋଗାଣ ପ୍ରକଳ୍ପ ପରିସରଟି ଅନାବନା ଘାସରେ ପରିପୂର୍ଣ୍ଣ ହୋଇଥିବା ବେଳେ ଟାଙ୍କି ଉପର ଘୋଡଣି ନ ଥିବାର ଦେଖିବାକୁ ମିଳୁଛି । ଯାହା ଫଳରେ ପବନ ହେଲେ ଧୂଳି ଧୂସର, ସରୀସୃପ ପ୍ରାଣୀ ଓ ପକ୍ଷୀ ମାନେ ଭିତରେ ପଡ଼ିଯିବାର ଯଥେଷ୍ଟ ସମ୍ଭାବନା ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ସରକାର ଯେଉଁ ଉଦ୍ଦେଶ୍ୟ ନେଇ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରିଛନ୍ତି ପାଣି ଟାଙ୍କୀଟିର ରକ୍ଷଣା ବେକ୍ଷଣ ଅଭାବରୁ ଆଗାମୀ ଦିନରେ ଜନ ସାଧାରଣ ଭୟାବହ ମହାମାରୀ ରୋଗରେ ଆକ୍ରାନ୍ତ ହେବେ ବୋଲି ସଚେତନ ନାଗରିକ ମାନେ କହିଛନ୍ତି । ଏହି ସମସ୍ୟାଟିକୁ ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି । ଏଥିରେ ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରାଙ୍କୁ ପଚାରିବାର ଦୁଇଦିନ ମଧ୍ୟରେ ଜଳ ଯୋଗାଣ ପ୍ରକଳ୍ପ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସମସ୍ୟା ସମାଧାନ କରିବେ ବୋଲି କହିଛନ୍ତି ।



# ଠିକଣା ସମୟରେ ନିଲାମ ହେଉନି ବାଲିଘାଟ

## ବିଭିନ୍ନ ତହସିଲ ଅଞ୍ଚଳରେ ବାଲି ମାଫିଆ ସକ୍ରିୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଠିକଣା ସମୟରେ ନିଲାମ ହେଉନି ବାଲିଘାଟ, ଫଳରେ ସାଧାରଣ ଲୋକେ ଓ ଠିକାଦାର କାମ ନେଉଥିବା ବ୍ୟକ୍ତିବିଶେଷ ବେଶ ଚଢ଼ାଦରରେ ବାଲି କିଣିବାକୁ ବାଧ ହେଉଥିବା ଜଣାପଡିଛି । ସରକାର କିମ୍ବା ପ୍ରଶାସନର ଏହା ଉପରେ ନିୟନ୍ତ୍ରଣ ନ ଥିବାରୁ ଏହାକୁ ନେଇ ମନଇଚ୍ଛା ବେପାର ଚାଲିଥିବା ଆଲୋଚନା ହେଉଛି । ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଂଚଳରେ ଥିବା ବାଲିଘାଟ ନିଲାମ ପ୍ରକ୍ରିୟା ଠିକ ସମୟରେ ହେଉ ନ ଥିବାରୁ ବାଲିଚୋରି ବଢିବାରେ ଲାଗିଛି । ଅଭିଯୋଗ ହୁଏ ଯେ, କେନ୍ଦୁଝର ଜିଲ୍ଲାର ବିଭିନ୍ନ ତହସିଲ ଅଞ୍ଚଳରେ ବାଲି ମାଫିଆ ସକ୍ରିୟ ଥିବାବେଳେ ବେଆଇନ ଭାବେ ବାଲି ଉଠାଣ ଓ ଡମ୍ପିଂ ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ବ୍ୟାପିବାରେ ଲାଗିଛି । ଦୀର୍ଘବର୍ଷ ଧରି ବେଆଇନ ବାଲି ଉଠାଣ ଅବ୍ୟାହତ ରହିଥିବାବେଳେ କେତେବେଳେ କେଉଁ ଘାଟରୁ କିଏ ବାଲି ଉଠାଉଛି ତାହା ସାଧାରଣ ଲୋକେ ଜାଣି ପାରୁନାହାନ୍ତି । ବିଭିନ୍ନ ନଦୀ ପଠାରୁ ବାଲି ଉଠାଣ ଜାରୀ ରଖି ବାଲି ମାଫିଆମାନେ ମାଲାମାଲ ହେଉଥିବାବେଳେ ନଦୀରୁ ବାଲି ଉଠାଇ ବେପାର ଉଦ୍ଦେଶ୍ୟରେ ଏହାକୁ ବିଭିନ୍ନ ସ୍ଥାନରେ ଡମ୍ପିଂ କରାଯାଉଥିବା ଦେଖିବାକୁ ମିଳୁଛି । କେନ୍ଦୁଝର ସହରରେ ଏବେ ୧୨ଚକିଆ ଟ୍ରକରେ ବାଲି ୩୭ହଜାରରୁ ୪୦ହଜାର ଟଙ୍କା ଦରରେ ବିକ୍ରୀ ହେଉଛି । ସେହିପରି ଟ୍ରାକ୍ଟରରେ ଟ୍ରିପ ପିଛା ୪ହଜାରରୁ ୪ହଜାର ୨୦୦ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି । ରାସ୍ତା ଓ ନିର୍ମାଣ ବିଭାଗ ହେଉ ବା କେନ୍ଦୁଝରଗଡ ପୌରପାଳିକା ବା ବ୍ଲକରେ ବାଲି ଗୋଟିଏ ଟ୍ରାକ୍ଟର ପାଇଁ ଦର ୨୪୦୦ଟଙ୍କା ରହିଥିବାବେଳେ ଠିକାଦାର ମାନେ ଗୋଟିଏ ଟ୍ରିପରେ ପାଖାପାଖି ଦୁଇଗୁଣା ଦେଇ କିଣୁଥବବା ଜଣାପଡୁଛି । ସାଧାରଣ ଘରଖଣ୍ଡିଏ କରିବା ପାଇଁ ଲୋକେ ଏବେ ବାଲି ଦର ଶୁଣି ଘର ତିଆରି କରିବାର ଇଚ୍ଛାକୁ ସ୍ଥଗିତ ରଖିଛନ୍ତି । ଏପରି ବେଲଗାମ ଦର ପ୍ରାୟ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବାବେଳେ ଏଥିରେ ସୁଧାର ଆସିପାରୁ ନାହିଁ । ଅନ୍ୟପକ୍ଷରେ ଏବେ ବେଆଇନ ଡମ୍ପିଂରୁ କାଳବୈଶାଖୀ ପବନରେ ଏହା ଉଡି ଲୋକମାନଙ୍କ ଆଖି କାନରେ ପଶୁଥିବା ଅଭିଯୋଗ ହେଉଛି । ଏଥିସହ ଡମ୍ପିଂରୁ ବାଲି ଉଡି ବ୍ୟାପକ ପ୍ରଦୂଷଣ ସୃଷ୍ଟି କରୁଥିବା ସତ୍ତ୍ୱେ ବାଲି ମାଫିଆଙ୍କ ନାଲିଆଖି ଭୟରେ ସାଧାରଣ ଲୋକ ପ୍ରତିବାଦ ପାଇଁ ସାହାସ ଜୁଟାଇ ପାରୁନାହାନ୍ତି । ବୈତରଣୀର ବିଭିନ୍ନ ବାଲିଘାଟକୁ ସୀମିତ ସମୟ ପାଇଁ ଅସ୍ଥାୟୀ ପରମିଟ ଆଳରେ ବର୍ଷ ତମାମ ବାଲି ଲୁଟ ଚାଲୁଥିବା ଘଟଣା ନେଇ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ବାଲିମାଫିଆଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଥିବା ସାଧାରଣରେ ଅଭିଯୋଗ ହେଉଛି । ସେହିପରି ବିଭିନ୍ନ ବାଲିଘାଟର ଅସ୍ଥାୟୀ ଲିଜ୍ ଅବଧି ଶେଷ ପରେ ବାଲି ଉଠାଣ କରାଯାଉଥିବା ଦେଖିବାକୁ ମିଳୁଛି । ବହୁ ସ୍ଥାନରେ ବେଆଇନ ବାଲି ଗଦା ଓ ଏଥିଯୋଗୁଁ ସାଧାରଣ ଲୋକେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ତଦନ୍ତ ପାଇଁ ଦାବି ହୋଇଛି ।

# ସୟା ବୃଦ୍ଧାଶ୍ରମ ବିରୋଧରେ ଅଭିଯୋଗ ଆଣିଲେ ଅନ୍ତେବାସୀ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ବାଉଁଶବାଗ ଗ୍ରାମରେ ଥିବା ପତିତପାବନ ଟ୍ରଷ୍ଟ ପରିଚାଳିତ ବୃଦ୍ଧାଶ୍ରମ ବିରୋଧରେ ଅନ୍ତେବାସୀ ମହା ଅଭିଯୋଗ ଆଣିଛନ୍ତି । ଅନ୍ତେବାସୀମାନଙ୍କୁ ଟ୍ରଷ୍ଟର କର୍ମକର୍ତ୍ତା ଗୋରୁ ଚରାଇବାକୁ କହୁଥିବା ବେଳେ ସେମାନଙ୍କୁ ବାସି ଖାଦ୍ୟ ଦିଆଯାଉଥିବା ନେଇ ଅଭିଯୋଗ କରିଛନ୍ତି । ରବିବାର ପୂର୍ବାହ୍ନରେ ସ୍ଥାନୀୟ ସୈନିକ ସ୍କୁଲ ପରିସର ମଧ୍ୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଅନ୍ତେବାସୀ ନରହରି ଜେନା (୬୯), ପଦ୍ମନାଭ ସୂତାର (୬୪), ମୁକୁନ୍ଦଦେବ ନାୟକ (୬୭), ସେବତୀ ଜେନା (୬୨) ପ୍ରମୁଖ ଯୋଗ ଦେଇ କହିଥିଲେ ଯେ, ସେମାନେ କିଛିମାସ ପୂର୍ବରୁ ପତିତପାବନ ବୃଦ୍ଧାଶ୍ରମରେ ରହୁଥିଲେ । ସେମାନେ କିଛିମାସ ରହିବା ପରେ ସେମାନଙ୍କୁ ଗୋରୁ ଚରାଇବା ପାଇଁ କୁହାଯାଇଥିଲା । ଗୋରୁ ଚରାଇଲେ ଦିନକୁ ୪୦୦ଟଙ୍କା ଲେଖାଏଁ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ଅନ୍ତେବାସୀ ନରହରି ୧ମାସ ୧୦ଦିନ ଗୋରୁ ଚରାଇବା ପରେ ତାଙ୍କୁ ମାତ୍ର ୨୫୦୦ଟଙ୍କା ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିଲା । ସେ ଏହାର ପ୍ରତିବାଦ କରିଥିଲେ । ଟ୍ରଷ୍ଟ କର୍ତ୍ତୃପକ୍ଷ ତାଙ୍କୁ ବୃଦ୍ଧାଶ୍ରମରୁ ବାହାର କରିଦେବାକୁ ଧମକ ଦେଇଥିଲେ । ଅନ୍ତେବାସୀ ସେବତୀଙ୍କୁ ଟ୍ରଷ୍ଟ କର୍ମକର୍ତ୍ତାମାନେ ଶାଗ ଆଣିବାକୁ ବିଲକୁ ପଠାଇଥିଲେ । ପ୍ରତିଦିନ ଅନ୍ତେବାସୀଙ୍କୁ ରାତି ୧୦ ରୁ ୧୧ଟା ମଧ୍ୟରେ ଖାଇବାକୁ ଦିଆଯାଇଥାଏ । ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟ ମଧ୍ୟ ବୃଦ୍ଧ ବୃଦ୍ଧାଙ୍କ ପାଇଁ ରୁଚିକର ନୁହେଁ । ଏପରିକି ଅନ୍ତେବାସୀମାନଙ୍କୁ ବାସି ଖାଦ୍ୟ ଦିଆଯାଉଥିଲା । ଅନ୍ତେବାସୀଙ୍କ ରହୁଥିବା ଆଶ୍ରମର ପାଇଖାନା ସଫା କରାଯାଉ ନଥିବାରୁ ପରିବେଶ ଦୂଷିତ ହୋଇଥାଏ । ଯେଉଁଥିପାଇଁ ଅନ୍ତେବାସୀ ରହିବା କଷ୍ଟକର ହୋଇ ପଡୁଥିଲା । କୌଣସି ସାମାଜିକ ସଂଗଠନ କିମ୍ବା ବଦାନ୍ୟ ବ୍ୟକ୍ତି ଅନ୍ତେବାସୀଙ୍କ ପାଇଁ ଦେଉଥିବା ଫଳ ଓ ବିସ୍କୁଟ ସହିତ ଅନ୍ୟାନ୍ୟ ସାମଗ୍ରୀକୁ ସେମାନଙ୍କ ଠାରୁ ଆଶ୍ରମର କର୍ମକର୍ତ୍ତା ନେଇ ଯାଉଥିଲେ । ଏପରି ମାନସିକତାର ଲୋକ କିପରି ବୃଦ୍ଧାଶ୍ରମର ଦାୟିତ୍ୱ ବହନ କରିବ ତାହା ଅନ୍ତେବାସୀ ପ୍ରଶ୍ନ ଉଠାଇଥିଲେ । ଏହିସବୁ ଅନିୟମିତତା ସମ୍ପର୍କରେ ଅନ୍ତେବାସୀ ପ୍ରଶ୍ନ ଉଠାଇବାରୁ ସେମାନଙ୍କୁ ଆଶ୍ରମରୁ ତଡ଼ି ଦିଆଯାଇଥିଲା । ବାହାର କରି ଦିଆଯାଇଥିବା ଅନ୍ତେବାସୀ ମାନେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଟ୍ରଷ୍ଟ ପରିଚାଳକ ଦୀପକ କୁମାର ବଳଙ୍କୁ ପଚାରିବାରୁ ଅନ୍ତେବାସୀମାନଙ୍କର ଅଭିଯୋଗର କୌଣସି ସତ୍ୟତା ନାହିଁ । ସେମାନଙ୍କୁ ଖାଇବା, ରହିବାରେ ସୁବନ୍ଦୋବସ୍ତ କରାଯାଉଥିଲା । ସେମାନେ ନିଜ ନିଜ ଇଚ୍ଛାରେ ଆଶ୍ରମ ଛାଡ଼ିଛନ୍ତି । ତଦନ୍ତ ପାଇଁ ସେ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ।

# ଏଲ୍‌ଡିଏମ୍ ଦ୍ୱାରା ବିଏଲ୍‌ବିସି ମିଟିଂ ଅନୁଷ୍ଠିତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଶୁକ୍ରବାର ଏଲଡିଏମ ଦ୍ୱାରା ପକ୍ଷରୁ ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ ଘଟିକା ସମୟରେ ବିଏଲବିସି ମିଟିଂ ଅନୁଷ୍ଠିତ ହୋଇଯାଇଛି । ଏହି ବିଏଲବିସି ମିଟିଂରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ କେମିତି ଅଧିକରୁ ଅଧିକ ଦିଆଯିବା ବାବଦରେ ବ୍ୟାଙ୍କ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । କାରଣ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣରେ ସୁଧ ଛାଡ଼ ଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଉପକୃତ ହେବା ସହ ସେଥିରୁ କୌଣସି ଗୋଷ୍ଠୀ ବାଦ ନ ଯାଏ, ସେଥିପ୍ରତି ଦୃଷ୍ଟି ଦେବାପାଇଁ ବ୍ୟାଙ୍କଗୁଡିକୁ ପରାମର୍ଶ ଦିଆଯାଇଥିଲା । ଏମପିଆଇରେ ଯେମିତି ସ୍ୱୟଂ ସହାୟକ ଗୋଷ୍ଠୀମାନେ ଶୋଷଣ ନ ହେବା, ସେଥିପାଇଁ ଯତ୍ନବାନ ହେବା । ପିଏମଏସବିୱାଇ ଓ ପିଏମଜେଜେବିୱାଇ ସ୍କିମରେ ବୀମା ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କର କରାଇବା ପାଇଁ ଉତ୍ସାହିତ କରାଇବା, ପିଏମଇଜିପି ଓ ପିଏମଏଫଇଜିପି ସ୍କିମରେ ଏସଏଚଜି ମହିଳା ମାନଙ୍କୁ ବ୍ୟକ୍ତିଗତ ସରକାରଙ୍କ ସବସିଡି ଋଣ କରାଇବା, ତତସହିତ ଏସଏଚଜି ମହିଳା ମାନଙ୍କୁ ଉଦ୍ୟୋଗୀ କରାଇବା, ଏମ ଏସଏମଇ ବିଭାଗର ଏଆଇଓ ଏବଂ ଭେଟେରିନାରୀ ବିଭାଗର ବିଭିଓଙ୍କୁ ଏସଏଚଜି ମାନଙ୍କୁ ସହଯୋଗ କରିବା ପାଇଁ ମିଟିଙ୍ଗରେ ପରାମର୍ଶ ଦିଆ ଯାଇଥିଲାଓଏଲଡିଏମ ମୋତି କୁମାର ସାହା, ନାବାର୍ଡର ଡିଜିଏମ ତାପସ ପ୍ରଧାନ, ବ୍ଲକ ମିଶନ ଶକ୍ତି କୋର୍ଡିନେଟର (ଏମଏସ) ସନ୍ତୋଷ କୁମାର ପାତ୍ର, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ମ୍ୟାନେଜର ନିରଞ୍ଜନ ନାୟକ ପ୍ରମୁଖ ସମସ୍ତ ବିଷୟ ଅବଗତ କରିଥିବା ବେଳେ ଜଳେଶ୍ୱରର ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ, ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଆଇପିଓ, ୩୫ ଟି ଗ୍ରାମ ପଞ୍ଚାୟତର ଏମ୍‌ବିକେ, ବ୍ୟାଙ୍କ ମିତ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ହାଇୱା-ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

ଲହୁଣୀପଡା, (ଭାସ୍କର ନ୍ୟୁଜ୍): ଲହୁଣିପଡା ବ୍ଲକ ମହୁଲପଦା ଥାନା ଫୁଲଝରେ ପଞ୍ଚାୟର ଭଗବାନ ସାହି ନିକଟରେ ହାଇୱା ଧକ୍କା ଦେବା ଫଳରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତକ ଜଣକ ବଡଜଳ ଗ୍ରାମର ସିଙ୍ଗରାୟ ମୁଣ୍ଡତାରି (୩୪) ବୋଲି ଜଣାପଡ଼ିଛି । ସୂଚନା ମୁତାବକ ନୂଆଡିହ ଛକ ପଟରୁ ଫୁଲଝର ପଟେ ଯାଉଥିବା ହାଇୱା ଓ ବିପରୀତ ଦିଗରୁ ଅର୍ଥାତ ଫୁଲଝର ପଟୁ ନିଜ ଗ୍ରାମ ବଡଜଳକୁ ଆସୁଥିବା ବାଇକରେ ସିଙ୍ଗରାୟ ମୁଣ୍ଡାରିଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କାଦେବାରୁ ବାଇକରୁ ଛିଟିକି ପଡି ଘଟଣା ସ୍ଥଳରେ ବାଇକ ଚାଳକ ସିଙ୍ଗରାୟ ମୁଣ୍ଡତାରିଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ମହୁଲପଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଶବକୁ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରି ଦୁଇ ଗାଡିକୁ ଜବତ କରି ହାଇୱାଚାଳକ କୀର୍ତ୍ତନ ଦେହୁରୀକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି । ମୃତକ ସିଙ୍ଗରାୟ ମୁଣ୍ଡତାରି ମଧ ପେଶାରେ ଜଣେ ଚାଳକ ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଆସନ୍ତା କାଲି ହାଇୱା ଚାଳକୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

# ଜଗନ୍ନାଥ ମହାପ୍ରଭୁଙ୍କର କୋଟିଏ ଟଙ୍କାର ଭୂ-ସମ୍ପତ୍ତି ଜବରଦଖଲକାରୀଙ୍କ କବ୍‌ଜାରେ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅରିଷଣ୍ଡ ମୌଜାରେ ଥିବା ସରକାରୀ ଜମି ଓ ଜଗନ୍ନାଥ ମହାପ୍ରଭୁଙ୍କର ବହୁ ଭୂସଂପତିକୁ ଜବର ଦଖଲକାରୀମାନେ ଜୋର ଜବରଦସ୍ତ ଦଖଲ କରିବା ସହ ନାଲି ଆଖି ଦେଖାଇ କେତେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ କରିବାରୁ ମିଥ୍ୟା କେସ୍‌ରେ ଫସାଇ ଦେବା ପାଇଁ ଯୋଜନା କରି ମହାପ୍ରଭୁଙ୍କ ଜମିକୁ ହଡ଼ପ କରିବା ପାଇଁ ରୀତିମତ ଚକ୍ରାନ୍ତ ଚଳାଇଛନ୍ତି । ଅନେକ ବ୍ୟକ୍ତିଙ୍କର ଘରବାରୀ ଜାଗା ଥାଇ ମଧ୍ୟ ସେଠାରେ ଘର ନକରି ସରକାରଙ୍କର ନିଜି ଦଖଲ ଜମିରେ ଜବରଦସ୍ତ କୋଠାଘର ନିର୍ମାଣ କରି ଚାଲିଛନ୍ତି । ଯାହାକୁ ନେଇ ବେଳକୁ ବେଳ ଜବର ଦଖଲକାରୀଙ୍କର ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ବେଳେ ପାଟପୁର ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ ନ କରି ନିଜ କାର୍ଯ୍ୟାଳୟରେ ବସି ରହୁଥିବା ବେଳେ ଏହି ପୁରାତନ ରେକର୍ଡ଼ ସମ୍ବନ୍ଧରେ କିଛି ଜାଣିନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କେବେ ବି ରାଜସ୍ୱ ନିରୀକ୍ଷକ ଜମି ଜବର ଦଖଲକାରୀଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଇ ନଥିବା ଖବର ବିଶେଷ ସୂତ୍ରରୁ ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଅରିଷଣ୍ଡ ମୌଜାରେ ସରକାରୀ ଜମି ଓ ଜଗନ୍ନାଥ ମହାପ୍ରଭୁଙ୍କର ବ୍ୟାପକ ଭୂ-ସମ୍ପତ୍ତି ରହିଥିବା ବେଳେ କେତେଜଣ ବ୍ୟକ୍ତି ଏହାକୁ ବେଆଇନ ଭାବେ ଜବର ଦଖଲ କରି ରଖିଛନ୍ତି । ଅନେକ ବ୍ୟକ୍ତିଙ୍କର ବ୍ୟାପକ ସମ୍ପତ୍ତି ଥିଲେ ମଧ ଜଗନ୍ନାଥ ମହାପ୍ରଭୁଙ୍କର ସଂପତିକୁ ଜବର ଦଖଲ କରି ଭୋଗ ଦଖଲ କରିବା ସହ କୋଠାଘର ନିର୍ମାଣ କରି ରହିଛନ୍ତି । ପୂର୍ବତନ ସରପଞ୍ଚ ବେଦବସ୍ତ ତୋଟାକୁ ମାପ କରିବା ପାଇଁ ତହସିଲଦାରଙ୍କୁ ଆବେଦନ କରିଥିଲେ ମଧ ଦୀର୍ଘ ୩ ବର୍ଷ ବିତି ଯାଇଥିଲେ ମଧ ମାପଚୁପ ହୋଇପାରି ନାହିଁ । ଯାହାଦ୍ୱାରା ଅନେକ ବ୍ୟକ୍ତି ବେଆଇନ ଭାବେ ନିଜି ଦଖଲ ଜାଗାକୁ ଦଖଲ କରୁଛନ୍ତି । ଆଉ ଅନେକ ବ୍ୟକ୍ତି ବାଲିତୋଟା (ତାଳ ବଣିଆ) ଜାଗାକୁ ଜବର ଦଖଲ କରି ସେହି ପ୍ଲଟ୍‌ରେ ଥିବା ମୂଲ୍ୟବାନ ଆକାଶି, ଝାଉଁ, ପଟାସ, ପଣସ, ବାଉଁଶ ଆଦି ଗଛକୁ ବିକ୍ରି କରୁଛନ୍ତି । ଦୀର୍ଘଦିନ ହେବ ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଏପରିକି, ଅରିଷଣ୍ଡ ମୌଜାରେ ଥିବା ଜଳାଶୟକୁ ପୋତା ଯାଇଅଛି । ଏପରି ହେବା ଦ୍ୱାରା ପ୍ରଶାସନ ଆଖିରେ ଦିନ ଦ୍ୱିପ୍ରହରରେ ଲଣ୍ଠନ ଦେଖାଇ ଜବର ଦଖଲକାରୀମାନେ ଜବର ଦଖଲ କରି ଚାଲିଛନ୍ତି । ଦୀର୍ଘବର୍ଷ ହେବ ଶୁଣିବାକୁ ମିଳିଛି ଜବର ଦଖଲ ଉଚ୍ଛେଦ ହେବ । ମାତ୍ର ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହିଁ ।

# ସରକାରୀ ସହାୟତା ଅପେକ୍ଷାରେ ଅସହାୟ ସୌମ୍ୟ



ଆଳି, (ଭାସ୍କର ନ୍ୟୁଜ୍): ଜନ୍ମରୁ ଅଜଣା ରୋଗ ମାଡି ବସିବା ଫଳରେ ହାତ ଗୋଡ଼ ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି । ବସେଇ ଦେଲେ ନାଁ ବସିପାରୁଛି, ନାଁ ସେ ନିଜେ ଖାଇପାରୁଛି । ଆଜିପର୍ଯ୍ୟନ୍ତ କଅଁଳ ପିଲା ପରି ମା କୋଳରେ ଲାଳନପାଳନ ହେଉଛି । ଯେଉଁ ବୟସରେ ସ୍କୁଲ ଯାଇ ପାଠ ପଢିଥାନ୍ତା ସାଙ୍ଗସାଥି ମେଳରେ ହସ ଖୁସିରେ ଦିନ କାଟିଥାନ୍ତା କିନ୍ତୁ ସେହି ବୟସରୁ ସମସ୍ତଙ୍କ ମୁହଁ ଚାହିଁବା ଛଡା ଅନ୍ୟ ଗତି ନାହିଁ । ଏହାର ଏକ କରୁଣ କାହାଣୀ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ବାଟିପଡ଼ା ପଞ୍ଚାୟତ ବାଟିପଡ଼ା ଗାଁର ରୁକ୍ମଣୀ ସାହୁଙ୍କ ପୁଅ ସୌମ୍ୟର କଥା । ରୁକ୍ମଣୀ ସାହୁଙ୍କ ପୁଅ ସୋମ୍ୟ ରଞ୍ଜନ ସାହୁ (୧୮)ଜନ୍ମରୁ ଅଜଣା ରୋଗରେ ପୀଡିତ ନାଁ ସେ କହି ପାରୁଛି ନାଁ ସେ କିଛି କରିପାରୁଛି । ପୁଅ ଜନ୍ମରୁ ବାପା ମା ତାକୁ ସବୁ ମେଡିକାଲରେ ଦେଖାଇବା ସହିତ ଓଡିଶା ବାହାରେ ଚିକିତ୍ସା କରାଇଥିଲେ ମଧ କିଛି ଫଳପ୍ରଦ ହେଲାନାହିଁ । ସୌମ୍ୟର ଅଧିକ ଚିକିତ୍ସାର ଆବଶ୍ୟକ ଥିଲେ ମଧ ଅର୍ଥ ବାଧକ ସାଜିବାରୁ ସେତିକିରେ ରହିଛି । ମା ରୁକ୍ମଣୀ ଆଖି ଛଳଛଳ କୋହଭରା କଣ୍ଠରେ କୁହନ୍ତି ତା ବାପା ଯାହା ରୋଜଗାର କରନ୍ତି ସେଥିରେ ଚାଲିବା କଷ୍ଟ କଉଠୁ ପଇସା ଆଣି ତାର ଚିକିତ୍ସା କରିବି । ଏମିତି ପୁଅ ଦେହ ଖରାପ ହେଲେ ଠିକି ସମୟରେ ତାକୁ ଔଷଧ ଦେଇପାରୁନାହିଁ । ସୌମ୍ୟର ଆଧାର କାର୍ଡ ନଥିବାରୁ କୌଣସି ସରକାରୀ ସହାୟତା ମିଳୁନାହିଁ । କେବଳ ପୂର୍ବରୁ ଭତ୍ତା ୧୨୦୦ ଟଙ୍କା ଆଜିଯାଏଁ ପାଇଆସୁଛି । ୧୦୦ ପ୍ରତିଶତର ଭିନ୍ନକ୍ଷମ ପ୍ରମାଣପତ୍ର ରହିଛି । କିନ୍ତୁ ଭତ୍ତା ସରକାର ୩୫୦୦ଟଙ୍କା ଘୋଷଣା କରିଥିଲେ ମଧ ତାର ଆଧାର କାର୍ଡ ହୋଇ ନପାରିବାରିବାରୁ ଡିଜିଟାଲ ପ୍ରମାଣ ପତ୍ର ନ ଥାଇ ସେଥିରୁ ମଧ ବଂଚିତ ସୌମ୍ୟ । ଏହାଛଡା ରାସନ କାର୍ଡ, ସ୍ୱାସ୍ଥ୍ୟ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଭଳି ସରକାରୀ ଯୋଜନାରେ ଏପର୍ଯ୍ୟନ୍ତ ସୌମ୍ୟ ସାମିଲ ହୋଇପାରିନି । ସୌମ୍ୟଙ୍କ ବାପା ସୁଦୂର ଝାଡ଼ଖଣ୍ଡ ରାଞ୍ଚିରେ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟରତ । କେତେବେଳେ କେମିତି ବାପା ଘରକୁ ଆସିଥାନ୍ତି କିଛି ଟଙ୍କା ଦେଇ ସେ ଚାଲିଯାନ୍ତି । ଏପଟେ ମା ରୁକ୍ମଣୀ ସୌମ୍ୟର ସେବା କରୁକରୁ ସେ ମଧ ପାରାଲିସିସ ରୋଗରେ ଆକ୍ରାନ୍ତ । ପୁଅର ଚିକିତ୍ସା ପାଇଁ ପଇସା ନଥିବା ବେଳେ ନିଜର ଚିକିତ୍ସା କରିବି କେମିତି କୁହନ୍ତି ରୁକ୍ମଣୀ । ତାଙ୍କର ଗୋଟେପଟ ଅଙ୍ଗ ଚଳୁନାହିଁ । ତେଣୁ ସେ କୁହନ୍ତି ଏମିତି ପୁଅର ସେବା କରୁ ମା ପୁଅ କେଉଁଦିନ ଆଉ ପାରିକୁ ଚାଲିଯିବୁ । ଏପଟେ ସରକାରୀ ଯୋଜନା ଗୁଡିକ କେଉଁଠାରେ ଆବେଦନ କରିବେ ତାହା ଜଣାନାହିଁ । ଏଭଳି ଅବସ୍ଥାରେ ସୋମ୍ୟ ରହିଥିବା ବେଳେ କାହିଁକି ସରକାରୀ ସହାୟତା ପହଁଚି ପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ହେଉଛି । ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ, ସାଂସଦ, ବିଧାୟକ ତଥା ସରପଞ୍ଚ ଏ ଦିଗରେ ଧ୍ୟାନ ଦେଇ ତୁରନ୍ତ ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଓ ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେବା ପାଇଁ ମା ରୁକ୍ମଣୀ ଆକୁଳ ନିବେଦନ କରିଛନ୍ତି । ଏନେଇ ସେ ପଟ୍ଟାମୁଣ୍ଡାଇରେ ହେଉଥିବା ଜିଲ୍ଲା ପାଳଙ୍କ ଜଣଶୁଣାଣିରେ ପୁଅକୁ ନେଇ ଭେଟିବା ପରେ ଜିଲ୍ଲାପାଳ ତାଙ୍କୁ ଆଳିରେ ବିଡ଼ିଓଙ୍କୁ ଦେଖା କରିବାକୁ କହିଥିଲେ । ସେ ଆସି ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠିଙ୍କୁ ଭେଟି ତାଙ୍କ ଦୁଃଖ ବିଷୟରେ ଜଣାଇ ଥିବା କୁହନ୍ତି ରୁକ୍ମଣୀ । ତାଙ୍କୁ ଶୀଘ୍ର ସରକାରୀ ସହାୟତା ମିଳିବ ବୋଲି ବିଡ଼ିଓ କହିଛନ୍ତି ।

# ଓରମାସ୍‌ର ଗାଁ ଆମ୍ବ ପସରା ମେଳା

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍ ନିକଟ ଓର୍‌ମାସ୍ ପକ୍ଷରୁ ଗାଁ ଆମ୍ବ ପସରା ମେଳା ଓ ଆଚାର ଆଦି ୨୫ ତାରିଖ ଠାରୁ ୩୦ ତାରିଖ ୬ଦିନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆମ୍ବ ପ୍ରଦର୍ଶନୀ ସହିତ ବିକ୍ରୀ କରାଯିବ । ଢେଙ୍କାନାଳ ଜିଲ୍ଲାର ଦୁଇଟି ଏପିଓ ଯଥା ହିନ୍ଦୋଳ ୫୪୫ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅରଖପାଳ ୩୧୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଭଲ କ୍ୱାଲିଟିର ଆମ୍ବ ଏଠାରେ ପ୍ରଦର୍ଶନ ସହିତ ବିକ୍ରୀ ମଧ କରାଯାଉଛି ।

# ଦୁର୍ଘଟଣାଗ୍ରସ୍ତ ଶଯ୍ୟାଶାୟୀ ସ୍ୱାମୀର ସେବାରେ ଏ ଯୁଗର ସାବିତ୍ରୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଆଜି ପବିତ୍ର ସାବିତ୍ରୀ ବ୍ରତ । ସବୁ ସ୍ତ୍ରୀ'ମାନେ ତାଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଓଷା କରୁଛନ୍ତି । ହେଲେ ଏମିତି ଜଣେ ସ୍ତ୍ରୀ ଅଛନ୍ତି ଯିଏ ସ୍ୱାମୀ ପାଇଁ ଦୀର୍ଘ ଦିନ ହେଲା ତପସ୍ୟା କରୁଛନ୍ତି କହିଲେ ଚଳେ । ଦୀର୍ଘଦିନ ହେବ ଅଚାନକ ଗାଡିରୁ ପଡ଼ି ଦୁର୍ଘଟଣା ହେତୁ ବିଛଣାରେ କଟୁଛି ତାଙ୍କ ସ୍ୱାମୀଙ୍କ ଜୀବନ । ସେ ହାରିଯାଇନାହାନ୍ତି, ଭଗବାନଙ୍କ ଉପରେ ଭରସା ରଖି କାର୍ଯ୍ୟ କରୁଛନ୍ତି । ଆଶା ରଖିଛନ୍ତି ସ୍ୱାମୀ ଭଲ ହୋଇଯିବେ । ସ୍ୱାମୀଙ୍କୁ ଭଲ କରିବାକୁ ଆପ୍ରାଣ ଉଦ୍ୟମ ଜାରୀ ରଖିଛନ୍ତି । ଆଉ ଆଜି ସାବିତ୍ରୀରେ ସବୁ ସାବିତ୍ରୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ବିଜିପୁର ଗ୍ରାମର ଦିବ୍ୟାଙ୍ଗ ପ୍ରମୋଦ ସାହୁ ଓ ପତ୍ନୀ ରମା ସାହୁ । ହସ ଖୁସିରେ ଚଳୁଥିଲେ । କିନ୍ତୁ ଦୈବ ଦାଉ ସାଜିଲା ଭଳି ନିତିଦିନ ଭଳି ନିଜ ରୋଜଗାର ପନ୍ଥା ବାନ୍ଧିଥିବା ପ୍ରମୋଦ ଚାଉଳ ସଂଗ୍ରହ କରି ଯାଉଥିବା ବେଳେ ଗାଡି ରୁ ପଡ଼ିଥିଲେ, ଯାହା ଫଳରେ କ୍ରମଶଃ ଦିବ୍ୟାଙ୍ଗ ହୋଇଗଲେ । ବର୍ତମାନ ପାରାଲିସିସ ରୋଗରେ ଆକ୍ରାନ୍ତ ହୋଇ ତାଙ୍କ ସ୍ୱାମୀ ପ୍ରମୋଦ ଦୀର୍ଘ ଦିନ ହେବ ବିଛଣାରେ ପଡିରହିଛନ୍ତି । ଖାଇବା ଠାରୁ ଶୋଇବା ପର୍ଯ୍ୟନ୍ତ ନିତ୍ୟକର୍ମ ସବୁ ସ୍ତ୍ରୀ କରିଥାନ୍ତି । ହେଲେ ଦୁର୍ଘଟଣା ରେ ଦିବ୍ୟାଙ୍ଗ ହେବା ପରେ ଘର ଚଳିବା କଷ୍ଟକର । ବନ୍ଧୁ ପରିଜନ ସ୍ୱଳ୍ପ ସାହାଯ୍ୟରେ ପରିବାର କଷ୍ଟରେ ଚଳୁଚି । ମନରେ ଯେତେ ଦୁଃଖ ଥିଲେ ବି ସେ କାହାକୁ କୁହନ୍ତି ନାହିଁ । ନିଜ କର୍ତ୍ତବ୍ୟକୁ ସେ ଠିକଠିକ କରନ୍ତି । ଏଭଳି ମହିଳା ସମାଜ ପାଇଁ ପ୍ରଶଂସା ବୋଲି କୁହନ୍ତି ସ୍ଥାନୀୟ ଲୋକ । କିନ୍ତୁ ସରକାରଙ୍କ ତରଫରୁ କୌଣସି ଦିବ୍ୟାଙ୍ଗ ସହାୟତା ମିଳୁ ନଥିବାରୁ ଚଳିବା କଷ୍ଟକର । ରମାଙ୍କର ସ୍ୱାମୀ ପ୍ରତି ଥିବା ନିଷ୍ଠା ଓ ଭଲପାଇବା ଦେଖି ସମସ୍ତେ ପ୍ରଶଂସା କରୁଥିବା ବେଳେ କେହି କେହି କହୁଛନ୍ତି ସେ ଯେତିକି ତାଙ୍କ ସ୍ୱାମୀ ପାଇଁ କରୁଛନ୍ତି ଆମେ କରିପାରିବୁ ନାହିଁ । ତାଙ୍କ ସ୍ୱାମି ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ, ପୁଣି ତାଙ୍କ ହସଖୁସିର ସଂସାର ଫେରିଆସୁ । ସେ ଆମ ନାରୀ ଜାତିପାଇଁ ଉଦାହରଣ ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା:ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି



ମୁରିବାହାଲ/ବଙ୍ଗୋମୁଣ୍ଡା, (ଭାସ୍କର ନ୍ୟୁଜ୍): ଦିନକୁଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡୁଥିବା ବେଳେ ଲୋକଙ୍କ ସ୍ୱାର୍ଥ ପାଇଁ ଦିନ ରାତି କାମ କରୁଥିବା ସାମ୍ବାଦିକ ଟିଏ ସୁରକ୍ଷିତ ମଣୁ ନାହିଁ । ଖବର ସଂଗ୍ରହ ସମୟରେ ଆକ୍ରୋଶ ମୂଳକ ଭାବେ ଆକ୍ରମଣର ଶିକାର ହେଉଅଛି । ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ କୁଲଥିପାଲି ଗାଁରେ ବଡଖବରର ବଲାଙ୍ଗିର ଜିଲ୍ଲା ପ୍ରତିନିଧ ବିଜୟ ପ୍ରଧାନ ଦୁର୍ନୀତିର ଖବର ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ସେଠାରେ ଠିକାଦାର ଗଜେନ୍ଦ୍ର ଦଲାଇ ଓ ତା'ର ଗୁଣ୍ଡାମାନେ ଆକ୍ରମଣ କରି ମାଡ଼ମାରି ଲହୁଲୁହାଣ କରିଥିଲେ । ଏହି ଘଟଣା କୁ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ଦୃଢ ନିନ୍ଦା କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । ଏ ନେଇ ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ବଙ୍ଗୋମୁଣ୍ଡା ଥାନାଅଧିକାରୀ ସଞ୍ଜୀବ ପ୍ରଧାନଙ୍କ ଜରିଆରେ ପ୍ରଦାନ କରିଥିଲେ । ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ସାମ୍ବାଦିକମାନେ ନିଜ ସୁରକ୍ଷା ପାଇଁ ରାଜାରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି । ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲ, ସମ୍ପାଦକ ହୁଲେଶ୍ୱର ହଂସ, କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, କୋଷାଧ୍ୟକ୍ଷ ଦୀପକ ଯାଦବ, ସଦସ୍ୟ ନାରାୟଣ ମିଶ୍ର, ରାଧେଶ୍ୟାମ ମେହେର, ସୁଶାନ୍ତ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଯୁବ ଗାଳ୍ପିକ ସମାବେଶରେ କୈଳାସ ବେହେରା ସମ୍ମାନିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ଯୁବ ଗାଳ୍ପିକ ସମାବେଶରେ କାନ୍ତ ମାଟିର ପରିଚିତ ଯୁବ ଗାଳ୍ପିକ ସମ୍ବାଦ ସାହିତ୍ୟ ଘର ତିହିଡି ଶାଖାର ସମ୍ପାଦକ କୈଳାସ ବେହେରା ଏହି ସମ୍ମିଳନୀରେ ମଞ୍ଚାସୀନ ରହିବା ସହ ଏକାଡେମୀ ପକ୍ଷରୁ ସମ୍ମାନିତ ହୋଇଥିଲେ । ତାଙ୍କର ଅନେକ ଗଳ୍ପ ଓଡିଶାର ବିଭିନ୍ନ ପ୍ରମୁଖ ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି । ଉଭୟ ସାହିତ୍ୟ ଓ ସମାଜସେବାରେ ସେ ରୁଚି ରଖିଛନ୍ତି । ୨୦୧୬ ମସିହାରେ 'କାଦମ୍ବିନୀ' ଯୁବ ଗାଳ୍ପିକ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ, ବିଶିଷ୍ଟ ଗାଳ୍ପିକ ଡ. ଅରବିନ୍ଦ ରାୟ, ସାହିତ୍ୟିକା ଡ. ହୀରାନ୍ମୟୀ ମିଶ୍ର, ନାଟ୍ୟକାର ଶରତ ଆଚାର୍ଯ୍ୟ, ଗାଳ୍ପିକ ଅମରେଶ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ଉଦଘାଟନ କରିବାସହ ଯୁବ କଥାକାର ମାନଙ୍କୁ ପ୍ରେରଣା ଭରା ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେବା ସହ ଗଳ୍ପର ସଂଜ୍ଞାକୁ କିପରି କଥାକାର ମାନେ ପ୍ରାଧାନ୍ୟ ଦେଇପାରିଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବ ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ ଅଧିବେସନକୁ ସଂଚାଳନ କରିଥିଲେ । ଯୁବ ଗାଳ୍ପିକ ବେଦ ପ୍ରକାଶ ନାୟକ, କବି ଅବିନାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାବେଶ ରେ ସାରା ରାଜ୍ୟରୁ ଅନେକ ଗାଳ୍ପିକ ଓ ଗାଳ୍ପିକା ଯୋଗ ଦେଇଥିଲେ ।

# ଅଧ୍ୟାପକଙ୍କ ଅକାଳ ବିୟୋଗ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଦୟାବିହାର ଠାରେ ପ୍ରତିଷ୍ଠିତ ଯୁକ୍ତ ଦୁଇ ମହାବିଦ୍ୟାଳୟର ଭୂଗୋଳ ଅଧ୍ୟାପକ ତଥା ଏନସିସି ଅଫିସର ପ୍ରତାପ କେଶରୀ ହରିଚନ୍ଦନ ୫୮ବର୍ଷଙ୍କର ରବିବାର ସକାଳୁ ପରଲୋକ ହୋଇଯାଇଥିବା ଜଣାପଡିଛି । ହରିଚନ୍ଦନ ସକାଳୁ ପୁରୀ ବାସ ଭବନଠାରେ ବସିଥିବାବେଳେ ହଠାତ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକ ଚିକିତ୍ସା ପାଇଁ ପୁରୀ ଡାକ୍ତରଖାନାକୁ ନେଇଯାଇଥିଲେ । ଡାକ୍ତରଖାନାରେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ । ମରଶରୀର ବ୍ୟବଚ୍ଛେଦ ପରେ ସ୍ୱର୍ଗଦ୍ୱାରା ଠାରେ ସଂସ୍କାର କରାଯାଇଥିଲା । ତାଙ୍କର ମୃତ୍ୟୁଖବର କଲେଜ ଏବଂ କଣାସ ଅଞ୍ଚଳରେ ପହଁଚିବା ପରେ ଶୋକର ଛାୟା ଖେଳିଯାଇଥିଲା ।





ଗୋପ, (ଭାସ୍କର ନ୍ୟୁଜ୍): ରବିବାର ସ୍ଥାନୀୟ ଅଞ୍ଚଳର ଏକ ପରିତ୍ୟକ୍ତ କୂଅ ଭିତରୁ ୪ ବାରାହା ଛୁଆଙ୍କୁ ଉଦ୍ଧାର କଲା ଗୋପ ବନ ବିଭାଗ। ଗୋପ ଥାନା ଅଧିନ ନାଗପୁର ପଂଚାୟତ ଷୋଳପୁର ମହାନ୍ତିସାହି ଜଣେ ବ୍ୟକ୍ତିଙ୍କ ଘର ପଛ ପଟେ ଥିବା ଏକ ପରିତ୍ୟକ୍ତ କୂଅ ଭିତରେ ୪ଟି ବାରାହା ଛୁଆ ଗଳି ପଡିଥିବାର ଦେଖି ସ୍ଥାନୀୟ ଲୋକେ ଗୋପ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନପାଳ ବିଜୟ ଲକ୍ଷ୍ମୀ ଭୋଳ, ବନରକ୍ଷୀ ପୁଷ୍ପାଞ୍ଜଳୀ ଦାସ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ସଦଳବଳେ ଘଟଣା ସ୍ଥଳରେ ପହଁଚିଥିଲେ। ପ୍ରାୟ ଦୁଇ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ ପରେ ୪ ବାରାହା ଛୁଆଙ୍କୁ ଅଗ୍ନିଶମ ବିଭାଗ ଏବଂ ବନ ବିଭାଗ କୂଅ ଭିତରୁ ଉଦ୍ଧାର କରିଥିଲେ। ପରେ ବନ ବିଭାଗ ପକ୍ଷରୁ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋଣାର୍କ ଚନ୍ଦ୍ରଭାଗା ନିକଟ ବାଲୁଖଣ୍ଡ ଅଭୟାରଣ୍ୟରେ ସୁରକ୍ଷିତ ଭାବେ ଛାଡାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।



# ନରେନ୍ଦ୍ରପୁର ୟୁଜି ନୋଡାଲ ବିଦ୍ୟାପୀଠରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂସଦ ସଭାପତି ଇଂ ଅଭୟ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ନଭେମ୍ବର ମାସରେ ପାଳିତ ହେବ। ଏହି ଜୟନ୍ତୀ ଉତ୍ସବ ୩ଦିନ ଧରି ଚାଲିବ। ପ୍ରତି ଦିବସରେ ଆଲୋଚନାଚକ୍ର ପୁରାତନ ଛାତ୍ର ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାଚୀନ ପରମ୍ପରା ଓ ସଂସ୍କୃତି ଆଧାରିତ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଜନେତା, ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଗୌରବର କଥା ଯେ, ଏହି ୟୁଜି ବିଦ୍ୟାପୀଠର ବହୁ କୃତୀ ଛାତ୍ରଛାତ୍ରୀ ସରକାରୀ ଓ ବେସରକାରୀ ସ୍ତରରେ କାର୍ଯ୍ୟକରି ପ୍ରତିଷ୍ଠା ଲାଭ କରିଥିବାରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବଟି ପୁରାତନ ଛାତ୍ରଛାତ୍ରୀମାନେ ପାଳନ କରିବେ। ଛାତ୍ରସଂସଦର ସାଧାରଣ ସମ୍ପାଦକ ଅଧ୍ୟାପକ ଗୋଲକ ନାୟକ, ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୀତଳ କୁମାର ବେହେରା ବୈଠକରେ ଯୋଗଦେଇ ଉତ୍ସବ କିପରି ସଫଳ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ମାଝୀ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ଅଧ୍ୟାପକ ଅରୁଣ କୁମାର ସାମଲ ପ୍ରମୁଖ ଯୋଗ ଦେଇ ଉତ୍ସବଟିକୁ ସଫଳ ରୂପାୟନ ଦେବା ନେଇ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଅକ୍ଷୟ କୁମାର ସୂତାର, ଶଶଧର ବେହେରା, ଆନନ୍ଦ ଚନ୍ଦ୍ର ପାତ୍ର, ଉମେଶ ଚନ୍ଦ୍ର ନାୟକ, ଶିବାନନ୍ଦ ମଲ୍ଲିକ, ଓମ୍‌ପ୍ରକାଶ ମଲ୍ଲିକ, ଦିବ୍ୟସିଂହ ନାୟକ, ବିଦ୍ୟାଧର ସୂତାର, ବିଶ୍ୱଜିତ୍ ବେହେରା, ଅମୂଲ୍ୟ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ମତାମତ ଦେଇଥିଲେ। ଶେଷରେ ଅମୀୟ ନିମାଇଁ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୟାନଦୀ ଜଳ ବିଷାକ୍ତ ଯୋଗୁଁ ମାଛ ମରି ଭାସୁଛନ୍ତି

କଣାସ, (ଭାସ୍କର ନ୍ୟୁଜ୍): ଦୟାନଦୀର ଜଳ ବିଷାକ୍ତ ହୋଇଯାଇ ଥିବାରୁ ଦୀର୍ଘ ଦୁଇମାସ ଧରି ଗଡିଶାଗୋଦା, ନଇକୂଳପାଟଣା, ନୂଆଗାଁ, ଜାଗୁଳାଇପଦର, କଳାପଦର, ଗୋପୀନାଥପୁର ନଦୀକୂଳ ଗ୍ରାମରରେ ଝାଡାବାନ୍ତି ଲାଗିରହିବାରୁ ଜିଲ୍ଲା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡିଥିଲା। ଦୁଇଦିନ ହେଲା ନୂଆଗାଁଠାରୁ ଗଡିଶାଗୋଦା ପର୍ଯ୍ୟନ୍ତ ଦୀର୍ଘ ୧ କିମି ପର୍ଯ୍ୟନ୍ତ ଦୟାନଦୀରେ ଛୋଟ ମାଛଠାରୁ ବଡମାଛ ପର୍ଯ୍ୟନ୍ତ ମରି ଭାସୁଛନ୍ତି। ବିଷାକ୍ତ ଜଳ ଯୋଗୁଁ ମରିଯାଉଥିବା ମାଛକୁ ଲୋକମାନେ ଛୁଉଁ ନାହାନ୍ତି। ପ୍ରକାଶ ଥାଉକି ଭୁବନେଶ୍ୱର ସହରର ନର୍ଦ୍ଦମାଜଳ ଗଙ୍ଗୁଆ ନାଳଦେଇ ଦୟାନଦୀରେ ମିଶୁଥିବାରୁ ଦୟାନଦୀର ଜଳ ଜହର ପାଲଟିଛି।

## ଅବସର ପ୍ରାପ୍ତ ବ୍ୟାଙ୍କ ପରିଚାଳକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଧର୍ମଶାଳା, (ଭାସ୍କର ନ୍ୟୁଜ୍) : ଧର୍ମଶାଳା ବ୍ଲକ୍ କୁମାରୀରେ ରହୁଥିବା ଅବସର ପ୍ରାପ୍ତ ଷ୍ଟେଟ୍‌ବ୍ୟାଙ୍କ ପରିଚାଳକ ବାବାଜୀ ଚରଣ ପରିଡା ଙ୍କ ଏକାଦଶହ ଅବସରରେ ଜନ୍ମସ୍ଥାନ ଅର୍ଣ୍ଣିଆ-କୁସୁନପୁର ଗ୍ରାମରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ସନ୍ଧ୍ୟାରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ନାୟକ, ବେଣୁଧର ନାୟକ, ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶ, ସାମାଜିକ କର୍ମୀ ଗୋଲଖ ଚନ୍ଦ୍ର ପଲେଇ 'ବରେଣ୍ୟ ବାବାଜୀ' ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅତିଥିମାନେ ସ୍ୱର୍ଗତ ବାବାଜୀ ପରିଡା ବାଲିଚନ୍ଦ୍ରପୁର ଷ୍ଟେଟ୍‌ବ୍ୟାଙ୍କ ପରିଚାଳକ ଭାବେ କାର୍ଯ୍ୟକରୁଥିବା ବେଳେ ବହୁ ଗରିବ ଶ୍ରେଣୀର ଚାଷୀଙ୍କୁ କୃଷି ଋଣ ପ୍ରଦାନ କରିଥିଲେ। ଅବସର ପରେ ଗୋକର୍ଣ୍ଣେଶ୍ୱର ମନ୍ଦିର ପାର୍ଶ୍ୱରେ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ପାଇଁ ଏକ ବିରାଟ ତୋରଣ ଓ ଶ୍ୟାମସୁନ୍ଦର ମନ୍ଦିର ପ୍ରତିଷ୍ଠା କରିଥିଲେ। ଏଥିସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବି.ଜେ.ପି ନେତ୍ରୀ ସ୍ମୃତିରେଖା ପହି, ରମେଶ ଚନ୍ଦ୍ର ନାୟକ, ପ୍ରତିଭା ଦାଶ, ନିହାର ରଂଜନ ମାଳି, ମୁନିଲାଲ୍ ମହନ୍ତ, ଡ଼କ୍ଟର ଇନ୍ଦୁପ୍ରଭା ସାମଲ, ଅକ୍ଷୟ କୁମାର ସ୍ୱାଇଁ, ନିର୍ମଳା ଶତପଥୀ, ଯୁଧିଷ୍ଠୀର ସ୍ୱାଇଁ, ଦାମୋଦର ପତି, ନୃସିଂହଚରଣ ମିଶ୍ର, ଶରତ ଚନ୍ଦ୍ର ମହାନ୍ତି, ବିଜୟ କୁମାର ଦେବତା, ବାବାଜୀ ଚରଣ ରାଉତ, ଗୋଲଖ ବିହାରି ରାଉତ, ଅମୂଲ୍ୟ କୁମାର ନନ୍ଦି ପ୍ରମୁଖ ସ୍ୱର୍ଗତ ପରିଡାଙ୍କ ଅବସର ପରେ ସମାଜସେବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପୁତ୍ର ସମ୍ବିତ୍ କୁମାର ପରିଡା ଓ ଜ୍ୱାଇଁ ଆନନ୍ଦ ବିଲଗେୟାନ ଅତିଥିଙ୍କୁ କୃତଜ୍ଞତା ଜଣାଇଥିଲେ।

# ପାରଳା ମହାରାଜାଙ୍କ ଶ୍ରାଦ୍ଧଦିବସ ପାଳିତ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର, ଆମ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ପରିଚାଳନା କରି ଇସ୍କନର ଅଦିନିଆ ରଥଯାତ୍ରାକୁ ନିନ୍ଦା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସନ୍ତି ତ୍ରିପାଠୀ, ସମରଞ୍ଜନ ମହାନ୍ତି, ଅନୁପମା ବେହେରା ଓ ଶିବାନୀ ବେହେରା ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲା ବେଳେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ଉପଦେଷ୍ଟା ନିମାଇଁ ଚରଣ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗାଁ କୁ ଫେରିପାରିଲାନି ଦାଦନ ଶ୍ରମିକଙ୍କ ଶବ

ମୁରିବାହାଲ /ବଙ୍ଗୋମୁଣ୍ଡା, (ଭାସ୍କର ନ୍ୟୁଜ୍): ଦିନକୁଦିନ ଦାଦନ ଶ୍ରମିକଙ୍କ ମୃତ୍ୟୁ ବୃଦ୍ଧି ପାଉଥିବା ବେଳେ ଗାଁ'କୁ ଶବ ଫେରିପାରୁ ନାହିଁ। ବଲାଙ୍ଗିର ଜିଲା ବଙ୍ଗୋମୁଣ୍ଡା ଥାନା ବରତୁଣ୍ଡା ଗାଁର ନାରାୟଣ ସୁଲିଆ ତାମିଲନାଡୁକୁ ସ୍ଥାନୀୟ ଲୋକଙ୍କ ସହ ଇଟା ଗଢିବାକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଟଙ୍କା ଅଭାବରୁ ତାଙ୍କ ମୃତ ଦେହ ଗାଁ'କୁ ଆସିପାରି ନଥିବା ଜଣାପଡ଼ିଛି। ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ସେଠାରେ ମୃତ୍ୟୁ ଘଟିଛି। ଗାଁ'କୁ ଶବ ଫେରିପାରି ନଥିବା ବେଳେ ପରିବାରରେ ଥିବା ସ୍ତ୍ରୀ ଓ ନାବାଳିକା ଝିଅ ବେସାହାରା ହୋଇପଡିଛନ୍ତି। ବଲାଙ୍ଗିର ଜିଲାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଥିବା ବେଳେ ଶବ ଗାଁକୁ ଫେରି ନ ପାରିବା ଚିନ୍ତାର ବିଷୟ ହୋଇଛି।

# କେନ୍ଦୁଝର ସାଂସଦଙ୍କ କରଞ୍ଜିଆ ଗସ୍ତ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଂସଦୀୟ କ୍ଷେତ୍ର ଅଧିନ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ଆଜି କେନ୍ଦୁଝର ସାଂସଦ ଅନନ୍ତ ନାୟକ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଅନ୍ତର୍ଗତ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଆନୁକୂଲ୍ୟରେ ପାଞ୍ଚପୀଢ଼ ଉପଖଣ୍ଡର ୫ ଗୋଟି ବ୍ଲକରେ ବସବାସ କରୁଥିବା ଦୁଗ୍ଧ ଚାଷୀଙ୍କ ଅର୍ଥନୈତିକ ବିକାଶ ପାଇଁ ଉନ୍ନତ ପ୍ରଜାତୀର ଗାଇ ବଣ୍ଟନ କାର୍ଯ୍ୟକ୍ରମ ଆଜି କରଞ୍ଜିଆ ବ୍ଲକ ବଳା ପଞ୍ଚାୟତ କୁରୁଳିଆ ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ନାୟକ ଯୋଗଦାନ କରିଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ମଦନମୋହନ ମହାନ୍ତ, ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଆଞ୍ଚଳିକ ମୁଖ୍ୟ (ଦକ୍ଷିଣ) ଡ ହରିଶଙ୍କର, ରାଜ୍ୟ ମୁଖ୍ୟ ଡ ଶ୍ୟାମସୁନ୍ଦର ତ୍ରିପାଠୀ, ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଜିଲ୍ଲା ସଂଯୋଜକ ପ୍ରକାଶ ଦେବତା,ବଳା ପଞ୍ଚାୟତ ସରପଞ୍ଚ ସ୍ମିତା ନାଏକ, ଗୋକୁଳ ମିଶନ ଯୋଜନା ସଂଯୋଜକ ଲିଙ୍ଗରାଜ ମହାନ୍ତ, ସାଂସଦ ପ୍ରତିନିଧି ଆଶିଷ ମହାନ୍ତ, କୃପାସିନ୍ଧୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥି ଗଣ ଗୋମାତାଙ୍କୁ ପୂଜା ଅର୍ଚ୍ଚନା କରିଥିଲେ। ଯେଉଁ ଚାଷୀମାନେ ଏହି ଗାଇ ଘରକୁ ନେଇ ପାଳନ କରିବେ ସେମାନଙ୍କୁ ଏହି ଗୋମାତାଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ମୁଖ୍ୟ ଅତିଥି ସାଂସଦ ନାୟକ ନିବେଦନ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ଯୋଜନାରେ ଉପଖଣ୍ଡର ୫୦୦ ଜଣ ଗୋ ଚାଷୀଙ୍କୁ ଗୁଜୁରାଟର ଆନନ୍ଦ ସହରରୁ ଆସିଥିବା ଉନ୍ନତ ପ୍ରଜାତୀର ଗିର ଓ ସାଇଓ୍ୱନ ଗାଇ ବଣ୍ଟନ କରାଯିବାକୁ ସ୍ଥିର ହୋଇଥିଲା। କରଞ୍ଜିଆ ବ୍ଲକ ପାଇଁ ୧୫୦, ଠାକୁରମୁଣ୍ଡା ବ୍ଲକ ପାଇଁ ୧୦୦, ଯଶିପୁର ବ୍ଲକ ପାଇଁ ୧୦୦, ରରୁଆଁ ବ୍ଲକ ପାଇଁ ୧୦୦ ଓ ଶୁକୃଳି ବ୍ଲକ ପାଇଁ ୫୦ ଜଣ ଚାଷୀ ଏହି ଯୋଜନାରେ ଗାଇ ପାଇବେ। ତେବେ ଆଜି ପ୍ରଥମ ଦିନରେ ଉନ୍ନତ ପ୍ରଜାତିର ଗାଇ ପାଇଥିବା ୨୫ ଜଣ ଚାଷୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ସାଂସଦ ନାୟକ ଆଜି କରଞ୍ଜିଆ ବ୍ଲକ କୁଳିପୋଷି ପଞ୍ଚାୟତ ରୁଡଙ୍ଗ ଗ୍ରାମ ଠାରେ ଆୟୁଷ୍ମାନ କାର୍ଡ ବଣ୍ଟନ କରିବା ସହିତ ରସମତଳା ଗ୍ରାମ ଠାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ମାନକିବାତ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଭାପୁରରେ ତ୍ରିରଙ୍ଗା ପଦଯାତ୍ରା




ଭାପୁର, (ଭାସ୍କର ନ୍ୟୁଜ୍): ଅପରେସନ ସିନ୍ଦୁର ଜରିଆରେ ଭାରତୀୟ ସେନାର ଅସୀମ ବୀରତ୍ୱ, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଭାପୁର ସଦର ମହକୁମାସ୍ଥ ବାଇପାସ ରାସ୍ତାର ଶ୍ରୀରାମ ମନ୍ଦିର ଠାରୁ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ପଦଯାତ୍ରା ରବିବାର ଅପରାହ୍ନରେ ଭାପୁର ବଜାର ପରିକ୍ରମା କରି ଅଗ୍ନିଶମ କେନ୍ଦ୍ର ନିକଟରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ସମସ୍ତ ଜନପ୍ରତିନିଧି ତଥା ଶହଶହ ମହିଳା, ପୁରୁଷ ହାତରେ ତ୍ରିରଙ୍ଗା ଧରି ଭାରତ ମାତା କି ଜୟ ସ୍ଲୋଗାନ ଦେଇଥିଲେ। ଆତଙ୍କବାଦ ବିରୋଧରେ ଭାରତର ଲଢେଇକୁ ଭାପୁର ଅଞ୍ଚଳବାସୀ ପଦଯାତ୍ରା ମାଧ୍ୟମରେ ସ୍ୱାଗତ କରିଥିଲେ।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ରାସ୍ତା ଶୋଚନୀୟ, ମରାମତି ପାଇଁ ଦାବି



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାସ୍ତାଟି ଏବେ ସୋଚନୀୟ ହୋଇପଡିଛି। ଦୀର୍ଘଦିନ ହେବ ଏହି ରାସ୍ତା ଉପରେ ମୁଠାଏ ମାଟି ପଡିନାହିଁ। ବର୍ଷା ହେବା ଫଳରେ ରାସ୍ତାରେ ପାଣି ଜମି ଛୋଟ ମୋଟ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉପରେ ସ୍ଥାନୀୟ ମୂଳାଗଡ଼, ଶ୍ରୀରାମପୁର, ବାଜପୁର, ବୋଇତିକୁଦ, ଗ୍ରାମର ଶତାଧିକ ଜନ ସାଧାରଣ ଯାତାୟତ କରିଥାନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନି କୁନି ପିଲାମାନେ ଏହି ରାସ୍ତା ଦେଇ ବିଦ୍ୟାମନ୍ଦିରକୁ ପାଠ ପଢିବା ପାଇଁ ଯାଇଥାନ୍ତି। ବର୍ତ୍ତମାନ ବିଦ୍ୟାମନ୍ଦିର ଛୁଟି ରହିଛି। ତୁରନ୍ତ ଉକ୍ତ ରାସ୍ତା ଟିକୁ ମରାମତି କରିବା ପାଇଁ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା କମିଟି, ପିଲାମାନଙ୍କ ଅଭିଭାବକ, ସ୍ଥାନୀୟ ଗ୍ରାମ ବାସୀ ମାନେ କାକଟପୁର ଗ୍ରାମ ପଞ୍ଚାୟତର ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ୩୦ରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଜୟନ୍ତୀ ସମାରୋହ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଜନନେତା ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୮ତମ ଜୟନ୍ତୀ ସମାରୋହ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ଓଡିଆ ଚଳଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଧର୍ମଶାଳା ବାଣୀପୀଠର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ମଦନ ମୋହନ କଣ୍ଡୁଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ ଦି ଗ୍ରେଟ ଓଡିଶା ପଲିଟିକାଲ ସର୍କସର ଦିବଙ୍ଗତ ହାସ୍ୟ ଅଭିନେତା ସ୍ୱର୍ଗତ ଅଜୟ ନାୟକଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ ବୋଲି ଜାରକାରେ ଅନୁଷ୍ଠିତ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସର ସଭାଗୃହରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଛି। ଏହି ସଭାରେ ରାଜ୍ୟର ବହୁ ବିଶିଷ୍ଟ ରାଜନେତା, ସାମ୍ବାଦିକ, ଖବରକାଗଜ ସମ୍ପାଦକ, ସାହିତ୍ୟିକ, ବୁଦ୍ଧିଜୀବୀଙ୍କ ସମେତ ସ୍ୱର୍ଗତ ଲାବଣ୍ୟଙ୍କ ଶୁଭେଚ୍ଛୁ ତଥା ସହଯୋଗୀ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମାରୋହରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ। ଓଡିଆ ଚଳଚିତ୍ର ଅଭିନେତ୍ରୀ ମଧୁମିତା ମହାନ୍ତି କାର୍ଯ୍ୟକ୍ରମରେ ଉଦ୍‌ଘୋଷିକା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପିତାଙ୍କର ସ୍ମୃତି ରକ୍ଷା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

## କବି ଆର୍ତ୍ତତ୍ରାଣ ସମ୍ବର୍ଦ୍ଧିତ



କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଅର୍ନ୍ତଗତ ରାଇଗରପୁର ଗ୍ରାମର କବି ଆର୍ତ୍ତତ୍ରାଣ ସାହୁଙ୍କୁ ଭୁବନେଶ୍ୱର ଜୟଦେବ ଭବନଠାରେ ସମ୍ବର୍ଦ୍ଧନା କରାଯାଇଛି। ଓଡିଶା ସିନେ ଓ୍ୱାର୍କସ ଆସୋସିଏସନ ପକ୍ଷରୁ ଏକାମ୍ର ବିଧାୟକ ବାବୁ ସିଂ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଚିଳିକା ବିଧାୟକ ମନୋରଞ୍ଜନ ଜ୍ଞାନ ସାମନ୍ତରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥୀଭାବେ ଯୋଗ ଦେଇଥିଲେ। ସୂଚନା ଥାଉକି ଆର୍ତ୍ତତ୍ରାଣ ସାହୁ ୧୦ଟି ପୁସ୍ତକ ରଚନା କରିଛନ୍ତି ଓ ବିଭିନ୍ନ ଅନୁଷ୍ଠାନରୁ ସମ୍ବଦ୍‌ର୍ଦ୍ଧିତ ହୋଇଛନ୍ତି।

# ବୋଲଗଡକୁ ଏନଏସି ବିଳମ୍ବ ନେଇ ଅସନ୍ତୋଷ ବୃଦ୍ଧି




ବୋଲଗଡ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼କୁ ଦୀର୍ଘବର୍ଷଧରି ଏନଏସି ଗଠନ ଦାବୀ ଥିଲେ ମଧ୍ୟ ଏଥିରୁ ବୋଲଗଡକୁ ନିରାଶ ହେବାର ପଡୁଛି। ଖୋର୍ଦ୍ଧା ଜିଲ୍ଲାର ବୋଲଗଡ ଅଞ୍ଚଳ ଐତିହ୍ୟ ଓ ପରମ୍ପରା ସଂସ୍କୃତିର ଇତିହାସ ମୂକ ସାକ୍ଷୀ। ଏଠାରେ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଅନୁନିବନ୍ଧକ କାର୍ଯ୍ୟାଳୟ, କୃଷି ଅଫିସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ମହାବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଅଗ୍ନି ସେବା ଶ୍ରମକେନ୍ଦ୍ର, ବନପାଳଙ୍କ କାର୍ଯ୍ୟାଳୟ, ଗୋଷ୍ଠୀଶିକ୍ଷା କେନ୍ଦ୍ର, ରେଳ ଷ୍ଟେସନ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଥିବା ସହିତ ଏହି ଅଞ୍ଚଳରେ ବୋଲଗଡ ବାଣିଜ୍ୟ ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଛି। ବୋଲଗଡ ବ୍ଲକ ଅଞ୍ଚଳର ୧୯ ଗୋଟି ଗ୍ରାମପଞ୍ଚାୟତର ଜନସାଧାରଣମାନେ ବୋଲଗଡକୁ ପ୍ରତିଦିନ ବିଭିର୍ଣ୍ଣ କାର୍ଯ୍ୟନେଇ ଆସିଥାନ୍ତି। ତେଣୁ ବୋଲଗଡକୁ ଦୀର୍ଘଦିନ ଧରି ଏନଏସି ମାନ୍ୟତା ଦାବୀଥିଲେ ମଧ୍ୟ ବୋଲଗଡ ଏନଏସି ବାଦ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ଅଞ୍ଚଳରୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟପାଳ ଚିନ୍ତାମଣି ପାଣିଗ୍ରାହୀଙ୍କ ଭଳି ଟାଣୁଆ ନେତା ପ୍ରତିନିଧିତ୍ୱ କରିଥିବା ବେଳେ ବିଭିନ୍ନ ଉର୍ନ୍ନତି କାର୍ଯ୍ୟ ହୋଇଥିଲେ ମଧ୍ୟ ବହୁ ଅବହେଳିତ ଦାବୀ ମଧ୍ୟରୁ ଏନଏସି ମାନ୍ୟତା ପ୍ରମୁଖ ଦାବୀ ରହିଥିଲା। ବିଗତ ସରକାରରେ ବୋଲଗଡକୁ ଏନଏସିସି ଘୋଷଣା ଫାଇଲ ତଳେ ଚାପି ହୋଇ ରହିଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ନୂତନ ଏନ ଏସି ଘୋଷଣା ପାଇଁ ପକ୍ରିୟା ଆରମ୍ଭ କରିଥିବା ଜଣାପଡିଛି। ବୋଲଗଡର ବହୁ ଦିନର ଦାବୀକୁ ଧ୍ୟାନ ଦେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦୃଢ ଦାବୀ ହୋଇଛି।


## ଗୋକର୍ଣ୍ଣିକା ସଭାପତିଙ୍କ ଡ଼କ୍ଟରେଟ ଲାଭ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ଅଂଚଳର ବରିଷ୍ଠ ସାମ୍ବାଦିକ ତଥା ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଆମେରିକାନ ମେରିଟ କଉଁନସିଲ ପକ୍ଷରୁ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଗତକାଲି ଭୁବନେଶ୍ୱର ଜୟଦେବଭବନ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜେନାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଜେନା ଦୀର୍ଘ ୫୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସାମ୍ବାଦିକତା ସହ ସାହିତ୍ୟ କ୍ଷେତ୍ରରେ ନିଜର ପାରଦର୍ଶୀତା ଅର୍ଜନ କରି ସମସ୍ତଙ୍କ ପ୍ରିୟ ଭାଜନ ହୋଇ ପାରିଛନ୍ତି। ଏଥିପାଇଁ ତାଙ୍କୁ ଡକ୍ଟରେଟ୍ ଉପାଧି ମିଳିଥିବା ଜଣାପଡିଛି। ଏଥିଲାଗି ଡ଼ ଜେନାଙ୍କୁ ଧର୍ମଶାଳା ପ୍ରେସ କ୍ଲବ, ଗୋକର୍ଣ୍ଣିକା ସାହିତ୍ୟ ସମାଜ, ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ, ସୂର୍ଯ୍ୟାସ୍ତ, ଆଜିର ଆହ୍ୱାନ, ସମ୍ଭବ, କୋରେଇ ମଣ୍ଡଳ ସାହିତ୍ୟ ସାଂସଦ, ରୋଟାରି କ୍ଲବ ଜାରକା ସମେତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ସ୍ୱାଗତ ଜଣାଇଛନ୍ତି।

## ପ୍ରାକ୍ତନ ସରପଞ୍ଚଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଓ ନେମାଳ ଗ୍ରାମପଂଚାୟତର ପ୍ରାକ୍ତନ ସରପଞ୍ଚ ସୋମନାଥ ମହାପାତ୍ରଙ୍କ ତାଙ୍କ ବାସ ଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବରିଷ୍ଠ କଂଗ୍ରେସ ନେତା ତଥା ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଇଂ ଆକାଶ ଭୂୟାଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦାନ କରି ସ୍ୱର୍ଗତ ମହାପାତ୍ରଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଶବକୁ କାନ୍ଧରେ ନେଇ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ। ତାଙ୍କର ମରଶରୀରକୁ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ଦେବବ୍ରତ ରାଉତ ବାଣିଜ୍ୟରେ ଟପ୍ପର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗର ଛାତ୍ର ଦେବବ୍ରତ ରାଉତ ସ୍କୁଲ ଟପ୍ପର ହୋଇଥିବା ଜଣାପଡ଼ିଛି। ସେ ମୋଟ ୬୦୦ ନମ୍ବର ମଧ୍ୟରୁ ୫୫୨ (୯୨%)ନମ୍ବର ରଖି ସ୍କୁଲର ଟପ୍ପର ହୋଇଥିବା ବେଳେ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି। ସେ ଭବିଷ୍ୟତରେ ଜଣେ ଚାଟାର୍ଡ୍ ଆକାଉଣ୍ଟାଣ୍ଟ ହେବାର ଲକ୍ଷ୍ୟ ରଖି ଗୁଜୁରାଟରେ ପ୍ରାକ୍ଟିସ୍ ମଧ୍ୟ ଆରମ୍ଭ କରିଦେଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ସ୍ୱାଗତରାଜ ବେହେରା (୫୧୦) ଦ୍ୱିତୀୟ ସ୍ଥାନ, ଓମ୍‌ପ୍ରକାଶ ପଣ୍ଡା (୪୯୦) ତୃତୀୟ ସ୍ଥାନ, ଚନ୍ଦ୍ରକାନ୍ତ ପଣ୍ଡା (୪୮୯) ଚତୁର୍ଥ ସ୍ଥାନ ଓ ମନୋରଂଜନ ବେହେରା (୪୮୭) ପଞ୍ଚମ ସ୍ଥାନ ଅଧୀକାର କରିଥିବା ଜଣାଯାଇଛି। ଏହି ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣ, ବାଣିଜ୍ୟ ବିଭାଗର ପ୍ରାକ୍ତନ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ, ଅଧ୍ୟାପକ ଜତେନ କୁମାର ପାଢ଼ୀ, ଅଧ୍ୟାପିକା ବର୍ଣ୍ଣାଳି ବିଶ୍ୱଜିତା ବାରିକଙ୍କ ସମେତ ସ୍କୁଲର ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଛାତ୍ରଛାତ୍ରୀମାନେ ଶ୍ରେୟ ଦେଇଛନ୍ତି।

# ସମ୍ବଲପୁର ଚିଡିଆଖାନା ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର, (ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ବଡ଼ି ଭୋରରୁ ସମ୍ବଲପୁର ଚିଡିଆଖାନା ପରିଦର୍ଶନ କରିବା ସହ ଏହାକୁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ କରିବା ପାଇଁ ଯୋଜନା କରାଯିବ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ରବିବାର ସମ୍ବଲପୁର ଚିଡିଆଖାନାରେ ଜୀବ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲିବା ସହ ସାଧାରଣ ଲୋକଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ସମ୍ବଲପୁର ଚିଡ଼ିଆଖାନାର ବିଭିନ୍ନ ସମସ୍ୟା ଓ ନୂଆ ଜୀବ ଜନ୍ତୁ ଅଣାଯିବା ନେଇ ଚିଡ଼ିଆଖାନା ବନ ବିଭାଗ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସମ୍ବଲପୁର ଚିଡିଆଖାନାକୁ ନନ୍ଦନକାନନ ଢଙ୍ଗରେ ନୂଆ ରୂପ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହାକୁ ବଡ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ବଢାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ। ସହରରେ ପ୍ରକୃତି ପ୍ରତି ନୂଆପିଢିଙ୍କୁ ଆକୃଷ୍ଟ କରାଇବା ପାଇଁ ଉଦ୍ୟମ କରାଯିବ। ଚିଡିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ସହ ଚିଡ଼ିଆଖାନାର କର୍ମଚାରମାନଙ୍କୁ ଭଲ ଭାବେ ତାଲିମ ଦେବା ପାଇଁ ପରାମର୍ଶ ଦେଇଥିଲେ ପ୍ରଧାନ। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ବିଶ୍ୱ ପରିବେଶ ଦିବସ' ଅବସରରେ "ମା' ପାଇଁ ଗଛଟିଏ" ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିନବ ଅଭିଯାନରେ ସାମିଲ ହେବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରାଯିବ। ଏଥିପାଇଁ ୩ ମାସରେ ୧ ଲକ୍ଷରୁ ଅଧିକ ଗଛ ଲାଗିବ। ବିଶ୍ୱ ପରିବେଶ ଦିବସ ଜୁନ ୫ରୁ, ଜୁଲାଇ ଓ ଅଗଷ୍ଟ ମାସ ପର୍ଯ୍ୟନ୍ତ ଗଛ ଲାଗିବ। ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ସହ ଏହି ଅଭିଯାନରେ ବହୁ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ମାତୃଶକ୍ତି, ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହେବେ। ବୃକ୍ଷରୋପଣ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରାଯିବ। ଆମର ପରିବେଶକୁ ଆହୁରି ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତାହାର ଯତ୍ନ ନେବା ଦରକାର ବୋଲି ପ୍ରଧାନ ମତପ୍ରକାଶ କରିଛନ୍ତି।



# ଆମ କଳାହାଣ୍ଡି



ସୋମବାର, ୨୬ ମଇ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର



## ସୁଧୁରୁନି ଗାଁ ପରିମଳ ରାସ୍ତାରେ ଯାଉଛି ଦୁର୍ଗନ୍ଧ ଡ୍ରେନ୍ ପାଣି

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ପୋତିହୋଇଛି ଡ୍ରେନ୍। ରାଜ ରାସ୍ତାରେ ମଇଳା ପାଣି। କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତର କନ୍ଧପଡା, କନାରପଡ଼ା ମେନ୍ ରୋଡ଼ ସୁଶିଲ ରଣା ଘର ଠାରୁ ଗାଁ ଶେଷମୁଣ୍ଡ ଛକ ପଯ୍ୟନ୍ତ ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କେତେକ ସ୍ଥାନରେ ଡ୍ରେନ ସଫା ହେଉନଥିବା ବେଳେ ଆଉ କେଉଁଠି ଅନାବନା ଗଛ ଉଠି ଦିର୍ଘ ଦିନରୁ ପୋତି ହୋଇଯାଇଛି। ଫଳରେ ଅଦିନିଆ ବର୍ଷାରେ ଡ୍ରେନରେ ପାଣି ଯାଇ ନ ପାରି ରାସ୍ତାରେ ଚାଲୁଛି ପାଣି। ଏହି ରାସ୍ତା ଦେଇ ନିୟମିତ କଟକ, ଭୁବନେଶ୍ୱର, ବଲାଙ୍ଗୀ. କନ୍ଧମାଳ, ବୌଦ୍ଧ, କର୍ଲାମୁଣ୍ଡା, କେସିଙ୍ଗା, ଭବାନୀପାଟଣା ପ୍ରମୁଖ ବଡ଼ ବଡ଼ ହାଇଟେକ୍ ବସ୍ ଚଳାଚଳ କରୁଛି। ଯଦି ରାସ୍ତାରେ ସବୁ ବେଳେ ନଦୀ ଭଳି ପାଣି ଯାଉଥିବ ତାହେଲେ ଏହି ବିପଦପୂର୍ଣ୍ଣ ଅବସ୍ଥାରେ କେତେବେଳେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି।ବର୍ଷା ଛାଡ଼ିଯିବା ପରେ ରାସ୍ତାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇରହୁଛି। ରାମମନ୍ଦିର ଛକଠାରୁ ମିଳନ ଛକ କନ୍ଧପଡା କନାର ପଡ଼ା ପର୍ଯ୍ୟନ୍ତ ଡ୍ରେନଜ ସମସ୍ୟା ଲାଗିରହିଛି। ଯାହାଫଳରେ ବର୍ଷା ଦିନେ ରାସ୍ତାରେ ଉପରେ ପାଣି ଚାଲୁଛି ଓ କେତେକ ଲୋକଙ୍କ ଘରକୁ ମଧ୍ଯ ଆବର୍ଜନା ପାଣି ପଶୁଛି। ଏବଂ ଅଳିଆ ଆବର୍ଜନା ରାସ୍ତାରେ ପଡ଼ି ମଶା ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଦୁଗନ୍ଧ ମଧ୍ୟ ସୃଷ୍ଟି କରିଛି। କେତେକ ସ୍ଥାନରେ ଲୋକେ ଘରର ଅଳିଆ ଆବର୍ଜନା ଡ୍ରେନରେ ପକାଇବା ପୋତିହେବାର କାରଣ ବୋଲି କୁହାଯାଉଛି। ଏ ବିଷୟରେ ଗ୍ରାମ ବାସୀ ବାରମ୍ବାର ପଞ୍ଚାୟତକୁ ଜଣାଇଲେ ମଧ ପଞ୍ଚାୟତ ତରଫରୁ କୌଣସି ପଦକ୍ଷେପ ନେଉନଥିବା ଜଣାଯାଇଛି। ଏସଂପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ରଣାଙ୍କୁ ପଚାରିବାରୁ ଏହି ସମସ୍ୟା ସମାଧାନ ନେଇ ଯୋଜନା ରହିଛି। ଓ ଖୁବଶିଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ କହିଥିଲେ।



## ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟିତ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ରକୁର୍ଲୁପଡା ଗ୍ରାମ ନିକଟସ୍ଥ ନିୟୁ ଲାଇଫ ମିଶନର ଡ଼ାଇରେକ୍ଟର ସାଇନି ହରପାଳ ଓ ସୁଫଳା ହରପାଳଙ୍କ ନେତୃତ୍ୱରେ ନୂତନ ଚକ୍ଷୁ ଚିକିତ୍ସାଳୟ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ହେମସାଗର ସାହା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଦିବାସୀ ଅଧୁଷିତ ଅଞ୍ଚଳରେ ଲୋକଙ୍କୁ ଚକ୍ଷୁ ରୋଗରୁ ମୁକ୍ତ କରିବା ପାଇଁ ଏକ ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅଞ୍ଚଳରେ ଚକ୍ଷୁ ଚିକିତ୍ସାଳୟ ନ ଥିବାରୁ ରୋଗୀମାନେ ବଲାଙ୍ଗିର, ଭବାନୀପାଟଣା, ବିସମକଟକ, ଟିଟିଲାଗଡ଼, ସମ୍ବଲପୁର, ବିଶାଖାପାଟଣା, ରାୟପୁର ଆଦି ଦୂର ସ୍ଥାନକୁ ଯାଇ ରୋଗୀମାନେ ହଇରାଣ ହରକତ ହେଉଥିଲେ। ବର୍ତ୍ତମାନ ଏହି ହସ୍ପିଟାଲରେ ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟନ ହୋଇଥିବାରୁ ରୋଗୀମାନେ ଉପକୃତ ହେବେ। ଗତ କୋଭିଡରେ ଆକ୍ରାନ୍ତ ହୋଇଥିବା ସିଆନି ହରପାଳ ଏହି ଅଞ୍ଚଳରେ ଏକ ବିରାଟ ହସ୍ପିଟାଲ ଗତ ୨୦୨୨ ମସିହାରୁ ଖୋଲି ଲୋକଙ୍କ ସେବା ଆରମ୍ଭ କରିଛନ୍ତି। ଚକ୍ଷୁ ରୋଗ, ମୋତିଆ ବିନ୍ଦୁ ଭଳି ଅନେକ ରୋଗର ଚିକିତ୍ସା କରାଯାଉଛି। ଏହି ହସ୍ପିଟାଲରେ ସମସ୍ତ ବିଶେଷଜ୍ଞ ଡାକ୍ତର ଅଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ଅବସର ପ୍ରାପ୍ତ ବିନୟ କୁମାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଲାଲ ସୁନାନୀ, ପୂର୍ବତନ ଏନ୍‌ଏସି ନଗରପାଳ ରାମଜି ମାତଖଣ୍ଡିଆ, ସହରର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନେ ଅଂଶଗ୍ରହଣ କରିଥିଲେ।

## ପରାକ୍ରମ ଶୋଭଯାତ୍ରା



ଜୁନାଗଡ଼, (ଭାସ୍କର ନ୍ୟୁଜ) : ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦାସିଗାଁ ବିଜେପି ମଣ୍ଡଳରେ ଏକ ଭବ୍ୟ ପରାକ୍ରମ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଦାସିଗାଁ ମଣ୍ଡଳ ସଭାପତି ଅଂଶୁମାନ ଯୋଶୀଙ୍କ ସଭାପତିତ୍ୱରେ ପରାକ୍ରମ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ଼ ବିଧାୟକ ପାର୍ଥ୍ ମନୋଜ କୁମାର ମେହେର ମୁଖ୍ୟ ଅତିଥି ମୁକେଶ ଅଗ୍ରୱାଲ ପୂର୍ବତନ ନଗରପାଳ ଜୁନାଗଡ଼, କାଞ୍ଚନ ବାଗ, ସୁଧାଂଶୁ ବରାଡ଼, ସରପଞ୍ଚ ଦିବ୍ୟ ଦୀପ, କାଳିନ୍ଦ୍ରି ପାଣିଗ୍ରାହୀ, ଅଭିନାଶ ମୁଣ୍ଡ, ଅବସର ପ୍ରାପ୍ତ ସୈନିକ ସାମ୍ବାଦିକ, ଅଂଶ ଗ୍ରହଣ କରି ବୁଢ଼ୀପଦର ଠାରୁ ଦାସିଗାଁ ୧୫ କି. ମି ଏକ ମୋଟର ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା।

## ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ (କଳାହାଣ୍ଡି ବିଶ୍ୱବିଦ୍ୟାଳୟ)ର ସ୍ନାତକ ଶେଷ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ମୋଟ ୬୧୮୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୬୨୩ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସଫଳତାର ସହ ଶତକଡା ୫୮.୫୭% ପ୍ରତିଶତ ପାସ କରି ବିଶ୍ୱବିଦ୍ୟାଳୟର ମାନ ବୃଦ୍ଧି କରିଛନ୍ତି। ୨୧୪୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୪୭୪ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅମନ କୁମାର ନାଏକ ୦୯.୭୪ ଗ୍ରେଡ ରଖି ବିଶ୍ୱବିଦ୍ୟାଳୟ ଟପର ହୋଇଛନ୍ତି। କଳା ବିଭାଗରୁ ଛଳେନ୍ଦ୍ରୀ ସାହୁ ୦୮.୮୬ ଗ୍ରେଡ (ଶିକ୍ଷା ବିଭାଗ), ବାଣିଜ୍ୟ ବିଭାଗରୁ ସ୍ନେହା ଶର୍ମା ୦୮.୬୯ ଗ୍ରେଡ ଓ ବିଜ୍ଞାନ ବିଭାଗରୁ ଅମନ କୁମାର ନାଏକ



୯.୭୪ ଗ୍ରେଡ (ପଦାର୍ଥ ବିଜ୍ଞାନ) ରଖି ଟପର ହୋଇଛନ୍ତି। ସେହିପରି କଳା ବିଭାଗର ଗୁପ୍ତେଶ୍ୱରୀ ଦୁରିଆ (ନୃତତ୍ତ୍ୱ ବିଜ୍ଞାନ), ବିନିତା ଭୋଇ (ଅର୍ଥନୀତି), ଛଳେନ୍ଦ୍ରୀ ସାହୁ (ଶିକ୍ଷା), ଋତୁପର୍ଣ୍ଣା ସେଠ୍ (ଇଂରାଜୀ), ଅନନ୍ୟା ଦାସ (ଭୂଗୋଳ), ଭୂପେନ ପଟେଲ (ହିନ୍ଦୀ), ଦୀପାରାଣୀ ନାଗ (ଇତିହାସ), ଶିବାନୀ ରଣା (ଗୃହ ବିଜ୍ଞାନ), ଅର୍ମିଳ ପୂଝାରୀ (ଓଡ଼ିଆ), ମୁସ୍କାନ ଦେଶମୁଖ (ଦର୍ଶନଶାସ୍ତ୍ର), ଶାଶ୍ୱତ ରଞ୍ଜନ ସାହୁ (ରାଜନୀତି ବିଜ୍ଞାନ), ସବିତା ଭତରା (ସଂସ୍କୃତ), ପ୍ରତୀକ ପୂଝାରୀ (ସମାଜ ବିଜ୍ଞାନ), ବାଣିଜ୍ୟ ବିଭାଗର ସ୍ନେହା ଶର୍ମା ଓ ବିଜ୍ଞାନ ବିଭାଗର ସୋନାଲୀ ଯୋଷୀ (ଉଦ୍ଭିଦ ବିଜ୍ଞାନ), ଶ୍ରୁତି ମେହେର (ରସାୟନ ବିଜ୍ଞାନ), ସମୀକ୍ଷା ପଣ୍ଡା (କମ୍ପ୍ୟୁଟର ବିଜ୍ଞାନ), ସୌରଭ କୁମାର (ଗଣିତ), ଅମନ କୁମାର ନାଏକ (ପଦାର୍ଥ ବିଜ୍ଞାନ), ଉତ୍କଳିକା ପ୍ରିୟଦର୍ଶିନୀ ଜେନା (ପ୍ରାଣୀ ବିଜ୍ଞାନ) ବିଭାଗର ଟପର ହୋଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ପରୀକ୍ଷା ଫଳ ପ୍ରକାଶିତ ହେବାପରେ କୁଳପତି ଛାତ୍ରଛାତ୍ରୀଙ୍କ ସଫଳତାର ଶ୍ରେୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଦେଇଛନ୍ତି। କୁଳପତି ତଥା ସମସ୍ତ କର୍ମଚାରୀ ଖୁସି ବ୍ୟକ୍ତ କରି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ■ ସାବିତ୍ରୀରେ ମହଙ୍ଗା ମାଡ଼
## ଫଳ ଦୋକାନରେ ପ୍ରବଳ ଭିଡ଼

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସୋମବାର ସାବିତ୍ରୀ ବ୍ରତ। ହିନ୍ଦୁ ନାରୀର ବଡ଼ ବ୍ରତ ଭାବେ ପରିଗଣନା କରାଯାଏ। ହେଲେ ବ୍ରତ ନାରେ ଖୁବ୍ ଲାଭବାନ ହେଉଛନ୍ତି ଫଳ ଦୋକାନୀ। ଅବାଧ ମୁଲ୍ୟରେ ଫଳ ବିକ୍ରି ହେବାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ସାବିତ୍ରୀ ବ୍ରତରେ ପ୍ରାୟ ଏକୋଇଶ ପ୍ରକାର ଫଳ ମୂଳ ବ୍ୟବହାର ହୋଇଥାଏ। ଏହି ପରିପ୍ରେକ୍ଷୀରେ ରବିବାର ଦିନ ଠାରୁ ଧର୍ମଗଡ ସହର ବିଭିନ୍ନ ଫଳ ଦୋକାନରେ ଗ୍ରାହକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ତେବେ ଏହି ମୌକାର ଫାଇଦା ଉଠାଉଛନ୍ତି ଫଳ ବେପାରୀ। ପୂର୍ବ ଦିନରେ ବିକ୍ରି ଅପେକ୍ଷା ସାବିତ୍ରୀ ବ୍ରତ ଆଳରେ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ତେବେ ପୂର୍ବ ଦିନ ମାନଙ୍କରେ ଆମ୍ବ କିଲୋ ୮୦-୧୦୦ଥିବା ବେଳେ ୧୪୦ଟଙ୍କା ବିକ୍ରି ହେଉଥିବା



ଆଲୋଚନା ହେଉଛି। ସେଭଳି ପୂର୍ବ ଦିନ ମାନଙ୍କରେ ସେଓ କିଲୋ ପିଛା ୨୪୦- ରହିଥିବା ବେଳେ ବର୍ତ୍ତମାନ ୩୦୦ଟଙ୍କା, କଦଳୀ ୬୦ରୁ ବର୍ତ୍ତମାନ ୮୦, ଡାଲିମ୍ବ- ୨୬୦ରୁ ୩୦୦, କେନ୍ଦୁ ୬୦-ରୁ ୧୦୦କୁ ବୃଦ୍ଧି, ବେଲ -୮୦, ଚାହାର ୧୦୦ଗ୍ରାମକୁ ୫୦ଟଙ୍କା, ନଡ଼ିଆ ୩୦ରୁ୪୦କୁ ବୃଦ୍ଧି, ବରକୋଳି ୪୦-୬୦କୁ ବୃଦ୍ଧି ପାଇଥିବା ଆଲୋଚନା ହେଉଛି। ଅନ୍ୟପଟେ ଦରଦାମ ବୃଦ୍ଧି ସତ୍ତ୍ୱେ ବିଭିନ୍ନ ଦୋକାନ ମାନଙ୍କରେ ପ୍ରବଳ ଭିଡ ଦେଖିବାକୁ ମିଳିଛି।

## ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଟେମେରି ଗ୍ରାମ ଗତ ୨୧ତାରିଖ ବୁଧବାର ଦିନ ଟେମେରୀ ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ଟେମରୀ ଗୋଗରୀ ପୋଖରୀରୁ କଳସ ଜଳ ଆଣି ସ୍ଥାପନ ପରେ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ତା’ପରେ ବୁଧବାର ଠାରୁ ୨୪ତାରିଖ ଶନିବାର ପର୍ଯ୍ୟନ୍ତ ମହା ଆଡମ୍ବରରେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ହୋଇଥିଲା। ଅଖଣ୍ଡ ନାମଯଜ୍ଞରେ ଯଜ୍ଞକର୍ତ୍ତା ଭାବରେ ଟେମରୀ ଶ୍ରୀ ରାମକୃଷ୍ଣ ବାଗ ଓ ତାଙ୍କ ଧର୍ମପତ୍ନୀ ସୁଶିଳା ବାଗ କାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ଭାବେ ସଞ୍ଜୀବ ଖମାରୀ ଓ ତାଙ୍କ ସାଥି କାର୍ଯ୍ୟ କରିଥିଲେ।ଏହି ନାମ ଯଜ୍ଞରେ ବିଭିନ୍ନ ଗ୍ରାମ ରୁ ୮ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ଅହରହ ହରି ନାମ ଗାନ କରିଥିଲେ। ଷୋହଳ ପ୍ରହର ଅଖଣ୍ଡ ନାମ ଯଜ୍ଞରେ ସଭାପତି ଭାବେ ପିତାମ୍ବର ପୁଟେଲ, ସହ-ସଭାପତି ପୀତବାସ ଚଲାନ, କୋଷାଧକ୍ଷ ଟୁନା ଯୋଏଡ, ସହକୋଷାଧକ୍ଷ ଭବାନୀ ଶଙ୍କର ବାଗ, ସଂପାଦକ କୁମୁଦ ଚନ୍ଦ୍ର ସା, ଉପସମ୍ପାଦକ୍ ଧବଳେଶ୍ୱର ନାଏକ କାର୍ଯ୍ୟ ତୁଲାଉ ଥିବାବେଳେ ଟେମରୀ ଗ୍ରାମ ସମସ୍ତ ଜନସାଧାରଣ ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଉପସ୍ଥିତ ରହି ହରି ନାମ ପାନ କରିବା ସହ ଅର୍ଣ୍ଣ ଛତ୍ରରେ ଭୋଗ ସେବନ କରିଥିଲେ। ଏହି ନାମଯଜ୍ଞରେ ନିମନ୍ତ୍ରଣ ପାଇ କଳାହାଣ୍ଡି ସାଂସଦ ମାଳବିକା ସିଂ ଦେଓ, ମନୋଜ କୁମାର ମେହେର ଆସି ପ୍ରଭୁଙ୍କ ହରି ନାମରେ ସାମିଲ ହୋଇଥିଲେ। ଅନ୍ନ ଛତ୍ରରେ ଡାକେଶର ପଟେଲ, ରଜନିକାନ୍ତ ପଟେଲ, ରାମକୃଷ୍ଣ ବାଗ, ବେପାରୀ ସା ଓ ଜୟ ଶଙ୍କର ବାଗ ଭକ୍ତ ଶ୍ରଦ୍ଧାଳୁମାନଙ୍କୁ ଭୋଗ ଦାନ କରି ପୁଣ୍ୟ ଅର୍ଜନ କରିଥିଲେ ।

## ସାମ୍ବାଦିକଙ୍କୁ ମାଡ଼ ଘଟଣା : ଲାଞ୍ଜିଗଡ ପ୍ରେସ କ୍ଲବର ଦୃଢ଼ ନିନ୍ଦା

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଜଣେ ଠିକାଦାରଙ୍କ ସମ୍ପର୍କୀୟ ହାତଗୋଡ଼ ବାନ୍ଧି ମାଡ଼ ମାରିବା ଘଟଣାକୁ ଦୃଢ଼ ନିନ୍ଦା କରିଛି ଲାଞ୍ଜିଗଡ ପ୍ରେସ କ୍ଲବ। ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ଉପ ସଭାପତି କ୍ଷମାନିଧି ମହାଖୁଡ଼, ସାଧାରଣ ସଂପାଦକ ଏମ. ଚନ୍ଦ୍ରଶେଖର, କୋଷାଧକ୍ଷ ପରେଶ କୁମାର ନାୟକ, ଉପଦେଷ୍ଟା କୈଳାସ ସାହୁ, ହିମାଦ୍ରୀ ପେସନିଆ, ସଦସ୍ୟ ଧର୍ମେନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ନାୟକ, ଆଶୁତୋଷ ପୁରୋହିତ, ଦିଲୀପ ନାଏକ, ପ୍ରଭୁରଞ୍ଜନ ସାମଲ, ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ଏହି ଘଟଣାକୁ କଡ଼ା ଶବ୍ଦରେ ନିନ୍ଦା କରିବା ସହିତ ସମ୍ପୃକ୍ତ ଠିକାଦାର ଗଜେନ୍ଦ୍ର ଦଳେଇ ଓ ତାଙ୍କ ନିର୍ଦ୍ଦେଶରେ ସାମ୍ବାଦିକଙ୍କୁ ମାଡ଼ ମାରିଥିବା ତାଙ୍କ ପୁତୁରା ଓ ଅନ୍ୟ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଗୋଟାଏ ପରେ ଗୋଟାଏ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇ ଓଡିଶାବାସୀଙ୍କ ଆସ୍ଥା ଭାଜନ ହୋଇପାରିଛି। ପଛୁଆ ବର୍ଗର ବିକାଶ ପାଇଁ ସରକାର ଆଉ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସାମାଜିକ ଆର୍ଥିକକୁ ଗୁରୁତ୍ୱ ଦେଇ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଯାହାରି ଫଳରେ ପଛୁଆ ବର୍ଗର ୫୪ପ୍ରତିଶତ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ଧର୍ମଗଡ ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଡ଼ କହିଛନ୍ତି। ଏହି ସମ୍ମିଳନୀରେ ବିଗତ ସରକାରଙ୍କ ଉପରେ ଜୋରଦାର ବର୍ଷିଥିଲେ। ନବେ ଦଶକରେ ପଛୁଆ ବର୍ଗ ପାଇଁ ଯେତେବେଳେ ସଂରକ୍ଷଣ ଲାଗୁହେଲା-ସେହି ଦିନ ଠାରୁ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ନାମଲେଖା ହେବା ପାଇଁ ଏହି ନିଷ୍ପତ୍ତି ହୋଇଥିଲେ ହିଁ ବିଗତ ସରକାର ଙ୍କ ଅବହେଳା ,ଅକ୍ଷମତା ଯୋଗୁଁ ତାହା କାର୍ଯ୍ୟକାରୀ ହୋଇ ନ ଥିଲା।ତେବେ ପ୍ରଧାନମନ୍ତ୍ରୀ ଙ୍କ ସବକା ସାଥ




ସବକା ବିକାଶ ଉପରେ ଗୁରୁତ୍ୱ ଦେବା ଉପରେ ରାଜ୍ୟ ସରକାର ତାଳ ଦେଇ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ସଂରକ୍ଷଣ ବ୍ୟବସ୍ଥାରେ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫%ଲାଗୁ ହୋଇଥିବା ବେଳେ ସାରା ରାଜ୍ୟରେ ବିଜେପି ଏଭଳି ପଦକ୍ଷେପ କୁ ପ୍ରସଂସା କରାଯାଉଥିବା ଶ୍ରୀ ପୋଡ଼ କହିଥିଲେ।ବିଶେଷ ଭାବେ ଲଗାତର ୨୪ବର୍ଷ ଧରି ଶାସନ ରେ ଥିବା ବିଜେଡି ସରକାର ପଛୁଆ ବର୍ଗ ଙ୍କ ପାଇଁ ବେମାତୃ ଭାବ ଦେଖାଇ ଥିବା ଓ ବିଜେପି ସଂରକ୍ଷଣ ବ୍ୟବସ୍ଥା ଆଣିବା ପରେ କୁମ୍ଭୀର କାନ୍ଦଣା କରିବା ସାଧାରଣ ସବୁ ଜାଣି ଗଲେଣି। ତାର ଜ୍ୱଳନ୍ତ ଉଦାହରଣ ଗତ ପଞ୍ଚାୟତ ନିର୍ବାଚନ ବେଳେ ଯୋଜନା ବଦ୍ଧ ଭାବେ ବିଜେଡି ୨୭% ସଂରକ୍ଷଣ ବ୍ୟବସ୍ଥାରୁ ପଛୁଆ ବର୍ଗଙ୍କୁ ବଞ୍ଚିତ କରିଥିଲା। କିନ୍ତୁ ବିଜେପି ସମସ୍ତଙ୍କ ବିକାଶକୁ ଦୃଷ୍ଟିରେ ରଖି କରି ଦେଖାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲ୍ଲା ବିଜେପି ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲ୍ଲା ସମ୍ପାଦକ ଜୟଶଙ୍କର ନାଏକ,ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, କେଶରୀ ଦୁର୍ଗା,ଘନଶ୍ୟାମ ଭାଟିଆ, ସେମେଳା ନାଏକ, ପ୍ରମୁଖ ଉପସ୍ଥିତ ରହିଥିଲେ।

## ମନରେଗା କାମରେ ସରପଞ୍ଚଙ୍କ ସ୍ୱାମୀ ଠିକାଦର ସାଜିବା ଘଟଣା
## ଅଭିଯୋଗକୁ ଖଣ୍ଡନ କଲେ ସରପଞ୍ଚ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର କର୍ଲାପଡା ଭମର ସାଗରରେ ଚାଲିଥିବା ମନରେଗା କାମରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଠିକାଦରା ସାଜିଥିବା ଓ ଅନିୟମିତ ହୋଇଥିବା ନେଇ ନିର୍ଦ୍ଦିଷ୍ଟ ଏକ ଖବର କାଗଜରେ ଖବର ପ୍ରକାଶ ପାଇଛି। ଏହାକୁ ନେଇ ସରପଞ୍ଚ ନିରୁପମା ସେଠୀ କ୍ଷୋଭ ପ୍ରକାଶ କରିବା ସହ ମୋ ସ୍ୱାମୀ କୌଣସି ଠିକାକାମ କରୁନଥିବା ଓ ଉକ୍ତ ପୋଖରୀ ଖନନ କାମରେ ଦୈନିକ ଶହେରୁ ଅଧିକ ଶ୍ରମିକ ନିୟୋଜିତ ରହିଛନ୍ତି। ଏବଂ ଉକ୍ତ କାର୍ଯ୍ୟକୁ ବିଭାଗ ସମ୍ପାଦନ କରୁଥିବା ବେଳେ କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକଙ୍କ ଉପସ୍ଥିତିରେ କାର୍ଯ୍ୟ ହେଉଛି। ପ୍ରାୟ ୧୧ ଏକର ବିଶିଷ୍ଟ ଏହି ସାଗର ରହିଥିବାବେଳେ







ଏହାର ଉନ୍ନତି ନିମନ୍ତେ ୫ ଲକ୍ଷ ଟଙ୍କା ଅଟକଳମୂଲ୍ୟ ରହିଛି। ପାଞ୍ଚ ଲକ୍ଷ୍ୟ ଟଙ୍କାରେ ଯେତିକି ମାଟି ଖନନ ହେବା ତାହା ସମ୍ପୂର୍ଣ୍ଣ କରାଯିବ, କାମରେ କୌଣସି ମନମାନି କରାଯାଇଉ ନାହିଁ ମୁଁ ନିଜେ ମଧ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ରହି ଶ୍ରମିକ ମାନଙ୍କୁ ଉତ୍ସାହିତ କରି ଆସୁଛି। ପୋଖରୀର ସିମା ନିର୍ଦ୍ଧାରିତ ହୋଇଛି, ଯେତିକି ଅନୁଦାନ ରହିଛି ସେହିଁ ଅନୁସାରେ କାମ କରାଯିବ, କୌଣସି ମାନମାନି କରାଯାଉ ନାହିଁ, ଯେଉଁ ଶ୍ରମିକ ମାନେ କାମରେ ନିୟୋଜିତ ରହିଛନ୍ତି ସିଧାସଳଖ ତାଙ୍କ ବ୍ୟାଙ୍କ୍ ଖାତାରେ ପାରିଶ୍ରମିକ ପାଉଣା ଡିବିଟି ମାଧ୍ୟମରେ ଯିବ। ଏଥିରେ ଟଙ୍କା ହଡ଼ପ ହେବାର କୌଣସି ସମ୍ଭବ ନାହିଁ। ଶ୍ରମିକ ଟଙ୍କଧର ଚଲାନ, କାମେ ରାଉତ, ଜୟନ୍ତୀ ଚଲାନ, ରାଧା ଚଲାନ, ଟିକେଶ୍ୱର ରାଉତ, ଚନ୍ଦ୍ରିକା ରାଉତ, ଗିରି ଦଳପତି, ବିମଳେ ଦଳପତି, ଉଦେ ଝାଙ୍କର, ମିଥିଲା ଝାଙ୍କର, ନରେନ୍ଦ୍ର ରାଉତ, ଜୟନ୍ତୀ ରାଉତ, କୁମର ରାଉତ, ସାବିତ୍ରୀ ରାଉତ, ପିତାମ୍ବର ଝାଙ୍କର, ନୀଳା ଝାଙ୍କର ସମେତ ଶତାଧିକ ଶ୍ରମିକ କାମରେ ନିୟୋଜିତ ରହିଛନ୍ତି। ତେଣୁ ବରାଡଙ୍ଗା ପଞ୍ଚାୟତ କିମ୍ବା ସରପଞ୍ଚଙ୍କ ସ୍ୱାମୀଙ୍କୁ ଅଯଥାରେ ବଦନାମ କରା ନଯାଉ ବୋଲି କହିବା ସହ ଆଗକୁ ଏଭଳି ଖବର ପ୍ରକାଶ କରିବାରୁ ବିରତି ରହିବାକୁ ମଧ ସରପଞ୍ଚ କହିଛନ୍ତି।

## ରାଶିଫଳ


ସୋମବାର, ୨୬ ମଇ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ଯ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଜୀବନସାଥୀ ସହିତ ସମୟ ବିତାଇବେ।




**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।




**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ। ନୂତନ କାର୍ଯ୍ୟ ଆରମ୍ଭ କରିବା ଠାରୁ ଦୂରେଇ ରୁହନ୍ତୁ।




**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ। ଅନାବଶ୍ୟକ ଖର୍ଚ୍ଚ ମଧ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ। ଅତ୍ୟଧିକ ଭାରାକ୍ରାନ୍ତ ହେବା ଆପଣଙ୍କୁ ବ୍ୟସ୍ତ ରଖିବ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଭ୍ରମଣରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ।



**ମୀନ:** ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ। ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ।



ପ୍ରସ୍ତୁତି
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯